# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୧/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 21/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 59 | ମୂଲ୍ୟ ₹୭/-









ନେତାଜୀ ଜୟନ୍ତୀ ପୂର୍ବରୁ ମଙ୍ଗଳବାର କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। **(ଫଟୋ: ରାଜକିଶୋର ମହାନ୍ତି)**

### କେନ୍ଦ୍ରୀୟ ଅଫିସରଙ୍କ ବିରୋଧରେ

# ତଦନ୍ତ କରିବ ରାଜ୍ୟ ପୋଲିସ

## ସିବିଆଇଠାରୁ ଅନୁମତି ନେବା ଆବଶ୍ୟକ ନାହିଁ: ସୁପ୍ରିମକୋର୍ଟ

କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କୌଣସି କର୍ମଚାରୀ ଦୁର୍ନୀତି କଲେ କିମ୍ବା ଲାଞ୍ଚ ନେଲେ ରାଜ୍ୟ ପୋଲିସ ଦୁର୍ନୀତି ନିବାରଣ ଆଇନ ବଳରେ ମାମଲା ରୁଜୁ କରିପାରିବ। ରାଜ୍ୟ ପୋଲିସ ଅଫିସରମାନେ କେନ୍ଦ୍ରୀୟ ଅଫିସର ଓ କର୍ମଚାରୀଙ୍କ ବିରୋଧରେ ତଦନ୍ତ ସହ ଚାର୍ଜଶିଟ୍ ଦାଖଲ କରିପାରିବେ। ଏଥିପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ଠାରୁ କୌଣସି ପୂର୍ବ ଅନୁମତି ନେବା ଆବଶ୍ୟକ ନୁହେଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ନେଇ ବିରୋଧୀ ଅଭିଯୋଗ ଆଣୁଥିବାବେଳେ ରାଜ୍ୟ ଏଜେନ୍ସିକୁ ସୁପ୍ରିମକୋର୍ଟ ଏପରି କ୍ଷମତା ପ୍ରଦାନ କରିଛନ୍ତି। ଏହା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ତେଲଙ୍ଗାନା ଭଳି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକୁ କେନ୍ଦ୍ର ଉପରେ ରାଗ ଶୁଝାଇବା ପାଇଁ ସୁଯୋଗ ଦେଇପାରେ ବୋଲି କୁହାଯାଉଛି।

ନୂଆଦିଲ୍ଲୀ,୨୦।୧(ପି.ଟି.)

ଲାଞ୍ଚ ଗ୍ରହଣ ଏବଂ ଦୁର୍ନୀତି ମାମଲାରେ ସମ୍ପୃକ୍ତ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ରାଜ୍ୟ ପୋଲିସ କର୍ତ୍ତୃପକ୍ଷ ତଦନ୍ତ କରି ଚାର୍ଜଶିଟ୍ ଦାଖଲ କରିପାରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। କେନ୍ଦ୍ରୀୟ କର୍ମଚାରୀଙ୍କ ବିରୋଧରେ ମାମଲା ଦାଏର କରିବା ଲାଗି ରାଜ୍ୟ ପୋଲିସକୁ ସିବିଆଇଠାରୁ ପ୍ରାକ୍ଅନୁମତି ଆଣିବା ଆବଶ୍ୟକ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ, ଅପରାଧର ତଦନ୍ତ ରାଜ୍ୟ ତଦନ୍ତକାରୀ ସଂସ୍ଥା କିମ୍ବା କୌଣସି କେନ୍ଦ୍ରୀୟ ଏଜେନ୍ସି ବା କୌଣସି ପୋଲିସ ସଂସ୍ଥା କରିପାରିବେ ବୋଲି ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ସୋମବାର କହିଛନ୍ତି। ଏଭଳି ତଦନ୍ତ କରିବା ଯୋଗ୍ୟତା କେଉଁ ନିର୍ଦ୍ଦିଷ୍ଟ ପାହ୍ୟାର ପୋଲିସ ଅଧିକାରୀଙ୍କ ରହିଛି, ତାହା ଆଇନର ଧାରା ୧୭ରେ ଉଲ୍ଲେଖ କରାଯାଇଛି। କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ବିରୋଧରେ ଲାଞ୍ଚ, ଦୁର୍ନୀତି ଓ ଅସଦାଚରଣ ଭଳି ଅପରାଧରେ ମାମଲା ରୁଜୁ କରିବା କିମ୍ବା ତଦନ୍ତ କରିବାରୁ ଧାରା ୧୭ ରାଜ୍ୟ ପୋଲିସ ଅଥବା ରାଜ୍ୟର କୌଣସି ସ୍ୱତନ୍ତ୍ର ସଂସ୍ଥାକୁ ବାଦ୍ ଦେଇନାହିଁ କିମ୍ବା ପ୍ରତିବନ୍ଧକ ରଖିନାହିଁ। ତେବେ ସୁବିଧା ଏବଂ କାର୍ଯ୍ୟରେ ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଭାବେ ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନଏଡା ଦୁର୍ଘଟଣା**




## ଦିଲ୍ଲୀରେ ଆଜି



ଆସନ୍ତା ୨୬ ତାରିଖରେ ହେବାକୁ ଥିବା ୭୭ତମ ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ମଙ୍ଗଳବାର ସେନା ଯବାନମାନେ ରିହର୍ସାଲ କରୁଛନ୍ତି। (ଫଟୋ- ଚମନ ଗୌତମ)

# ତାମିଲନାଡୁ ବିଧାନସଭାରୁ ରାଜ୍ୟପାଳଙ୍କ କକ୍ଷତ୍ୟାଗ

### ସମ୍ବିଧାନ ସଂଶୋଧନ ପାଇଁ ଷ୍ଟାଲିନ୍‌ଙ୍କ ଉଦ୍ୟମ

**ଚେନ୍ନାଇ,୨୦।୧**

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ମଙ୍ଗଳବାର ରାଜ୍ୟ ବିଧାନସଭାରେ ଉଦ୍‌ବୋଧନ ନ ଦେଇ ଚାଲିଯାଇଛନ୍ତି। ବିନା ଭାଷଣରେ କକ୍ଷତ୍ୟାଗ କରିବା ରାଜ୍ୟପାଳ ରବିଙ୍କ ପାଇଁ ଏହା ଚତୁର୍ଥ ଘଟଣା। ରାଜ୍ୟ ପ୍ରସ୍ତୁତ ଭାଷଣରେ ଧ୍ୟାନ ରଖିବା ପାଇଁ ବାଚସ୍ପତି ଏମ୍. ଅପ୍ପାଭୁ ରାଜ୍ୟପାଳଙ୍କୁ ନିବେଦନ କରିବା ପରେ ଏହାକୁ ନେଇ ଯୁକ୍ତି ହୋଇଥିଲା। ରାଜ୍ୟପାଳଙ୍କ କାର୍ଯ୍ୟ ଗୃହ ଏବଂ ରାଜ୍ୟବାସୀଙ୍କ ପାଇଁ ଅପମାନ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ସରକାରଙ୍କ ନୀତି ସମ୍ପର୍କିତ ବକ୍ତବ୍ୟ ଭିତ୍ତିହୀନ ଦାବି ଓ ବିଭ୍ରାନ୍ତିକର ଦର୍ଶାଇ ନ ପଢ଼ିବା ପାଇଁ ରାଜ୍ୟପାଳ ଯୁକ୍ତି କରିଥାନ୍ତି। ଅନ୍ୟପକ୍ଷରେ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା ମୌଳିକ ସାମ୍ବିଧାନିକ କର୍ତ୍ତବ୍ୟ ହୋଇଥିବାବେଳେ ତାହାର ଉଲ୍ଲଂଘନ ହୋଇଥିବା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗ ହୋଇଛି।

ଏହି ଘଟଣା ପରେ ରାଜ୍ୟ ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଅନିବାର୍ଯ୍ୟ ବୋଲି ରହିଥିବା ବ୍ୟବସ୍ଥାର ଉଚ୍ଛେଦ ପାଇଁ ସମ୍ବିଧାନ ସଂଶୋଧନ ପାଇଁ ତାଙ୍କ ଦଳ ଉଦ୍ୟମ କରିବ ବୋଲି ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଷ୍ଟାଲିନ କହିଛନ୍ତି। ରବି କକ୍ଷତ୍ୟାଗ କରିବା ପରେ ବାଚସ୍ପତି ଅପ୍ପାଭୁ ରାଜ୍ୟ ପ୍ରସ୍ତୁତ ରାଜ୍ୟପାଳଙ୍କ ଅଭିଭାଷଣର ତାମିଲ ସଂସ୍କରଣ ପାଠ କରିଥିଲେ। ଏହି ସମୟରେ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ରାଜ୍ୟରେ ଆଇନଶୃଙ୍ଖଳା ବିଫଳ ହୋଇଥିବା ଅଭିଯୋଗ କରି କକ୍ଷତ୍ୟାଗ କରିଥିଲେ।



ଆର୍.ଏନ୍. ରବି

# ଆପରାଧିକ ଅବହେଳା ପାଇଁ ବିଲ୍ଡର ଗିରଫ

### ନଏଡା ଇଞ୍ଜିନିୟର ମୃତ୍ୟୁ ଘଟଣା

**ନଏଡ଼ା,୨୦।୧(ପି.ଟି.)**

ନଏଡ଼ାର ସେକ୍ଟର-୧୫୦ସ୍ଥିତ ଏକ ନିର୍ମାଣ ସ୍ଥଳରେ ପାଣିଭର୍ତ୍ତି ଖାତ ମଧ୍ୟକୁ କାର୍ ଖସି ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣାରେ ପୋଲିସ ମଙ୍ଗଳବାର ଜଣେ ରିଅଲ ଇଷ୍ଟେଟ୍ ଡେଭେଲପରଙ୍କୁ ଗିରଫ କରିଛି। ଉକ୍ତ ବିଲ୍ଡରଙ୍କ ଅବହେଳା ପାଇଁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଥିଲା। ଏମ୍‌ଜେଡ୍ ୱିଜ୍‌ଟାଉନ୍ ପ୍ଲାନର୍ସର ଅଫିସର ଅଭୟ କୁମାରଙ୍କୁ ଉକ୍ତ ମାମଲାରେ ଅନ୍ୟତମ ଅଭିଯୁକ୍ତ କରାଯାଇ ଗିରଫ କରାଯାଇଥିବା ଗ୍ରେଟର ନଏଡ଼ା ଅତିରିକ୍ତ ପୋଲିସ କମିଶନର ହେମନ୍ତ ଉପାଧ୍ୟାୟ କହିଛନ୍ତି।

ଇଞ୍ଜିନିୟର ଯୁବରାଜ ମେହେଟ୍ଟା ଶୁକ୍ରବାର ବିଳମ୍ବିତ ରାତିରେ କାମ ସାରି ଘରକୁ ଫେରୁଥିବାବେଳେ ଘନ କୁହୁଡ଼ି ଯୋଗୁ ତାଙ୍କ କାର୍ ଏକ ଡ୍ରେନ୍ ପାଚେରି ଭାଙ୍ଗି ଜଳଭର୍ତ୍ତି ଗଭୀର ଖାତ ମଧ୍ୟକୁ ଖସିପଡ଼ିଥିଲା। ଡ୍ରେନ୍ ନିକଟରେ ଏକ ନିର୍ମାଣାଧୀନ ବ୍ୟବସାୟିକ କମ୍ପ୍ଲେକ୍ସର ବେସ୍‌ମେଣ୍ଟ ପାଇଁ ଗର୍ତ୍ତ ଖୋଳାଯାଇଥିଲା। ସ୍ଥାନୀୟ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥାର ଅବହେଳା ପାଇଁ ଯୁବରାଜଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ବାପା ରାଜକୁମାରଙ୍କ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୨ ରିଅଲ ଇଷ୍ଟେଟ୍ ଡେଭେଲପର ଏମ୍‌ଜେଡ୍ ୱିଜ୍‌ଟାଉନ୍ ପ୍ଲାନର୍ସ ଏବଂ ଲୋଟସ୍ ଗ୍ରୀନ୍ସ ବିରୋଧରେ ଏତଲା ଦାଏର କରିଥିଲା। ୱିଜ୍‌ଟାଉନ୍ ପ୍ଲାନର୍ସର ଅଧିକାରୀଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଅଭିଯୁକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପୋଲିସ କିଛି କହିନାହିଁ। ସୂଚନାଯୋଗ୍ୟ, ପ୍ରଶାସନିକ ଅବହେଳା ପାଇଁ ନଏଡ଼ା ଅଥରିଟିର ସିଇଓ ଏମ୍. ଲୋକେଶଙ୍କୁ ସୋମବାର ତାଙ୍କ ପଦବୀରୁ ବହିଷ୍କାର କରାଯାଇଥିଲା।

# ଫ୍ରାନ୍ସ ଉପରେ ୨୦୦% ଟାରିଫ୍ ଲଗାଇବାକୁ ଟ୍ରମ୍ପ୍‌ଙ୍କ ଧମକ



ଡୋନାଲ୍ଡ ଟ୍ରମ୍ପ୍



ଏମାନୁଏଲ୍ ମାକରଁ

**ୱାଶିଂଟନ,୨୦।୧**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗାଜା ପୁନଃ ନିର୍ମାଣ ପାଇଁ ଏକ ଶାନ୍ତି ବୋର୍ଡ ଗଠନ କରିବାକୁ ଯାଉଥିବାବେଳେ ଏଥିରେ ଯୋଗଦେବା ପାଇଁ ବିଭିନ୍ନ ଦେଶକୁ ଆମନ୍ତ୍ରଣ କରିଛନ୍ତି। ତେବେ ତାଙ୍କ ଆମନ୍ତ୍ରଣ ଗ୍ରହଣ କରିବାକୁ ଫ୍ରାନ୍ସ ଇଚ୍ଛୁକ ନ ଥିବାରୁ ଏହାର ମଦ ଏବଂ ସାମ୍ପେନ୍ ଉପରେ ୨୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଟ୍ରମ୍ପ୍ ଧମକ ଦେଇଛନ୍ତି। ଏଥିସହିତ ଟ୍ରମ୍ପ୍ ତାଙ୍କ ଟ୍ରୁଥ୍ ସୋସିଆଲରେ ଗ୍ରୀନ୍‌ଲାଣ୍ଡ ସମ୍ପର୍କିତ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତାକୁ ପୋଷ୍ଟ କରିଛନ୍ତି। ଡେନ୍‌ମାର୍କର ଅଂଶବିଶେଷ ଆର୍କ୍ଟିକ୍ ଅଞ୍ଚଳ ଉପରେ ଟ୍ରମ୍ପ୍ କାହିଁକି ଏତେ ଆସକ୍ତ, ତାହାର ଯଥାର୍ଥତା ସମ୍ପର୍କରେ ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଥିବାବେଳେ ପ୍ୟାରିସ୍ ଏହାର ତାଚ୍ଛଲ୍ୟ କରିଥିଲା। ସେଥିପାଇଁ ଟ୍ରମ୍ପ୍ ଫ୍ରାନ୍ସ ଉପରେ ୨୦୦ ପ୍ରତିଶତ ଟାରିଫ୍ ଲଗାଇବାର ଧମକ ଦେଇଛନ୍ତି। ପରେ ଟ୍ରମ୍ପ୍ ମାକରଁଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତା ପୋଷ୍ଟ କରିଛନ୍ତି, ଯେଉଁଠି ଫ୍ରାନ୍ସ ରାଷ୍ଟ୍ରପତି ତାଙ୍କୁ କହୁଛନ୍ତି, ଇରାନ ଓ ସିରିଆ ପ୍ରସଙ୍ଗରେ ଉଭୟ ରାଜି। ତେବେ ଗ୍ରୀନ୍‌ଲାଣ୍ଡ ଉପରେ ଟ୍ରମ୍ପ୍ କ'ଣ କରୁଛନ୍ତି, ସେ ତାହା ବୁଝିପାରୁ ନ ଥିବା କହିଥିଲେ।

## ଗ୍ରୀନ୍‌ଲାଣ୍ଡ, କାନାଡା, ଭେନେଜୁଏଲା ଆମେରିକୀୟ ଅଞ୍ଚଳ

### ମାନଚିତ୍ରର ପରିବର୍ତ୍ତିତ ଫଟୋ ଶେୟାର କଲେ ଟ୍ରମ୍ପ୍

**ୱାଶିଂଟନ,୨୦।୧**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ନିଜ ଦେଶ ମାନଚିତ୍ରର ଏକ ପରିବର୍ତ୍ତିତ ଫଟୋ ଟ୍ରୁଥ୍ ସୋସିଆଲରେ ଶେୟାର କରିଛନ୍ତି, ଯେଉଁଥିରେ ଗ୍ରୀନ୍‌ଲାଣ୍ଡ, କାନାଡା ଏବଂ ଭେନେଜୁଏଲାକୁ ଆମେରିକୀୟ ଅଞ୍ଚଳ ଭାବେ ଦର୍ଶାଯାଇଛି। ଟ୍ରମ୍ପ୍ ନିଜସ୍ୱ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ୟୁରୋପୀୟ ନେତାମାନଙ୍କୁ ଉକ୍ତ ମ୍ୟାପ୍ ଦେଖାଉଥିବା ଫଟୋରୁ ଦେଖିବାକୁ ମିଳିଛି। ୨୦୨୫ ଅଗଷ୍ଟରେ ଟ୍ରମ୍ପ୍ ୟୁକ୍ରେନ୍ ଯୁଦ୍ଧ ସ୍ଥିତିକୁ ନେଇ ୟୁରୋପୀୟ ନେତାମାନଙ୍କ ସହ ଆଲୋଚନା କରିବା ସମୟର ଫଟୋଗ୍ରାଫ୍‌ର ଏହା ବିକଳ୍ପ ଭର୍ସନ ଭଳି ଲାଗୁଛି। ଅଗଷ୍ଟରେ ଟ୍ରମ୍ପ୍ ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା ପାଇଁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର, ଜର୍ମାନ ଚାନ୍‌ସେଲର ଫ୍ରେଡରିକ୍ ମେର୍ଜ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ଇଟାଲୀ ପ୍ରଧାନମନ୍ତ୍ରୀ ଜିର୍ଜିଆ ମେଲୋନି, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି, ନାଟୋ ମହାସଚିବ ମାର୍କ ରୁଟେ, ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଷ୍ଟବ୍ ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ୍‌ଙ୍କ ସହ ବୈଠକ କରିଥିଲେ। ଉକ୍ତ ମିଟିଂ ପ୍ରକୋଷ୍ଠରେ ୟୁକ୍ରେନ୍ ମ୍ୟାପ୍‌ର ମୌଳିକ ଫଟୋ ଦେଖିବାକୁ ମିଳିଥିଲା। ଉକ୍ତ ମାନଚିତ୍ର ସ୍ଥାନରେ ଉତ୍ତର ଆମେରିକା ମାନଚିତ୍ର ରଖାଯାଇଛି, ଯେଉଁଠି କାନାଡା, ଗ୍ରୀନ୍‌ଲାଣ୍ଡ ଏବଂ ଭେନେଜୁଏଲାକୁ ଆମେରିକୀୟ ଅଞ୍ଚଳ ଦର୍ଶାଯାଇଛି। ଅନ୍ୟ ଏକ ପୋଷ୍ଟରେ ଟ୍ରମ୍ପ୍ ନିଜର ଏକ କୃତ୍ରିମ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଗ୍ରୀନ୍‌ଲାଣ୍ଡରେ ଆମେରିକା ପତାକା ଲଗାଉଥିବାବେଳେ ପାଖରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଉପସ୍ଥିତ ଥିବା ଦେଖାଯାଇଛି।

# ପଡ଼ୋଶୀଙ୍କ ଆତଙ୍କବାଦ ଭିତ୍ତିଭୂମିକୁ ସହାୟତା କରନାହିଁ

### ପୋଲାଣ୍ଡକୁ ଜୟଶଙ୍କରଙ୍କ କଡ଼ା ବାର୍ତ୍ତା

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ପୋଲାଣ୍ଡ ଆତଙ୍କବାଦ ପ୍ରତି ଶୂନ ସହନଶୀଳତା ପ୍ରଦର୍ଶନ କରିବା ସହ ଭାରତର ପଡ଼ୋଶୀ ଦେଶରେ ଆତଙ୍କବାଦ ଭିତ୍ତିଭୂମିକୁ ସହାୟତା କରିବା ବନ୍ଦ କରୁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ପୋଲାଣ୍ଡ ପ୍ରତିପକ୍ଷ ରାଡୋସ୍ଲ ସିକୋର୍ସ୍କିଙ୍କୁ ସୋମବାର କଡ଼ା ବାର୍ତ୍ତା ଦେଇଛନ୍ତି। ଅକ୍ଟୋବରରେ ପୋଲାଣ୍ଡ-ପାକିସ୍ତାନ ମିଳିତ ବାର୍ତ୍ତାରେ କଶ୍ମୀର ପ୍ରସଙ୍ଗ ସ୍ଥାନ ପାଇଥିବାରୁ ଜୟଶଙ୍କର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ୟୁକ୍ରେନ୍ ଯୁଦ୍ଧକୁ ନେଇ ଭାରତକୁ ଅନ୍ୟାୟପୂର୍ଣ୍ଣ ଓ ଅନୁଚିତ ଚୟନାତ୍ମକ ଟର୍ଗେଟକୁ ନେଇ ଜୟଶଙ୍କର କ୍ଷୋଭ ପ୍ରକାଶ କରିଛନ୍ତି। ରୁଷିଆ ସହ ଭାରତର ତୈଳ କାରବାର ସମ୍ପର୍କ ଉପରେ ନୂଆଦିଲ୍ଲୀକୁ ପାଶ୍ଚାତ୍ୟ ଦେଶଗୁଡ଼ିକର ସମାଲୋଚନା ପରିପ୍ରେକ୍ଷୀରେ ବହିର୍ବ୍ୟାପାର ମନ୍ତ୍ରୀ ଏହା କହିଛନ୍ତି।

# ଲିଭ୍ ଇନ୍ ରିଲେଶନଶିପ୍‌ରେ ମହିଳାଙ୍କୁ ସ୍ତ୍ରୀ ମାନ୍ୟତା ମିଳିବା ଆବଶ୍ୟକ: ହାଇକୋର୍ଟ

**ଚେନ୍ନାଇ,୨୦।୧**

ଲିଭ୍-ଇନ୍ ରିଲେଶନଶିପ୍‌ରେ ଥିବା ମହିଳାଙ୍କୁ ଗାନ୍ଧର୍ବ ବିବାହ ବା ପ୍ରେମ ବିବାହ ଅନୁଯାୟୀ ସ୍ତ୍ରୀର ମାନ୍ୟତା ପ୍ରଦାନ ସହ ସୁରକ୍ଷା ଦିଆଯିବା ଆବଶ୍ୟକ। ଫଳରେ ଯଦି ଭବିଷ୍ୟତରେ ଅଶାନ୍ତି ଦେଖାଦିଏ, ତେବେ ମହିଳା ଜଣଙ୍କୁ ସ୍ତ୍ରୀର ଅଧିକାର ମିଳିପାରିବ ବୋଲି ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ୍ କହିଛନ୍ତି। ଜଣେ ବ୍ୟକ୍ତିଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରିବା ଅବସରରେ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଉକ୍ତ ବ୍ୟକ୍ତି ଜଣେ ମହିଳାଙ୍କ ସହ ରିଲେଶନଶିପ୍‌ରେ ରହିବା ସହ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅନେକ ଥର ଯୌନ ସମ୍ପର୍କ ରଖିଥିଲେ। ପରେ ସେ ବିବାହ କରିବାକୁ ମନା କରିଦେଇଥିଲେ। ଆଧୁନିକତାର ଫାଶ ଓ ସଂସ୍କୃତିରେ ପଡ଼ିଥିବା ମହିଳାମାନଙ୍କୁ ଅଦାଲତ ସୁରକ୍ଷା ଦେବାକୁ ହେବ ବୋଲି ବିଚାରପତି ଏସ୍. ଶ୍ରୀମାଥି କହିଛନ୍ତି। ପୁରାତନ ଭାରତରେ ୮ ପ୍ରକାରର ବିବାହ ପ୍ରଥା ଚଳୁଥିଲା। ସେଥିରୁ ଗୋଟିଏ ହେଉଛି ଗାନ୍ଧର୍ବ ବିବାହ ବା ପ୍ରେମ ବିବାହ। ଲିଭ୍ ଇନ୍ ରିଲେଶନଶିପ୍‌କୁ ଗାନ୍ଧର୍ବ ବିବାହର ସ୍ୱୀକୃତି ଦିଆଯାଇପାରେ ବୋଲି ବିଚାରପତି କହିଛନ୍ତି। ଏପରିକି ଛାଡ଼ପତ୍ର ପରେ ମଧ୍ୟ ମହିଳାଙ୍କୁ ଆଇନଗତ ସୁରକ୍ଷା ଦିଆଯାଉଛି। ସମ୍ପ୍ରତି ମହିଳାମାନଙ୍କର ଏକ ଦୁର୍ବଳ ବର୍ଗ ଲିଭ୍-ଇନ୍ ରିଲେଶନଶିପ୍ ଧାରଣାର ଶିକାର ହେଉଛନ୍ତି, ଯେଉଁମାନଙ୍କୁ ସୁରକ୍ଷା ମିଳୁନାହିଁ। ବାସ୍ତବରେ ଏଭଳି ସମ୍ପର୍କ ଭାରତୀୟ ସମାଜକୁ ଏକ ସାଂସ୍କୃତିକ ଧକ୍କା ବୋଲି ଖଣ୍ଡପୀଠ କହିଛନ୍ତି।

# ଭାଜପାରେ 'ନବୀନ' ଯୁଗ

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ଭାଜପା ନେତା ନୀତିନ୍ ନବୀନଙ୍କୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଘୋଷଣା କରାଯାଇଛି। ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିବା ସହ ଦଳରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହୋଇଛି। ଭାଜପା ସାଂଗଠନିକ ନିର୍ବାଚନ ପାଇଁ ରିଟର୍ନିଂ ଅଫିସର ଥିବା କେ. ଲକ୍ଷ୍ମଣ ଫଳାଫଳ ଘୋଷଣା କରିବା ସହ ୪୫ ବର୍ଷୀୟ ନବୀନଙ୍କୁ ନିର୍ବାଚିତ ହୋଇଥିବାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବାରେ ନବୀନ ସର୍ବକନିଷ୍ଠ ନେତା। ଦଳର ମୁଖ୍ୟାଳୟରେ ଅନୁଷ୍ଠିତ ନେତୃତ୍ୱ ହସ୍ତାନ୍ତର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ଅଧ୍ୟକ୍ଷ ଜେ.ପି. ନଡ୍ଡା, ବରିଷ୍ଠ ମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ନୀତିନ୍ ଗଡ଼କରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା ନବୀନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଦଳୀୟ ବ୍ୟାପାରରେ ନବୀନ ତାଙ୍କ ବସ୍ ହେବେ ବୋଲି ମୋଦି କହିଛନ୍ତି। ୪୫ ବର୍ଷୀୟ ନବୀନଙ୍କୁ ସେ ଯୁବ ଉତ୍ସାହ ଏବଂ ବିସ୍ତୃତ ସାଂଗଠନିକ ଅଭିଜ୍ଞତା ଥିବା ଜଣେ ସହସ୍ରାବ୍ଦୀ ପିଢ଼ି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୧୯୮୦ରେ ପ୍ରତିଷ୍ଠିତ ଭାଜପାରେ ନବୀନ ଦ୍ୱାଦଶ ଅଧ୍ୟକ୍ଷ ହୋଇଛନ୍ତି। ତାଙ୍କର ଜନ୍ମ ମଧ୍ୟ ୧୯୮୦ରେ ହୋଇଥିଲା। ଗତ ଡିସେମ୍ବର ୧୪ରେ ତାଙ୍କୁ ଭାଜପାର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ କରାଯିବା ପରେ ସେ ବିହାର ସରକାରରେ ରହିଥିବା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଭାଜପାର ନେତୃତ୍ୱ କଠିନ ପରିଶ୍ରମ ଓ ସମର୍ପଣ ଭାବରୁ ସୃଷ୍ଟି ହୋଇଥାଏ, ବଂଶବାଦୀ ବିଶେଷ ଅଧିକାରରୁ ନୁହେଁ ବୋଲି ଲକ୍ଷ୍ମଣ କହିଛନ୍ତି।



ନବନିର୍ବାଚିତ ଭାଜପା ଅଧ୍ୟକ୍ଷ ନୀତିନ୍ ନବୀନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଉଛନ୍ତି।

# ଗଣବଳାତ୍କାର ପୀଡ଼ିତାଙ୍କ ମୃତ୍ୟୁ

### ନ୍ୟାୟ ଦାବିରେ କୁକି ମହିଳାଙ୍କ ବିକ୍ଷୋଭ

**ନୂଆଦିଲ୍ଲୀ,୨୦।୧**

ମଣିପୁରରେ ୨୦୨୩ ଜାତିଆଣ ହିଂସା ସମୟରେ ଗଣବଳାତ୍କାରର ଶିକାର ହୋଇଥିବା ଜଣେ ମହିଳା ଗଭୀର ମାନସିକ ଆଘାତ ଯୋଗୁ ୨ ବର୍ଷ ଅସୁସ୍ଥ ରହିବା ପରେ ପ୍ରାଣ ହରାଇଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ରାଜ୍ୟର ଅନେକ ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚୁରାଚାନ୍ଦପୁର ଏବଂ ଦିଲ୍ଲୀରେ ଥିବା କୁକି ସଂଗଠନ କହିଛି, ମହିଳାଙ୍କୁ ଇମ୍ଫାଲରୁ ଅପହରଣ କରିନିଆଯାଇ ଗଣବଳାତ୍କାର କରାଯାଇଥିଲା। ସେ ଅପରାଧୀଙ୍କ କବଳରୁ ଖସିଆସିଥିଲେ ମଧ୍ୟ ମାନସିକ ଆଘାତରୁ ସମ୍ପୂର୍ଣ୍ଣ ଭଲ ହୋଇପାରି ନ ଥିଲେ। ଗୁଆହାଟୀଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୦ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ମେଇତିମାନଙ୍କ ସହ ରହିବା ସମ୍ଭବପର ହେଉ ନ ଥିବାରୁ କୁକିମାନଙ୍କ ପାଇଁ ସେମାନେ ସ୍ୱତନ୍ତ୍ର ପ୍ରଶାସନ ଦାବି କରିଛନ୍ତି।



ରାଜସ୍ଥାନର ବିକାନେରରେ ମଙ୍ଗଳବାର କୁହୁଡ଼ିଘେରା ଶୀତ ସକାଳରେ ଜଣେ ବ୍ୟକ୍ତି ଓଟଗାଡ଼ି ନେଇ ଯାଉଛନ୍ତି।

# ଗୋବିନ୍ଦାଙ୍କୁ କ୍ଷମା ନାହିଁ

**ମୁମ୍ବାଇ**

ଆଜିକାଲି ଅଭିନୟ କମ୍, ବ୍ୟକ୍ତିଗତ ଜୀବନକୁ ନେଇ ବେଶି ଚର୍ଚ୍ଚାରେ ରହୁଛନ୍ତି ବଲିଉଡର ବରିଷ୍ଠ ଅଭିନେତା ଗୋବିନ୍ଦା। ଫିଲ୍ମରେ ତାଙ୍କର ନିଖୁଣ ଅଭିନୟ ପାଇଁ ଯୁବ କଳାକାରମାନଙ୍କ ଲାଗି ସେ ପ୍ରେରଣାର ଉତ୍ସ। ହେଲେ ସେ ଏବେ ବିବାଦରେ ଛନ୍ଦି ହୋଇ ପଡୁଥିବା ଦେଖାଯାଉଛି। ସ୍ତ୍ରୀଙ୍କ ସହ ଛାଡ଼ପତ୍ର ଖବର ଭିତରେ ସେ ପ୍ରେମରେ ପଡିଥିବା ଚର୍ଚ୍ଚା ଅନେକଙ୍କୁ ଚକିତ କରିଛି। ଗୋବିନ୍ଦାଙ୍କୁ କଦାପି କ୍ଷମା କରିପାରିବେ ନାହିଁ ବୋଲି ସ୍ତ୍ରୀ ସୁନୀତା କହିଛନ୍ତି। ଏକ ପଡ୍‌କାଷ୍ଟରେ ସେ କହିଛନ୍ତି, ଏବେ ବି ସମୟ ଅଛି, ଗୋବିନ୍ଦା ସୁଧୁରିଯାଆନ୍ତୁ। ସେମିତି ଝିଅ ଅନେକଙ୍କ ଜୀବନରେ ଆସନ୍ତି। ଏବେ ଗୋବିନ୍ଦାଙ୍କୁ ତେଷଠି ବର୍ଷ। ଝିଅ ଟିନାଙ୍କୁ ବିବାହ କରିବା ଓ ପୁଅ ଯଶଙ୍କ କ୍ୟାରିୟର ଦେଖିବାକୁ ହେବ। ହେଲେ ଗୋବିନ୍ଦା ନିଜକୁ ବାପା ବୋଲି ଭୁଲି ଯାଇଥିବା ସୁନୀତା କହିବା ସହ ତାଙ୍କୁ କଦାପି କ୍ଷମା କରିବେ ନାହିଁ ବୋଲି କହିଛନ୍ତି। ଏହି ସାକ୍ଷାତ୍‌କାର ଏବେ ଭାଇରାଲ ହେଉଛି। ଆଗାମୀ ଦିନରେ ଉଭୟଙ୍କ ସମ୍ପର୍କ କି ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଛି।



# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୧/୨୦୨୬ | Bhubaneswar, Wednesday, January 21/2026 | ପୃଷ୍ଠା-୧




## ମାନେକାଙ୍କୁ ଅଦାଲତ ଅବମାନନା ଚେତାବନୀ

ବୁଲା କୁକୁର ସମ୍ପର୍କିତ ରାୟକୁ ସମାଲୋଚନା କରିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ସୁପ୍ରିମକୋର୍ଟ ଅଦାଳତ ଅବମାନନା ଚେତାବନୀ ଦେଇଛନ୍ତି।

୦୨

୧୨

## ଶୀଳାନନ୍ଦଙ୍କ ଗୋଲରେ ହାଇଦ୍ରାବାଦ ବିଜୟୀ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଶୀଳାନନ୍ଦ ଲାକ୍ରାଙ୍କ ଗୋଲ ବଳରେ ହାଇଦ୍ରାବାଦ ତୋଫାନ୍ସ ୩-୨ ଗୋଲରେ ଏଚ୍‌ଆଇଏଲ୍ ଜିସିକୁ ପରାସ୍ତ କରିଛି।



# ହୀରାକୁଦରେ ୫ ନୂଆ ପ୍ରଜାତିର ପକ୍ଷୀ

## ବିଦେଶରୁ ଆସିଛନ୍ତି ୪,୨୧,୭୬୩ ପକ୍ଷୀ

ସମ୍ବଲପୁର,୨୦।୧(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରେ ଚଳିତବର୍ଷ-୨୦୨୬ ଶୀତକାଳୀନ ପକ୍ଷୀଗଣନା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିରେ ଚଳିତବର୍ଷ ଗତବର୍ଷ ଅପେକ୍ଷା ପ୍ରାୟ ୫୦ହଜାରରୁ ଅଧିକ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଜିଲା ସହିତ ଛତିଶଗଡ଼ ସୀମାନ୍ତ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ଓ ପାୱାର ଚ୍ୟାନେଲ ଅଞ୍ଚଳରେ ଗତ ୧୮ ତାରିଖରେ ହୋଇଥିବା ପକ୍ଷୀ ଗଣନା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୨୮ପ୍ରଜାତିର ମୋଟ୍ ୪ଲକ୍ଷ ୨୧ହଜାର ୭୬୩ ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଛି ବୋଲି ସୂଚନା ଦେଇଛନ୍ତି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ। ତାଙ୍କ ସୂଚନା ଅନୁସାରେ ଚଳିତବର୍ଷ ☞ପୃଷ୍ଠା-୨



ହୀରାକୁଦ ଜଳଭଣ୍ଡାରରେ ଠାବ ହୋଇଥିବା ବିଦେଶାଗତ ପକ୍ଷୀ।

# ସେନ୍‌ସେକ୍ସ ଖସିଲା ୧,୧୦୦

## ବଜାର ହରାଇଲା ୧୦ ଲକ୍ଷ କୋଟି

ମୁମ୍ବାଇ,୨୦।୧

ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି, ଆମେରିକାର ବିସ୍ତାରବାଦୀ ପଦକ୍ଷେପ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଧମକ ଭାରତୀୟ ପୁଞ୍ଜି ବଜାରକୁ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଛି। ପୂର୍ବରୁ ଚାପଗ୍ରସ୍ତ ଥିବା ଶେୟାର ମାର୍କେଟ ମଙ୍ଗଳବାର ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର କ୍ୟାପିଟାଲାଇଜେଶନ୍ ହରାଇଛି।

ଇକ୍ୱିଟି ବେଞ୍ଚମାର୍କ ସେନ୍‌ସେକ୍ସ ୧.୩୮% ଅର୍ଥାତ୍ ୧,୦୬୫ ପଏଣ୍ଟ ନିମ୍ନଗାମୀ ହୋଇ ୮୨,୧୮୦ରେ ରହିଛି। ସେହିପରି ନିଫ୍ଟି୫୦ ୧.୨୮% ଅର୍ଥାତ୍ ୩୫୩ ପଏଣ୍ଟ ତଳକୁ ଖସି ୨୫,୨୩୨ରେ ରହିଛି। ୨୦୨୫ ଅକ୍ଟୋବର ୧୫ ପରେ ପୁଞ୍ଜି ବଜାର କେବେ ଏତେ ଦୁର୍ବଳ ହୋଇ ନ ଥିଲା। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ସେଲିଂ ପ୍ରେସର, କ୍ୱାର୍ଟର୍ଲି ଆୟରେ ଦୁର୍ବଳତାକୁ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ସେହିପରି ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧି ଯୋଗୁ ଗ୍ଲୋବାଲ ମାର୍କେଟରେ ସେଲିଂ ପ୍ରେସର ବୃଦ୍ଧିର ପ୍ରଭାବ ମଧ୍ୟ ଭାରତୀୟ ବଜାର ଉପରେ ପଡ଼ିଛି। ଆମେରିକା ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଉପରେ ରାୟ ଦେବାକୁ ଯାଉଥିବାରୁ ଏହା ପୂର୍ବରୁ ଘରୋଇ ବଜାରରେ ନିବେଶକମାନେ ସତର୍କତା ସହ କାରବାର କରୁଥିବା ଜିଓଜିତ୍ ଇନ୍‌ଭେଷ୍ଟମେଣ୍ଟର ରିସର୍ଚ୍ଚ ହେଡ୍ କହିଛନ୍ତି।





## ଡଲାର=୯୧.୬ ଟଙ୍କା

ମୁମ୍ବାଇ,୨୦।୧

ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଧାରା ଜାରି ରହିଛି। ଟ୍ରେଡିଂ ଆରମ୍ଭରେ ଡଲାର ତୁଳନାରେ ଟଙ୍କା ମଙ୍ଗଳବାର ୯୧.୦୬କୁ ଖସିଥିବାବେଳେ ପରେ ୭ ପଇସାର ଦୁର୍ବଳତା ସହ ୯୦.୯୭ ଟଙ୍କାରେ ସ୍ଥିର ରହିଛି। ଆମେରିକୀୟ କରେନ୍ସିର ବିନିମୟ ମୂଲ୍ୟ ଆଗରେ ଭାରତୀୟ ମୁଦ୍ରାର ଏହା ହେଉଛି ସର୍ବକାଳୀନ ଦୁର୍ବଳତା। ମେଟାଲ ଆମଦାନୀକାରୀଙ୍କଠାରେ ଡଲାର ଚାହିଦା ବୃଦ୍ଧି ଏବଂ ବିଦେଶୀ ନିବେଶକ ଭାରତୀୟ ବଜାରରୁ ମୁହଁ ଫେରାଇନେବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଫରେକ୍ସ ଟ୍ରେଡର୍ସଙ୍କ ମତରେ ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି, ଆମେରିକାର ବିସ୍ତାରବାଦୀ ପଦକ୍ଷେପ ପୁଞ୍ଜି ବଜାରକୁ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଛି। ଫଳରେ ଭାରତ ଭଳି ବିକାଶଶୀଳ ଦେଶର ଘରୋଇ ବଜାର ଚାପଗ୍ରସ୍ତ ହୋଇଛି।

# ବିଭାଗ ଉପରେ ୪୨,୩୫୨ କୋଟିର ୟୁସି

ଭୁବନେଶ୍ୱର,୨୦।୧(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ବରିଷ୍ଠ ଅଧିକାରୀମାନେ ସରକାରୀ ଅର୍ଥ ଖର୍ଚ୍ଚ କରିବାବେଳେ ଶୃଙ୍ଖଳା ଭିତରେ ରହୁନାହାନ୍ତି। ବିଧାନସଭାକୁ ବିଭାଗ ପକ୍ଷରୁ ବଜେଟ ଅଟକଳ ପାଇଁ ଯେଉଁ ପ୍ରସ୍ତାବ ଦିଆଯାଉଛି ପରବର୍ତ୍ତୀ ସମୟରେ ତାକୁ ଅଧିକାରୀମାନେ ଏଣେତେଣେ ଖର୍ଚ୍ଚ କରୁଛନ୍ତି, ଯେଉଁଥିପାଇଁ ଖର୍ଚ୍ଚର ହିସାବ ଠିକଣା ସମୟରେ ମିଳିପାରୁ ନାହିଁ। ଅଧିକାରୀମାନେ ଏଭଳି ଭାବେ ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଯେ ତା'ର ଟେର୍ ଭାରତର ମହାଲେଖା ନିୟନ୍ତ୍ରକ (ସିଏଜି) ପାଇପାରୁନାହାନ୍ତି। ଏନେଇ ସିଏଜିଙ୍କ ପକ୍ଷରୁ ବିଧାନସଭାକୁ ଅବଗତ କରାଇବା ସହିତ ଅର୍ଥ ବିଭାଗକୁ ଥରକୁ ଥର ପତ୍ର ଲେଖି ବିଭାଗୱାରି ବିନିଯୋଗ ଖର୍ଚ୍ଚ ପ୍ରମାଣପତ୍ର ଲୋଡୁଛନ୍ତି, ମାତ୍ର ତାହା ଅଦ୍ୟାବଧି ମିଳିପାରିନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଉପରେ ୨୦୨୫ ନଭେମ୍ବର ସୁଦ୍ଧା ୪୨ ହଜାର ୩୫୨ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର (ୟୁସି) ବିଭିନ୍ନ ବିଭାଗ ଉପରେ ଗଡୁଛି ବୋଲି ସିଏଜିଙ୍କ ପକ୍ଷରୁ ଅର୍ଥ ପରାମର୍ଶଦାତା ସମ୍ମିଳନୀରେ ଦର୍ଶାଯାଇଛି। ସିଏଜିଙ୍କ ଏଭଳି ସାଂଘାତିକ ତଥ୍ୟକୁ ନେଇ ସବୁ ଅର୍ଥ ପରାମର୍ଶଦାତାଙ୍କ ଆଖି ଖୋସିହୋଇଯାଇଛି ବୋଲି ଜଣେ ଅର୍ଥପରାମର୍ଶଦାତା କହିଛନ୍ତି।

ତଥ୍ୟ ଅନୁଯାୟୀ, ବିଗତ ବର୍ଷଗୁଡ଼ିକରେ ଏପରିକି ୨୦୦୮-୦୯ରୁ ୨୦୨୩-୨୪ ବର୍ଷ ମଧ୍ୟରେ ହଜାର ହଜାର କୋଟିଟଙ୍କା ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ଖର୍ଚ୍ଚ କରିଥିଲେ ହେଁ ବିନିଯୋଗ ପ୍ରମାଣପତ୍ର ଦେଇପାରୁନାହାନ୍ତି। ଇତିମଧ୍ୟରେ ସିଏଜିଙ୍କ ପକ୍ଷରୁ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଇଥିବା ୬୯ଟି 'ପାରା' କମେଣ୍ଟର ଜବାବ ମିଳିପାରୁନାହିଁ। ଏହାସହିତ ୬୩୧ ଏସ୍‌ଏଫ୍‌ଆର୍-ପାରା',୧୩ ହଜାର ୪୯୨ ଆଇଆର୍, ଯେଉଁଥିରେ କି ୫୭ ହଜାର ୨୫୩ ପାରା(ନଭେମ୍ବର ସୁଦ୍ଧା) ବକେୟା ରହିଛି। ଏହିଭଳି ଭାବେ ବିଭିନ୍ନ ବିଭାଗର ବେନିୟମ ଖର୍ଚ୍ଚ ହିସାବକୁ ନେଇ ସିଏଜିଙ୍କ ପକ୍ଷରୁ ବାରମ୍ବାର ୟୁସି ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ହେଁ ତାହା ମିଳୁ ନ ଥିବା ବୈଠକରୁ ଜଣାଯାଇଛି। ଏହାକୁ ନେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସଂପୃକ୍ତ ବିଭାଗୀୟ ଅର୍ଥ ପରାମର୍ଶଦାତାଙ୍କୁ ତୁରନ୍ତ ବକେୟା 'ୟୁସି' ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଏବଂ ନଗର ଉନ୍ନୟନ ବିଭାଗ ଭଳି ବହୁ ବିଭାଗରେ ବେଆଇନ ଭାବେ ଅର୍ଥ ଖର୍ଚ୍ଚ ହୋଇଛି, ଯେଉଁଥିପାଇଁ ବର୍ତ୍ତମାନର ଅର୍ଥ ପରାମର୍ଶଦାତାମାନେ ସେସବୁର ହିସାବ ଦେଇପାରୁନାହାନ୍ତି। ଫଳରେ ବର୍ଷ ବର୍ଷ ଧରି ତାହା ବକେୟା ଖାତାରେ ଗଡୁଥିବାବେଳେ ସିଏଜି ପ୍ରଶ୍ନ ଉଠାଇ ଚାଲିଛନ୍ତି।

# ଏପ୍ରିଲ ୧୬ରୁ ଘର ଗଣନା

## ମାସକରେ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୧(ରବିନାରାୟଣ ଜେନା)

ଦୀର୍ଘ ୧୫ ବର୍ଷ ପରେ ରାଜ୍ୟରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏହାକୁ ନେଇ ପ୍ରାଥମିକ ପର୍ଯ୍ୟାୟରେ ଘର ଗଣନା କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଏପ୍ରିଲ ୧୬ରୁ ଗୃହ ଗଣନା କରାଯିବ। ଏହି କାର୍ଯ୍ୟ ୩୦ ଦିନ ଅର୍ଥାତ୍ ଏପ୍ରିଲ ୧୬ରୁ ମେ' ୧୫ ମଧ୍ୟରେ ଶେଷହେବ ବୋଲି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦେଓ ରଞ୍ଜନ କୁମାର ସିଂହ ମଙ୍ଗଳବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତିରେ ଏସିଏସ୍ ଦର୍ଶାଇଛନ୍ତି, ଜନଗଣନା ନିୟମାବଳୀ-୧୯୯୦ର ନିୟମ ୮ର ଉପନିୟମ(୩) ଅନୁଯାୟୀ ଏହି ପ୍ରକ୍ରିୟା ରାଜ୍ୟରେ କରାଯିବ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରକ୍ରିୟା ଆରମ୍ଭ କରାଯିବାକୁ ରହିଛି। ଜାତୀୟ ଜନଗଣନା-୨୦୨୭ର ଘର ତାଲିକା(ହାଉସ୍ ଲିଷ୍ଟିଂ) କାର୍ଯ୍ୟ ଓଡ଼ିଶାରେ ୩୦ ଦିନ ମଧ୍ୟରେ ଶେଷହେବ। ଏହି ସମୟରେ ସ୍ୱୟଂ-ଗଣନା(ସେଲ୍ଫ ଏନୁମରେଶନ) ପାଇଁ ବିକଳ୍ପ ରହିବ, ଯାହା ଘରେ ଘରେ ଘର ତାଲିକା କାର୍ଯ୍ୟ ଆରମ୍ଭ ପୂର୍ବରୁ ୧ ଏପ୍ରିଲ ୨୦୨୬ରୁ ୧୫ ଏପ୍ରିଲ ମଧ୍ୟରେ ସରିବ।

ସୂଚନାଯୋଗ୍ୟ, ଚଳିତ ମାସ ୭ରେ ଲୋକସେବା ଭବନରେ ଏନେଇ ଏସିଏସ୍‌ଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକ୍ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ଜାତୀୟ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଯେପରି ନିର୍ଭୁଲ ଭାବେ କରାଯିବ ସେଥିପାଇଁ ସଂପୃକ୍ତ ବିଭାଗକୁ ସହଯୋଗ କରିବାକୁ ଏସିଏସ୍ ନିର୍ଦ୍ଦେଶ ଦେଇଥିଲେ। ତେବେ ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ଘୋଷିତ ହୋଇଥିବା ନିର୍ଦ୍ଦେଶିତ ଅଞ୍ଚଳ ବ୍ୟତୀତ ଏହି ଜନଗଣନା ସମୟରେ ନୂଆ ଗାଁ, ନୂଆ ସହର, ଗାଁ ସହରରେ ମିଶିବା ଭଳି ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟରେ ସାମିଲ ହେବନାହିଁ। ଜନଗଣନା କାର୍ଯ୍ୟର ସୁସମ୍ପାଦନ ପାଇଁ ଜାତୀୟସ୍ତରରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ଥିବାବେଳେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଅଧିକାରୀ ଏବଂ ଜିଲାସ୍ତରରେ ଜିଲାପାଳମାନେ ଏବଂ ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲ କମିଶନରମାନେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିୟୋଜିତ ରହିବେ। ଉପଖଣ୍ଡ ବା ସହରାଞ୍ଚଳରେ ତହସିଲଦାର ଓ ଡେପୁଟି କମିଶନରମାନେ ଚାର୍ଜ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଗଣନା ଅଧିକାରୀଙ୍କୁ ଆସନ୍ତା ୩ ମାସ ମଧ୍ୟରେ ତାଲିମ ପ୍ରଦାନ କରାଯିବ। ପ୍ରତି ୨୦୦ ଘର ପାଇଁ ଜଣେ ଲେଖାଏ ଅଧିକାରୀ ନିୟୋଜିତ ରହିବେ। ୬ ଅଧିକାରୀଙ୍କ ନିମନ୍ତେ ଜଣେ ଜଣେ ସୁପରଭାଇଜର ରହିବେ। ଏହି କାର୍ଯ୍ୟରେ ପ୍ରାୟ ୧ ଲକ୍ଷ ଅଧିକାରୀ ନିୟୋଜିତ ହେବେ ବୋଲି ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି।

## ବଡ଼ବିଲ ବ୍ୟାଙ୍କ ଡକାୟତି

# ୩ ରାଜ୍ୟକୁ ଗଲା ୫ ପୋଲିସ ଟିମ୍

ବଡ଼ବିଲ, ୨୦।୧(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖା ଷ୍ଟ୍ରଙ୍ଗରୁମ୍‌ରୁ ସୋମବାର ଦିନ ଦ୍ୱିପହରରେ ୫ରୁ ୬ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ପ୍ରାୟ ୫ କି.ଗ୍ରା.ରୁ ଊର୍ଦ୍ଧ୍ୱ ପରିମାଣର ସ୍ୱର୍ଣ୍ଣ ଅଳଙ୍କାର ଓ ନଗଦ ପ୍ରାୟ ୪ଲକ୍ଷ ୩୪ହଜାର ଟଙ୍କା ଲୁଟି ନେବାର ଦିନକ ପରେ ବି ପୋଲିସ ହାତ ଖାଲିପଡ଼ିଛି। ଅପରାଧୀଙ୍କ ସୁରାକ୍ ପାଇଁ ପୋଲିସ ଜୋରଦାର ଉଦ୍ୟମ ଜାରି ରଖିଛି। କେନ୍ଦୁଝର ଜିଲା ପୋଲିସର ବଛା ବଛା ଅଫିସରଙ୍କୁ ନେଇ ୫ଟି ଟିମ୍ ବିଭିନ୍ନ ସ୍ଥାନ ଅଭିମୁଖେ ଯାଇଛି। ପଡୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ରାଜ୍ୟ ସମେତ ଆମ ରାଜ୍ୟର ଝାରସୁଗୁଡ଼ା, ମୟୂରଭଞ୍ଜ ଜିଲାକୁ ପୋଲିସର ଟିମ୍ ଯାଇଥିବା ଆଇଆଇସି ଅଶୋକ କୁମାର ନାୟକ କହିଛନ୍ତି। ବ୍ୟାଙ୍କର ସିସି କ୍ୟାମେରାର ଫୁଟେଜ୍ ରେକର୍ଡିଂ ହେଉଥିବା ଡିଭିଆରକୁ ଦୁର୍ବୃତ୍ତମାନେ ନେଇଯାଇଥିବା ବେଳେ ପୋଲିସ ଆଖପାଖ ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଫୁଟେଜରୁ ୩ ବାଇକରେ ୬ଜଣ ଦୁର୍ବୃତ୍ତ ଆସି ଲୁଟିନେଇ ଫେରାର ହୋଇଯାଇଥିବା ଜାଣିବାକୁ ପାଇଛି। ଏଥିସହ ମୋବାଇଲ କଲ୍ ଲୋକେଶନକୁ ପୋଲିସ ଅନୁଧ୍ୟାନ କରୁଛି। ଘଟଣା ପରେ କେନ୍ଦୁଝର ଜିଲା ପୋଲିସ ବିଭିନ୍ନ ରାଜ୍ୟର ପୋଲିସ ସହ ଯୋଗାଯୋଗ ରଖି ତଦନ୍ତ କରୁଛି। ମଙ୍ଗଳବାର ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ବ୍ୟାଙ୍କକୁ ପରିଦର୍ଶନ କରିଛନ୍ତି। ସେ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଘଟଣାବେଳେ ଥିବା ଗ୍ରାହକମାନଙ୍କୁ ପଚାରି ବୁଝିଛନ୍ତି। ଡିଆଇଜି ରାଏ କହିଛନ୍ତି, ଦୁର୍ବୃତ୍ତମାନେ ଝାଡ଼ଖଣ୍ଡ ଆଡକୁ ପଳାଇଥିବା ଅନୁମାନ କରାଯାଇଛି। ଏଥିସହ କେନ୍ଦୁଝର ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଛି। ସୁରାକ ମଧ୍ୟ ମିଳିସାରିଛି। ଖୁବଶୀଘ୍ର ଅପରାଧୀଙ୍କୁ ଗିରଫ କରାଯାଇ ଲୁଟ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାର ଉଦ୍ଧାର କରାଯିବ ବୋଲି ଡିଆଇଜି ରାଏ କହିଛନ୍ତି। ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ଅନୁଯାୟୀ ବଡବିଲ ଥାନାରେ ମାମଲା(ନଂ. ୧୯/୨୦୨୬) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏସ୍‌ଡିପିଓଙ୍କ କାର୍ଯ୍ୟାଳୟଠାରୁ ଅନତି ଦୂରରେ ଥିବା ☞ପୃଷ୍ଠା-୨

# ତେଲଙ୍ଗାନାରେ ଓଡ଼ିଆ ଶ୍ରମିକ ମୃତ

ଲାଠୋର,୨୦।୧(ଭୁବନେଶ୍ୱର ବାରିକ)

ତେଲଙ୍ଗାନାକୁ ଦାଦନ ଯାଇଥିବା ବଲାଙ୍ଗୀର ଜିଲା ଭାଲୁକୁନା ଗ୍ରାମର ଦଶରଥ ହଂସ(୪୫)ଙ୍କ ମୃତ୍ୟୁ ଘଟିଛି। ସେଠାରୁ ତାଙ୍କ ମୃତଦେହ ଘରକୁ ଅଣାଯାଉଛି। ନଭେମ୍ବରରେ ଦଶରଥ, ସ୍ତ୍ରୀ ଅଞ୍ଜନା ହଂସ(୩୮), ୧୪ ବର୍ଷର ଝିଅ ଓ ୧୧ ବର୍ଷର ପୁଅ ତେଲଙ୍ଗାନା ଯାଇଥିଲେ। ସେଠାରେ ଦଶରଥ ଓ ଅଞ୍ଜନା ଏକ ଇଟାଭାଟିରେ କାମ କରୁଥିଲେ। ସୋମବାର ରାତିରେ ଦଶରଥ ଅସୁସ୍ଥ ଅନୁଭବ କରୁଥିବା ନେଇ ଅଞ୍ଜନାଙ୍କୁ କହିଥିଲେ। କିଛି ସମୟ ପରେ ବାହାରକୁ ଶୌଚହେବା ପାଇଁ ଯାଇ ଘର ଭିତରକୁ ଆସି ହଠାତ୍ ଟଳି ପଡ଼ିଥିଲେ।

# ଆଖି ଚିକିତ୍ସା ପାଇଁ କାନ ଡ୍ରପ୍

## ଡାକ୍ତରଙ୍କ ବିରୋଧରେ ଅଭିଯୋଗ

ଧୁଷୁରୀ,୨୦।୧(ଦୀପ୍ତିରଞ୍ଜନ ନାୟକ)

ରୋଗୀଙ୍କ ଚିକିତ୍ସାରେ ଅବହେଳା। ଆଖି ଚିକିତ୍ସା ପାଇଁ କାନ ଡ୍ରପ୍ ଲେଖିଦେଲେ ଡାକ୍ତର। ଭଦ୍ରକ ଜିଲା ଧୁଷୁରୀ ଏରିଆ ହସ୍ପିଟାଲର ଜଣେ ଡାକ୍ତରଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି ଧାମନଗର ବ୍ଲକ ଅଧୀନ ନଦୀଗାଁ ପଞ୍ଚାୟତ ତିନିଘରିଆ ଗାଁର ଶ୍ରବଣ ମହାଲିକ। ସେ ଏନେଇ ମଙ୍ଗଳବାର ଧୁଷୁରୀ ଥାନାରେ ଅଭିଯୋଗ କରିଛନ୍ତି।

ସେ ଦର୍ଶାଇଛନ୍ତି ଯେ, ତାଙ୍କ ଆଖି ଚିକିତ୍ସା ପାଇଁ ସେ ସୋମବାର ଧୁଷୁରୀ ଏରିଆ ହସ୍ପିଟାଲକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ଜଣେ ଡାକ୍ତର ତାଙ୍କ ଆଖି ପରୀକ୍ଷା କରି ଆଇଡ୍ରପ୍ କିଣି ପକାଇବାକୁ ପ୍ରେସକ୍ରିପ୍‌ସନ ଲେଖିଥିଲେ। ତଦନୁଯାୟୀ ସେ ସେହି ଡ୍ରପ୍ କିଣି ଡାକ୍ତରଙ୍କୁ ଦେଖାଇ ଆଖିରେ ପକାଇଥିଲେ। ମାତ୍ର ତାହା ଅଧିକ ଯନ୍ତ୍ରଣା ଦେବାରୁ ସେ ପୁଣି ମଙ୍ଗଳବାର ଏହି ହସ୍ପିଟାଲକୁ ଆସି ଚିକିତ୍ସା କରିଥିବା ଡାକ୍ତରଙ୍କୁ ଦେଖା କରିବା ସହ ଆଖିର ଯନ୍ତ୍ରଣା ଅଧିକ ହେବା କଥା କହିଥିଲେ। ଡାକ୍ତର ଭୁଲ୍‌ରେ କାନ ଡ୍ରପ୍ ଦେଇଥିବା ସ୍ୱୀକାର କରିଛନ୍ତି। ଏଣୁ ତାଙ୍କ ଆଖି ଚିକିତ୍ସା ପାଇଁ ସେହି ଡାକ୍ତର ସମସ୍ତ ଅର୍ଥ ବହନ କରିବାକୁ ଶ୍ରବଣ ଦାବି କରିଛନ୍ତି। ଶ୍ରବଣଙ୍କ ଏତଲା କପିକୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ନିକଟକୁ ପଠାଇଥିବା ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।





ଶ୍ରବଣ ମହାଲିକ ଏତଲା ଧରି ଧୁଷୁରୀ ଥାନା ଆଗରେ ଛିଡ଼ା ହୋଇଛନ୍ତି।


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଘରୋଇ ଆଇଟିଆଇ ମହାସଂଘର ଦ୍ୱିତୀୟ ବାର୍ଷିକ ଅଧିବେଶନ, ସ୍ଥାନ: ହୋଟେଲ ପୁଷ୍ପକ, କଳ୍ପନା ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମନନ ନାଟ୍ୟସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ' ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ରବି ମିଶ୍ରଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନିଜିଗଡ କଲ୍ୟାଣ ମଣ୍ଡପ, ଟିଗିରିଆ, ସମୟ: ସକାଳ ୮ଟା।
- ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ରାଜାବଗିଚା, ସମୟ: ପୂର୍ବାହ୍ନ ୧୦ଟା।
- ୨ୟ ପତିତପାବନ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଦୁଲାଳି ଦେବୀ ଉଚ୍ଚ ବାଳିକା ବିଦ୍ୟାଳୟ ଖେଳ ପଡ଼ିଆ, ନୂଆପାଟଣା, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ଦିବସ, ସ୍ଥାନ: ରେଭେନ୍ସା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞର ଉଦ୍ଯାପନ ଦିବସ, ସ୍ଥାନ: ଜେବିଏସ ଗାର୍ଡେନ, ତୁଳସୀ ପୁର, ସମୟ: ଅପରାହ୍ନ ୩ଟା।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ୍‌ର ଉଦ୍‌ଘାଟନୀ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ:ବାହାବଳପୁର, ବାଲେଶ୍ୱର, ସମୟ:ସକାଳ ୮ଟା।
- ଅଷ୍ଟମ ଜିଲାପରିଷଦ ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ:ଡଗରା ବେଳାଭୂମି ପରିସର, ବାଲିଆପାଳ, ସମୟ:ପୂର୍ବାହ୍ନ ୧୦ଟା।
- ସୂଚନା ଅଧିକାର ସଂଘର ବିକ୍ଷୋଭ ଏବଂ ଦାବିପତ୍ର ପ୍ରଦାନ, ସ୍ଥାନ:ବ୍ଲକ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ସିଭିଲ୍ ସୋସାଇଟିର ବୈଠକ, ସ୍ଥାନ:ଉଠାଜଳସେଚନ କର୍ମଚାରୀ ଭବନ, ପଦୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବ, ସ୍ଥାନ:ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ:ଅପରାହ୍ନ ୫ଟା।
- ଏକ୍ସପୋ ଓଡ଼ିଶା-୨୦୨୬ ଉଦ୍‌ଘାଟନୀ, ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ଚତୁର୍ଥ ବାର୍ଷିକ ହଳଦୀପଦା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ:ପଶୁ ଡାକ୍ତରଖାନା ପଡ଼ିଆ, ହଳଦୀପଦା, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

**ଭଦ୍ରକ**
- ପଳିକିରି ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିରର ରଜତ ଜୟନ୍ତୀ ସମାରୋହ, ସ୍ଥାନ: ନିମାପଡା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ରହିମପୁର ଉଚ୍ଚ ବିଦ୍ୟାଳୟ,ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ, ସ୍ଥାନ: କରଞ୍ଜଆଡିଆ ନବଘନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ପ୍ରେସ୍ କ୍ଲବର ବନ୍ଧୁମିଳନ ଓ ସାଧାରଣ ସଭା, ସ୍ଥାନ: ଫଳପୁର ଗ୍ରାମ୍ୟ ଜଙ୍ଗଲ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଦିବଂଗତ ଡ. ରବୀନ୍ଦ୍ର ନାଥ ପଣ୍ଡାଙ୍କ ସ୍ମୃତିସଭା, ସ୍ଥାନ: ବିଶାଣିଖରିଦା, ଚରମ୍ପା, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ଟାଟା ପାୱାର ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ରାଲି,ସ୍ଥାନ: ହୀରାକୁଦ କଲୋନୀ, ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପାଟଣା ବ୍ଲକସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ, ସ୍ଥାନ:ଏରେଣ୍ଡେଇ ଭାରତ ସଂସ୍ଥା, ପାଟଣା,ସମୟ: ପୂର୍ବାହ୍ନ ୧୦ଟା୩୦।

**ମୟୂରଭଞ୍ଜ**
- ମା'ଶୀତଳା ଦେବୀଙ୍କ ବାର୍ଷିକ ଝାମୁଯାତ୍ରା ଅବସରରେ ନାମ ସଂକୀର୍ତ୍ତନ ଆରମ୍ଭ, ସ୍ଥାନ:ଡାକୋଇ କଲାରାଫୁଲିଆ, ମୋରଡ଼ା, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ପିଏମଶ୍ରୀ ଉତ୍ସବ, ସ୍ଥାନ: ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଗଡ଼ିଗାଁ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ସମାରୋହର ଉଦ୍‌ଘାଟନୀ ପର୍ବ,ସ୍ଥାନ: ଚିତ୍ରଡ଼ା, ପାଟପୁର ଷ୍ଟାଡିୟମ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ମୋରଡ଼ା ପ୍ରିମିୟର ଲିଗର ପଞ୍ଚମ ଦିବସ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା, ସ୍ଥାନ: କଚେରୀ ଷ୍ଟାଡିୟମ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**
- ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଅବସରରେ ବାଇକ ଶୋଭାଯାତ୍ରା, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଯାପନ, ସ୍ଥାନ: ମାତୃଭବନ, ବାରଦା, ସମୟ: ଅପରାହ୍ନ ୨ଟା।
- ଢେଙ୍କାନାଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ମହିଷାପାଟ ପଲ୍ଲିଶ୍ରୀ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**
- ଆଶିଷ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମାଣିକପଥର ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- କୋଷ୍ଟଗାର୍ଡର ୫୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସଚେତନତା ସାଇକେଲ ରାଲି, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୬ଟା।

**କେନ୍ଦ୍ରାପଡ଼ା**
- ତ୍ରିବେଣୀ ମେଳା ରୁଦ୍ରଶାନ୍ତି ଯଜ୍ଞ, ସ୍ଥାନ: ଆର୍ତ୍ତେଶ୍ୱର ଶୈବ ପୀଠ, ସ୍ଥାନ: ଜଗନ୍ନାଥପୁର, ଡେରାବିଶ, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ସମୀର ଟିଭିଏସ, ଦୁହୁରିଆ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡ଼ା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପାରା କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଜେନା ପୋଖରୀ ପଡିଆ, ଗାରାପୁର ନିକଟ, ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- କରଞ୍ଜ ଦହିମାଛ ରାସ୍ତା ନିର୍ମାଣ ଅନିୟମିତତା ବିରୋଧରେ ଗଣଧାରଣା, ସ୍ଥାନ: ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ-୨, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀକୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖାବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ୋଲ, ଜମରା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜଙ୍ଗଲ ଅଧିକାର ଆଇନ-୨୦୦୬କୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ଦାବିରେ ଯାଜପୁର ଆଦିବାସୀ ସାନ୍ତାଳି ସମାଜ ଓ ନାଗରିକ ସମାଜ ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଯାଜପୁରରୋଡ୍ ଟିଭି ରିପୋର୍ଟର ଆସୋସିଏସନ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳନ, ସ୍ଥାନ: ବ୍ୟାସନଗରସ୍ଥିତ ରୟାଲ କଳିଙ୍ଗ ଛକ, ସମୟ ଅପରାହ୍ନ ୩ଟା୩୦।

**ନୟାଗଡ଼**
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ବ୍ଲକସ୍ତରୀୟ ସାମୂହିକ ଗାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ:ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭାପୁର, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ବାହାଡାସ୍ଥିତ ଖଣ୍ଡପଡା ପଠାଣୀ ସାମନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ ମ୍ୟାଚ ଝାଳଝରିଆ ବନାମ ଭୋଗଡା କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ଦଶମ ଦିବସର ୪ର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ସିଦ୍ଧାମୂଳା ବନାମ ପଦାମାଳ କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବ ଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ ମ୍ୟାଚରେ ଓଡ଼ିଶା ପୋଲିସ କଟକ ବନାମ ଷ୍ଟୁ ଫୁଟ୍‌ବଲ କ୍ଲବ କାଶ୍ମୀର, ସ୍ଥାନ:ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

**ରାୟଗଡ଼ା**
- ବଂଶଧାରା ବସନ୍ତ ମହୋତ୍ସବ ପାଇଁ ମିନି ମାରାଥନ୍, ସ୍ଥାନ: ଗୁଣପୁର କଲେଜ, ସମୟ: ସକାଳ ୭ଟା।
- ବଂଶଧାରା ବସନ୍ତ ମହୋତ୍ସବର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ନିମନ୍ତେ କଳସଯାତ୍ରା, ସ୍ଥାନ: ବଂଶଧାରା ନଦୀଠାରୁ ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ଅପରାହ୍ନ ୫ଟା।

**ନବରଙ୍ଗପୁର**
- ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା, ସ୍ଥାନ: ଡାବୁଗାଁ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

**କୋରାପୁଟ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ଅଫିସ ପରିସର, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ପୁକାଲି ନୋଡାଲ ହାଇସ୍କୁଲ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ମୁର୍କାର ସଦର ପଞ୍ଚାୟତ, ହନୁମାନ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଦିଗାପୁର ଆବାସିକ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ବିଭିନ୍ନ ଭିତ୍ତିଭୂମି ବିକାଶ ପ୍ରକଳ୍ପ ଅଗ୍ରଗତି ନେଇ ସମୀକ୍ଷା, ସ୍ଥାନ: ଓସ୍ୱାନ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୩ ଟା।
- ଆଦର୍ଶ ବିଦ୍ୟାଳୟ ହଷ୍ଟେଲର ଷ୍ଟାଫ ପଦବୀ ନେଇ ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ସମ୍ବଲପୁରୀ ଧନୁଯାତ୍ରାର କୃଷ୍ଣଲୀଳା କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା।
- ୨୩ ବର୍ଷରୁ କମ୍ ଓଡ଼ିଶା ଓ ହରିୟାଣା କ୍ରିକେଟ ମ୍ୟାଚର ପ୍ରସ୍ତୁତି ବୈଠକ, ସ୍ଥାନ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : ସାକ୍ଷୀପଡା ଅଞ୍ଚଳ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁରୀ ଧନୁଯାତ୍ରାର କଂସ ଦରବାରରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସେଲିବ୍ରିଟି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଭ୍ରାମ୍ୟମାଣ ଆଇନ ସେବା ଶିବିର, ସ୍ଥାନ: କୁମିଆପାଲି, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଲୋକବାଦ୍ୟ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମଞ୍ଚ, କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

**ରାଉରକେଲା**
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଉରକେଲା କଳିଙ୍ଗ ବିହାର ଫେଜ୍-୨, ସମୟ: ସକାଳ ୮ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ମଧୁସୂଦନ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ଶ୍ରୀ ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:କୁଜାପାଲି (ଗୋଡଭଗା), ଅତାବିରା, ସମୟ:ସକାଳ ୮ଟା।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: କୁମ୍ଭାରୀ, ବରପାଲି, ସମୟ:ସକାଳ ୮ଟା।
- ବେଦ ପ୍ରବଚନ, ସ୍ଥାନ:ଶ୍ରୀମା ସଙ୍ଗୀତ ସମିତି, ଶକ୍ତି ନଗର, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

**ବୌଦ୍ଧ**
- ପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ରାମଚନ୍ଦ୍ରଙ୍କ ଯୁଗ୍ମ ମନ୍ଦିର ବାର୍ଷିକୋତ୍ସବ ଅବସରରେ ନାମଯଜ୍ଞ, ସ୍ଥାନ: ନାରାୟଣ ନଗର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ନବମ ଗଡଜାତ ଲୋକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆ, ବୀରନରସିଂହପୁର, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ଜାତୀୟ କନ୍ୟା ଦିବସ ଅବସରରେ ବେଟି ବଚାଓ ବେଟି ପଢ଼ାଓ ପଦଯାତ୍ରା, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍ସବ ପ୍ରଧାନପାଟ ୨୦୨୬ ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପ୍ରଧାନପାଟ ରୋଡ ବଡ଼ବଗିଚା, ସମୟ: ଅପରାହ୍ନ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ପାତାଳି ମହୋତ୍ସବରେ ଛପନ ପ୍ରହର ନମଯଜ୍ଞର ତୃତୀୟ ଦିବସ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର, କୋଟସମଲାଇ,ଉଲୁଣ୍ଡା ବ୍ଲକ, ସମୟ:ସକାଳ ୭ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜେଏସସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: କେନଫିଟିଆପାଲି ହାଇ ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ପାତଳଗଙ୍ଗା ମହୋତ୍ସବ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ଦ୍ୱାରଶନୀ ମନ୍ଦିରଠାରୁ ହାଇସ୍କୁଲ ପଡିଆ, ସମୟ: ସକାଳ ୮ଟା।
- ପୌର ପ୍ରଶାସନର ବନ୍ଦେ ମାତରମ୍ କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ.୭ କୁରୁମୁଣ୍ଡା, ଖରିଆର ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।
- ପାତାଳଗଙ୍ଗା ଲୋକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବୋଡେନ ଉଚ୍ଚ ବିଦ୍ୟାଳୟ ପଡିଆର ଦ୍ୱାରଶନୀ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

**ଝାରସୁଗୁଡ଼ା**
- ଏକାଦଶ ସ୍କନ୍ଦ ଭାଗବତ ପଠନ, ସ୍ଥାନ:ମହାକାଳ ମନ୍ଦିର,ବାଗଡ଼ିହି, ସମୟ:ସକାଳ ୮ଟା।
- ନେତାଜୀ ହାଇସ୍କୁଲର ସିଲଭର ଜୁବୁଲିଉତ୍ସବ ପାଳନ, ସ୍ଥାନ:ନେତାଜୀ ହାଇସ୍କୁଲ, ବୁଢୀପଦର, ସମୟ: ପୂର୍ବାହ୍ନ ୧୦ଟା।
- ଶିପୁରା ଗ୍ରାମବାସୀଙ୍କ ଦ୍ୱାରା ବଡ଼ମାଲ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବଡ଼ମାଲ ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

# ମାନେକାଙ୍କୁ ଅଦାଲତ ଅବମାନନା ଚେତାବନୀ

## ବୁଲା କୁକୁର ରାୟକୁ ସମାଲୋଚନା ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ବୁଲା କୁକୁର ସମ୍ପର୍କିତ ରାୟକୁ ସମାଲୋଚନା କରିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର କ୍ଷୁବ୍ଧ ହୋଇଛନ୍ତି। ମାନେକା ଅଦାଲତ ଅବମାନନା କରିଥିବା ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦିପ୍ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ କିଛି ଚିନ୍ତା ନ କରି ଯେକୌଣସି ମନ୍ତବ୍ୟ ଦେଇଦେଉଛନ୍ତି। ତେବେ ଉଦାରତା କାରଣରୁ ଖଣ୍ଡପୀଠ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରୁ ନ ଥିବା କହିଛନ୍ତି।




ବୁଲା କୁକୁର ସମସ୍ୟା ଦୂର କରିବା ଦିଗରେ ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭାବେ ମାନେକା କ'ଣ ଆର୍ଥିକ ବ୍ୟବସ୍ଥା କରିଛନ୍ତି ବୋଲି ଜଷ୍ଟିସ୍ ମେହେଟ୍ଟା ତାଙ୍କ ଓକିଲ ରାଜୁ ରାମଚନ୍ଦ୍ରନଙ୍କୁ ପ୍ରଶ୍ନ କରିଥିଲେ। ବଜେଟ ମଞ୍ଜୁରୀ ଏକ ନୀତିଗତ ବ୍ୟବସ୍ଥା ବୋଲି ରାମଚନ୍ଦ୍ରନ କହିଥିଲେ। ଆତଙ୍କବାଦୀ ଅଜମଲ କସବ ମଧ୍ୟ ଅଦାଲତ ଅବମାନନା କରି ନ ଥିଲେ, କିନ୍ତୁ ଆପଣଙ୍କ ମହକିଲ କରିଛନ୍ତି ବୋଲି ରାମଚନ୍ଦ୍ରନଙ୍କୁ ଜଷ୍ଟିସ୍ ନାଥ କହିଥିଲେ।

ସୂଚନାଯୋଗ୍ୟ, କୁକୁର କାମୁଡ଼ିଲେ ସମ୍ପୃକ୍ତ ରାଜ୍ୟକୁ ବିପୁଳ କ୍ଷତିପୂରଣ ଦେବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ ଗତ ୧୩ ତାରିଖରେ ରାୟ ଦେବା ସହ ଯେଉଁମାନେ କୁକୁରଙ୍କୁ ବାହାରେ ଖାଦ୍ୟ ଦେଉଛନ୍ତି, ସେମାନଙ୍କୁ ଉତ୍ତରଦାୟୀ କରାଯିବ ବୋଲି କହିଥିଲେ। ଗତ ୫ ବର୍ଷ ହେଲା ବୁଲା କୁକୁରଙ୍କ ପାଇଁ ଥିବା ନିୟମର ଅନୁପାଳନ ହେଉ ନ ଥିବାରୁ ସର୍ବୋଚ୍ଚ ଅଦାଲତ ଚିନ୍ତାବ୍ୟକ୍ତ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

### ତଦନ୍ତ କରିବ...

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ କରିବାକୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟର ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦୁର୍ନୀତି ନିରୋଧୀ ବ୍ୟୁରୋ (ଏସିବି) କର୍ମଚାରୀଙ୍କୁ ଦୁର୍ନୀତି ଓ ଲାଞ୍ଚ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଖଣ୍ଡପୀଠ କହିଛନ୍ତି। ତେବେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ବିନା ୱାରେଣ୍ଟରେ ଗିରଫ କରିପାରିବା ସହ ତଦନ୍ତ କରିପାରିବ।

ରାଜସ୍ଥାନ ହାଇକୋର୍ଟ ଜଣେ କେନ୍ଦ୍ରୀୟ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ମାମଲା ଖାରଜ କରିବାକୁ ମନା କରିଦେଇଥିବାବେଳେ ସର୍ବୋଚ୍ଚ ଅଦାଲତ ଉକ୍ତ ରାୟକୁ କାଏମ ରଖିବା ଅବସରରେ ଉପରୋକ୍ତ ରାୟ ଦେଇଛନ୍ତି। ଅଭିଯୁକ୍ତ କେନ୍ଦ୍ରୀୟ କର୍ମଚାରୀ ହୋଇଥିଲେ ମଧ୍ୟ ଦୁର୍ନୀତି ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ ଆପରାଧିକ ମାମଲା ରୁଜୁ କରିବା କ୍ଷମତା ରାଜସ୍ଥାନ ଏସିବିର ରହିଛି ବୋଲି ହାଇକୋର୍ଟ ରୁଲିଂ ଦେଇଥିଲେ। ହାଇକୋର୍ଟ ଠିକ୍ ନିଷ୍ପତ୍ତି ନେଇଛନ୍ତି। କେବଳ ସିବିଆଇ ଦୁର୍ନୀତି ମାମଲାର ତଦନ୍ତ କରିପାରିବ କହିବା ଭୁଲ୍ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି।

### ହୀରାକୁଦରେ ୫ ନୂଆ...

୫ ନୂତନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଛି। ସେଥିମଧ୍ୟରେ ରଡିକ୍ରେକ୍, ଗ୍ରେଟର୍ ପେଣ୍ଟେଡ୍ ସ୍ନାଇପ୍, ପେଣ୍ଟେଡ୍ ଷ୍ଟର୍କ, ଲିଟିଲ୍ ଗଲ୍ ଓ ସେଣ୍ଡର୍ଲିଂ। ଏହି ନୂତନ ପ୍ରଜାତିର ସମସ୍ତ ପକ୍ଷୀ ସାଇବେରିଆ ଓ ଉତ୍ତର ଆମେରିକା ଅଞ୍ଚଳର ବୋଲି ସେ କହିଛନ୍ତି। ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଲାଉଁସରା ଅଞ୍ଚଳରେ ସର୍ବାଧିକ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି। ତେବେ ଚଳିତବର୍ଷ ହୀରାକୁଦ ଜଳଭଣ୍ଡାରରେ ସର୍ବାଧିକ ୭୧ହଜାର ପଟ୍ଟେଡ୍ ଡକ୍, ଦ୍ୱିତୀୟ ସର୍ବାଧିକ ପ୍ରାୟ ୬୦ ହଜାର ଲେସର୍ ହ୍ୱିସିଲିଂ ଓ ତୃତୀୟ ସର୍ବାଧିକ ୫୦ ହଜାର ସଂଖ୍ୟକ କମନ୍ କୁଟ୍ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଛି ବୋଲି ଡିଏଫ୍ଓ ଦାସ କହିଛନ୍ତି।

ସୂଚନାଯୋଗ୍ୟ ଯେ, ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ଓ ପାୱାର ଚ୍ୟାନେଲ୍ ଆଦି ଅଞ୍ଚଳରେ ୨୦୨୬ ଜାନୁୟାରୀ ୧୮ ତାରିଖ ସକାଳ ୫ଟାରୁ ସନ୍ଧ୍ୟା ୬ଟାରେ ସମ୍ପୂର୍ଣ୍ଣ ଆର୍ଦ୍ରଭୂମି ପକ୍ଷୀ ଗଣନା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପକ୍ଷୀ ବିଶେଷଜ୍ଞ, ବନକର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଏକ ୯୨ଜଣିଆ ପ୍ରତିନିଧି ୩୨ଟି ଦଳରେ ଭାଗ ହୋଇ ୨୧ଟି ସେକ୍ଟରରେ ବିଭକ୍ତ ସମଗ୍ର ଜଳଭଣ୍ଡାରରେ ପକ୍ଷୀ ଗଣନା କରିଥିଲେ। ୨୦୨୫ ମସିହାରେ ଏଠାରେ ପ୍ରାୟ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୩୨ଟି ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଥିଲା।

### ୩ ରାଜ୍ୟକୁ ଗଲା...

ବ୍ୟାଙ୍କରୁ ଏଭଳି ଲୁଟ୍ ଘଟଣା ପୋଲିସର ନିଦ ହଜାଇଛି। ଏ ସମ୍ପର୍କରେ ବ୍ୟାଙ୍କ ବିଏମ୍ ପଙ୍କଜ କୁମାର ବର୍ଣ୍ଣୱାଲଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ତଥ୍ୟ ଦେବାର ଅନୁମତି ନାହିଁ ବୋଲି କହିଥିଲେ। ବଡବିଲ ପୋଲିସ ପକ୍ଷରୁ ଜାରୀ କରାଯାଇଥିବା ଏସ୍‌ଓପି ବିଷୟରେ ପଚାରିବାରୁ ସେ କହିଥିଲେ, ଉକ୍ତ ଅଧିକାରୀଙ୍କୁ ସୁରକ୍ଷାକର୍ମୀ ନିୟୋଜନ ନେଇ ପତ୍ରାଳାପ କରାଯାଇଥିଲେ ହେଁ ସୁରକ୍ଷା କର୍ମୀ ଦିଆଯାଇ ନ ଥିଲା। ଅପରପକ୍ଷେ ବ୍ୟାଙ୍କରୁ ଲୁଟ୍ ଘଟଣାକୁ ନେଇ ବ୍ୟାଙ୍କର ଇଣ୍ଟରନାଲ ଇନ୍‌କ୍ୱାରି ଚାଲିଥିବା ଜଣାପଡ଼ିଛି। ଭୁବନେଶ୍ୱରରୁ ଆସିଥିବା ବ୍ୟାଙ୍କର ଡେପୁଟି ଜୋନାଲ ମ୍ୟାନେଜର ସଞ୍ଜୀବ ଦାସ କହିଛନ୍ତି, ବ୍ୟାଙ୍କ ତରଫରୁ ଥାନାରେ ଏତଲା ଦିଆଯାଇଛି। କେତେ ଟଙ୍କା ବା କେତେ ପରିମାଣର ସୁନା ଅଳଙ୍କାର ଲୁଟ ହେଲା ସେ ନେଇ କୌଣସି ତଥ୍ୟ ଗଣମାଧ୍ୟମକୁ ଦେଇପାରିବୁ ନାହିଁ ବୋଲି ସେ କହିଛନ୍ତି। ତେବେ କ୍ୟାଶିୟର ଏକ ଟ୍ରେନିଂରେ ଯାଇଥିବାରୁ ସେ ଅନୁପସ୍ଥିତ ରହିଥିବା ନେଇ ବିଏମ୍ ବର୍ଣ୍ଣୱାଲ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କାଳ ତ ହେଲାଣି ବାବରା**
**ଅସତୀ ଖାଇଲେ ସରୁ ଚାଉଳ**
**ସତୀ କି ନ ମିଳେ ବଗଡ଼ା ।**

ବିଟପି ବା ଦୁଶ୍ଚରିତ୍ର ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା'ଠାରୁ କାହିଁ କେତେଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଳ କନିଆଁ କି କାଳୀ,**
**ତୀର୍ଥ ଜଳ କି ଗୋଳି ?**

ଉଚ୍ଚବଂଶୀୟା କନ୍ୟା ଯେତେ ଶ୍ୟାମଳୀ ହେଲେ ମଧ୍ୟ ସେ ଆଦୃତା ବା ଗ୍ରହଣୀୟା ହୋଇଥାଏ। ସେହିପରି ତୀର୍ଥଜଳ ଗୋଳିଆ ହେଲେ ବି ତାକୁ ପବିତ୍ର ବୋଲି ମନେ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ପ୍ରତିଷ୍ଠା ଲାଭ କରିବେ। ଶନି କ୍ଷେତ୍ରସ୍ଥ ରବି ହେତୁ ଭଲ କଥା କହିଲେ ମଧ୍ୟ ତାହାକୁ ଅନ୍ୟମାନେ ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ବୃଷ**
ବନ୍ଧୁଙ୍କ ସହାୟତାରେ ଆଜିର କର୍ମକ୍ଷେତ୍ରରେ ପ୍ରତ୍ୟେକ କାମକୁ ସୁରୁଖୁରୁରେ କରାଇନେବେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଅଶାନ୍ତିଜନିତ ମାନସିକ ଉଦ୍‌ବେଗ ବଢ଼ିପାରେ। ସାହିତ୍ୟ, ସାମ୍ବାଦିକତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରୁ ସୁଫଳ ମିଳିବ। କିନ୍ତୁ ପରିବହନ, ପ୍ରକାଶନ ଏବଂ ପ୍ରଶାସନିକ ସ୍ତରରେ ସମସ୍ୟା ଆସିପାରେ।

**ମିଥୁନ**
ଆଜି ଶାରୀରିକ ସ୍ୱାସ୍ଥ୍ୟ ସଙ୍ଗକୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ। ସରକାରୀ କ୍ଷେତ୍ରରୁ ଋଣସୂତ୍ରରେ ଅର୍ଥଲାଭର ଆଶା ରହିଛି। ଭୁଲ୍ ବୁଝାମଣା କାରଣରୁ ସହକର୍ମୀଙ୍କ ପ୍ରତ୍ୟେକ କଥା ଓ କାର୍ଯ୍ୟକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**କର୍କଟ**
ମନ ବିଚଳିତ ରହିବା କାରଣରୁ ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ କଷ୍ଟକର ହେବ। ପାପଗ୍ରହ ଯୁକ୍ତ ଚନ୍ଦ୍ରଙ୍କ ପ୍ରଭାବରେ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେଇପାରନ୍ତି। ନିର୍ମାଣ, ପ୍ରେସ୍, ପବ୍ଲିକେଶନ ଓ ସଭାସମିତିରେ କାମ ସୁରୁଖୁରୁରେ ସମ୍ପନ୍ନ ହେବ। ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟିର ଆଶଙ୍କା ମଧ୍ୟ ରହିଛି।

**ସିଂହ**
ମନରେ ଅଶାନ୍ତି ଭରି ରହିଥିଲେ ମଧ୍ୟ ଶୁକ୍ରଙ୍କ ପ୍ରଭାବରେ କୌଣସି କାର୍ଯ୍ୟ ଅଟକିବ ନାହିଁ। ବୃହସ୍ପତିଙ୍କ ଦ୍ୱାରା ନୂତନ ଯୋଜନାରମ୍ଭରେ ମୌଖିକ ଆଲୋଚନା କରିବା ଭଲ। ହିତୈଷୀମାନେ ସହଯୋଗର ହାତ ବଢ଼ାଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳା କାରଣରୁ ମଘା ନକ୍ଷତ୍ରର କେତେକ ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା**
ଶନିଙ୍କ କୁପ୍ରଭାବରୁ ସନ୍ତାନଙ୍କ ବିଶୃଙ୍ଖଳାରୁ ଅଶାନ୍ତ ରହିପାରନ୍ତି। ଏହା ସଙ୍ଗକୁ ପାପଯୁକ୍ତ ଚନ୍ଦ୍ର ମଧ୍ୟ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। ନିଜର ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। କୌଣସି ଭଦ୍ର ମହିଳାଙ୍କ ସହଯୋଗରେ ବକେୟା ଅର୍ଥ ଆଦାୟ କରିପାରନ୍ତି।

**ତୁଳା**
ଆଜି ଅର୍ଥ ଓ ସମ୍ମାନ ଲାଭର ସୁଯୋଗ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟରେ ସ୍ଥଗିତ କାର୍ଯ୍ୟକୁ ପୁନଃ ଆରମ୍ଭର ଯୋଜନା କରିପାରନ୍ତି। କେତେକ ଅପୂରଣୀୟ ଆଶା ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ। ଆଜିର କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ସାହିତ୍ୟ, ସାମ୍ବାଦିକତା ଓ ଅର୍ଥନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

**ବିଛା**
ଚିନ୍ତାଧାରା ଅନୁଯାୟୀ କୌଣସି କାର୍ଯ୍ୟ ହୋଇପାରିବ ନାହିଁ, ଯାହାକୁ ନିଜର ମନେକରୁଛନ୍ତି, ସେହିମାନଙ୍କର କାର୍ଯ୍ୟକଳାପ ହିଁ ଅଶାନ୍ତିର ପୃଷ୍ଠଭୂମି ସାଜିବ। ପରିବାରରେ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ କରିପାରିବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନରେ ସମସ୍ୟା ସମାଧାନ ହେବାର ଆଶା ରହିଛି।


**ଧନୁ**
ପରିବାର ସ୍ଥାନରେ ଶନି ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଅବହେଳିତ କରି ରଖିପାରନ୍ତି। ଅଷ୍ଟମାଧିପତି ତୃତୀୟସ୍ଥ ଯୋଗୁ ଭ୍ରାତୃବିବାଦରୁ ଅସ୍ଥିରତା ଯୋଗୁ ବିଷାଦଗ୍ରସ୍ତ ରହିବେ। ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ସାମ୍ନା କରିବାରେ ସଫଳ ହେବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ।

**ମକର**
ପାପଯୁକ୍ତ ଚନ୍ଦ୍ରଙ୍କ ପ୍ରଭାବରେ ମାନସିକ ଅସ୍ଥିରତା ପ୍ରତ୍ୟେକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିବ। ଶନି ଆପଣଙ୍କୁ ମୂଲ୍ୟହୀନ କଥାରେ ନିମଗ୍ନ କରାଇ ବ୍ୟଥିତ କରିପାରେ। ଏକାଧିକ କାର୍ଯ୍ୟରେ ଜଡ଼ିତ ରହି କୌଣସି କାର୍ଯ୍ୟରେ ସଫଳତା ପାଇବେ ନାହିଁ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇଁ ବନ୍ଧୁଙ୍କୁ ବିନୟପୂର୍ଣ୍ଣ କଥା କହିପାରନ୍ତି।

**କୁମ୍ଭ**
ଲାଗିରହିଥିବା ସ୍ୱାସ୍ଥ୍ୟ ସମସ୍ୟା, କରଜ ଓ ପୂର୍ବ ଶତ୍ରୁତା ସମ୍ବନ୍ଧୀୟ ଦୁଶ୍ଚିନ୍ତା ବିଚଳିତ କରିପାରେ। ଆଜିର ଯାତ୍ରା, ବନ୍ଧୁସମ୍ପର୍କ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିପାରିବେ। ପରିବାରରେ ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି।

**ମୀନ**
ପାପଯୁକ୍ତ ଚନ୍ଦ୍ର ଦ୍ୱାଦଶଭାବସ୍ଥ ହେତୁ ପରିସ୍ଥିତିବଶତଃ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ସମ୍ପର୍କୀୟମାନଙ୍କ ଅଭିଯୋଗ ଏବଂ ପଡ଼ୋଶୀଙ୍କ ଟାହି ଟାପରା ମନକୁ ବିଭ୍ରାନ୍ତ କରିପାରେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।


ଆଜି ଜାନୁୟାରୀ ୨୧ ତାରିଖ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମମୁଖ ବେଶ, ମାଘ ଶୁକ୍ଳ ତୃତୀୟା ବୁଧବାର। ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଦିବା ଘ.୦୧।୫୭ମି. ଗତେ ଶତଭିଷା, ନକ୍ଷତ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬।୨୭ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୩୫ମି. ଗତେ ଘ.୧୧।୩୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୭ମି. ଗତେ ଘ.୦୧।୨୦ମି. ମଧ୍ୟେ ରାହୁ କାଳ।




# ନବୀନ ନିବାସରେ ବୈଠକ

**ଭୁବନେଶ୍ୱର, ୨୦।୧**
**(ସୁନିତ୍ ମିଶ୍ର)**







## ଏମାନେ ଏବେ ଅଲୋଡ଼ା

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କିଛିଦିନ ହେଲା ବହୁମାତ୍ରାରେ ଚଳଚଞ୍ଚଳ ହୋଇ ଦଳୀୟ କାର୍ଯ୍ୟକ୍ରମ କରୁଛନ୍ତି। କେତେବେଳେ ବିଧାୟକମାନଙ୍କ ସହ ସିଧାସଳଖ ଆଲୋଚନା କରୁଛନ୍ତି ତ ଆଉ କେତେବେଳେ ବରିଷ୍ଠ ନେତାଙ୍କୁ ନବୀନ ନିବାସକୁ ଡାକି କଥା ହେଉଛନ୍ତି। ନବୀନ ନିବାସ ଭିତରୁ ବାରମ୍ବାର ଡକରା ମିଳିବା ପରେ ହାତଗଣତି କେତେଜଣ ନେତା ବର୍ତ୍ତମାନ କୁତୁକୁତୁ ହୋଇପଡ଼ିଛନ୍ତି। ଯେତେବେଳେ ସେମାନେ ନବୀନ ନିବାସରେ ପଶୁଥିବାର ଭିଡିଓ ଏବଂ ଫଟୋ ଗଣମାଧ୍ୟମରେ ଦେଖୁଛନ୍ତି ଖୁସିରେ ଫାଟି ପଡୁଛନ୍ତି ବୋଲି ରାଜନୈତିକ ମହଲରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ହେଲେ ରାଜ୍ୟ ରାଜନୀତିରେ ଏବଂ ନିଜ ନିର୍ବାଚନମଣ୍ଡଳୀ ବା ଜିଲାରେ ଏକାଧିକ ଥର ନିର୍ବାଚନ ଲଢି ବିଜୟୀ ହେଉଥିବା ଅନେକ ଚେହେରା ବର୍ତ୍ତମାନ ଦଳରେ ଅଲୋଡ଼ା ହୋଇପଡିଛନ୍ତି। ରାଜ୍ୟରେ ଏଭଳି ଉଦାହରଣ ଦେଖିଲେ ଅନେକଙ୍କ କଥା ଉଲ୍ଲେଖ କରାଯାଇପାରିବ।

ସୂଚନାଯୋଗ୍ୟ, ନବୀନ ବିଜେଡିର କେତେଜଣ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲିକ ଏବଂ ଦେବୀ ମିଶ୍ରଙ୍କ ସହିତ ନବୀନ ମଙ୍ଗଳବାର ଆଲୋଚନା କରିଛନ୍ତି। ମିଳିଥିବା ସୂଚନା ମୁତାବକ, ନିକଟରେ ଦଳରୁ ୨ ବିଧାୟକ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ କରିବା ପରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ବିରୋଧରେ କାହିଁକି କେହି ପ୍ରତିକ୍ରିୟା ଦେଉନାହାନ୍ତି ବୋଲି କୁଆଡ଼େ ନବୀନ ପଚାରିଥିଲେ। ତେବେ ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସଞ୍ଜୟ କହିଛନ୍ତି, ବାଲେଶ୍ୱର ଜିଲା ସେକ୍ ମକାନ୍ଦର ମହମ୍ମଦଙ୍କୁ ବାଡ଼େଇ ମାରିଦିଆଯାଇଥିବା ଘଟଣାକୁ ନେଇ ନବୀନ ଉଦ୍‌ବେଗ ପ୍ରକାଶକଲେ। ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କୁ ହତ୍ୟା କରାଯାଉଛି। ଏ ସମ୍ପର୍କରେ ନବୀନ ଜାଣିବାକୁ ଚାହିଁଥିଲେ ବୋଲି ସଞ୍ଜୟ କହିଛନ୍ତି। ରାଜନୈତିକ ମହଲରେ ହେଉଥିବା ଆଲୋଚନା ମୁତାବକ, ସଞ୍ଜୟ ରାଜନୈତିକ ଦୃଷ୍ଟିକୋଣରୁ ନବୀନଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ ଗଣମାଧ୍ୟମରେ କହିବାକୁ ନ ଚାହିଁବା ସ୍ୱାଭାବିକ। ବିଗତ ଦିନରେ ନବୀନ ମୁମ୍ବାଇରେ ଚିକିତ୍ସାଧୀନ ଥିବାବେଳେ ରାଜ୍ୟର ବହୁ ନେତା ତାଙ୍କୁ ଭେଟିବା ଲାଗି ସେଠାକୁ ଗସ୍ତ କରିଥିଲେ। ହେଲେ ଶେଷରେ ଭିଡିଓ କଲ୍ ଜରିଆରେ ସେମାନେ ସେଠାରେ ନବୀନଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ସେଠାରୁ ଫେରି ବାହାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସଞ୍ଜୟ ଏବଂ ଦଳର ରାଜ୍ୟ ସଭା ସଦସ୍ୟ ନବୀନଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିବା କଥା କହିଥିଲେ। ହେଲେ ମୁମ୍ବାଇ ଗସ୍ତ କରିଥିବା ବହୁ ନେତା ସତ କଥା କହିବା ପରେ ଗଣମାଧ୍ୟମକୁ ସଞ୍ଜୟ ଓ ମାନସ ଦେଇଥିବା ତଥ୍ୟକୁ ନେଇ ଚର୍ଚ୍ଚା ହେଇଥିଲା।

ଲକ୍ଷ୍ୟ କରାଯାଉଛି, ଦଳର ବହୁ ବରିଷ୍ଠ ନେତା ଯେପରି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଅରୁଣ କୁମାର ସାହୁ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଭଳି ଅନେକ ନେତା ବର୍ତ୍ତମାନ ବହୁ କାର୍ଯ୍ୟରେ ଲୋଡ଼ା ପଡୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯଦି ଆମେ ପ୍ରସନ୍ନ ଆଚାର୍ଯ୍ୟଙ୍କ କଥା ଆଲୋଚନା କରିବା ସେ ୩ ଥର ଲୋକ ସଭା, ଥରେ ରାଜ୍ୟ ସଭା ଏବଂ ୪ଥର ବିଧାନସଭାକୁ ନିର୍ବାଚିତ ହେଇଛନ୍ତି। ସେହିପରି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୮ଥର ବିଧାନସଭାକୁ ନିର୍ବାଚିତ ହୋଇଆସୁଛନ୍ତି। ଛାତ୍ର ରାଜନୀତିରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ବିଧାୟକ ଅରୁଣ କୁମାର ସାହୁ ୨୦୦୪ରୁ ଲଗାତର ଏଯାଏଁ ବିଧାନସଭାକୁ ଜିତି ଆସୁଛନ୍ତି। ଦେଖାଯାଉଛି ୮ଥର, ୫ଥର ଲେଖା ଜିତିଥିବା ନେତାଙ୍କୁ ଦଳ ଲୋଡୁନାହିଁ ବରଂ ଯିଏ ନିର୍ଦ୍ଦିଷ୍ଟ ଗୋଟିଏ ଗୋଷ୍ଠୀ ସହି ରହୁଛନ୍ତି ସେମାନଙ୍କୁ ବାରମ୍ବାର ଡକରା ମିଳୁଛି। ୨୦୨୪ ସାଧାରଣ ନିର୍ବାଚନ ପରେ ବିଜେଡି ଓଡ଼ିଶାରେ ବିରୋଧୀ ଦଳକୁ ଆସିଯାଇଛି। ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସମୟରେ ବିଜେଡି ବରିଷ୍ଠ ନେତା ରଣେନ୍ଦ୍ର ଏବଂ ଅରୁଣ ଶାସକ ଦଳକୁ ଶାଣିତ ଢଙ୍ଗରେ ଟାର୍ଗେଟ କରୁଛନ୍ତି। ସରକାରଙ୍କ ବିଭିନ୍ନ ଆଭିମୁଖ୍ୟକୁ ନେଇ ସେମାନେ ଶାସକ ଦଳକୁ ଅନେକ ସମୟରେ କାଠଗଡ଼ାରେ ଠିଆ କରୁଛନ୍ତି। ଦଳରେ ଥିବା ଅନ୍ୟ ଯୁବ ବିଧାୟକମାନେ ମଧ୍ୟ ଏହି ୨ ନେତାଙ୍କଠାରୁ ଅନେକ କିଛି ଜାଣିବାକୁ ଚାହୁଁଥିବା ଲକ୍ଷ୍ୟ କରାଯାଉଛି। ହେଲେ ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଏମାନଙ୍କୁ ଲୋଡ଼ା ନ ଯିବା ନେଇ ଚର୍ଚ୍ଚା ହେଉଛି। ସେହିପରି ପଶ୍ଚିମ ଓଡ଼ିଶାର ବହୁ ନେତା ବର୍ତ୍ତମାନ ବିଜେଡି ସହ ଆଉ ନାହାନ୍ତି କହିଲେ ଏକ ପ୍ରକାର ଠିକ୍ ହେବ। ନୂଆପଡ଼ା ଜିଲାରେ ଉପନିର୍ବାଚନ ସମୟରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ଭଳି ନେତା ସେଠାରେ ନ ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କେବଳ ସେ ନୁହନ୍ତି, ଆହୁରି ଅନେକ ପଶ୍ଚିମ ଓଡ଼ିଶା ନେତା ଏବେ ଦଳୀୟ ବ୍ୟାପାରଠାରୁ ଦୂରେଇଗଲା ଭଳି ମନେହେଲାଣି। ସେହିପରି ବରିଷ୍ଠ ନେତା ଶଶିଭୂଷଣ ବେହେରା, ବଦ୍ରିନାରାୟଣ ପାତ୍ରଙ୍କ ଭଳି ବହୁ ନେତା ବର୍ତ୍ତମାନ ଦଳୀୟ ବ୍ୟାପାରରେ ଲୋଡ଼ା ପଡୁନାହାନ୍ତି।

# ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ରାଉରକେଲା,୨୦।୧(ସଙ୍ଗୀତା ଜେନା)**

୨୦୨୧ରେ ଟାଙ୍ଗରପାଲୀ ଥାନା ଅଞ୍ଚଳରେ ସଙ୍ଗଠିତ ଏକ ବଳାତ୍କାର ମାମଲାରେ ମଙ୍ଗଳବାର ଦୋଷୀ ସାବ୍ୟସ୍ତ ହୋଇଥିବା ଶଙ୍କର ସିଂଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏହି ଘଟଣାରେ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ୨ଲକ୍ଷ ଜରିମାନା ଏବଂ ଜରିମାନା ଅନାଦାୟ ଅତିରିକ୍ତ ୨ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବର ୧୧ତାରିଖ ପୂର୍ବାହ୍ନ ୧୦ଟାରେ ଟାଙ୍ଗରପାଲୀ ଥାନା ଅଞ୍ଚଳରେ ପୀଡିତା ନାବାଳିକାଙ୍କ ମା' ଓ କକା କାମ କରିବାକୁ ବାହାରକୁ ଯାଇଥିଲେ। ନାବାଳିକାଙ୍କ ଜେଜେମା'ଙ୍କ ଠାରୁ ଫୋନ୍ କଲ୍ ପାଇ ତାଙ୍କ ମା' ଘରକୁ ଆସି ଝିଅକୁ ଟାଙ୍ଗରପାଲୀ ଅଟୋ କଲୋନୀରେ ରହୁଥିବା ଶଙ୍କର ବଳାତ୍କାର କରିବା ସମୟରେ ଧରାପଡ଼ିଥିବା ଜାଣିବାକୁ ପାଇଥିଲେ। ଘଟଣା ଦିନ ଅପରାହ୍ନ ୧ଟା ୩୦ରେ ପୀଡ଼ିତାଙ୍କ ମା' ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି ଫାଷ୍ଟଟ୍ରାକ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। ବିଚାର ସମୟରେ ୧୪ ଜଣଙ୍କ ସାକ୍ଷ୍ୟ, ୩ ଜଣଙ୍କ ସଫେଇ ସାକ୍ଷ୍ୟ ଓ ଦସ୍ତାବିଜ୍‌କୁ ଆଧାର କରି ଫାଷ୍ଟଟ୍ରାକ୍ (ପୋକ୍‌ସୋ) କୋର୍ଟ ବିଚାରପତି ପି. ସୂର୍ଯ୍ୟାରାଓ ଅଭିଯୁକ୍ତ ଶଙ୍କରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ଏପିପି) ଅମ୍ବିକା ପ୍ରସାଦ ସିଂ, ଜିଲା ଅଭିଯୋଜକ କହ୍ନେଇଲାଲ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମାମଲା ପରିଚାଳିତ ହୋଇଥିଲା।

# ଚାଷଜମିରେ ବୋମା

**ଦିଗପହଣ୍ଡି,୨୦।୧**
**(ଅଶେଷ ନାଥ ମିଶ୍ର)**



ବାଲ୍‌ଟିରୁ ବାହାର କରି ରଖାଯାଇଥିବା ବୋମା।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବୋମକେଇ ପଞ୍ଚାୟତ କୁମରଡ଼ା ଗ୍ରାମ ବଡ଼ବନ୍ଧ ପୋଖରୀ ନିକଟସ୍ଥ ରଘୁ ପ୍ରଧାନଙ୍କ ଘର ବାରିପଟ ଚାଷଜମିରୁ ମଙ୍ଗଳବାର ସକାଳେ କେତୋଟି ହାତବୋମା ମିଳିଛି। ଖବର ପ୍ରଚାର ହେବା ପରେ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ପୋଲିସ ପହଞ୍ଚି ସବୁ ବୋମା ଜବତ କରି ତଦନ୍ତ ଜାରି ରଖିଛି। ସକାଳେ ଗ୍ରାମର କେତେ ଜଣ ବ୍ୟକ୍ତି ସେହି ଚାଷଜମି ଦେଇ ଯାଉଥିବା ବେଳେ ଏକ ପ୍ଲାଷ୍ଟିକ୍ ବାଲ୍‌ଟିରେ ଚାଷଜମିରେ କିଛି ରଖଯାଇଥିବା ଦେଖିଥିଲେ। ପାଖକୁ ଯାଇ ଦେଖିବାରୁ ବାଲ୍‌ଟି ଭିତରେ ବୋମା ଥିଲା। ବୋମା ଥିବା ଦେଖି ସେମାନେ କେ. ନୂଆଗାଁ ଥାନାକୁ ଜଣାଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବୋମାଗୁଡ଼ିକୁ ଜବତ କରିଥିଲା। ଚାଷଜମିରେ ବୋମା କିଏ ରଖିଥିଲେ। ତାଙ୍କ ଉଦ୍ଦେଶ୍ୟ କ'ଣ ହୋଇପାରେ ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଆଇଆଇସି କିଶୋର ସାମଲଙ୍କ ଏତଲାକ୍ରମେ ନଂ.୨୪/୨୬ରେ ଏକ ମାମଲା ରୁଜୁ ହୋଇଛି। କିଛିଦିନ ହେଲା ଗ୍ରାମ ନିକଟରେ କେତେଜଣ ଯୁବକ ସଂଘବଦ୍ଧ ଭାବେ ଜୁଆ ଆଡ୍ଡା ଚଳାଇଛନ୍ତି। ଏହି ଜୁଆଆଡ୍ଡାକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କୁ ବୋମାମାଡ଼ କରିବା ଉଦ୍ଦେଶ୍ୟରେ ଏସବୁ ବୋମା ରଖାଯାଇଥିବା ନେଇ ପୋଲିସ ସନ୍ଦେହ କରୁଛି। ଏ ସମ୍ପର୍କରେ ବ୍ରହ୍ମପୁର ପୋଲିସ ମୁଖ୍ୟାଳୟର ବୋମା ନିଷ୍କ୍ରିୟ ସ୍କ୍ୱାଡ୍‌କୁ ଖବର ଦେଇଛୁ। ସ୍କ୍ୱାଡ୍ ପହଞ୍ଚିଲେ ବୋମାଗୁଡ଼ିକୁ ନିଷ୍କ୍ରିୟ କରାଯିବ ବୋଲି ଆଇଆଇସି ସାମଲ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତିପକ୍ଷ ଗୋଷ୍ଠୀର ବ୍ୟକ୍ତି ମାନଙ୍କୁ ଆକ୍ରମଣକରି ବୋମାମାଡ କରିବାକୁ କେହି ଏସବୁ ବୋମା ରଖିଥିବା ମଧ୍ୟ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଗତ ୩ ମାସ ତଳେ କୁମରଡ଼ା ଗାଁ ନିକଟସ୍ଥ ବୈଷ୍ଣବଦଲି ପାହାଡ ଶ୍ରୀହନୁମାନ ଓ ସାଇ ମନ୍ଦିର ପାର୍ଶ୍ୱରେ ବହୁ ସଂଖ୍ୟକ ବୋମା ଏକ ଝୋଟ ଅଖାରେ ରଖାଯାଇଥିବା ମନ୍ଦିର ପୂଜକ ଦେଖିଥିଲେ। ପରେ ସେ କେତେ ଜଣ ବ୍ୟକ୍ତିଙ୍କ ସହାୟତାରେ ସତର୍କତାର ସହ ବୋମା ଭର୍ତ୍ତି ଅଖାକୁ ଆଣି ନିକଟସ୍ଥ କେନାଲରେ ଫୋପାଡି ଦେଇଥିଲେ। ଘଟଣା ପରଦିନ କେନାଲରୁ ଏହି ବୋମା ଭର୍ତ୍ତି ଅଖା କେଉଁଆଡେ ଗାଏବ ହୋଇଯାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ । ବୟସ ୨୦ ରୁ ୩୫, ଦରମା - ୭୦୦୦ ଏବଂ ରହିବା + ଖାଇବାର ସୁବିଧା ଅଛି । ଶିଘ୍ର ଯୋଗାଯୋଗ କରନ୍ତୁ ।
Contact : 6372110065

WANTED
Lady Office Assistant
ମାଗଣା ରହିବା + ଖାଇବା
Salary 10000 + Bonus up to 50000 yearly at Near Phulanakhara, Cuttack
Contact : 7809525452

APPOINTMENT
District Disability Rehabilitation Centre (DDRC), Subarnapur
Applications are invited for the following Posts of DDRC, Subarnapur
1. Clinical / Rehab. Psychologist: M.Phil or Prof. Diploma in clinical Psych. / M.Phil or PGDRP (20,500/- (@ 850 p.v), 2. Sr. Prosth. / Orth. (OH Cat): Bachelor in Prost. & Orth. (BPO) From RCI recognized inst. 20,500/- ( @ 850 p.v), 3. Prosthetist / Orth. Tech.: Diploma in P&O or Certificate in P&O with 3 years Exp. 14,500/-, 4. Audiologist & Sr. Speech Therapist: Bachelor in Audiology and Speech & Language Pathology (BASLP) or B.SC Speech & Hearing (20,500/-( @ 850 p.v), 5. Voc. Couns.-Cum-Comp. Asst.: Diploma in Vocational Rehab. (DVR) / ADCGC / BRSc (14,500/-), 6. Early Inter. Therapist: PGDDT / PGDEI / BMR / BRSc / BRT / MRSc / MSc-EI (14,500/-).
Candidates shall send their resume within 7days to the PIA, DDRC, Subarnapur, At- Design Display Centre (RTO Office Road), Po- Sonepur, Pin-767017, Dist-Subarnapur, by post / in person or Email: ddrcsubarnapur@rediffmail.com
Contact: 8260292953 (PIA, DDRC, SUBARNAPUR)

Estd.- 1979
☎ 7682032632
THE KOSALA SCHOOL
An English Medium Residential Public School
(CBSE Affiliation No. 1530003)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6370708544 / 7682032632
REQUIRES THE FOLLOWING TEACHING & NON TEACHING STAFF

| S.N | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry/Biology/ Mathematics/English/ Computer Science/ | Master's Degree in subject concerned with B.Ed. | (Salary is not a constraint for deserving candidates) |
| 2 | TGT | English / Physics /Chemistry/ Biology /Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed. / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/ Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | Counselor & Wellness Teacher | | Graduate in psychology or P.G. in Child Development or Graduate with Diploma in career Guidance and Counseling | |
| 5 | Pre Primary Teacher | | Higher Secondary (+2) with NTT / STT | |
| 6 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 7 | Hostel Warden (Male) Age- 25 to 40 years | | Higher Secondary (+2) | |
| 8 | Asst Dining Hall Manager (Male) | | Graduate | |
| 9 | IT Head (Male) | | B.Tech in Computer Science | |

➢ Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
➢ Couples will be given preference and provided with rent free accommodation.
➢ Selected candidates shall have to stay inside the Hostel campus on free of rent and free fooding.
➢ Interested candidates can send their filled up bio-data to the email address:- thekosalaschool1979@gmail.com on or before 05/02/2026.
➢ Original Certificates to be produced at the time of interview for verification.
➢ No TA/DA will be given for attending the interview.
➢ For any clarification candidates may call to the phone no. (given above) from 10.00 A.M. to 2.00 P.M.
Sd./- Principal

# ଦୁର୍ଘଟଣାରେ କାର୍ ଚୂର୍ମାର, ୨ ସାଙ୍ଗ ମୃତ


**ବଘିଆପଡା,୨୦।୧**
**(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ତେଲିବନ୍ଧଠାରେ ମଙ୍ଗଳବାର ଭୋର୍ ସମୟରେ ଏକ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ଏକ କାର୍ ଚୂର୍ମାର ହୋଇଥିବା ବେଳେ କାର୍‌ରେ ଥିବା ୨ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ମନମୁଣ୍ଡା ଥାନା ଦେଉଳିର ଆଶୁତୋଷ ସାହୁ (୨୪) ଏବଂ ଗୁଡଭେଲିପଦରର ନିତିନ ଦ୍ୱାରି (୨୪)। ଖବର ପାଇ ବୌଦ୍ଧ ପୋଲିସ ଓ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ମୃତଦେହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି। ଏ ନେଇ ଏକ ମାମଲା (ନଂ.୩୫/୨୬) ରୁଜୁ କରାଯାଇଥିବା ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଆଶୁତୋଷ ଓ ନିତିନ ଦୁଇ ସାଙ୍ଗ ଏବଂ ଉଭୟ ବଲାଙ୍ଗୀରରେ ରହୁଥିଲେ। ସେମାନେ ବଲାଙ୍ଗୀରର ଜଣେ ସାଙ୍ଗଙ୍କ କାର୍ (ନଂ.ଓଡି୦୨ଏକ୍ସ/୩୯୨୧)କୁ ନେଇ ବଲାଙ୍ଗୀରରୁ ଭୁବନେଶ୍ୱର ଯାଉଥିବା ବେଳେ ଜାତୀୟ ରାଜପଥର ତେଲିବନ୍ଧଠାରେ ମଙ୍ଗଳବାର ଭୋର୍ ୪ଟା ସମୟରେ ଏକ ଅଜଣା ଗାଡି ପଛପଟୁ ଧକ୍କା ଦେଇ କିଛି ବାଟ ଘୋଷାଡି ନେଇଥିଲା। ଫଳରେ କାର୍‌ଟି ଚୂରମାର ହୋଇଥିବାବେଳେ ସେଥିରେ ଥିବା ଦୁଇ ସାଙ୍ଗଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟଣାଇଥିବା ଗାଡି ଫେରାର ହୋଇଯାଇଛି।

## ତ୍ରୁଟି ସଂଶୋଧନ

ଜାନୁଆରୀ ୨୦ ତାରିଖର 'ଧରିତ୍ରୀ' ପୃଷ୍ଠା-୩ ରେ ପ୍ରକାଶିତ ଖବର 'କଳଙ୍କ ଓ କନ୍ଦଳରୁ କେବେ ମୁକୁଳିବ କଂଗ୍ରେସରେ ୪ଟି ରାଜ୍ୟ ସଭା ଆସନ ବିଜେଡିର ବୋଲି ଉଲ୍ଲେଖ କରାଯାଇଥିଲା। ସେହି ତଥ୍ୟ ତ୍ରୁଟିପୂର୍ଣ୍ଣ। ବାସ୍ତବରେ ଏହା ଭାଜପାର ୨ଟି ଏବଂ ବିଜେଡିର ୨ଟି ଆସନ। ଏହି ତ୍ରୁଟି ପାଇଁ ଆମେ ଦୁଃଖିତ।

–ସମ୍ପାଦକ



ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। **-ଶ୍ରୀଅରବିନ୍ଦ**

-ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମମୁଖ ବେଶ



# ନଏଡା ଦୁର୍ଘଟଣା

ଘନକୁହୁଡ଼ି ଯୋଗୁ ଦିଲ୍ଲୀ ପାଖ ତଥା ଉତ୍ତରପ୍ରଦେଶ ରାଜ୍ୟର ନ୍ୟୁ ଓଖଲା ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ ଅଥରିଟି (ନଏଡା)ର ସେକ୍ଟର ୧୫୦ ନିକଟରେ ୧୬ ଜାନୁଆରୀ ୨୦୨୬ ବିଳମ୍ବିତ ରାତିରେ ଏକ କାର୍ ଡ୍ରେନ୍ ପାଚେରିରେ ପିଟି ହୋଇ ପାଣିଭର୍ତ୍ତି ଖାତ ମଧ୍ୟକୁ ଖସିପଡ଼ିବାରୁ ଜଣେ ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ଯୁବରାଜ ମେହେଟା ନାମକ ଏହି ଯୁବକ କାମ ସାରି ଘରକୁ ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା। ଅଭିଯୋଗ ହେଉଛି ଯେ ରାସ୍ତାରେ ରିଫ୍ଲେକ୍ଟର ନ ଥିବାରୁ କାର୍ ଡ୍ରେନ୍ ପାଚେରିରେ ଧକ୍କା ହେବା ପରେ ୭୦ ଫୁଟ ଗଭୀର ଖାତକୁ ପଡ଼ିଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ଯୁବକ ତାଙ୍କ ପିତାଙ୍କୁ ଫୋନ୍ କରି ଉଦ୍ଧାର ନିବେଦନ କରିଥିଲେ। ସେ ମରିବାକୁ ଚାହାନ୍ତି ନାହିଁ ବୋଲି କହୁଥିବା ବେଳେ ତାଙ୍କ କାରଟି ଉଭାର ନାହିଁ ଚାଲିଯାଇଥିଲା। ଶୁଣିବାକୁ ମିଳୁଛି ଯେ, ସ୍ଥାନୀୟ ପୋଲିସ, ଦମକଳ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର କର୍ମଚାରୀ ଦୀର୍ଘ ସମୟ ଉଦ୍ଧାର କାର୍ଯ୍ୟରେ ଲାଗି କାରକୁ ପାଣିରୁ ବାହାର କରିଥିଲେ ମଧ୍ୟ ଯୁବରାଜଙ୍କୁ ବଞ୍ଚାଇ ପାରି ନ ଥିଲେ। ଏହା ନିଶ୍ଚିତ ହୃଦୟ ବିଦାରକ ଘଟଣା। ଯୁବରାଜଙ୍କ ଦୁର୍ଘଟଣା ପୂର୍ବରୁ ସେହି ସ୍ଥାନରେ ଏକ ଟ୍ରକ୍ ଖାତ ଭିତରକୁ ପଶିଯାଇଥିଲା ବୋଲି ତା'ର ଡ୍ରାଇଭର କହିଛନ୍ତି। ହେଲେ ସେ ପାଣିରୁ ଉଠିପଡ଼ିଥିଲେ ଓ ନିଜକୁ ବଞ୍ଚାଇପାରିଥିଲେ। ଦେଖିବାକୁ ଗଲେ ଭାରତର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଖାଲ, ଖୋଲା ନାଳନର୍ଦ୍ଦମା କିମ୍ବା କୌଣସି ଭିତ୍ତିଭୂମି କାମ ପାଇଁ ଖୋଳା ଯାଇଥିବା ଭୂଭାଗ ଦୀର୍ଘଦିନ ମୁକୁଳା ପଡ଼ି ରହିବା ଏକ ସାଧାରଣ ଦୃଶ୍ୟମାନ ଚିତ୍ର। ଏଥିସହିତ ରାସ୍ତାକୁ ମରାମତି କରିବା ଉଦ୍ଦେଶ୍ୟରେ ଯେଉଁସବୁ ଜାଗାରେ ଖୋଳାଯାଇଥାଏ, ସେ ସମ୍ପର୍କରେ କୌଣସି ସଂକେତ ଦିଆଯାଏ ନାହିଁ; ଫଳରେ ମାରାତ୍ମକ ଦୁର୍ଘଟଣା ଘଟିବା ନିଶ୍ଚିତ। ସେଥିଯୋଗୁ ପ୍ରତିବର୍ଷ ଶିଶୁଠାରୁ ଆରମ୍ଭ କରି ଅନେକ ଲୋକଙ୍କ ମୃତ୍ୟୁ ହେଉଥିଲେ ମଧ୍ୟ ସ୍ଥିତିରେ ଉନ୍ନତି ଆସିପାରୁ ନାହିଁ। ଭିତ୍ତିଭୂମି ଗଢ଼ିବା କାର୍ଯ୍ୟରେ ନିୟୋଜିତ ସଂସ୍ଥା ଓ ସରକାରୀ ଅଧିକାରୀଙ୍କ କାର୍ଯ୍ୟ ତଦାରଖରେ ଅବହେଳା ଯୋଗୁ ଅଘଟଣକୁ ରୋକାଯାଇପାରୁ ନାହିଁ।

୨୦୨୫ ଅକ୍ଟୋବରରେ ବମ୍ବେ ହାଇକୋର୍ଟ ମହାରାଷ୍ଟ୍ରର ରାସ୍ତାରେ ଖାଲଖମା କିମ୍ବା ନର୍ଦ୍ଦମା ଗର୍ତ୍ତରେ ପଡ଼ି ଜୀବନ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ। କେବଳ ସେତିକି ନୁହେଁ, ହାଇକୋର୍ଟ ଖଣ୍ଡପୀଠ ଆହୁରି କହିଥିଲେ ଯେ, ସୁରକ୍ଷିତ ରାସ୍ତା ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ମଣିଷ ଜୀବନର ମୌଳିକ ଅଧିକାରର ଏକ ଅବିଚ୍ଛେଦ୍ୟ ଅଂଶ। କ୍ଷତିପୂରଣ ପ୍ରଦାନ ରାଶି ଦାୟୀ ବ୍ୟକ୍ତି ତଥା ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ କରାଯାଇପାରିବ ବୋଲି ବମ୍ବେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ୨୦୨୫ ଅକ୍ଟୋବର ୧୫ରେ ଆମେ ଏହି ସ୍ତମ୍ଭରେ 'ଦାୟିତ୍ୱଠାରୁ ଆବାଦ' ଶୀର୍ଷକ ଲେଖା ପ୍ରକାଶ କରିଥିଲୁ। ଦର୍ଶାଇଥିଲୁ ଯେ, ଦାୟିତ୍ୱରେ ଖିଲାପ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା କଥା ଏବଂ ଯେଉଁ ସରକାରୀ କର୍ମଚାରୀ ଅଘଟଣ ଘଟିବାର ବର୍ଷକ ମଧ୍ୟରେ ଅବସର ନେଇଥିବେ ତାଙ୍କ ପେନସନ୍‌ରୁ ମଧ୍ୟ କ୍ଷତିପୂରଣ ରାଶି ଭରଣା ହେବା ଦରକାର। ଏଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ସିଭିକ୍ ଆକାଉଣ୍ଟାବିଲିଟି ବା ନାଗରୀୟ ଉତ୍ତରଦାୟିତ୍ୱକୁ ବଢ଼ାଇବାରେ ସହାୟକ ହୋଇପାରନ୍ତା। ଆଉ ଏକ ବିଷୟ ହେଲା ନଏଡା ଯୁବକଙ୍କୁ ଉଦ୍ଧାର କରିବା ଲାଗି କାର୍ଯ୍ୟରେ ନିୟୋଜିତ ପୋଲିସ ଓ ଉଦ୍ଧାରକାରୀ ସଂସ୍ଥା କର୍ମଚାରୀଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିକଶିତ ଭାରତ କଥା ଉଠୁଛି। କୁହାଯାଉଛି ଯେ ଭାରତ ହେବ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି। ହେଲେ ନାଗରିକଙ୍କୁ ସର୍ବନିମ୍ନ ଭିତ୍ତିଭୂମି ସୁବିଧା ଓ ସୁରକ୍ଷା ଦେବାରେ ଅସମର୍ଥ ହେଉଥିବା ବ୍ୟବସ୍ଥା ବୃହତ୍ ଅର୍ଥନୀତିର ସ୍ୱପ୍ନ ଦେଖାଇବା ହାସ୍ୟାସ୍ପଦ ମନେହେଉଛି। ଏହା କେବଳ ନଏଡା କଥା ନୁହେଁ, ଭାରତର ବିଭିନ୍ନ ସ୍ଥାନରେ ବିଶେଷକରି ସହରାଞ୍ଚଳରେ ଖାଲଖମା ସଡ଼କ, ଭଙ୍ଗା ଇଲେକ୍ଟ୍ରିକ୍ ପୋଲ୍‌ରୁ ଝୁଲିପଡ଼ିଥିବା ତାର ଆଦିର ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳେ। କେଉଁଠି କେତେବେଳେ ଅଘଟଣ ଘଟିଲେ ସ୍ଥାନୀୟ ପ୍ରଶାସନ ଚିହିଁକି ଉଠେ। କିନ୍ତୁ ପରେ ଯେଉଁ କଥାକୁ ସେହି କଥା। ନଏଡା ଅଘଟଣ ଦେଶସାରା ଖବର ପାଲଟିଯିବାରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦର୍ଶାଇବାକୁ ଯାଇ ଉତ୍ତରପ୍ରଦେଶ ସରକାର ନଏଡା ଅଥରିଟି ସିଇଓଙ୍କୁ ପଦରୁ ବହିଷ୍କାର କରିଛନ୍ତି। ଇତିମଧ୍ୟରେ ରିୟଲ ଇଷ୍ଟେଟ ଡେଭଲପରଙ୍କୁ ଗିରଫ କରାଯାଇଥିବା ଶୁଣିବାକୁ ମିଳିଛି। ବାସ୍ତବରେ ସେହି ବ୍ୟକ୍ତିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଅଣାଯାଇ ଦଣ୍ଡିତ କରାଯିବା ଆବଶ୍ୟକ। କାରଣ ଏକ ବଡ଼ କୋଠା ନିର୍ମାଣ ଲାଗି ବେସ୍‌ମେଣ୍ଟ ସକାଶେ ଖୋଳାଯାଇଥିବା ଖାତରେ ବର୍ଷାପାଣି ଭର୍ତ୍ତି ହୋଇଥିବାରୁ ଏଭଳି ଦୁର୍ଘଟଣା ଘଟିଲା। ଏପରି ସ୍ଥଳେ ନିର୍ମାଣ କାର୍ଯ୍ୟ ସହ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଅବଶ୍ୟ ଏହା ମଧ୍ୟ ମନେରଖିବା ଦରକାର ଯେ, ଗିରଫ ହୋଇଥିବା ଡେଭଲପର ଖୁବ୍ ଅଳ୍ପଦିନ ମଧ୍ୟରେ ଜାମିନ ପାଇ ମୁକ୍ତ ନାଗରିକ ହୋଇଯିବେ।

ଅପରପକ୍ଷରେ ଯୁବରାଜଙ୍କ ଗାଡ଼ି ପାଚେରିରେ ଧକ୍କା ଖାଇ ଖାତକୁ ପଡ଼ିଯିବା ମଧ୍ୟ ତାଙ୍କ ଚାଳନା ଉପରେ ପ୍ରଶ୍ନ ଉଠାଉଛି। ସର୍ବଦା କୁହାଯାଉଛି ଯେ, ଦ୍ରୁତଗତିରେ ଗାଡ଼ିଚାଳନା ବିପଦ ଆଣିଥାଏ। ହୁସିଆର ହୋଇ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ମନ ସର୍ବଦା ସଜାଗ ରହିବା ଦରକାର ଯେ, ଅନ୍ୟ ଗାଡ଼ିଚାଳକଙ୍କ ବେପରୁଆ ବ୍ୟବହାର ମଧ୍ୟ ଦୁର୍ଘଟଣା ଘଟାଇପାରେ। ଅନେକ କ୍ଷେତ୍ରରେ ନିଶାସକ୍ତ ଡ୍ରାଇଭରଙ୍କ ଯୋଗୁ ମଧ୍ୟ ଅଘଟଣ ଘଟିଥାଏ। ଯୁବରାଜ ବହୁ ଜୋରରେ ଗାଡ଼ି ଚଳାଉଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ତାହା ଯଦି ସତ ହୋଇଥାଏ, ତେବେ ପ୍ରତ୍ୟେକ ନାଗରିକ ନିଜକୁ ସୁରକ୍ଷିତ ଭାବେ ଗତି କରିବା ଦିଗରେ ସଜାଗ ହେବା ଦରକାର। ପ୍ରତି କଥାରେ ଅନ୍ୟ କାହା ଉପରେ ସମ୍ପୂର୍ଣ୍ଣ ଦୋଷ ଲଦିବା ପୂର୍ବରୁ ସତର୍କତା ଅବଲମ୍ବନ କରାଯିବା ବ୍ୟକ୍ତିଗତ ସୁରକ୍ଷାର ମୌଳିକ ଚିନ୍ତା ହେବା ଆବଶ୍ୟକ ହୋଇପଡ଼ିଲାଣି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 4 | | | 7 | 5 | 1 | |
| | | 2 | | 3 | | | | |
| | | | | | | | | 8 |
| | | 9 | | | | | | |
| | | | 2 | | | | | 6 |
| 2 | | 8 | 4 | | 5 | | 7 | |
| | | | | | | | | |
| | | | 7 | 1 | | | | |
| 3 | | | 5 | 2 | | 9 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 5 | 4 | 7 | 9 | 6 | 1 |
| 9 | 4 | 1 | 8 | 6 | 2 | 5 | 3 | 7 |
| 5 | 7 | 6 | 9 | 3 | 1 | 8 | 2 | 4 |
| 7 | 3 | 8 | 6 | 1 | 5 | 2 | 4 | 9 |
| 2 | 1 | 9 | 7 | 8 | 4 | 6 | 5 | 3 |
| 6 | 5 | 4 | 2 | 9 | 3 | 7 | 1 | 8 |
| 1 | 6 | 5 | 3 | 7 | 9 | 4 | 8 | 2 |
| 8 | 9 | 3 | 4 | 2 | 6 | 1 | 7 | 5 |
| 4 | 2 | 7 | 1 | 5 | 8 | 3 | 9 | 6 |

ଗତକାଲିର ଉତ୍ତର

# ଆପଣା ପଣରେ ନାରୀ



ଗଣେଶ୍ୱର ନାୟକ

ରାଜା ବ୍ରାହ୍ମଣମାନଙ୍କୁ ପୁଚ୍ଛାକଲେ, 'ଯେଉଁ ଫଳ ଉପୁଜାଇ ସେ ଫଳ ଖାଇ କି ନ ଖାଇ'। ତହିଁକି ବ୍ରାହ୍ମଣ ବୋଇଲେ ଯେ ଯେଉଁ ଫଳ ଉପୁଜାଇ ସେ ଫଳ ଖାଇ। ସେଠାରୁ ରାଜା ନିଜ ଝିଅ ସଙ୍ଗେ ଅଙ୍ଗସଙ୍ଗ ହେଲେ। ସେ ଝିଅ ଗର୍ଭବତୀ ହେଲେ। ସେ କଥା ପ୍ରଘଟ ହେଲା। ସେଠାରୁ ରାଜା ବ୍ରାହ୍ମଣଙ୍କୁ ଏ ପାପର ପ୍ରାୟଶ୍ଚିତ୍ତ କଥା ପଚାରିଲାରୁ ତହିଁକି ବ୍ରାହ୍ମଣମାନେ କହିଲେ, ଦୁଇମାଠିଆ ପାଣି ଘେନି ଝିଅ ଚାଲିବ, ଯେଉଁଠି ତା' ଗୋଡ଼ରୁ ରୁଧିର ଜାତହେବ, ସେଇଠି ପୋଖରୀ ଖୋଳାଯିବ, ପୋଖରୀ ମଧ୍ୟ ଦୀପଦଣ୍ଡିରେ ଝିଅ ରହିବ। ଏ ଝିଅଙ୍କୁ ଏ ରୂପେ ଚଳାଇଲା ବେଳକୁ ରାଜ୍ୟ ଲୋକେ ଶୁଣି ବହୁତ ଉପହାସ କଲେ। ରାଜା ବଡ଼ ସଙ୍କୋଚ ପାଇଲେ, ଏ ଝିଅକୁ ନଅରକୁ ନେଲେ। ସେବେଳର ଏହା ଲିଖିତ ପ୍ରମାଣ, ପୁରୁଷ ଯାହାକରୁ ନାରୀର ସବୁ ଦୋଷ।

ସ୍ୱାଧୀନ ଭାରତରେ ନିର୍ଭୟା ନିର୍ଭୟରେ ଟିକେ ବୁଲିବା ବୋଧେ ଭୁଲ୍ ଥିଲା ତା'ର, ନିର୍ଯାତନା ସହିଲା, ନିଜର ଅଧିକାରକୁ ହରାଇଲା, ଅସମ୍ମାନିତ ହୋଇ ଜୀବନ ଦେଲା। ଯେଉଁମାନେ ଏ କର୍ମ କଲେ, ସେମାନଙ୍କୁ ସେ ଚିହ୍ନେନା କି ଜାଣେନା, ସେମାନଙ୍କର କିଛି ବି ସେ କ୍ଷତି କରିନି କେବେ, ସେମାନେ ବି ତାକୁ ମଣିଷ କରିବାରେ ସହଯୋଗ କରିନାହାନ୍ତି କେବେ। ତଥାପି ସେମାନେ ତାହାର ସବୁ ଅଧିକାର ଛଡ଼ାଇନେଲେ। ଏତେ ସବୁ ହରାଇଲା ପରେ ବି ତାକୁ ନ୍ୟାୟ ଦେବାକୁ ଅନେକ ବର୍ଷ ଲାଗିଗଲା।

କନ୍ୟାରତ୍ନଟିଏକୁ ମଣିଷ କରିବା କେତେ କଷ୍ଟ, ପିତାମାତା ହିଁ ଜାଣନ୍ତି। ଆଉ ଡାକ୍ତରଟିଏ କରି ସମାଜରେ ଠିଆ କରାଇବା ତା'ଠାରୁ ଆହୁରି କଷ୍ଟକର। ବିଚାରୀ ସବୁ ହରାଇଲା, ନିର୍ଯାତନାର ଶିକାର ହେଲା, ଜୀବନ ଥାଇ ଅଗ୍ନିରେ ଦାହହେଲା। ସେ ବି କାହାର କିଛି ଅନିଷ୍ଟ କରି ନ ଥିଲା। ଯେତେବେଳେ ଅଭିଯୁକ୍ତ ପିଶାଚଗଣ ପୋଲିସ ଗୁଳିରେ ମଲେ, ସାରା ଦେଶରେ ଆନନ୍ଦ ଖେଳିଗଲା, ଅତିଷ୍ଠ ନାଗରିକ ପୋଲିସକୁ ପୁଷ୍ପ ବର୍ଷଣକରି ଅଭିନନ୍ଦନ ଜଣାଇଲେ। ସତେ ଯେପରି ଅନେକ ନଦୀର ନୀରବତା, ସମୁଦ୍ରର ଗର୍ଜନ ବୋଧେ ଥିଲା। ଏହା ଥିଲା ସେଦିନର ହାଇଦ୍ରାବାଦ ଘଟଣା।

ଯେତେବେଳେ ଯାତ୍ରା, ନାଟକରେ ନାରୀଟିଏ ଅଭିନୟ କରୁଥିଲା, ସମାଜ ତାହାକୁ ନାଚବାଲୀ କହି ଅନେକ ତାଚ୍ଛଲ୍ୟ କରୁଥିଲା। ସମାଜ ସେମାନଙ୍କୁ ଉଚିତ ସମ୍ମାନ ଦେଉ ନ ଥିଲା। ତଥାପି ଅନେକ ମହିଳା ତାହାକୁ ଖାତିର ନ କରି, ସବୁ ଅପମାନ, ଯନ୍ତ୍ରଣାକୁ ସହି ସାଧନାରେ



ବ୍ରତୀ ରହିଲେ। ଫଳ ସ୍ୱରୂପ ନାଚଗୀତ କରୁଥିବା ଝିଅଟି ଆଜି ସମାଜରେ ଅନେକ ସମ୍ମାନ ପାଉଛି।

ଦିଲ୍ଲୀରେ ବ୍ୟାଙ୍କ୍ ଚାକିରି ପାଇଁ ଯୋଗ୍ୟ ବିବେଚିତ କିଛି ବିବାହିତ ମହିଳା ପ୍ରାର୍ଥୀଙ୍କୁ ବ୍ୟାଙ୍କ୍ କିଛିଦିନ ଅନ୍ତରରେ ନିଯୁକ୍ତି ଦେବ ବୋଲି ଘୋଷଣାକଲା। ସେମାନଙ୍କର ଦୋଷ ଥିଲା, ସେମାନଙ୍କର ଗର୍ଭଧାରଣ ୩ ମାସ ବିତିସାରିଥିଲା। ବ୍ୟାଙ୍କ ସେମାନଙ୍କୁ ଆଖ୍ୟା ଦେଲା, ସାମୟିକ ଅକ୍ଷମ। ବ୍ୟାଙ୍କର ନିୟମ ଯେଉଁମାନଙ୍କ ଗର୍ଭଧାରଣ ୩ମାସରୁ ଊର୍ଦ୍ଧ୍ୱ ହୋଇଥିବ, ସେମାନେ ସାମୟିକ ଅକ୍ଷମ ବର୍ଗରେ ଯିବେ। ସେମାନେ ପିଲା ଜନ୍ମର ୬ ସପ୍ତାହ ପରେ ନିଯୁକ୍ତି ପାଇବେ। ଗର୍ଭଧାରଣ ଜଣେ ନାରୀର ଅଧିକାର, ଅଧିକାର ସାବ୍ୟସ୍ତ କରୁଥିବା ଲୋକ ଗଣାହେବ ଅକ୍ଷମ ବର୍ଗରେ ? କି ରୁଗ୍‌ଣ ବିଚାର ସତେ ? ଏ ଘଟଣା ପ୍ରକାଶ ପାଇବା ପରେ ଅନେକଙ୍କୁ ଆଘାତ ଦେଲା। ଦିଲ୍ଲୀ ମହିଳା କମିଶନ ନିଜ ଆଡୁ ଏହାର ପ୍ରତିବାଦକଲେ। ଯୁକ୍ତି ବି ଦର୍ଶାଇଲେ, ନିଯୁକ୍ତି ନ ଦେବା ଦ୍ୱାରା ସେମାନେ ବରିଷ୍ଠତା ହରାଇବେ, ଏହା ଲିଙ୍ଗଗତ ବୈଷମ୍ୟକୁ ମଧ୍ୟ ତୋଳି ଧରୁଛି। ମହିଳା କମିଶନଙ୍କ ଆପତ୍ତି ଫଳରେ ଅନେକ ବ୍ୟାଙ୍କ ଏହିପରି ନିୟମକୁ ପ୍ରତ୍ୟାହାର କରିଥିଲେ। ଆମ ମଧ୍ୟରେ ପ୍ରଶ୍ନ ଉଠିପାରେ, ଏହି ନିୟମ ଠିକ୍ ବୋଲି। କିନ୍ତୁ ପ୍ରଗତି, ସମ୍ବେଦନଶୀଳ ପ୍ରସଙ୍ଗ, ବ୍ୟବସାୟିକ ପ୍ରସଙ୍ଗ ନୁହେଁ। ସଂଗଠିତ କ୍ଷେତ୍ରର ଅନୁଷ୍ଠାନ ପାଇଁ ଏକ ସମ୍ମାନ ଆଉ ସାମାଜିକ ଦାୟିତ୍ୱବୋଧ ମଧ୍ୟ। ସଂସାରରେ ଥିବା ସବୁ ପଶୁପକ୍ଷୀ, ଜୀବଜନ୍ତୁଙ୍କ ଦାୟିତ୍ୱ ଆମେ ନେଉନାହୁଁ। କିନ୍ତୁ ସେମାନେ ବି ବଞ୍ଚୁଛନ୍ତି। ଆଉ ମଣିଷ କ୍ଷେତ୍ରରେ ସେପରି ବିଚାରିବା ନା ମହତ୍ ବିଚାରକୁ ତୋଳି ଧରିବା ? ଆଉ ବିଂଶଶତାବ୍ଦୀ ଅତିକ୍ରାନ୍ତ ପରେ ଏଭଳି ବିଚାର କେତେ ଯୁକ୍ତିଯୁକ୍ତ ?

ପରିବାର ପୁରୁଷଟିଏକୁ ଯେତିକି ସମ୍ମାନ ଦିଏ, ନାରୀଟିଏକୁ ସେତିକି ସମ୍ମାନ ଏବେ ବି ଦେଉନାହିଁ। ପୁରୁଷ ପ୍ରଧାନ ସମାଜରେ ନାରୀଟିଏ ଘରେ ରହି ଘରର ସବୁ କାର୍ଯ୍ୟ ଦିନରାତି କଲେ ମଧ୍ୟ ତାହାର ମୂଲ୍ୟାଙ୍କନ ହେଉନାହିଁ ବା ତାହାର ଗୁରୁତ୍ୱ ଏତେଟା ରହୁନାହିଁ। ନାରୀଟିଏ ଉଚ୍ଚ ପାଟିରେ କଥାବାର୍ତ୍ତା କଲେ ଉଗ୍ରଚଣ୍ଡୀ ଏବଂ ଧୀରେ କଥାବାର୍ତ୍ତା କଲେ ମୌନମୁହିଁର ଆଖ୍ୟା ପାଉଛି। ଧୀର ଚାଲିରେ, କ୍ଷୀପ୍ର ଚାଲିରେ ବି ଅପମାନ ପାଉଛି। ନବେ ଦଶକ ପର୍ଯ୍ୟନ୍ତ ନାରୀଟିଏ ସାଇକେଲ ଚଳେଇବା ସମାଜ ଗ୍ରହଣ କରିପାରୁ ନ ଥିଲା। ସମୟ ବଦଳିଯାଇଛି, ଝିଅଟିଏ ସ୍କୁଟି ଚଳାଇଲେ ସମାଜ ଯଦିଓ ଗ୍ରହଣ କରିପାରୁଛି, କିନ୍ତୁ ବାଇକ୍ ଚଳାଇଲେ ନାନା ଅପମାନସୂଚକ ଶବ୍ଦ ଅର୍ଜନ କରୁଛି ଅର୍ଥାତ୍ ସମାଜ ଏବେ ବି ତାହାକୁ ଗ୍ରହଣ କରିପାରୁନାହିଁ।

ସବୁ ସମୟରେ ନାରୀ ଅବହେଳିତ ଓ ନିର୍ଯାତିତ। ଆମେ ଭାବିବା, ଆଗକାଳରେ କମ୍ ଥିଲା ଏବେ ଅଧିକ ବା ଆଗେ ଅଧିକ ଏବେ କମ୍, ତାହା ନୁହେଁ, ଆମେ ଦିନକୁ ଦିନ ଅଧିକ ଶିକ୍ଷିତ, ଦୀକ୍ଷିତ ହେଲେ ମଧ୍ୟ ଶତକଡ଼ାରେ ହିସାବ କଲେ ଆଗେ ଯେତିକି ନିର୍ଯାତନାର ହାର ଥିଲା ଏବେ ବି ସେତିକି ଶତକଡ଼ା ମଧ୍ୟ।

ଆଫଗାନିସ୍ତାନରେ ଅବସ୍ଥାପିତ ମୌଳବାଦୀ ସରକାର ଯେତେବେଳେ ହୁକୁମ ଜାହିରକଲା ବାଳିକାମାନେ ବିଦ୍ୟାଳୟ ଯାଇପାରିବେ ନାହିଁ ଓ ମହିଳାମାନେ ବାହାରେ କାର୍ଯ୍ୟ କରିପାରିବେ ନାହିଁ, ସେତେବେଳେ ସାରା ବିଶ୍ୱର ଜନଗଣ ଆଶ୍ଚର୍ଯ୍ୟ ପ୍ରକଟ କଲେ। କିନ୍ତୁ ଆମେ ଆମ ନାରୀକୁ ଶିକ୍ଷିତ କରିବାରେ କେତେ ଆଗ୍ରହ ପ୍ରକାଶ କରୁଛେ। ଆମେ କ'ଣ ନାରୀକୁ ସେତିକି ସୁବିଧା ଦେଇଛେ ? ନା, ନାରୀ ତାହାର ଅଧିକାର ଜାହିର କଲେ ଆମେ ଅବରୋଧ କରୁଛେ। ବାଲ୍ୟବିବାହ, ନାରୀ ନିର୍ଯାତନା ଆଜି ମଧ୍ୟ ସମାଜରେ ଦେଖାଦେଉଛି। ନାରୀଟିଏ ଜନପ୍ରତିନିଧି ହେଲେ ତାହାର ସ୍ୱାମୀ ସେ ସ୍ଥାନକୁ ଗ୍ରହଣ କରୁଛି। ନାରୀ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବାର ଅଧିକାରକୁ ଆମେ ଛଡ଼ାଇ ନେଉଛେ। ବାଳିକାଟିଏ ଶିକ୍ଷାନୁଷ୍ଠାନରେ ଅନେକ ନିର୍ଯାତନାର ଶିକାର ହେଉଥିବା ଦେଖିବାକୁ ମିଳୁଛି।

ଗୋଟିଏ ସମୟ ଥିଲା ନାରୀ ଶିକ୍ଷା ଅର୍ଜନକଲେ ପାପ ବୋଲି ଅଭିହିତ ହେଉଥିଲା। ନାରୀଟିଏ ବିଧବା ହେଲେ ପୁନର୍ବିବାହ କରିପାରୁ ନ ଥିଲା। ଏବେର ସମୟ ଅନେକ ବଦଳିଯାଇଛି ସତ, କିନ୍ତୁ ନାରୀ ଯେତିକି ଅଧିକାର ପାଇବା କଥା ସେତିକିରୁ ବଞ୍ଚିତ ହେଉଛି। ନିର୍ଯାତନାର ଶିକାର ହୋଇଥିବା ନାରୀଟିକୁ ସମାଜ ଆହୁରି ଦୋଷୀ ବୋଲି ବିଚାରୁଛି। ନିର୍ଯାତିତ ନାରୀ ଲୋକଲଜ୍ଜା ବା ଆହୁରି ନିର୍ଯାତନାର ଶିକାର ହେବା ଭୟରେ ଅଭିଯୋଗ କରିବାକୁ ଡରୁଛି। ନାରୀ ଅଧିକାର ପାଇଁ ଲଢ଼େଇ ଧୀର ହେଉଥିବା ସ୍ଥଳେ ନାରୀଟିଏ ନିର୍ଯାତିତ ହେବା ପାଇଁ ଯେତେବେଳେ କାରକ ହେଉଛି, ତାହା ନାରୀ ସମ୍ମାନକୁ ପ୍ରତିହତ କରୁଛି।

ନାରୀ ନୀରବରେ ସବୁ କଷ୍ଟ, ଅପମାନ, ଯନ୍ତ୍ରଣାକୁ ସହି ଆପଣା ପଣରେ ତାହାର ଅଧିକାର ସାବ୍ୟସ୍ତ କରିବାରେ ଚେଷ୍ଟା ଜାରି ରଖିଛି। ସମାଜର ବିଚାର, ହୀନମନ୍ୟତାକୁ ଦୂରେଇଲେ ହିଁ ନାରୀ ପ୍ରକୃତ ସମ୍ମାନ ପାଇବାରେ ସକ୍ଷମ ହେବ।

**ଗୋଗଳ, କାଏମା, ଯାଜପୁର**
**ମୋ: ୯୭୭୭୪୯୭୨୭**

# ସାମ୍ରାଜ୍ୟବାଦର ନଗ୍ନ ରୂପ




ରବିନାରାୟଣ ସାମଲ

ଶୀତଳ ଯୁଦ୍ଧର ଅବସାନ ପରେ ସାମ୍ରାଜ୍ୟବାଦୀ ଆମେରିକାର ଔଦ୍ଧତ୍ୟ ଯେ ବହୁଗୁଣା ବଢ଼ିଯାଇଛି, ଏଥିରେ କେହି ଦ୍ୱିମତ ହେବେ ନାହିଁ। କେତେକ ରାଷ୍ଟ୍ରରେ ସାମରିକ ଶକ୍ତି ପ୍ରୟୋଗ ସହିତ ସେଠାକାର ସରକାରକୁ ଗାଦିଚ୍ୟୁତ କରିବା, ରାଷ୍ଟ୍ର ନାୟକଙ୍କୁ ହତ୍ୟା କରିବା, ନିଜର ସଖୀ କଣ୍ଢେଇ ସରକାର ପ୍ରତିଷ୍ଠା କରିବା ଆଦି ଅପକୀର୍ତ୍ତିମାନ ଆମେରିକା ଅର୍ଜନ କରିଛି। ୧୯୯୧ରେ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିଥିବା ଅଭିଯୋଗ ଆଣି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡବ୍ଲ୍ୟୁ ଏଚ୍ ବୁଶ୍ ଇରାକ୍ ଉପରେ ଆକ୍ରମଣ କରିଥିଲେ ଏବଂ ସେଠାକାର ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଯାଇଥିଲା। ଠିକ୍ ସେହି କୌଶଳ ଅବଲମ୍ବନ କରି ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଅପହରଣ କରିନେଲେ ଡୋନାଲ୍ଡ ଟ୍ରମ୍ପ୍।

୧୯୮୯ରେ ପାନାମା, ୧୯୯୩ରେ ସୋମାଲିଆ, ୨୦୦୦ରେ ୟେମେନ୍, ୨୦୧୧ରେ ଲିବ୍ୟା ଆଦି ଦେଶ ଉପରେ ଆକ୍ରମଣ କରି ସେବସୁ ଦେଶର ଶାସନରେ ହସ୍ତକ୍ଷେପ କରିଥିଲା ଆମେରିକା। ନିକଟ ଅତୀତରେ ଇରାନ୍ ଉପରେ ଆକ୍ରମଣ କରି ସାମ୍ରାଜ୍ୟବାଦୀ ଚରିତ୍ରର ପୁନରାବୃତ୍ତି କଲା। ଏବେ ଇରାନ୍‌ରେ ଚାଲିଥିବା ବିକ୍ଷୋଭରେ ଆନ୍ଦୋଳନକାରୀଙ୍କୁ ସରକାରୀ ଅଫିସ ଦପ୍ତର ଦଖଲ କରିବାକୁ ଟ୍ରମ୍ପ୍ ସିଧାସଳଖ ଆହ୍ୱାନ ଦେଇଛନ୍ତି। ଗୋଟିଏ ଦେଶର ରାଷ୍ଟ୍ରପତି ଅନ୍ୟ ଗୋଟିଏ ସାର୍ବଭୌମ ଦେଶର ଆନ୍ଦୋଳନକୁ ଉସୁକାଇ ବାର୍ତ୍ତା ଦେବା ବିଶ୍ୱ ଇତିହାସରେ ବିରଳ। ଏହା ସହିତ ଦୀର୍ଘ ତିନି ବର୍ଷ ଧରି ରୁଷ୍- ୟୁକ୍ରେନ୍ ଯୁଦ୍ଧରେ ୟୁକ୍ରେନକୁ ପରୋକ୍ଷ ସହଯୋଗ, ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲର ଆକ୍ରମଣକୁ ସମର୍ଥନ ଆଦି ଘଟଣା ସାମ୍ରାଜ୍ୟବାଦର ନଗ୍ନରୂପକୁ ପରିପ୍ରକାଶ କରିଛି। ଗତ ୫୦ ବର୍ଷ ଭିତରେ ୮୪ଟି ଦେଶ ଉପରେ ୪୦୦ ଥର ଆକ୍ରମଣ କରିଛି ଆମେରିକା। ବିଶ୍ୱର ୮୦ଟି ଦେଶରେ ପ୍ରତିଷ୍ଠା କରିଥିବା ୮୭୭ଟି ସାମରିକ ଘାଟିକୁ ଏଥିପାଇଁ ନିୟୋଜିତ କରିଛି। ନିକଟରେ ବ୍ରିଟେନ୍‌ର ସାମରିକ ଘାଟିକୁ ବ୍ୟବହାର କରି ରୁଷ୍‌ର ତୈଳବାହୀ ଜାହାଜକୁ ଆମେରିକା ଅପହରଣ କରିଛି। ଭିଏତ୍‌ନାମ ଓ ଆଫଗାନିସ୍ତାନ ସହ ଯୁଦ୍ଧ କରି ନିଜ ଛେପକୁ ନିଜେ ଢୋକିଛି। ଏସବୁ ସତ୍ତ୍ୱେ ତା' ଚରିତ୍ରର କୌଣସି ପରିବର୍ତ୍ତନ ଘଟି ନାହିଁ। ଗୋଟିକ ପରେ ଗୋଟିଏ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାରେ ଲାଗିଛି।

ଭେନେଜୁଏଲା ଦକ୍ଷିଣ ଆମେରିକାର ଏକ ସ୍ୱାଧୀନ ରାଷ୍ଟ୍ର। ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଦସ୍ୟୁ ପରି ଅପହରଣ କରିବା, ହାତରେ କଡ଼ି ପକାଇ ନ୍ୟୁୟର୍କ ଜେଲ୍‌କୁ ନେଇଯିବା ଆଦି ଘଟଣା ମଧ୍ୟଯୁଗୀୟ ବର୍ବରତା। ଏହା ଆନ୍ତର୍ଜାତିକ ଆଇନର ଖୋଲା ଉଲ୍ଲଂଘନ। ସାରା ବିଶ୍ୱରେ ଏପରିକି ଆମେରିକାରେ ମଧ ଏହାର ପ୍ରତିବାଦରେ ଜୋରଦାର ବିକ୍ଷୋଭ ସଂଗଠିତ ହୋଇଛି। ଚାଇନା, ରୁଷ୍, କଲମ୍ବିଆ, ବ୍ରାଜିଲ୍ ଓ



ଉତ୍ତରକୋରିଆ ସମେତ ମିଳିତ ଜାତିସଂଘ ଏହାକୁ ନିନ୍ଦା କରିଛନ୍ତି। ମାତ୍ର ଇସ୍ରାଏଲ୍ ଓ ବ୍ରିଟେନ୍ ଏହାକୁ ସମର୍ଥନ କରିଛନ୍ତି। ଭାରତ ଏହାକୁ ନିନ୍ଦା ନ କରି 'ସମ ଦୂରତା' ନୀତି ପ୍ରୟୋଗ କରିଛି। ଦୁର୍ଭାଗ୍ୟ!

ଏଠାରେ ଜର୍ମାନୀର ବିଶିଷ୍ଟ କବି ମାର୍ଟିନ୍ ନିମୋଲର୍‌ଙ୍କ ବିଶ୍ୱ ବିଖ୍ୟାତ କବିତା 'ଫାଷ୍ଟ ଦେ କମ୍'ର କେତୋଟି ପଂକ୍ତିକୁ ଉଦ୍ଧାର କରାଯାଇପାରେ। ହିଟ୍‌ଲର୍‌ଙ୍କ ଶାସନକୁ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଥିଲେ- ''ସେମାନେ ବାନ୍ଧିନେଲେ ସମାଜବାଦୀଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ସମାଜବାଦୀ ନ ଥିଲି। ତା'ପରେ ସେମାନେ ବାନ୍ଧିନେଲେ ଶ୍ରମିକଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ଶ୍ରମିକ ନଥିଲି। ତା'ପରେ ସେମାନେ ବାନ୍ଧିନେଲେ ଇହୁଦୀଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ଇହୁଦୀ ନଥିଲି। ଶେଷକୁ ସେମାନେ ମୋତେ ବାନ୍ଧିନେଲେ/ ମାତ୍ର ମୋ ପାଇଁ ପଦେ କହିବାକୁ କେହି ନଥିଲେ।''

ସାମ୍ରାଜ୍ୟବାଦୀ ଆମେରିକାର ଔଦ୍ଧତ୍ୟ ଏମିତି ଅବସ୍ଥାରେ ଆସି ପହଞ୍ଚିଛି ଯେ, ଗୋଟିଏ ପରେ ଗୋଟିଏ ରାଷ୍ଟ୍ରକୁ ସେ ଆକ୍ରମଣ କରିବାରେ ଲାଗିଛି। ଅନ୍ୟ ରାଷ୍ଟ୍ରଗୁଡ଼ିକ ନୀରବଦ୍ରଷ୍ଟା ସାଜିଲେ କବି ନିମୋର୍‌ଙ୍କ କବିତାର ପଂକ୍ତି ଯେ ବାସ୍ତବ ରୂପ ନ ନେବ, ଏକଥା ଅବିଶ୍ୱାସ୍ୟ ନୁହେଁ।

ଭେନେଜୁଏଲାର ତୈଳ ଭଣ୍ଡାରକୁ କରାୟତ୍ତ କରିବାକୁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲେ ମଧ ଟ୍ରମ୍ପ୍ ବର୍ତ୍ତମାନ ହରଡ଼ଧିଘଣାରେ। ଆମେରିକୀୟ ତୈଳ କମ୍ପାନୀମାନେ ଏକ ଅନିଶ୍ଚିତ ଭବିଷ୍ୟତକୁ ଆଶଙ୍କା କରି ସେଠାରେ ପୁଞ୍ଜି ନିବେଶ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ଆର୍ଥିକ ଅବସ୍ଥା ସଙ୍କଟଜନକ। କର୍ମଚାରୀମାନଙ୍କୁ ବେତନ ଦେବାକୁ ଟ୍ରମ୍ପ୍ ପ୍ରଶାସନ ଅକ୍ଷମ। ହ୍ୱାଇଟ୍ ହାଉସ୍‌ର କର୍ମଚାରୀମାନଙ୍କ ଦରମା ବନ୍ଦ। ଦେଶରେ ବେରୋଜଗାରି ସଂଖ୍ୟା ଶତକଡ଼ା ୯ରେ ପହଞ୍ଚିଛି। ସେଥିଯୋଗୁ ବାହାର ଦେଶର ନାଗରିକମାନଙ୍କୁ ଆମେରିକାରୁ ବିଦା କରାଯାଉଛି। ପାଣ୍ଠି ଅଭାବକୁ ଦୃଷ୍ଟିରେ ରଖି ଜାତିସଂଘ ସମେତ ଅନ୍ୟ ବୈଶ୍ୱିକ ସଂସ୍ଥାର ୬୯ଟି ଚୁକ୍ତିରୁ ଆମେରିକା ନିକଟରେ ଓହରି ଯାଇଛି।

ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କାର୍ଯ୍ୟକଳାପ ଉନ୍ମାଦ ପ୍ରାୟ! ଏକଦା ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଲୋକଟି ବୋମା ବନ୍ଧୁକରେ କଥା କହୁଛନ୍ତି! ଗୋଟିଏ ପଟେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନ୍ତରଙ୍ଗ ବନ୍ଧୁ କହି ଅନ୍ୟ ପଟେ ପାକିସ୍ତାନର ସେନାଧ୍ୟକ୍ଷ ମୁନିର୍‌ଙ୍କୁ ଆଲିଙ୍ଗନ କରୁଛନ୍ତି। ଭାରତ ଉପରେ ବାଣିଜ୍ୟିକ ଶୁଳ୍କ କ୍ରମାଗତ ବଢ଼ାଇଚାଲିଛନ୍ତି। ଟ୍ରମ୍ପ୍‌ଙ୍କ ଏ ଧରଣର ନୀତି ଯୋଗୁଁ ସାରା ବିଶ୍ୱରେ ଅସ୍ଥିରତା ଓ ଉତ୍ତେଜନା ଦେଖାଦେଇଛି। କ'ଣ କେତେବେଳେ ଘଟିଯିବ ତାହାର କିଛି ଇୟତ୍ତା ନାହିଁ। ଭାରତ ଯେପରି ପ୍ରତିବାଦଶୂନ୍ୟ ନୀତି ଆପଣେଇଛି, ତାହାର ପରିଣତି ମଧ୍ୟ ଶୁଭଙ୍କର ନୁହେଁ। ଏଭଳି ପରିସ୍ଥିତିରେ ଶାନ୍ତିକାମୀ ଜନଗଣ ଚୁପ୍ ନ ରହି ସ୍ୱର ଉତ୍ତୋଳନ କରିବା ଦରକାର। ସାମ୍ରାଜ୍ୟବାଦର ପ୍ରତିରୋଧ ନିମିତ୍ତ ସବୁମନ୍ତେ ଉଦ୍ୟମ ହେବା ଜରୁରୀ।

**ମୋ: ୭୯୭୫୦୪୬୪୮୬**

## ଏଇ ଭାରତରେ

କେରଳର କନ୍ନୁର ଜିଲା ମାଲାବାର ଉପକୂଳରେ ରହିଛି ବୃହତ୍ ମ୍ୟାନ୍‌ଗ୍ରୁଭ ବା ହେନ୍ତାଳବନ, ଯାହା ରାଜ୍ୟର ମୋଟ ମ୍ୟାନ୍‌ଗ୍ରୁଭର ୪୩.୦୮ ପ୍ରତିଶତ। ଏହା ପାଖାପାଖି ୯ ବର୍ଗ କି.ମି. ଅଞ୍ଚଳରେ ବ୍ୟାପ୍ତ। ଏଠାରେ ୧୫ ପ୍ରଜାତିର ଗଛ ସହ ୮୭ ପ୍ରଜାତିର ମାଛ, ୮୩ ପ୍ରଜାତିର ପକ୍ଷୀ ଏବଂ ୧୩ ପ୍ରଜାତିର ସ୍ତନ୍ୟପାୟୀ ଜୀବ ରହିଛନ୍ତି। ଜୈବ ବିବିଧତା ଏବଂ ଲୋକଙ୍କ ଜୀବନ ଜୀବିକାରେ ପ୍ରମୁଖ ଭୂମିକା ନେଉଥବା ଏହି ହେନ୍ତାଳବନର ପାଖାପାଖି ୭୦-୭୫ ପ୍ରତିଶତ ଜବରଦଖଲରେ ଯାହା ସଂରକ୍ଷଣରେ ବାଧା ଉପୁଜାଇଆସୁଛି। ହେଲେ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଇଣ୍ଡିଆ ଦ୍ୱାରା କନ୍ନୁର କଣ୍ଡଲ ପ୍ରୋଜେକ୍ଟ ଆରମ୍ଭ କରାଯିବା ପରେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ଏହା ମାଧ୍ୟମରେ ଏବେ ସୁଦ୍ଧା ୩୭ ଏକର ଜବରଦଖଲମୁକ୍ତ କରାଯାଇଛି। ୨୦୨୨ରେ ଏହି ଟ୍ରଷ୍ଟ ଏସ୍‌ବିଆଇ ଫାଉଣ୍ଡେଶନ ସହ ମିଶି ପାଖାପାଖି ୩୪ ଏକରରେ ପୁନଃ ହେନ୍ତାଳ ବନ ସୃଷ୍ଟି କରାଯାଇଛି। କେବଳ ଏତିକି ନୁହେଁ, ୧ ଲକ୍ଷ ମ୍ୟାନ୍‌ଗ୍ରୁଭ ଚାରା ଗଛ ଥିବା ଏକ ନର୍ସରି କରାଯାଇଛି। ଏହା ସହ ୫ଟି ସାଟେଲାଇଟ୍ ନର୍ସରି କରାଯାଇ ବିଭିନ୍ନ ସ୍ଥାନକୁ ଚାରା ନିଆଯାଇ ରୋପଣ କରାଯିବାର ବ୍ୟବସ୍ଥା କରାଯାଇଛି। ଏଥିସହ ୪୦୦ ଗୋଷ୍ଠୀଭିତ୍ତିକ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏହା ୮୫,୦୦୦ ଲୋକଙ୍କ ନିକଟରେ ପହଞ୍ଚିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୧ ଜାନୁଆରୀ ୧୯୭୭

- ସରକାରୀ ଚାକିରି କ୍ଷେତ୍ରରେ ଚକ୍ଷୁହୀନ ଲୋକଙ୍କ ପାଇଁ କେତେକ ସ୍ଥାନ ସଂରକ୍ଷଣ ରଖାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।
- ପାକିସ୍ତାନ ଜାତୀୟ ଆସେମ୍ବ୍ଲିର ୨୦୦ ସ୍ଥାନ ପାଇଁ ପ୍ରାର୍ଥିପତ୍ର ଦାଖଲ କରାଯାଇଥିବା ପାକିସ୍ତାନ ରେଡିଓରୁ ଘୋଷଣା କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟାର 'ରାଜଧାନୀ' ଭୁବନେଶ୍ୱର

ମହାଶୟ,

ଖବରକାଗଜ ପଢ଼ିବା ବେଳେ ଦଣ୍ଡେ ଅଟକିଗଲି 'ରାଜଧାନୀରେ ବର୍ଷକରେ ୫୦୦ ଆତ୍ମହତ୍ୟା' ଶୀର୍ଷକରେ ପ୍ରକାଶିତ ଖବରରେ। ୨୦୨୫ ମସିହାରେ ୫୦୦ ଜଣ ଆତ୍ମହତ୍ୟା କରିଛନ୍ତି, ଯହିଁରୁ ୩୦୦ ଜଣ ବିଷପାନ ଓ ବାକି ୨୦୦ ଜଣ ବେକରେ ଦଉଡ଼ି ଦେଇ। ହତବାକ୍ ହୋଇଗଲି ପଢ଼ି। ବିଷୟର ଗମ୍ଭୀରତା ଓ ଗଭୀରତା ବୁଝାପଡ଼େ, ଯେହେତୁ ଏମାନଙ୍କ ମଧ୍ୟରେ ୩୨୦ ଜଣ ଯୁବପିଢ଼ିର। ଏକ ଅଧ୍ୟୟନରୁ ଜଣାଯାଏ, ପ୍ରେମରେ ବିଫଳତା, ପ୍ରତାରଣା ଓ ପାରିବାରିକ ବିବାଦରୁ ଯୁବପିଢ଼ି ମଧ୍ୟରେ ଆତ୍ମହତ୍ୟାପ୍ରବଣତା ବଢୁଛି। ସେମାନେ ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ବିତାଉଛନ୍ତି। ଧୀରେ ଧୀରେ ସମାଜର ମୁଖ୍ୟସ୍ରୋତରୁ ଦୂରେଇଯାଉଛନ୍ତି। ଯୁବବର୍ଗର ବର୍ତ୍ତମାନ ବହି ପଢ଼ିବା କମିଛି, ପ୍ରକୃତ ବନ୍ଧୁଙ୍କ ସଂଖ୍ୟା ହ୍ରାସପାଇଛି, ପରିବାର ସଦସ୍ୟଙ୍କ ସହ ମିଶିବା କମିଯାଇଛି। ଅନ୍ତର୍ମୁଖୀ ଭାବ ବଢ଼ିବା ଦ୍ୱାରା ନିଜ ମନର କଥା କାହା ଆଗରେ ନ କହିପାରି ମାନସିକ ଅବସାଦରେ ରହୁଛନ୍ତି। ବିଜନବେଳା ଓ ନୀରବ ମୁହୂର୍ତ୍ତର ପରିମାଣରେ ବୃଦ୍ଧି ଘଟିଛି – ଯାହା ଆଦୌ ଶୁଭଙ୍କର ନୁହେଁ। ଗୋଟିଏ ବର୍ଷରେ ଏତେ ସଂଖ୍ୟକ ଯୁବତୀଯୁବକ ଆତ୍ମହତ୍ୟା ପରିବାର, ସମାଜ ଓ ରାଷ୍ଟ୍ର ଲାଗି ଅତ୍ୟନ୍ତ କ୍ଷତିକାରକ ଏବଂ ଚିନ୍ତାଜନକ । ସମୂହ ପ୍ରୟାସ ଦ୍ୱାରା ଯୁବପିଢ଼ିଙ୍କ ଆତ୍ମହତ୍ୟା ଘଟଣାକୁ 'ଶୂନ' ରେ ପରିଣତ କରିବା ଆମ ସମସ୍ତଙ୍କର ଧ୍ୟେୟ ହେଉ।

**-ପ୍ରତାପ ନାୟକ, ଏମ୍‌ଆଇଜି-୭୫, କଳିଙ୍ଗବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନବ ନବ ବଇଭବ
ଚଉଦିଗେ ଭରେ,
ଅନ୍ତର ଦିନତାରେ
ନିଶିଦିନ ମରେଁ ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଚୌଦ୍ୱାର ଜେଲର ପୂର୍ବତନ ଜେଲର, ଅଧୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

- ଘଟଣା ଉପରେ ଗୃହ ବିଭାଗର ଉଦ୍‌ବେଗ
- ୨ ଅଧିକାରୀଙ୍କ ପାଇଁ ବଦନାମ ଜେଲ ବିଭାଗ



ଭୁବନେଶ୍ୱର,୨୦।୧(ତ୍ରିନାଥ ମହାନ୍ତି)

ଚୌଦ୍ୱାର ଜେଲରୁ ୨ କଏଦୀ ଫେରାର ହେବା ଘଟଣାକୁ ନେଇ ପୂର୍ବତନ ଜେଲର ଏବଂ ଅଧୀକ୍ଷକ ମୁହାଁମୁହିଁ ହୋଇଛନ୍ତି। ଦୁଇ ସରକାରୀ ଅଧିକାରୀଙ୍କ ପାଇଁ ପୂରା ଜେଲ ବିଭାଗ ବଦନାମ ହୋଇଛି। ତେଣୁ ଜେଲ ବିଭାଗ ୨ ଅଧିକାରୀଙ୍କୁ ସୋମବାର କାରଣଦର୍ଶାଅ ନୋଟିସ କରିଛନ୍ତି। ଉପରୋକ୍ତ ୨ ଅଧିକାରୀ ନିଜ ଆପତ୍ତି ଜେଲ ବିଭାଗକୁ ଜଣାଇବେ ବୋଲି ଜେଲ ଡିଆଇଜି ବୀରେନ ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଘଟଣା ଉପରେ ଗୃହ ବିଭାଗ ଉଦ୍‌ବେଗ ପ୍ରକାଶ କରିବା ସହ ଜେଲ ବିଭାଗକୁ ରିପୋର୍ଟ ମାଗିଛନ୍ତି। ସେପଟେ ଜେଲରୁ କଏଦୀ ଚମ୍ପଟ ସହ ଅବାଧ ନିଶାଦ୍ରବ୍ୟ ଚାଲାଣ ରୋକିବା ପାଇଁ ଜେଲରେ ଏଆଇ କ୍ୟାମେରା ଲାଗିବ ବୋଲି ସାହୁ କହିଛନ୍ତି। କୌଣସି କଏଦୀ ଚମ୍ପଟ ମାରିବା ପାଇଁ ଉଦ୍ୟମ କଲେ ଅଟୋମେଟିକ ଭାବେ ସାଇରନ ବାଜିବ। ପ୍ରଥମ ପର୍ଯ୍ୟାୟରେ ୧୮ଟି ଜେଲରେ ଏହି ଏଆଇ କ୍ୟାମେରା ଲାଗିବ। ଦ୍ୱିତୀୟ ପର୍ଯ୍ୟାୟରେ ଚୌଦ୍ୱାର ସର୍କଲ ଜେଲ, ଭୁବନେଶ୍ୱର ଝାରପଡ଼ା ଜେଲ, ବ୍ରହ୍ମପୁର ସ୍ପେଶାଲ ଜେଲ ଓ ସମ୍ବଲପୁର ଜେଲରେ ଏଆଇ କ୍ୟାମେରା ଲାଗିବା ପାଇଁ ସ୍ଥିର ହୋଇଛି ବୋଲି ଜେଲ ଡିଆଇଜି କହିଛନ୍ତି।

୨୦୨୫ ଅକ୍ଟୋବର ୩ରେ ଦୁଇ ଦୁର୍ଦ୍ଦାନ୍ତ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଚୌଦ୍ୱାର ସର୍କଲ ଜେଲରୁ ଫେରାର ହୋଇଯିବା ପରେ ଗୋଟିଏ ପରେ ଗୋଟିଏ ବିବାଦ ସାମ୍ନାକୁ ଆସିଛି। ବରିଷ୍ଠ ଅଧୀକ୍ଷକଙ୍କ କମ୍ପ୍ୟୁଟରରୁ ଭାଇରାଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଚିଠି ଭିତରେ କଟକ ରେଞ୍ଜ ଡିଆଇଜିଙ୍କୁ ବିଭିନ୍ନ ସମୟରେ କଏଦୀଙ୍କୁ ଆକ୍ରମଣ ସଂକ୍ରାନ୍ତ ଆଭ୍ୟନ୍ତରୀଣ ରିପୋର୍ଟ, ଜେଲର ୬ ଜଣିଆ ସିକ୍ୟୁରିଟି ଅଡିଟ ଟିମ ଦ୍ୱାରା ଜେଲରେ ଥିବା ସମସ୍ତ ଦୁର୍ବଳତା ଚିହ୍ନଟ ସଂକ୍ରାନ୍ତ ଜେଲ ଡିଜିଙ୍କୁ ଚିଠି, ଜେଲରେ ମୋବାଇଲ, ଗଞ୍ଜେଇ, ବ୍ରାଉନ୍ ସୁଗାର, ମାରଣାସ୍ତ୍ର କାରବାର ହେଉଥିବା ସଂକ୍ରାନ୍ତରେ ଆଭ୍ୟନ୍ତରୀଣ ଗୁଇନ୍ଦା ତଥ୍ୟ ସଂଗ୍ରହ ପାଇଁ ଗଠନ ହୋଇଥିବା ୨୦ଜଣିଆ ଟିମ ନିର୍ଦ୍ଦେଶନାମା ସଂକ୍ରାନ୍ତ ଚିଠି ଇତ୍ୟାଦି ରହିଛି। ସିଧାସଳଖ ଜେଲ ଡିଜିଙ୍କୁ ଜେଲ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଲେଖାଯାଇଥିବା ଚିଠି ବି ଏହି ୩୭୫ ପୃଷ୍ଠାରେ ରହିଛି। ଅନ୍ୟପଟେ ପରସ୍ପର ବିରୋଧରେ ଦେଇଥିବା ଏତଲାକୁ ନେଇ ପୁଣି ଥରେ ଉଭୟ ଅଧୀକ୍ଷକ ଓ ଜେଲର ମୁହାଁମୁହିଁ ହୋଇଛନ୍ତି। ବରିଷ୍ଠ ଜେଲ ଅଧୀକ୍ଷକ ସୁଜିତ ରାଉଳ ରବିବାର ସନ୍ତୋଷିନୀ ଦାଶଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଥିଲେ। ସନ୍ତୋଷିନୀ ଦାଶ ଚୌଦ୍ୱାର ଜେଲରୁ ବଦଳି ହେବା ପରେ ନୂଆ କରି କାର୍ଯ୍ୟରେ ଯୋଗ ଦେଇଥିବା ରଘୁରାଜ ମାଝୀଙ୍କୁ କ୍ୟାଣ୍ଟିନ ଆର୍ଥିକ କାରବାର ସମ୍ପର୍କିତ ଦସ୍ତାବିଜ ପ୍ରଦାନ କରି ନ ଥିଲେ। ଏପରି କି ସେ ଜେଲର ଅନେକ କଏଦୀଙ୍କୁ ବିନା କାରଣରେ ନିର୍ଯାତନା ଦେଇଥିବା ରେକର୍ଡ ରହିଛି। ୨ଦୁର୍ଦ୍ଦାନ୍ତ ଅପରାଧୀ ରାଜା ଓ ମଧୁକାନ୍ତଙ୍କୁ ସନ୍ତୋଷିନୀ ଦୁର୍ଗାପୂଜା ସମୟରେ ୨ ଥର ବିନା ଅନୁମତିରେ ଆଣିଥିବା ସଂକ୍ରାନ୍ତରେ ମଧ ରାଉଳ ଅଭିଯୋଗରେ ଦର୍ଶାଇଥିଲେ। ରାଉଳଙ୍କ ଅଭିଯୋଗକୁ ସନ୍ତୋଷିନୀ ଖଣ୍ଡନ କରିବା ସହ ପାଲଟା ଅଭିଯୋଗ ଆଣିଛନ୍ତି। ସନ୍ତୋଷିନୀଙ୍କ କହିବା ଅନୁଯାୟୀ, ପୂଜା ସମୟରେ କେବଳ ଫେରାର ୨ବିହାରୀ କଏଦୀ ଆସି ନ ଥିଲେ ବରଂ ସମସ୍ତ କଏଦୀ ବାହାରକୁ ଆସିଥିଲେ। ଜେଲରୁ ବାହାରି ଦୁର୍ଗାପୂଜା ଦେଖିବାକୁ କଏଦୀଙ୍କ ପାଇଁ କୌଣସି କଟକଣା ନ ଥିଲା। କ୍ୟାଣ୍ଟିନ ଟଙ୍କା ହେରଫେର ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ନୂଆ ଜେଲରଙ୍କୁ ଦାୟିତ୍ୱ ହସ୍ତାନ୍ତର ସମୟରେ କ୍ୟାଣ୍ଟିନ ଟଙ୍କା ସମ୍ପର୍କିତ ସମସ୍ତ ତଥ୍ୟ ଦସ୍ତାବିଜରେ ସ୍ପଷ୍ଟ ଉଲ୍ଲେଖ ରହିଛି। ତେଣୁ ଏଥିରେ କୌଣସି ପ୍ରକାର ସତ୍ୟାସତ୍ୟ ନଥିବା ସନ୍ତୋଷିନୀ କହିଛନ୍ତି। ଏହି ଘଟଣାରେ ମତାମତ ନେବାକୁ ଜେଲ ଡିଜି ସୁଶାନ୍ତ ନାଥଙ୍କୁ ଫୋନ୍ କରାଯାଇଥିଲେ ସୁଦ୍ଧା ସେ ଫୋନ୍ ଉଠାଇ ନ ଥିଲେ।

# ବାପପୁଅଙ୍କୁ ଆଜୀବନ ଜେଲ

## ଜମି ବିବାଦକୁ ନେଇ ହତ୍ୟା ମାମଲା


ବ୍ରହ୍ମପୁର,୨୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ଜମି ବିବାଦକୁ ନେଇ ୨୦୨୪ରେ ସାନଭାଇଙ୍କୁ ବଡ଼ଭାଇ ଓ ତାଙ୍କ ପୁଅ ମିଶି ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ଅଶାନ୍ତ କୁମାର ଦାଶ ଅଭିଯୁକ୍ତ ବାପପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ଓଡିଆର୍‌ପି କଲୋନୀ କଇଠା ଗ୍ରାମର ସୁରେନ୍ଦ୍ର ବେହେରା(୬୨) ଓ ତାଙ୍କ ପୁଅ ମୋହନ ବେହେରା (୩୫)। ଜେଲ ଭୋଗିବା ସହ ଉଭୟେ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବେ ବୋଲି ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

କଇଠା ଗ୍ରାମରେ ଭୀମ ବେହେରା ଓ ତାଙ୍କ ବଡ଼ଭାଇ ସୁରେନ୍ଦ୍ରଙ୍କ ଥିବା କିଛି ଜମିରେ ସେମାନେ କିଆ ଫୁଲ ଚାଷ କରି ବ୍ୟବସାୟ କରୁଥିଲେ। ତେବେ ଜମିକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ୨୦୨୪ ଫେବୃଆରୀ ୪ ତାରିଖ ଅପରାହ୍ନରେ ଭୀମ ନିଜ ଘର ବାହାରେ ଠିଆ ହୋଇଥିବା ବେଳେ ବଡ଼ଭାଇ ସୁରେନ୍ଦ୍ର ଓ ତାଙ୍କ ପୁଅ ମୋହନ ଟାଙ୍ଗିଆ ଓ କାତିଧରି ସେଠାରେ ପହଞ୍ଚିଥିଲେ। କୌଣସି କଥାକୁ ନେଇ ଭୀମଙ୍କ ସହ ସେମାନେ ଝଗଡ଼ା କରିଥିଲେ। ବାପପୁଅ ଟାଙ୍ଗିଆ ଓ କାତିରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଭୀମ ଗୁରୁତର ହୋଇ ତଳେ ପଡି ଯାଇଥିଲେ। ଘରୁ ତାଙ୍କ ସ୍ତ୍ରୀ ରାଧା ବେହେରା ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଆସିଥିବା ବେଳେ ବାପପୁଅ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଭୀମଙ୍କ ମୃତ୍ୟୁ ଘଟିସାରିଥିଲା। ଆହତ ରାଧାଙ୍କ ଅଭିଯୋଗକ୍ରମେ ନଂ.୫୪/୨୪ରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଅଭିଯୁକ୍ତ ସୁରେନ୍ଦ୍ର ଓ ମୋହନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀ ଥିବା ଆହତ ରାଧାଙ୍କ ବୟାନ ଏବଂ ଅନ୍ୟାନ୍ୟ ସାକ୍ଷୀମାନଙ୍କ ବୟାନକୁ ଭିତ୍ତିକରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରିଥିଲେ।

# ହ୍ୱାଟ୍ସ ଆପ୍‌ରେ ନ୍ୟୁଡ୍ ଭିଡିଓ କଲ୍ କରି ବ୍ଲାକମେଲ୍






ସାଇବର ଥାନା ପୋଲିସ ଦ୍ୱାରା ଗିରଫ ୫ ଅଭିଯୁକ୍ତ ଓ ଜବତ ଟଙ୍କା।

- ୮୮ ଲକ୍ଷ ଟଙ୍କା ସାଇବର ଠକେଇ ମାମଲାରେ ୫ ଗିରଫ
- ମୁଖ୍ୟ ଅଭିଯୁକ୍ତ ସରୋଜ ଫେରାର
- ୧୪ ଲକ୍ଷ ନଗଦ ଅର୍ଥ, ଅଳଙ୍କାର, ବାଇକ୍ ଜବତ
- ୭୨ ବର୍ଷୀୟ ବରିଷ୍ଠ ନାଗରିକ ଠକେଇର ଶିକାର

କଟକ,୨୦।୧(କାର୍ତ୍ତିକ ସାହୁ)

ଜଣେ ୭୨ ବର୍ଷୀୟ ବରିଷ୍ଠ ନାଗରିକଙ୍କୁ ପ୍ରଥମେ ହ୍ୱାଟ୍ସ ଆପ୍‌ରେ ନ୍ୟୁଡ୍ ଭିଡିଓ କଲେ। ପରେ ଉକ୍ତ ଭିଡିଓ କଲିଂର ରେକର୍ଡିଂ କରି ତାହା ପ୍ରଘଟ କରିଦେବା ଭୟ ଦେଖାଇ ସମ୍ପୃକ୍ତ ବୃଦ୍ଧଙ୍କୁ ବ୍ଲାକମେଲ୍ କଲେ। ବ୍ଲାକ୍‌ମେଲ କରି କଟକ ବିଡ଼ାନାସୀର ସମ୍ପୃକ୍ତ ବୃଦ୍ଧଙ୍କଠାରୁ ସାଇବର ଅପରାଧୀ ୮୮ ଲକ୍ଷ ଠକେଇ କରି ନେଇଯିବା ମାମଲାରେ କଟକ ସାଇବର ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପୋବଲା ଗ୍ରାମର ମନୋଜ କୁମାର ଜେନା (୨୭), ପ୍ରଫୁଲ୍ଲ କୁମାର ବିଶ୍ୱାଳ (୬୫), ସଂଗ୍ରାମ ଜେନା (୨୨), ବରୀ ଥାନା ଅନ୍ତର୍ଗତ ଉପୁଳ ଗ୍ରାମର ବାସୁଦେବ ରାଉତ (୨୫) ଏବଂ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳ ପ୍ରସାଦ ମହତାବ ରୋଡ୍‌ର ମନୋରଞ୍ଜନ ରାଉତରାୟ (୬୦)। ତେବେ ମାମଲାର ମୁଖ୍ୟ ଅଭିଯୁକ୍ତ ସରୋଜ କୁମାର ଜେନା ଫେରାର ଥିବା ପୋଲିସ କହିଛି। ସେମାନଙ୍କ ନିକଟରୁ ନଗଦ ୧୪ ଲକ୍ଷ ୪୬୦ ଟଙ୍କା, ୧୬ଟି ରୁପା ମୁଦ୍ରା, ୨ ହଳ ସୁନା କାନଫୁଲ, ୧ଟି ସୁନାମୁଦି, ଗୋଟିଏ ସୁନା ମଙ୍ଗଳସୂତ୍ର, ଗୋଟିଏ ସୁନା ଚେନ୍, ଗୋଟିଏ ରୁପା ଆର୍ମଲେଟ, ୨ଟି ବାଇକ୍ ପୋଲିସ ଜବତ କରିଛି। ଏଥିସହ ସେମାନଙ୍କ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜମା ଅଚଳ କରାଯାଇଛି। ଏହି ଅପରାଧ ସହ ଜଡ଼ିତ ଅନ୍ୟ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରାଯାଉଛି। ପରବର୍ତ୍ତୀ ସମୟରେ ଆଇନଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ କଟକ ସାଇବର ଥାନାରେ ଏକ ମାମଲା (ନଂ. ୦୯/୨୦୨୬) ରୁଜୁ ହୋଇଛି।

ସୂଚନାନୁସାରେ, ମୁଖ୍ୟ ଅଭିଯୁକ୍ତ ସରୋଜ ଦୁଇ ସହଯୋଗୀଙ୍କ ସହିତ ପ୍ରାଥମିକ ଅବସ୍ଥାରେ ୨୦୨୫ ଜାନୁଆରୀରେ ଫେସ୍‌ବୁକ୍ ଜରିଆରେ ପୀଡ଼ିତ ବୃଦ୍ଧଙ୍କୁ ଯୋଗାଯୋଗ କରିଥିଲେ। ଚତୁରତାର ସହ ସମ୍ପର୍କ ବଢ଼ାଇ କଟକର ବିଭିନ୍ନ ହୋଟେଲରେ ବ୍ୟକ୍ତିଗତ ଭାବେ ତାଙ୍କୁ ବାରମ୍ବାର ଭେଟିଥିଲେ। ଅଭିଯୁକ୍ତ ସରୋଜ ମେଡିକାଲ ଚିକିତ୍ସା କଥା କହି ୨୦୨୫ ମେ'ରେ ୧.୪୮ ଲକ୍ଷ ଟଙ୍କା ପୀଡ଼ିତଙ୍କଠାରୁ ଅନ୍‌ଲାଇନରେ ନେଇଥିଲେ। ବୃଦ୍ଧଙ୍କ ବିଶ୍ୱାସ ବୃଦ୍ଧି କରିବା ପାଇଁ ୨ ମାସରେ ସେ ଉକ୍ତ ଟଙ୍କା ଫେରସ୍ତ ଦେଇଥିଲେ। ପୁଣି ସରୋଜ ନିଜ ଝିଅ ଚିକିତ୍ସା ପାଇଁ ଟଙ୍କା ମାଗିଥିଲେ। ମାତ୍ର ବୃଦ୍ଧ ମନା କରିଦେଇଥିଲେ। ଏହାପରେ ସେ ଜଣେ ମହିଳାଙ୍କ ଦ୍ୱାରା ହ୍ୱାଟ୍ସଆପ୍‌ରେ ନ୍ୟୁଡ୍ କଲ୍ କରିଥିଲେ। ବୃଦ୍ଧ ଜଣଙ୍କ କଲ୍ ଉଠାଇବାରୁ ଅଭିଯୁକ୍ତ ସରୋଜ ତାହାକୁ ଗୁପ୍ତରେ ରେକର୍ଡିଂ କରିଥିଲେ। ପରବର୍ତ୍ତୀ ସମୟରେ ସେହି ରେକର୍ଡିଂ ସୋସିଆଲ ମିଡିଆରେ ପ୍ରଘଟ କରିଦେବାର ଭୟ ଦେଖାଇ ବିଭିନ୍ନ ସମୟରେ ୮୮ଲକ୍ଷ ଟଙ୍କା ତାଙ୍କଠାରୁ ନେଇଯାଇଥିଲେ। ଅନ୍ୟ ଅଭିଯୁକ୍ତମାନେ ସରୋଜଙ୍କୁ ଏଥିରେ ସହଯୋଗ କରିଥିଲେ। ଏନେଇ ବୃଦ୍ଧ ସାଇବର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି।

# ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ

ବଘିଆପଡା,୨୦।୧(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ କଉଡ଼ିଆତୋଳା ଗ୍ରାମ ନିକଟରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଉଡ଼ିଆ ତୋଳା ଗ୍ରାମର ସୁଶୀଲ ପ୍ରଧାନ। ସେ ମଙ୍ଗଳବାର ସନ୍ଧ୍ୟାରେ ନାରାୟଣ ନଗର ସାପ୍ତାହିକ ବଜାରରୁ ସଉଦା କରି ଘରକୁ ବାଇକ୍ ଯୋଗେ ଫେରୁଥିବା ବେଳେ କଉଡ଼ିଆ ତୋଳା ଗ୍ରାମ ନିକଟରେ ପୂର୍ବ ଶତ୍ରୁତାକୁ ନେଇ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


**NOTICE**

Royal Lagoon, Raghunathpur, Bhubaneswar -751024 (rlrwa@outlook.com; M: 9556939343) invites original painting manufacturers to take up painting inclusive of repair in their high-rised residential society of approximately 15,00,000 square feet. Site survey and collection of details by 27 January 2026 and submission of application by 16 February 2026.

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - ୭୫୧୦୦୧

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୪୪,୩୦,୫୦୧/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନ, ଭୁବନେଶ୍ୱର , ଓଡିଶା ର ୨ୟ ମହଲାରେ ହେବାକୁ ଥିବା ଅଡିଟୋରିୟମର ଫ୍ଲୋରିଙ୍ଗ** କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୪୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବା

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ ୨୦୨୬ ଅପରାହ୍ନ ୦୨:୦୦ ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ଭାରତ ସରକାର**
**ଅର୍ଥ ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ**
**ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧକ ମହାନିର୍ଦ୍ଦେଶାଳୟ**
**କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ**
**ହୋଟେଲ ସମ୍ରାଟ, ଚାଣକ୍ୟପୁରୀ, ନୂଆଦିଲ୍ଲୀ**
ଇମେଲ: cis.dgsystems@gov.in ୱେବ୍‌ସାଇଟ୍: www.cbic.gov.in

ଟେଣ୍ଡର ଆଇଡି: ୨୦୨୫_ଡିଆର୍‌ଇଭି_୮୮୯୨୫୮_୧ ତାରିଖ: ୨୧.୦୧.୨୦୨୬

**ନୋଟିସ**

**ସୀମା ଶୁଳ୍କ ଏକୀକୃତ ପ୍ରଣାଳୀ (ସିଆଇଏସ୍) ପାଇଁ କାର୍ଯ୍ୟାନ୍ୱୟନ ଏଜେନ୍ସି (ଆଇଏ) ଚୟନ ଲାଗି ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ନିମନ୍ତେ ଆର୍‌ଇଓଆଇ ଦସ୍ତାବିଜର କ୍ରୟ ତଥା ବିଡ୍ ଦାଖଲ କରିବାର ଶେଷ ତାରିଖ ବୃଦ୍ଧି**

ଭାରତର ରାଷ୍ଟ୍ରପତି, କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ ଅଧୀନସ୍ଥ ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟର ପ୍ରଧାନ ମହାପ୍ରବନ୍ଧକଙ୍କ ଜରିଆରେ ଟେଣ୍ଡର ଆଇଡି: ୨୦୨୫_ଡିଆର୍‌ଇଭି_୮୮୯୨୫୮_୧, ତାରିଖ: ୧୦।୧୨।୨୦୨୫ରିଖି ଅଧୀନରେ କଷ୍ଟମ୍ସ ଇଣ୍ଟିଗ୍ରେଟେଡ୍ ସିଷ୍ଟମ୍ (ସିଆଇଏସ) ନିମନ୍ତେ କାର୍ଯ୍ୟାନ୍ୱୟନ ଏଜେନ୍ସିର ମନୋନୟନ ପାଇଁ ଆଗ୍ରହୀ ବିଡରମାନଙ୍କଠାରୁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ କରିଥିଲେ, ଯେଉଁଠି ଆର୍‌ଇଓଆଇ ଦସ୍ତାବିଜ କ୍ରୟ ତଥା ବିଡ୍ ଦାଖଲର ଶେଷ ତାରିଖ ତା୨୧।୦୧।୨୦୨୬ରିଖି ଥିଲା।
ଆର୍‌ଇଓଆଇ ଦସ୍ତାବିଜ କ୍ରୟ ତଥା ବିଡ୍ ଦାଖଲର ଶେଷ ତାରିଖକୁ ତା୨୧।୦୧।୨୦୨୬ରିଖି ୧୭.୦୦ ଘଟିକା (ଆଇଏସ୍‌ଟି)ରୁ ତା୩୧।୦୧।୨୦୨୬ରିଖି ୧୭.୦୦ ଘଟିକା (ଆଇଏସ୍‌ଟି) ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।
ସମସ୍ତ ନିୟମ ଓ ସର୍ତ୍ତାବଳୀ ସମାନ ରହିବ। ଅଧିକ ବିବରଣୀ ପାଇଁ ଇ-ଟେଣ୍ଡର ୱେବ୍‌ସାଇଟ୍ https://eprocure.gov.in/eprocure/app ପରିଦର୍ଶନ କରନ୍ତୁ।
CBC 15502/11/0050/2526

**GOVERNMENT OF JHARKHAND**
AGRICULTURE, ANIMAL HUSBANDRY & CO-OPERATIVE DEPARTMENT
(CO-OPERATIVE DIVISION)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI

**Very Short e-Tender Notice**

Tender Notice No:- ICDP/RANCHI/13/2025-26 DATE:- 20.01.2026

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 100 MT Capacity Godown with Marketing Centre in Different Lamps Of District EAST SINGHBHUM (JAMSHEDPUR). | 33 | 11,70,98,685.00 | 10,000.00 | 11,71,000.00 | 12 Months |
| | (B) | Construction of 100 MT Capacity Godown with Marketing Centre in Different Lamps/Pacs Of Districts Garhwa, Latehar & Chatra. | 28 | 9,93,56,460.00 | 10,000.00 | 9,93,600.00 | |
| | (C) | Construction of 100 MT Capacity Godown with Marketing Centre in Different Lamps/Pacs Of Districts Saraikela-Kharsawan, Gumla, Simdega & lohardaga. | 24 | 8,51,62,680.00 | 10,000.00 | 8,51,700.00 | |
| 02. | | Date Of Publication of on Website | 29.01.2026 AT 11:00 AM | | | | |
| 03. | | Last Date & Time of Submission of bids | 06.02.2026 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, 4th Floor Pasupalan-Sahkarita Bhawan Singh More, Hesag, Hatia, Ranchi. 834003 | | | | |
| 05. | | Contact No of Procurement Officer | 7979780612, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 29.01.2026 at 11:00 AM to 06.02.2026 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 06.02.2026. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 09.02.2026.
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 371227 Co-opretive(25-26)D

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**OFFICE OF THE CMO I/C (M&HS) ISPAT GENERAL HOSPITAL**
REF. NO. IGH/KIT/ TENDER/2026-27/006/2026/001 DATED :08/01/2026

**TENDER CASE**

Sealed Tenders are invited from intending Tenderers for supply of dietary items to Ispat General Hospital, RSP, Rourkela from 01.04.2026 to 31.03.2027 in respect of the items mentioned below:-

| Sl No. | Schedule No. | Particulars | Number of items | Earnest money to be deposited | Security deposit |
|---|---|---|---|---|---|
| 1. | I | Grocery (Loose Items) | 8 Nos. | Rs. 15,000/- | 2.5% of order value |
| 2 | II | Vegetables | 25 Nos. | Rs. 15,000/- | -do- |
| 3 | IV | Fish | 1 No. | Rs. 15,000/- | -do- |
| 4 | V | Egg | 1 No. | Rs. 5000/- | -do- |
| 5 | VI | Fruits | 9 Nos. | Rs. 5000/- | -do- |
| 6 | VII | Bakery item | 1 No. | Rs. 5,000/- | -do- |
| 7 | VIII | Chicken | 1 No. | Rs. 5000/- | -do- |
| 8 | IX | Grocery (Packet Items) | 36 Nos. | Rs. 15,000/- | -do- |

Tender form can be obtained from the Office of the Asst. Manager (Kitchen) IGH, from 19th January 2026 (Monday) to 8th February 2026 (Sunday)till 3.00 pm.The tender will be received up to 4:00 PM on 9th February 2026 (Monday) in the Office of the Asst. Manager (Kitchen) IGH, Rourkela- 769005 and opened on 4:30 PM on the same day.

Dy, CMO (kitchen), IGH, RSP

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

**ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି**

**ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍**

**ପରିବେଶ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମୌଜା- ସିପାସୁରୁବୁଲି, ଜିଲ୍ଲା- ପୁରୀ, ଓଡ଼ିଶାଠାରେ ଅବସ୍ଥିତ ପ୍ଲଟ୍ ନଂ.- ୫୫୨ ଏବଂ ଖାତା ନଂ.- ୩୧୩ ଉପରେ ନିର୍ମିତ ହେଉଥିବା "ସି ରୋଜେସ୍" ନାମ ଓ ଶୈଳୀର ଆବାସିକ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୩ବି୦୩୮ଓଆର୍୧୪୩୯୬୫ (EC23B038OR143965), ତା୧୩।୦୪।୨୦୨୩ରିଖି ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବସାଇଟ୍‌ରେ ମଧ ଦେଖାଯାଇପାରିବ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଇଆଇଏ ନୋଟିଫିକେଶନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ପାଇଁ
କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)
ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2025-46, ତା.13.01.2026ରିଖ

**କାର୍ଯ୍ୟର ନାମ :** ସଣ୍ଟିଙ୍ଗ୍ ନେକ୍ କାର୍ଯ୍ୟର ଅନୁରୂପ ଷ୍ଟେସନଗୁଡ଼ିକର EI ପରିବର୍ତ୍ତନ : (1) DS ର ବ୍ୟବସ୍ଥା ସହିତ ହୀରାକୁଦ ଷ୍ଟେସନର R/5 ସମ୍ବଲପୁର ସୀମାଠାରେ 100M ବିଶିଷ୍ଟ ସଣ୍ଟିଙ୍ଗ୍ ନେକ୍‌ର ବ୍ୟବସ୍ଥା ଏବଂ ହୀରାକୁଦ ଠାରେ 26m R/6 ର ସମ୍ପ୍ରସାରଣ। (2) ଲୋକୋ ରିଭରସାଲ (Reversal) ନିମନ୍ତେ ଦୁଙ୍ଗୁରିପାଲି ଷ୍ଟେସନ ଠାରେ R/4 ର ଉଭୟ ସୀମାରେ 100m ଏସ୍/ନେକ୍ (S/Neck)ର ବ୍ୟବସ୍ଥା। (3) ଲୋକୋ ରିଭରସାଲ (Reversal) ନିମନ୍ତେ ଜଣାବାଞ୍ଜି ୟାର୍ଡ ସ୍ଥିତ ରାୟପୁର ସୀମାଠାରେ R/4 ରେ 100m ଏସ୍/ନେକ୍ (S/Neck)ର ବ୍ୟବସ୍ଥା। (4) ଲୋକୋ ରିଭରସାଲ (Reversal) ଡବ୍ଲ୍ୟୁ/ଓ ବୁକିଙ୍ଗ୍ ମେନ୍ ଲାଇନ୍ ନିମନ୍ତେ ବେଲସୋଣ୍ଡା ଷ୍ଟେସନର ଉଭୟ ସୀମାଠାରେ R/4 ରେ 100m ଏସ୍/ନେକ୍ (S/Neck)ର ବ୍ୟବସ୍ଥା। (5)କୋମାଖାନ (KMK) ଷ୍ଟେସନର ରାୟପୁର ସୀମା ସ୍ଥିତ R/4 ରେ 100m ସଣ୍ଟିଙ୍ଗ୍ ନେକ୍ ର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 1,59,80,616.95, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,29,900/-।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.02.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର)/ ସମ୍ବଲପୁର
PR-1025/Q/25-26

Canara Bank / Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ୍, ୟୁନିଟ୍ ନଂ.:୧୭, ମାଛୁଆ ବଜାର, କଟକ-୭୫୩୦୦୧, ମୋ.: ୭୯୭୮୫୪୮୪୮୩/୮୨୪୯୪୨୩୨୬୦

**ଗାଡି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡି କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| କ୍ର. ନଂ. | ଶାଖାର ନାମ / ଫୋନ୍ ନଂ. | ଋଣଗ୍ରହୀତାମାନଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି |
|---|---|---|---|---|
| ୧. | କଳରାବାଙ୍କ ଶାଖା (୫୨୪୯) / ୭୬୦୫୦୦୯୦୮୫ | ରଶ୍ମି ରଞ୍ଜନ ଶତପଥୀ / ୧୭୦୦୦୪୭୮୦୦୪୮ / ୨୧.୦୫.୨୦୨୨ | TATA MOTORS LTD ACE HT Regd. No.: OD-05-BF-0920 | ଟ.୧,୬୦,୦୦୦/- / ଟ.୧୬,୦୦୦/- |
| ୨. | ଉଉରଣ ଶାଖା (୪୪୨୪) / ୭୦୦୮୬୫୬୨୨୪ | ଅବିନାଶ ମହାନ୍ତି / ୧୬୧୦୦୧୦୨୨୯୫୮ / ୨୭.୦୯.୨୦୨୨ | YAMAHA FZS Regd. No.: OD-05-BG-7147 | ଟ.୫୦,୦୦୦/- / ଟ.୫,୦୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:**

୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "........................ କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ୍ ପ୍ରକାଶନର ୭ ଦିନ ମଧ୍ୟରେ ଅର୍ଥାତ୍ ତା.୨୮.୦୧.୨୦୨୬ରିଖ ସୁଦ୍ଧା ଦାଖଲ କରିବେ। ପ୍ରସ୍ତାବଗୁଡିକ ତା.୨୯.୦୧.୨୦୨୬ରିଖ ଦିନ ଖୋଲାଯିବ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ କାନାରା ବ୍ୟାଙ୍କ ସପକ୍ଷରେ କଟକକୁ ପୈଠ ଦର୍ଶାଇ ତା.୨୮.୦୧.୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବେ।
୩. ଗାଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ତା.୨୮.୦୧.୨୦୨୬ରିଖ ସୁଦ୍ଧା ଯାଞ୍ଚ କରିପାରିବେ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡ଼ାନ୍ତ ହେବା ତାରିଖର ୭ ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଟିକସ, ଚାଲାଣ ଏବଂ ବୀମା ଦେୟ ଆଦି ଖର୍ଚ୍ଚ ବହନ କରିବେ।

ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।

ସ୍ଥାନ: କଟକ, ତାରିଖ: ୨୦.୦୧.୨୦୨୬ ସ୍ୱା/- ବରିଷ୍ଠ ପ୍ରବନ୍ଧକ, କାନାରା ବ୍ୟାଙ୍କ

**Government of Odisha** No.A-1303
**e-Procurement Notice**
**Bid Identification No. : CCE, KIP-(KCD-I)-8/2025-26**
**(Pertaining to Kanpur Canal Division-I, Jhumpura)**

| | | | |
|---|---|---|---|
| 1. | Name of the Work | : | "Construction of Additional Structure from RD 18710m to RD 37620m Kanpur Main Canal of Kanupur Irrigation project." |
| 2. | Estimated cost | : | Rs.686.39 Lakh |
| 3. | Period of completion | : | 09 (Nine) Calendar Months including rainy season |
| 4. | Date & Time of availability of Bid documents in the portal | : | 21.01.2026 from 10.00 Hours to 04.02.2026 up to 17.00 Hours |
| 5. | Last date / Time for receipt of bids in the portal | : | 04.02.2026 up to 17.00 Hours |
| 6. | Date & Time of opening of tender | : | 05.02.2026 at 11.00 Hours |
| 7. | Name & Address of the officer inviting Bid | : | Er. Mahendra Kumar Behera Chief Construction Engineer, Kanupur Irrigation Project, At/ PO-Basudevpur, Dist-Keonjhar, Odisha-758047 |

Further details can be seen from the e-Procurement portal "https://www.tendersodisha.gov.in."


Sd./- (Er. Mahendra Kumar Behera)
Chief Construction Engineer,
Kanupur Irrigation Project,
Basudevpur, Keonjhar, Odisha

OIPR-

See Career Appointment on every Wednesday & Saturday

**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**

लापताः आवश्यक सूचना



गुमशुदा महिला पिंकी देवी, उम्र–करीब 33 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक पिंटू राम के द्वारा अपनी पत्नी पिंकी देवी, उम्र–करीब 33 वर्ष की गुमशुदगी के संबंध में संबंधित थाना जुगसलाई में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा पिंकी देवी, उम्र–करीब 33 वर्ष, पति–पिंटू राम, पता–बंगाली पाड़ा, आर0पी0 पटेल स्कूल के पीछे जुगसलाई, थाना–जुगसलाई, जिला–पूर्वी सिंहभूम, जमशेदपुर जो दिनांक–18.12.2025 को समय शाम करीब 07–08 बजे अपने घर से बिना बताये निकली है अभीतक वापस नहीं लौटी है। महिला का मानसिक स्थिति ठीक नहीं है। आवेदक एवं इनके परिजनों के द्वारा अपने स्तर से काफी खोजबीन किया गया लेकिन गुमशुदा का कुछ पता नहीं चल सका है। गुमशुदा महिला का हुलिया निम्न प्रकार है :–उम्र–33 वर्ष, कद–05 फीट, रंग–सॉवला, चेहरा–गोल, बाल–काला, पहनावा– पीले रंग की साड़ी, गुलाबी रंग का चप्पल, भाषा–हिन्दी और भोजपुरी।

अतः अनुरोध है कि गुमशुदा महिला पिंकी देवी, उम्र–करीब 33 वर्ष को खोजबीन/ पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, (विधि–व्यवस्था) : 9431706482
थाना प्रभारी, जुगसलाई : 9431706495

PR 371132 Police(25-26)D वरीय पुलिस अधीक्षक,पूर्वी सिंहभूम, जमशेदपुर।

# କଳାହାଣ୍ଡି ଜିଲାରେ ଧାନକିଣା ବାଟବଣା

## ଦିନକୁ ଦେଢ଼ଲକ୍ଷ କୁଇଣ୍ଟାଲ ଉଠୁଛି

ଭବାନୀପାଟଣା,୨୦।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଖରିଫ ଧାନବିକ୍ରି ବ୍ୟବସ୍ଥା ବାଟବଣା ହୋଇପଡିଛି। ଟୋକନ କଟକଣା, ଧାନ ଉଠାଣରେ ମନ୍ଥରତା, କଟ୍‌ନିଛଟ୍‌ନି ଆଦି ସମସ୍ୟା ଯୋଗୁ ଅନେକ ଚାଷୀ ଏ ପର୍ଯ୍ୟନ୍ତ ଖରିଫ ଧାନ ବିକ୍ରି କରିପାରି ନାହାନ୍ତି। ଜିଲାରେ ଦିନକୁ ଦେଢ଼ଲକ୍ଷ କୁଇଣ୍ଟାଲ ଧାନ ଉଠାଣ କରାଯାଉଥିବା ସତ୍ତ୍ୱେ ଗତବର୍ଷ ଖରିଫ ଧାନ କିଣାଠାରୁ ପଛରେ ଚାଲିଛି। ମିଳିଥିବା ସୂଚନା, ଅନୁଯାୟୀ ଗତବର୍ଷ ଖରିଫରେ ଜିଲାର ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୬୦ ଲକ୍ଷ ୯୬ ହଜାର ୮୦୭ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ପୁନଶ୍ଚ ଉକ୍ତ ବର୍ଷ ୧ ଲକ୍ଷ ୧୪ ହଜାର ୫୮୫ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିଲେ। ତେବେ ଚଳିତ ବର୍ଷ ଖରିଫରେ ୧ ଲକ୍ଷ ୨୧ ହଜାର ୧୮୧ ଜଣ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି, ଗତ ବର୍ଷଠାରୁ ୬୫୬୯ ଜଣ ଅଧିକ ରହିଛନ୍ତି। ଖରିଫରେ ୬୦ ଲକ୍ଷ ୯୬ ହଜାର ୮୦୭ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବାବେଳେ ଏଥର ପ୍ରାୟ ୬୪ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହେବ ବୋଲି ଅନୁମାନ କରାଯାଉଛି। ଜିଲାରେ ସୋମବାର ସୁଦ୍ଧା ୮୫ ହଜାର ୩୦ ଜଣ ଚାଷୀ ୪୦ଲକ୍ଷ ୨୯ ହଜାର ୫୧୯ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡିଛି। କେବଳ ସୋମବାର ଗୋଟିଏ ଦିନରେ ୨୪୯୭ ଜଣ ଚାଷୀଙ୍କ ୧ଲକ୍ଷ ୫୧ ହଜାର ୬୦୫ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଗତବର୍ଷ ଏହି ଦିନରେ ୮୫ ହଜାର ୯୬୧ ଜଣ ଚାଷୀ ୪୩ ଲକ୍ଷ ୫୨ ହଜାର ୮୩୯ କୁଇଣ୍ଟାଲ ଧାନ ବିକ୍ରି କରିସାରିଥିଲେ। ବର୍ତ୍ତମାନ ଜିଲାର ହଜାର ହଜାର ଚାଷୀ ଧାନ ବିକ୍ରି ଆଶାରେ ହାଡ଼ଭଙ୍ଗା ଶୀତରେ ମଣ୍ଡିରେ ପଡିରହିଛନ୍ତି। ସେହିପରି କେତେଜଣଙ୍କ ଟୋକନ ପଛରେ ରହିଥିବାରୁ ସେମାନେ ଖଳାରେ ଧାନ ରଖି ଟୋକନ ତାରିଖକୁ ଜଗି ବସିଛନ୍ତି। ଅନେକ ଚାଷୀଙ୍କ ଟୋକନ ଅବଧି ସରିଯିବା ସମ୍ଭାବନା ଥିବାବେଳେ ପରବର୍ତ୍ତୀ ରବି (ଡାଲୁଅ) ଫସଲର ଚାଷକାର୍ଯ୍ୟ ପ୍ରସ୍ତୁତି ପାଇଁ ସେମାନେ ସମସ୍ୟାର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ଏହାକୁ ନେଇ ଚାଷୀମାନେ ଏବେ ଅଡୁଆରେ ପଡ଼ିଛନ୍ତି। ଅନ୍ୟପକ୍ଷରେ, ଗତ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଜିଲା ଗସ୍ତରେ ଆସିଥିଲେ। ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'ର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଚାଷୀମାନଙ୍କୁ ଧାନ ବିକ୍ରି କରିବା ପାଇଁ ଅଧର୍ଯ୍ୟ ନ ହେବା ସହ ସମସ୍ତଙ୍କ ଧାନ ଉଠାଣ କରାଯିବ ବୋଲି କହିଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଦିନକ ପରେ ଅର୍ଥାତ୍ ସୋମବାର ଜିଲାରେ ୧ଲକ୍ଷ ୫୧ ହଜାର ୬୦୫ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ଶୁକ୍ରବାର ୧ ଲକ୍ଷ ୬୦ ହଜାର ୫୫୨ କୁଇଣ୍ଟାଲ ଧାନ ଉଠାଣ କରାଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।


ଜିଲାର ଏକ ମଣ୍ଡିରେ ଧାନ କ୍ରୟ ଚାଲିଛି।

## ସଂକ୍ଷେପରେ

### ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଡୁଣ୍ଡଲା,୨୦।୧ (ଫିରୋଜ କୁମାର ଦାଶ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଡୁଣ୍ଡଲା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ବରଗଡ଼ ଜିଲା ମେଲଛାମୁଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ଼. ପ୍ରଦୀପ କୁମାର ପ୍ରଧାନ ମୁଖ୍ୟ ବକ୍ତା ଓ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ, ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ପଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଜିତେନ୍ଦ୍ର କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଗୋପାଳ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### କୃଷି ବିଜ୍ଞାନ କେନ୍ଦ୍ରରେ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ନୂଆପଡ଼ା,୨୦।୧ (ମକାରୁ ବେମାଲ) : ନୂଆପଡ଼ା କୃଷିବିଜ୍ଞାନ କେନ୍ଦ୍ରଠାରେ ୨୧ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଭାସୀ ଜରିଆରେ ସଭାପତି ଭାବରେ ଓୟୁଏଟି ଭୁବନେଶ୍ୱର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଯୋଗ ଦେଇଥିଲେ। ଜିଲାସ୍ତରୀୟ କୃଷି ଓ ଆନୁସଙ୍ଗିକ ବିଭାଗ ମୁଖ୍ୟ, ସ୍ୱେଚ୍ଛାସେବୀ ସଂଗଠନ ଓ ଏଫ୍‌ପିଓ ପ୍ରତିନିଧି, ପ୍ରଗତିଶୀଳ କୃଷକ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ନୂଆପଡ଼ାର ମୁଖ୍ୟ ବୈଜ୍ଞାନିକ ଲବ ସୋରେନ ରବି ୨୦୨୪-୨୫, ଖରିଫ ୨୦୨୫-୨୬ ବର୍ଷର କାର୍ଯ୍ୟଖସଡା ଉପସ୍ଥାପନ କରିଥିଲେ। ଏହାସହ ୨୦୨୬-୨୭ ବର୍ଷ ପାଇଁ ପ୍ରସ୍ତାବିତ କାର୍ଯ୍ୟ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। କୃଷକ ସମାଜର ଉନ୍ନତି ପାଇଁ ବିଭିନ୍ନ କୃଷି ବୈଷୟିକ ଜ୍ଞାନକୌଶଳ ଦ୍ୱାରା କିପରି ଉଦ୍ୟୋଗ ଭିତ୍ତିକ ଚାଷ କରାଯାଇପାରିବ ସେ ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ନୂଆପଡାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ମୃତ୍ତିକା ବୈଜ୍ଞାନିକ ଡା. ଗୋବିନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ଦେ ମାତରମ୍ ସାମୂହିକ ଗାନ କାର୍ଯ୍ୟକ୍ରମ

କୋକସରା,୨୦।୧ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ): କୋକସରା ବ୍ଲକ ପଞ୍ଚାୟତ ସମିତି ଡିଗ୍ରୀ ମହା ବିଦ୍ୟାଳୟଠାରେ ମଙ୍ଗଳବାର ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାମୂହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋକସରା ବିଡିଓ ଡ. ହିମାଞ୍ଚଳ ମାଝୀ, ବିଇଓ ମହେଶ କୁମାର ଭାଟି, ତହସିଲଦାର ଚୌଡଗଙ୍ଗ ପ୍ରଧାନ, ଏବିଇଓ ତୋଫାନ ମାଝୀ, ଡିଗ୍ରୀ କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେର, ଜବାହର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା, ସାଂସଦ ପ୍ରତିନିଧି ଭାବେ ଦୁର୍ଗା ପ୍ରସାଦ ପ୍ରଧାନୀ, ଟେମେରା ସରପଞ୍ଚ କ୍ଷିତୀରାମ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ସାମୂହିକ ବନ୍ଦେ ମାତରମ' ଗାନ କରିଥିଲେ। ଶିକ୍ଷକ ନୀଳାମ୍ବର ଦାସ ସଂଗୀତ ଗାନ କରିଥିଲେ।

### ଏନ୍‌ଏସିସ୍ତରୀୟ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ

କେସିଙ୍ଗା,୨୦।୧ (ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ସ୍ତରୀୟ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ଅଧ୍ୟକ୍ଷତାରେ ବିଦ୍ୟାପୀଠ ଖେଳ ପଡିଆଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହରର ସମସ୍ତ ସ୍କୁଲ ଓ କଲେଜରୁ ଶତାଧିକ ଛାତ୍ରୀଛାତ୍ର ଭାଗନେଇଥିଲେ। ବନ୍ଦେ ମାତରମ୍ ଗୀତର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏହାକୁ ସାମୂହିକ ଗାନ କରାଯାଇଥିଲା। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ଯାଦବ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାରୀ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏବିଡିଓ ସିଦ୍ଧେଶ୍ୱର ମେହେରଙ୍କ ସମେତ କାଉନସିଲର, ବିଭିନ୍ନ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ମହିଳା ଗ୍ରୁପ୍ ସଦସ୍ୟ ସାମିଲ ହୋଇଥିଲେ।

# କ୍ଲଷ୍ଟରସ୍ତରୀୟ ଟିଏଲ୍ଏମ୍ ମେଳା ଉଦ୍‌ଯାପିତ

ଖଡ଼ିଆଳ,୨୦।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ବରଗାଁ କ୍ଲଷ୍ଟରସ୍ତରୀୟ ଟିଏଲ୍ଏମ୍ ମେଳା ସିଆର୍‌ସିସି ଓମ୍ ପ୍ରକାଶ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ବିଇଓ କାହ୍ନୁ ଚରଣ ନାଏକ ମୁଖ୍ୟ ଅତିଥି ଓ ଏବିଇଓ ଜୟଦେବ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତିଶ ଚନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର କ୍ଷତ୍ରି, ସିଆର୍‌ସିସି ସଂଘ ସଭାପତି ଖଗେଶ୍ୱର ବାଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପରେ କ୍ଲଷ୍ଟର ଅର୍ନ୍ତଗତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ କର୍ମଶାଳା ହୋଇଥିଲା। ଆର୍‌ପି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଶୋବନ୍ତ ନାରାୟଣ ପଣ୍ଡା, ହେମନ୍ତ କୁମାର ମେହେର ଯୋଗଦାନ କରି ଟିଏଲ୍ଏମ୍ ବିଷୟରେ କେମିତି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଦିଆଯାଇ ପାରିବ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ଶୁରିୟା ସୁଲତାନା, ଅନୁପମା ଦୀପ, ଦେବ କୁମାର ବନଛୋର, ଲତିକା ମଞ୍ଜରୀ ରାଉତ, ରଥି ମେହେର, ରାଜେଶ ପଣ୍ଡା, ପୁଷ୍ପାଞ୍ଜଳି ବେସ୍ରା, ଇନ୍ଦ୍ର ପହରିଆ, ମୋହିନୀ ତାଣ୍ଡି ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରି ତାଲିମ ଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ଦେବ କୁମାର ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।

# ଧରିତ୍ରୀ ପ୍ରଭାବ: ହିତାଧିକାରୀଙ୍କୁ ମିଳିଲା ଚାଉଳ

ଥୁଆମୂଳ ରାମପୁର, ୨୦।୧ (ଦୁର୍ଗା କୀର୍ତ୍ତି)

ଥୁଆମୂଳ ରାମପୁର ବ୍ଲକ ବଡ଼ଛତ୍ରଙ୍ଗ ପଞ୍ଚାୟତ ଚମ୍ପାଗୁଆଁ ଗ୍ରାମର ହିତାଧିକାରୀ ଚଳିତ ବର୍ଷର ୩ ମାସର ପିଡିଏସ୍ ଚାଉଳ ପାଇବାରୁ ବଞ୍ଚିତ ଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ସ୍ଥାନୀୟ ପ୍ରଶାସନ ତତ୍ପରତା ପ୍ରକାଶ କରି ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିଛି। ସୂଚନା ଅନୁସାରେ ଗୋଦାମରେ ଚାଉଳ ଥିଲେ ହେଁ କୌଣସି କାରଣରୁ ବଣ୍ଟନରେ ବିଳମ୍ବ ଘଟିଥିଲା। ଏ ସମ୍ପର୍କରେ ଗତ ଶନିବାର ହିତାଧିକାରୀମାନେ ବିଡିଓଙ୍କ ଜରିଆରେ ଯୋଗାଣ ନିରୀକ୍ଷକ ବିଭୁ ରଞ୍ଜନ ସାହୁଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ସାହୁ ଘଟଣାର ତଦନ୍ତ କରିବା ସହ ତୁରନ୍ତ ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଗତ ରବିବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସୋମବାର ସାହୁ ଚମ୍ପାଗୁଆଁ ଗ୍ରାମରେ ପହଞ୍ଚି ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରିଥିଲେ। ଏହି ସମୟରେ ପିଇଓ ତ୍ରିଲୋଚନ ନାଏକ, ଗୋପାଳପୁର ଯୋଗାଣ ସହାୟକ ସରୋଜ ବାଗ, ସିନ୍ଧିପଦର ଯୋଗାଣ ସହାୟକ ରାଜକିଶୋର ନାଏକ, ଡୁମେରପଦର ଯୋଗାଣ ସହାୟକ ଲଚମାନ ନାଏକ, ସ୍ଥାନୀୟ ଯୋଗାଣ ସହାୟକ ଲକ୍ଷ୍ମୀପତି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିବିରରେ ୧୦୧ ଅଭିଯୋଗ ପଞ୍ଜୀକୃତ

କର୍ଲାମୁଣ୍ଡା,୨୦।୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ପରିସର ରାଜୀବ ଗାନ୍ଧୀ ସେବା ଭବନଠାରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, କେସିଙ୍ଗା ପୋଲିସ ଏସ୍‌ଡିପିଓ ସନ୍ଦୀପ କୁମାର ମାଝୀ, ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ବିଡିଓ ସୁଚରିତା ମୁଗ୍ରୀ, ତହସିଲଦାର ଅରୁଣ ବର୍ଗେ, ଭାରପ୍ରାପ୍ତ ଜିପିଡିଓ ରମେଶ ମହଲା, ଭାରପ୍ରାପ୍ତ ବିଏସ୍‌ଇଓ ପ୍ରଦୀପ ମାଝୀ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୦୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତେବେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଅନୁପସ୍ଥିତ ଥିବାରୁ ଅଭିଯୋଗକାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ନାଏକ, ସିଡିପିଓ କଳ୍ପଲତା ତ୍ରିପାଠୀ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କେଦାରନାଥ ଖମାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା ଉପସ୍ଥିତ ଥିଲେ।


ଶିବିରରେ ଜଣେ ଅଧିକାରୀ ଅଭିଯୋଗର ଉତ୍ତର ରଖୁଛନ୍ତି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

କଳମପୁର,୨୦।୧(ଗଣେଶରାମ ବାଗ): କଳାହାଣ୍ଡି ଜିଲା କଳମପୁର ବ୍ଲକ ବିଜମରାସ୍ଥିତ ମହାଭାରତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜେପିସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଭୁବନ ମୋହନ ଠାକୁର ମୁଖ୍ୟଅତିଥି, ପୂର୍ବତନ ସମ୍ପାଦକ ପୁରୁଷୋତ୍ତମ ଠାକୁର ମୁଖ୍ୟବକ୍ତା ଓ ବିଜମରା ହାଇସ୍କୁଲର ପୂର୍ବତନ ଶିକ୍ଷକ କୃପାସିନ୍ଧୁ ପଣ୍ଡା, ବିଜମରା ସରପଞ୍ଚ ବାଳକୃଷ୍ଣ ମାଝୀ, ଶିବ ପ୍ରସାଦ ବାରାଣାସୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ମନୋଜ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟ ଦୁହିତା ମାଝୀ ମୁଖ୍ୟ ଅତିଥି, ପିଏମ୍‌ଶ୍ରୀ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝୀ ମୁଖ୍ୟବକ୍ତା ଓ ସମିତି ସଭ୍ୟ ସୋଭାଗିନି ବେହେରା ସମ୍ମାନିତ ଅତିଥି ଥିଲେ। ରମେଶ ଚନ୍ଦ୍ର ନିଆଁଲ ଓ ସୁଜାତା ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ


ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଉଛି।

ମ. ରାମପୁର, ୨୦।୧ (ଶଶିଭୂଷଣ ପ୍ରହରାଜ)

ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ମ. ରାମପୁର ସହର ଦୁର୍ଗାମାଧବ ଉଚ୍ଚ ବିଦ୍ୟାପୀଠ ପଡ଼ିଆଠାରେ ସାମୂହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ବିଡିଓ ଶରତ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି, ଭାଜପା ନେତା ପଦ୍ମଲୋଚନ ମିଶ୍ର, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଆଚାରୀ, ଅତିରିକ୍ତ ତହସିଲଦାର ଶମ୍ଭୁପ୍ରସାଦ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ହେମନ୍ତ ସାହୁ ସଂଯୋଜନା କରିଥିଲେ। ଏଥିରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା, ବ୍ଲକ କର୍ମଚାରୀ ଅଂଶଗ୍ରହଣ କରି ଶପଥ ନେବା ସହ ବନ୍ଦେ ମାତରମ୍ ଗାନକରିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭବାନୀପାଟଣା,୨୦।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି ମୁଖ୍ୟ ଅତିଥି, ନାଟ୍ୟଶ୍ରୀ ମନୋଜ ରଥ ମୁଖ୍ୟବକ୍ତା ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତପିମଣି ଜାନି, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ କଲ୍ୟାଣୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଧାନ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ବିଜେତା ଛାତ୍ରୀଛାତ୍ର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ଦେବୀ ପ୍ରସାଦ ଆଚାରୀ ଓ ଗୀତାଞ୍ଜଳି ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନଙ୍କ କରକମଳରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଶର୍ବାଣୀ' ଉନ୍ମୋଚିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଦିଲୀପ କୁମାର ଦାଶ, ତମସା ମହାପାତ୍ର, ମିନତି ଦାଶ, ଆଶୁତୋଷ ଦୁବେ, ଜଗମୋହନ ବିଶ୍ୱାଳ, ଉଦିତ ପ୍ରତାପ ସିଂ, ହୃଦୟ ରଞ୍ଜନ ଜଗଦଲା, ଶିକ୍ଷୟିତ୍ରୀ ପ୍ରଗତି ସେଠ, ଗୀତାଞ୍ଜଳି ନାଏକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ନିରୁପମା ମଲ୍ଲିକ, ସ୍ୱପ୍ନା ପ୍ରଧାନ, ହେମା ସାଥୁଆ, ଲୋକନାଥ ନାଏକ, ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ରାଜୁ କୁମାର ସାହୁ ଧନ୍ୟବାଦ ଦେଇଥିଲେ।


ବାର୍ଷିକ ପତ୍ରିକା 'ଶର୍ବାଣୀ' ଉନ୍ମୋଚନ କରାଯାଉଛି।

## ଦୁଗ୍ଧ ସଂଗ୍ରହ କେନ୍ଦ୍ର, ଜନସେବା କେନ୍ଦ୍ରର ଶୁଭାରମ୍ଭ

ଖଡ଼ିଆଳ,୨୦।୧ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳର ଭୋଜପୁର ପ୍ରାଥମିକ କୃଷି ସମବାୟ ସମିତିଠାରେ ମଙ୍ଗଳବାର ପ୍ରଥମକରି ଦୁଗ୍ଧ ସଂଗ୍ରହ କେନ୍ଦ୍ର ଓ ଜନ ସେବା କେନ୍ଦ୍ର ଆରମ୍ଭ ହୋଇଛି। ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଏଠାରେ ରାସାୟନିକ ସାର ଓ କୀଟନାଶକ ମଧ୍ୟ ଉପଲବ୍ଧ ହେବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଡିଆର୍‌ସିଏସ୍ ଶିବ ପ୍ରସାଦ ସ୍ୱାଇଁ, ନୂଆପଡ଼ା ଦୁଗ୍ଧ ୟୁନିଟ୍ ପରିଚାଳକ ସରୋଜ କୁମାର ବେହେରା, ସମିତି ସଭାପତି ନନ୍ଦଲାଲ ପାଣ୍ଡେ, ସମିତି ସମ୍ପାଦକ ଥବିର ତାଣ୍ଡିଙ୍କ ସହିତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଅନ୍ତଃ ରାଜ୍ୟ ଫୁଟ୍‌ବଲ: ସୋନପୁର ଚାମ୍ପିୟନ

କୋମନା,୨୦।୧ (ମହେଶ ବାଗ)

ନୂଆପଡ଼ା ଜିଲା କୋମନା ଜିତାମିତ୍ର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ବ୍ୟାସଦେବ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ସୋନପୁର ଓ କଳାହାଣ୍ଡି (ବାନେର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋନପୁର ଦଳ ଚମତ୍କାର ପ୍ରଦର୍ଶନ କରି ୪-୦ ଗୋଲରେ ବାନେର ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ କମିଟି ସଭାପତି ପ୍ରମୋଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, କୋମନା ବିଡିଓ ସର୍ବେଶ୍ୱର ଜାଲ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଗଙ୍ଗାଧର ପାଣିଗ୍ରାହୀ, ସର୍ବଭାରତୀୟ କଂଗ୍ରେସ ସାଧାରଣ ସମ୍ପାଦକ ଅଙ୍କିତ ସିଂଘାଇ, କୋମନା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଗୁପ୍ତେଶର କୁମ୍ଭାର, ନୂଆପଡା ବିଧାୟକ ପ୍ରତିନିଧ ରାମଲାଲ ହଂସ, ଖବରଦାତା କୁନୁ କରୁଆଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ନଗଦ ୨୫ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ନଗଦ ୨୦ ହଜାର ଟଙ୍କା ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରେଫରି ଭାବେ ସଞ୍ଜନ କୁଡେଇ, ପୂର୍ଣ୍ଣଚନ୍ଦ୍ର ମାଝୀ, ଶେଷଦେବ ମଲ୍ଲିକ, ବଳରାମ ସରାଫ, ଅନନ୍ତ ବେମାଲ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ଡା. ଦୀପକ ଦାସ ମଞ୍ଚ ପରିଚାଳନା କରିଥିଲେ।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର

ଖଡ଼ିଆଳ,୨୦।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ୍ ଭୋଜପୁର ଗ୍ରାମପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସିଡିଏମ୍‌ଓ ଡା. ଦ୍ୱାରିକାନାଥ ଶତପଥୀ, ଖଡ଼ିଆଳ ବିଡିଓ ମିଲନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡବା, ସ୍ଥାନୀୟ ସରପଞ୍ଚ କୁଳମଣି ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂରକରିବା ପାଇଁ ଆଲୋଚନା ହୋଇଥିଲା। ବିଡିଓ ଝାଙ୍କର ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧରୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧିକାରୀମାନେ ପ୍ରବାସୀ ଶ୍ରମିକ ପ୍ରଥାର ଅପକାରିତା ଓ ଏହାକୁ କିଭଳି ରୋକାଯାଇପାରିବ ସେ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ।

## ନୂତନ ବର୍ତ୍ତନ ବ୍ୟାଙ୍କ ଉଦ୍‌ଘାଟିତ

ଏହାସହ ନୂଆପଡ଼ା ଥରେ ମାତ୍ର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ମୁକ୍ତ ଜିଲା ଘୋଷିତ ହୋଇଥିବାରୁ ପର୍ବପର୍ବାଣିରେ ପ୍ଲାଷ୍ଟିକ୍ ଖଲିଦନା, ଗ୍ଲାସ୍ ଇତ୍ୟାଦିର ବ୍ୟବହାର ବନ୍ଦକରିବା ପାଇଁ ଜିଲାପାଳ ବର୍ତ୍ତନ ବ୍ୟାଙ୍କର ଉଦ୍‌ଘାଟନ କରିଥିଲେ। ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ୍‌ମୁକ୍ତ ଜିଲାରେ ପରିଣତ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ପରେ ଜିଲାପାଳ ଝିଟ୍ରିଧୋଡ଼ା ଗାଁକୁ ଯାଇ ଫେରନ୍ତା ପ୍ରବାସୀ ଶ୍ରମିକ ତୁଳସୀରାମ ଭୋଇ ଓ ଶଙ୍କର ଲାଲ ଭୋଇଙ୍କୁ ଭେଟି ସରକାରୀ ଯୋଜନାରେ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ସହ ଗାଆଁରୁ ଆଉ କେହି ପ୍ରବାସୀ ଶ୍ରମିକ ହିସାବରେ ନ ଯିବା ପାଇଁ ପରାମର୍ଶ ଦେଇଥିଲେ।

# ସମର୍ପିତ ହୋଇ କାମ କରିବାକୁ ଆହ୍ୱାନ

ନୂଆପଡ଼ା,୨୦।୧ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା କ୍ଷେତ୍ର ବିକାଶ ସମିତି ବୈଠକ ସ୍ଥାନୀୟ ସଦ୍‌ଭାବନା ସଭା ଗୃହଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ବିଧାୟକ ଜୟ ଢୋଲକିଆ ଅଧ୍ୟକ୍ଷତା କରି ସମର୍ପିତ ଭାବରେ ଜନସାଧାରଣଙ୍କୁ ସେବା ଯୋଗାଇଦେବା ପାଇଁ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଜିଲାପାଳ ମଧୁସୂଦନ ଦାଶଙ୍କ ଉପସ୍ଥିତିରେ ବିଧାୟକ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଓ କୋଠାବାଡ଼ି ବିଭାଗ, ଗ୍ରାମ୍ୟ ବିକାଶ, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଉଠା ଜଳସେଚନ, ଜଳସେଚନ, କ୍ଷୁଦ୍ର ଜଳସେଚନ, ପ୍ରାଣୀ ସମ୍ପଦ ବିଭାଗ କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ବିଧାୟକ ଓ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧିକାରୀମାନେ ନିଜ ବିଭାଗର ସଫଳତା ଓ ଭବିଷ୍ୟତ କାର୍ଯ୍ୟଖସଡ଼ା ସମ୍ବନ୍ଧରେ ଅବଗତ କରିଥିଲେ। ମୁଖ୍ୟତଃ ସମସ୍ତ ନିର୍ମାଣ କାର୍ଯ୍ୟର ଅଗ୍ରଗତି ବିଷୟରେ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ବିଧାୟକ ସିଧାସଳଖ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ପତୋରା ଡ୍ୟାମ୍‌ରୁ ସ୍ଥାନୀୟ ସିଲଦା ରିଜର୍ଭ କଲୋନୀକୁ ପାନୀୟ ଜଳ ଯୋଗାଣ, ବିଭିନ୍ନ ଗ୍ରାମରେ ଅଧିକ ସଂଖ୍ୟାରେ ନଳକୂପ ଖନନ, ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଗ୍ରାମରେ ମୋବାଇଲ ସିଗ୍‌ନାଲ ନାହିଁ, ସେଠାରେ ନୂତନ ମୋବାଇଲ ଟାୱାର ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଦ୍ୱାରିକାନାଥ ଶତପଥୀ, ନୂଆପଡା ଓ କୋମନା ବିଡିଓ, ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଶେଷରେ ଏପିଡି କ୍ଷମାନିଧି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



ଅଧିକାରୀଙ୍କ ଉପସ୍ଥିତିରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ବିଧାୟକ।

# ବରଗଡ଼ କଂଗ୍ରେସର ଚାଷୀ ସମାବେଶ

## ଧାନବିକ୍ରି ଅବ୍ୟବସ୍ଥା ନେଇ ଜିଲାପାଳଙ୍କୁ ଦାବିପତ୍ର

ବରଗଡ଼,୨୦।୧(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ ଖରିଫ ଧାନବିକ୍ରି ବ୍ୟବସ୍ଥା ବାଟବଣା ହୋଇ ପଡ଼ିଛି। ଟୋକନ କଟକଣା, ଧାନ ଉଠାଣରେ ଶିଥିଳତା, କଟନୀଛଟନୀ ଆଦି ସମସ୍ୟା ଯୋଗୁ ଅନେକ ଚାଷୀ ଏପର୍ଯ୍ୟନ୍ତ ଖରିଫ ଧାନ ବିକ୍ରି କରି ପାରି ନାହାଁନ୍ତି। ଅନ୍ୟପଟେ ରବି ଚାଷକାର୍ଯ୍ୟ ସମୟ ଗଡ଼ି ଚାଲିଥିବାବେଳେ ଖରିଫ ଧାନ ବିକ୍ରି ପାଇଁ ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ସରି ବସିଛି। ବରଗଡ଼ ଜିଲାରେ ମଧ୍ୟ ଏହି ସମସ୍ୟା ଲାଗି ରହିଛି। ଜିଲାର ବିଭିନ୍ନ ମଣ୍ଡିରେ ବହୁ ପରିମାଣରେ ଧାନ ବିକ୍ରି ଅପେକ୍ଷାରେ ପଡ଼ି ରହିଛି। ଫଳରେ ରବି ଚାଷ କାର୍ଯ୍ୟ କରିବା ସମୟରେ ଖରିଫ ଧାନ ବିକ୍ରି ପାଇଁ ଚାଷୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢି ଚାଲିଛି। ନିଜର ହକ ପାଇଁ ବିଭିନ୍ନ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କେବଳ ସେତିକି ନୁହେଁ, ଏଭଳି ସମସ୍ୟାକୁ ନେଇ ବିରୋଧୀ କଂଗ୍ରେସ ଓ ବିଜେଡି ରାଜ୍ୟ ସରକାରଙ୍କୁ ଘେରି ବସିଛନ୍ତି। ବିଜେଡି ଜିଲାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଚାଷୀ ସମାବେଶ କରି ଆସୁଥିବା ବେଳେ ମଙ୍ଗଳବାର କଂଗ୍ରେସ ବରଗଡ଼ ସଦର ମହକୁମାରେ ବିଶାଳ ଚାଷୀ ସମାବେଶ କରିଛି। ଏହା ସହିତ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଦଳ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷୀଙ୍କ ସମସ୍ତ ବଳକା ଧାନ ବିନା କଟନୀଛଟନୀରେ ଏବଂ ବିନା ମାନ ନିର୍ଦ୍ଧାରଣରେ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କାରେ କିଣାଯିବା, ଗଦା ହୋଇଥିବା ସମସ୍ତ ପିଛିଲା ଧାନ ତଥା ମଣ୍ଡିକୁ ବିକ୍ରି ପାଇଁ ଆସୁଥିବା ଧାନକୁ ୨୪ ଘଣ୍ଟା ମଧ୍ୟରେ ଉଠାଇବା, ଟୋକନ ମିଳି ନଥିବା ଚାଷୀଙ୍କୁ ତୁରନ୍ତ ଟୋକନ ପ୍ରଦାନ କରିବା ଏବଂ ସମସ୍ତ ଚାଷୀମାନଙ୍କୁ ଚାଷ ପାଇଁ ମାଗଣା ବିଦ୍ୟୁତ୍ ଯୋଗାଣ ପାଇଁ ଦାବିପତ୍ରରେ ଦାବି କରାଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଜିଲା କିଷାନ କଂଗ୍ରେସ ତରଫରୁ ହୋଇଥିବା ଏହି ସମାବେଶ ପରିପ୍ରେକ୍ଷୀରେ ସ୍ଥାନୀୟ ନଦୀ ପଡ଼ାରେ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀ ଏବଂ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀମାନେ ସମବେତ ହୋଇଥିଲେ। ସେଠାରୁ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ସେମାନେ ବାହାରିଥିଲେ। ଜିଲାପାଳ କାର୍ଯ୍ୟାଳୟ ନିକଟ ଗାନ୍ଧିଛକରେ ଧାନବିକ୍ରି ଅବ୍ୟବସ୍ଥା ନେଇ ଏକ ପ୍ରତିବାଦ ସଭା ହୋଇଥିଲା ଜିଲା କିଷାନ କଂଗ୍ରେସ ଅଧ୍ୟକ୍ଷ ଗୁଣମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦଳର ଓଡ଼ିଶା କଂଗ୍ରେସ ପ୍ରଭାରୀ ତଥା କଂଗ୍ରେସ ସାଧାରଣ ସମ୍ପାଦକ ଅଜୟ ଲଲ୍ଲୁ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ପ୍ରଦେଶ କିସାନ ସେଲ ସଭାପତି ଅଭୟ ସାହୁ, ବରିଷ୍ଠ ନେତା ନରସିଂହ ମିଶ୍ର, ବରଗଡ଼ ଜିଲା ପ୍ରଭାରୀ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଯୋଗଦାନ କରି ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଉପରୋକ୍ତ ଦାବି ସମୂହ ପୂରଣ କରା ନ ଗଲେ ଆଗକୁ ଦଳ ପକ୍ଷରୁ ବରଗଡ଼ ଜିଲା ବନ୍ଦ ଡାକରା ଦିଆଯିବା ସହିତ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଦାସ ଚେତାବନୀ ଦେଇଥିଲେ। ପରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ହରଦୀପ ସିଂ, ନିପନ ଦାଶ, ସରୋଜ ଷଡଙ୍ଗୀ, ଅନନ୍ତ ଶୟନ ପାଢ଼ୀ, ପ୍ରତାପ ନାୟକ, ପାଣ୍ଡବ କର୍ଣ୍ଣ, ଯୁଗଳ ପ୍ରସାଦ ସିଂ, ଅବଦୁଲ ଗଫର, ଅଭିଷେକ ସେଠ, ପାଣ୍ଡବ କର୍ଣ୍ଣ, ବ୍ରହ୍ମା ମହାକୁଡ, ଆନନ୍ଦ ପ୍ରଧାନ, ଆଜାଦ ପତି, ସୁଶାନ୍ତ ସାହୁଙ୍କ ସମେତ ଅନେକ ଦଳୀୟ ନେତୃବୃନ୍ଦ ସକ୍ରିୟ ଅଂଶଗ୍ରହଣ କରିଥିଲେ।


କଂଗ୍ରେସର ଚାଷୀ ସମାବେଶ ଅବସରରେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଉଛନ୍ତି।

# ପଦ୍ମପୁରରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ


ମାଣ୍ଡିଆ ମଣ୍ଡି ଉଦ୍‌ଘାଟନରେ ଉପସ୍ଥିତ ଅତିଥି।

ପଦ୍ମପୁର,୨୦।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଅନ୍ତର୍ଗତ ସରସମାଲ ଗ୍ରାମରେ ମଙ୍ଗଳବାର ମାଣ୍ଡିଆ ମଣ୍ଡିର ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ ଶ୍ରୀ ଅନ୍ନ ଅଭିଯାନ ଚାଷୀଙ୍କ ଆୟ ବୃଦ୍ଧି ସହିତ ପାରମ୍ପରିକ ଫସଲର ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଏହି ଅବସରରେ କୃଷି ବିଭାଗର ଏଡିଓ ପ୍ରଭାସ ଚନ୍ଦ୍ର ପଣ୍ଡା, ବିଏଓ ପୁଷ୍ପକ ନାଏକ, ଏଏଓ ସରୋଜ ସାହୁ, ଆର୍‌ଏମ୍‌ସି ଅଧିକାରୀ ସୁଦୀପ୍ତ ମହାନ୍ତି, ବିଭୁଦତ୍ତ ସାହୁ, ଲୋକେଶ ପ୍ରଧାନ, ଡିପିସି ଅଭିଷେକ ସିଂହ, ଯୁବକ ମାଝୀ ଉପସ୍ଥିତ ଥିଲେ। ସେହିପରି ବ୍ଲକସ୍ତରୀୟ ବିପିସି ତରଣୀସେନ ଦ୍ୱାରୀ, ପପୁ କୁମାର ବେହେରା, ହିସାବରକ୍ଷକ ରାଜିବ ହରପାଲ, ଅଶୋକ କୁମାର ସାହୁ ଓ ଶ୍ରୀ ଅନ୍ନ ଅଭିଯାନର ସମସ୍ତ ସିଆର୍‌ପି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟି ସଫଳ ଭାବେ ପରିଚାଳନା ହୋଇଥିବା ବେଳେ ଚାଷୀମାନେ ମଣ୍ଡି ମାଧ୍ୟମରେ ନ୍ୟାୟସଂଗତ ମୂଲ୍ୟ ପାଇବେ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ।

# ଉପନୟନ ବେଦାରମ୍ଭ ସଂସ୍କାର ଉତ୍ସବ

ପାଇକମାଳ ୨୦।୧(ବଢ଼ ଶତପଥୀ)

ପାଇକମାଳ ବ୍ଲକ ଜର୍ଜଗଡ଼ ସ୍ଥିତ ମହର୍ଷି ଦୟାନନ୍ଦ ଗୁରୁକୁଳ ଯୋଗାଶ୍ରମ ପରିସରରେ ମଙ୍ଗଳବାର ହୋମ ଯଜ୍ଞ ସହ ଉପନୟନ ଓ ବେଦାରମ୍ଭ ସଂସ୍କାର ହୋଇଯାଇଛି। ସକାଳ ଆଠଟାରୁ ଏଠାରେ ରହୁଥିବା ୧୧୦ ବ୍ରହ୍ମଚାରୀମାନେ ଭୋରରୁ ନିତ୍ୟ କର୍ମ ସାରି ପ୍ରାର୍ଥନା କରିଥିଲେ। ସକାଳ ଆଠଟାରେ ୨୫ ଜଣ ନୂତନ ପ୍ରବୀଷ୍ଟ ବାଳକମାନଙ୍କୁ ଉପନୟନ ଓ ବେଦାରମ୍ଭ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବ୍ରହ୍ମା ଭାବରେ ଗୁରୁକୁଳ ଆମସେନାର ବିଖ୍ୟାତ ବ୍ରତାନନ୍ଦ ସରସ୍ୱତୀ ଉପନୟନ କାର୍ଯ୍ୟ କରିଥିବାବେଳେ ଆଚାର୍ଯ୍ୟ ନରଦେବ ଯଜୁର୍ବେଦୀ ବେଦାରମ୍ଭ ସଂସ୍କାର ନୀତି ନିୟମ ଅନୁସାରେ କରିଥିଲେ। ଏହାପରେ ଯଜ୍ଞ କୁଣ୍ଡରେ ମନ୍ତ୍ର ଉଚ୍ଚାରଣ କରି ଘୃତ ପ୍ରଦାନ କରାଯାଇଥିଲା। ଏଥିରେ ଅନେକ ଅତିଥି, ଛାତ୍ରମାନଙ୍କ ପିତାମାତା ଓ ଅତିଥିମାନେ ଯୋଗଦାନ କରି, ନୂତନ ପ୍ରବୀଷ୍ଟ ବାଳକମାନଙ୍କୁ ଆଶୀର୍ବାଦ ଦେଇଥିଲେ। ଏହାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରତାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ ନରଦେବ ଯଜୁର୍ବେଦୀ, ଆଚାର୍ଯ୍ୟ ସାରଦାଜି ବେଦଲଙ୍କାର, ବିଦ୍ୟା ଶତପଥୀ, ଆଚାର୍ଯ୍ୟ ଅନନ୍ତ ଶାସ୍ତ୍ରୀ, ବଢ଼ ଶତପଥୀ, ଭୁବନେଶ୍ୱର ଶାସ୍ତ୍ରୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଗୁରୁକୁଳ ଛାତ୍ର ଓ କନ୍ୟାଗୁରୁକୁଳର ଛାତ୍ରୀମାନଙ୍କୁ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ଉପଦେଶ ଦେଇ ଥିଲେ। ସୁନୀଲଜୀ, ବିକାଶଜୀ, ଚନ୍ଦ୍ରଧଜଜୀ, ବିମଳଜୀ ପ୍ରମୁଖ ବିଭିନ୍ନ କାମରେ ସହଯୋଗ କରିବା ସହ ସମସ୍ତ କାମ ପରିଚାଳନାରେ ସାହାଯ୍ୟ କରିଥିଲେ। ସମସ୍ତଙ୍କୁ ଭୁବନେଶ୍ୱର ଶାସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବାସ୍ତବ ଶିକ୍ଷା ବିକାଶ ପାଇଁ ପ୍ରେରଣା ଯୋଗାଏ

## ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ

ବରଗଡ଼,୨୦।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣା ପ୍ରତାପ ସ୍କୁଲ ପରିସରରେ ଚାଲିଥିବା ବରଗଡ଼ ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ ପ୍ରମୁଖ ଯୋଗଦେଇ ଥିଲେ। ବାସ୍ତବ ଶିକ୍ଷା ନିଜ ମାଟି ଓ ଅଞ୍ଚଳର ବିକାଶ ପାଇଁ ପ୍ରେରଣା ଯୋଗାଇଥାଏ ବୋଲି ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ସରକାର ଜାତୀୟ ଶିକ୍ଷା ନୀତିକୁ ରାଜ୍ୟରେ ପ୍ରଚଳନ କରିବା ସହିତ ଶିକ୍ଷାର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ କରିବା ସହିତ ରାଜ୍ୟରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣରେ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି ବୋଲି ସେମାନେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ପିଏମ୍‌ଶ୍ରୀ ଉତ୍ସବ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିସ୍ତୃତଭାବେ ବର୍ଣ୍ଣନା କରିଥିଲେ। ବିଜ୍ଞାନ ନିରୀକ୍ଷକ ଧିରୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଗୋବିନ୍ଦ ସେଟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼ର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ଆକାଂକ୍ଷି ମେଳା, ଇନସ୍ପାୟରିଂ ଓଡ଼ିଶା –୨୦୨୬, ଆକାଂକ୍ଷି ଛାତ୍ର ପରିସର, ଟେଲେଣ୍ଟ ଗ୍ୟାଲେରୀ ଓ ଦୋକାନ ଯାତ୍ରା ପ୍ରମୁଖ ତିନିଟି ପେଭିଲିଅନରେ ୩୩୨ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ରହିଥିବା ବେଳେ ଅତିଥିବୃନ୍ଦ ଏହି ପ୍ରକଳ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କ ସୃଜନଶୀଳ ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲାର ସମସ୍ତ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀବୃନ୍ଦଙ୍କ ସମେତ ରାଣା ପ୍ରତାପ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସୟ ଧନ୍ୟବାଦ ଅର୍ପଣ କରିଥିଲେ।


ପିଏମ୍‌ଶ୍ରୀ ଉତ୍ସବରେ ଅତିଥିବୃନ୍ଦ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ଶିକ୍ଷୟିତ୍ରୀ ପାଇଲେ ବଉଳା କସ୍ତୁରି ସ୍ମୃତି ସମ୍ମାନ

ଅତାବିରା,୨୦।୧( ଯୁଧିଷ୍ଠିର ମହାପାତ୍ର)

ପେନ ବଉଳ କସ୍ତୁରୀ ଚାରିଟେବୁଲ ଟ୍ରଷ୍ଟ, କନ୍ଧମାଳ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଲୋହିଆ ଏକାଡେମୀରେ ଅନୁଷ୍ଠିତ ଟ୍ରଷ୍ଟର ତୃତୀୟ ବାର୍ଷିକ ସାରସ୍ୱତ ସମାରୋହ କାର୍ଯ୍ୟକ୍ରମରେ ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଟୋପର ବିଜ୍ଞାନ ଶିକ୍ଷୟିତ୍ରୀ, କବୟିତ୍ରୀ, ସମାଜ ସେବୀ ତଥା ପ୍ରକୃତି ବନ୍ଧୁ ଅନସୂୟା ଦେବତାଙ୍କୁ 'ବଉଳା କସ୍ତୁରୀ ସ୍ମୃତି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବିତ ତଥା ସମାଜ ସେବୀ ଗୋବିନ୍ଦ ଚନ୍ଦ୍ର ଫାରକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ମୀନକେତନ ଦାଶ, ପ୍ରାକ୍ତନ ନିର୍ଦ୍ଦେଶକ, ଗୃହ ନିର୍ମାଣ ଓ ନଗର ଉନ୍ନତ ବିଭାଗ, ଓଡ଼ିଶା ସରକାର ଯୋଗ ଦେଇଥିବା ବେଳେ ଶ୍ରୀ ବାହାଦୂର ପାଟ୍ଟସାହାଣୀ, ପ୍ରାକ୍ତନ ରାଜ୍ୟ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ ମୁଖ୍ୟ ବକ୍ତା,ବିଶିଷ୍ଟ ଅତିଥି ଭାବେ ଶଶଧର ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ତାରାପ୍ରସନ୍ନ ଶତପଥୀ, (ଶିକ୍ଷାବିତ୍ ଓ ସମାଜସେବୀ), କୌଶଲ୍ୟା ବେଉରିଆ, ବିଶିଷ୍ଟ ସାମାଜସେବୀ ମଞ୍ଚାସୀନ ଥିଲେ । ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ନୀରଦ ଚନ୍ଦ୍ର ଜେନା, ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ସୌଦାମିନୀ ତ୍ରିପାଠୀଙ୍କ ବେଦ ମନ୍ତ୍ର ଉଚ୍ଚାରଣ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ଡଃ ଦିଲ୍ଲୀପ କୁମାର ସେନାପତି, ଶିକ୍ଷାବିତ୍ ତଥା ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଚୀ ମହାବିଦ୍ୟାଳୟ, କାକଟପୁର, ପୁରୀ ଓ ଶିକ୍ଷୟିତ୍ରୀ ଲକ୍ଷ୍ମୀ ପ୍ରିୟା ରାଉତରାୟଙ୍କ ସଂଯୋଜନା କ୍ରମେ କବିତା ପାଠୋତ୍ସବ ହୋଇଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ କବି କବିୟିତ୍ରୀମାନେ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସମ୍ବର୍ଦ୍ଧନା ଓ ଆଲୋଚନା ଚକ୍ର ତଥା ଟ୍ରଷ୍ଟର ସ୍ମରଣିକା 'ମୋ ମାଆ' ଏବଂ ସନ୍ନିଭିକା, କବିତା ପସରା ଓ ମାତୃକୃପା ଆଦି ଚାରିଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରତିଭାଧାରୀମାନଙ୍କୁ ଉପଢୌକନ, ଫୁଲତୋଡ଼ା ଓ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କୃତିତ୍ୱ ହାସଲ କରିଥିବା ୫ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ରାଶି ସହ ମାନପତ୍ର ପ୍ରଦାନ କରାଯାଇ ତାଙ୍କର ମନୋବଳ ବୃଦ୍ଧି କରିବାର ନିଆରା ପ୍ରୟାସ କରାଯାଇଥିଲା। ଅନିଲ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


ଶିକ୍ଷୟିତ୍ରୀ ଅନସୂୟା ଦେବତାଙ୍କୁ 'ବଉଳା କସ୍ତୁରୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଉଛି।

# କଟାପାଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିମାନେ।

ବରଗଡ଼,୨୦।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭବେ ଆଦାନୀ ଫାଉଣ୍ଡେଶନର ସିଏଆର ହେଡ ପ୍ରଦୀପ୍ତ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ମହନ୍ତମ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ସଞ୍ଜୀବ କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରାଜଶ୍ରୀ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ପଦ୍ମଲୋଚନ ସାହୁ, ପୂର୍ଣ୍ଣଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ମା ସରସ୍ୱତୀ ଓ ଭଗବାନ ଗଣେଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରିବା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍କୁଲର ଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଗାୟତ୍ରୀ ମହାଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କନିଷ୍ଠ ଶିକ୍ଷୟିତ୍ରୀ ସୁନେନା କୁମ୍ଭାର ଅତିଥିଙ୍କୁ ସ୍ୱାଗତ କରିଥିଲେ। ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ସେଠ ବାର୍ଷିକ ବିବରଣୀ ପାଠ କରିବା ସହ ସଭା ପରିଚାଳନା କରିଥିଲେ। ସୁସ୍ଥ ସମାଜ ପାଇଁ ଶିକ୍ଷା କେତେ ଗୁରୁତ୍ୱପୂର୍ଣ୍ଣ ତାହା ମୁଖ୍ୟବକ୍ତା ଛାତ୍ରମାନଙ୍କୁ ନିଜ ବକ୍ତବ୍ୟରେ କହିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିବା ସହ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଢ଼ିବା, ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ

ବରଗଡ଼,୨୦।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ସିମେଣ୍ଟ ନଗର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ପ୍ରଧାନ ଶିକ୍ଷକ ଦେବଜୀବନ କରଙ୍କ ଅଧ୍ୟକ୍ଷତାରେ ପଢ଼ିବା, ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ୍, ଶିକ୍ଷକ ଗୌର ସା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମୌଖିକ ଭାଷାର ବିକାଶ, ପଠନ ଓ ଲେଖନୀ ମାଧ୍ୟମରେ ସୃଜନଶୀଳ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବନ୍ଦିତା ଦାଶ, ଡଲି ବାରିକ, ଘନଶ୍ୟାମ ମୟୂରଚୁଲିଆ, ସଦାନନ୍ଦ ସେଠ୍, ଗୋପୀକାନ୍ତ ମେହେର, ବିକାଶ ବାଘେଲ, ସୀମା ପ୍ରଧାନ, ସୁନନ୍ଦା ମହାପାତ୍ର, ରୀମା ଭୋଇ, ଶୁଭଶ୍ରୀ କୁମ୍ଭାର, ସୁଜାତା ମହାପାତ୍ର, ସବିତା ଦୋରା, ସୁଜାତା ଦୀପ, ଜାହ୍ନବୀ କାଲୋ, ରଞ୍ଜିତା ସାହୁ, ମଧୁସ୍ମିତା ବିଶ୍ୱାଳ, ସଞ୍ଜୁ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଆଡ୍‌ଭୋକେଟ କ୍ଲାର୍କ ଦିବସ

ବରପାଲି, ୨୦।୧(ଚିତ୍ତରଞ୍ଜନ ସାହୁ)

ବରପାଲି ଓକିଲ ସଂଘର ସଭାଗୃହରେ ସ୍ଥାନୀୟ ଆଡଭୋକେଟ କ୍ଲାର୍କ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ବରପାଲି ଓକିଲ ସଂଘ ସଭାପତି ମନୋଜ କୁମାର ପଟ୍ଟନାୟକ ଓ ବରପାଲି ପ୍ରଥମ ଶ୍ରେଣୀ ବିଚାରପତି ମନ୍ଦିରା ମହାନ୍ତ ଯୋଗ ଦେଇ ବିଚାର ବିଭାଗୀୟ ପଦ୍ଧତିରେ ଆଡ୍‌ଭୋକେଟ କ୍ଲାର୍କମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ସଭାପତିତ୍ୱ ସେବା ସାହୁ କରିଥିବା ବେଳେ ଅଶୋକ କୁମାର ବରାଇ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୋର୍ଟ ଓ ତହସିଲ ପରିସରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ବନମାଳୀ ଭୋସାଗର, ସିତାରାମ ପଧାନ, ଶେଷଦେବ ସାହୁ, ସଞ୍ଜୀବ ସାହୁ, ଠାକୁର ଦେବତା, କେଶବ ନାଗ, ଶିବ ଶଙ୍କର ମିଶ୍ର, କୈଳାସ ଦେହେରୀ, ପୂର୍ଣ୍ଣଚନ୍ଦ୍ର ମେହେର, ପ୍ରକାଶ ସାହୁ ଓ ଅନ୍ୟମାନେ ସହଯୋଗ ଓ ଉପସ୍ଥିତ ଥିଲେ।

## ଜଳାଶୟରେ ଯୁବକଙ୍କ ମୃତଦେହ

ବରଗଡ,୨୦।୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପଛପଟେ ରହିଥିବା ଟୁକୁର୍ଲା ଜଳାଶୟରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଜବତ କରାଯାଇଛି। ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇ ଥାଇପାରେ ବୋଲି ଅନୁମାନ କରାଯାଉଛି। ଭଟଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ମୃତଦେହ ଚିହ୍ନଟ ହେଲେ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଆଶା କରାଯାଉଛି। ପୋଲିସ ଏହାର ଅଧିକ ତଦନ୍ତ କରୁଛି।

# କୁରୁକୁପା ସ୍କୁଲରେ ତାଲା ପକାଇ ଧାରଣା

## ବିଜ୍ଞାନ ଶିକ୍ଷକଙ୍କ ବଦଳି ବାତିଲ ଦାବି

ଘଣ୍ଟାପଡ଼ା,୨୦।୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମଗାଁ ପଞ୍ଚାୟତ ଅନ୍ତର୍ଗତ କୁରୁକୁପା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ବଦଳି ପ୍ରତିବାଦରେ ଅଭିଭାବିକା ଅଭିଭାବକ, ସ୍କୁଲ କମିଟି ସଦସ୍ୟ ଏବଂ ଗ୍ରାମବାସୀ ମଙ୍ଗଳବାର ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲ ଗେଟ୍‌ରେ ତାଲା ପକାଇଛନ୍ତି। ଏହାଦ୍ୱାରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟ ବାହାରେ ରହିଥିବା ବେଳେ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ। ସେହିପରି ବିଦ୍ୟାଳୟ ପରିସରରେ ୨ଟି ଅଙ୍ଗନୱାଡି କେନ୍ଦ୍ର ରହିଥିବାରୁ ତାହା ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ବିଦ୍ୟାଳୟ ପରିଚାଳନା ସଭାପତି ପ୍ରିୟବର୍ଦ୍ଧନ ଭୋଇଙ୍କ କହିବା ଅନୁସାରେ, ଶିକ୍ଷା ବିଭାଗର ବୈମାତୃକ ମନୋଭାବ ଯୋଗୁ ଆମ ସ୍କୁଲକୁ ହଇରାଣ କରାଯାଉଛି। ଆଗକୁ ପରୀକ୍ଷା ଅଛି, ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୩୭ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ୬ ଜଣ ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ବିଜ୍ଞାନ ଶିକ୍ଷକଙ୍କୁ ଦେଢ଼େଣମାଳ ବିଦ୍ୟାଳୟକୁ ବଦଳି କରାଯାଇଛି। ତାଙ୍କର ବଦଳି ବାତିଲ ନ ହେବା ଯାଏ ବିଦ୍ୟାଳୟରେ ତାଲା ପକାଯିବ ଯିବ ବୋଲି ଭୋଇ କହିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।


ସ୍କୁଲ ଗେଟ୍‌ରେ ତାଲା ପକାଇ ଅଭିଭାବକ, ଛାତ୍ରୀଛାତ୍ରଙ୍କ ଧାରଣା।

# ନାମଯଜ୍ଞରେ କଳସ ଯାତ୍ରା, ଅଧିବାସ

ଘଣ୍ଟାପଡ଼ା,୨୦।୧(ପ୍ରଭାତ କୁମାର ସାହୁ): କଣ୍ଟାମାଳ ବ୍ଲକ ପଣ୍ଡରାପିଟା ଗ୍ରାମରେ ମାଣବସା ଲକ୍ଷ୍ମୀପୂଜାର ତୃତୀୟ ସଂକଳ୍ପ ପୁନଶ୍ଚରଣ ବର୍ଷ ଉପଲକ୍ଷେ ଆୟୋଜିତ ୧୬ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ସକାଳେ ଗ୍ରାମଦେବତାଙ୍କ ପୂଜାର୍ଚ୍ଚନା ପରେ ଶତାଧିକ ମହିଳାପୁରୁଷ ଶ୍ରଦ୍ଧାଳୁ ନିକଟସ୍ଥ ଲୁଣ୍ଡୁରୁବାହାଲ ନାଳରୁ ଗଙ୍ଗାମାତାଙ୍କ ପୂଜାର୍ଚ୍ଚନା କରି ଜଳପୂର୍ଣ୍ଣ କଳସଗୁଡିକୁ ଶୋଭାଯାତ୍ରାରେ ଆଣି ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଏହାପରେ ଅଧିବାସ ହୋଇଥିଲା। ସେବାୟତ ପଣ୍ଡିତ ରାଧାମୋହନ ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିବାବେଳେ ଗୌନ୍ତିଆ ଶ୍ରୀବତ୍ସ ଭୋଇ ଓ ସ୍ତ୍ରୀ ସୀତା ଭୋଇ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ।

# ଯାତ୍ରୀ ସୁରକ୍ଷାକୁ ଅଣଦେଖା

## ବସ୍ ଛାତରେ ଓଭରଲୋଡିଂ

ରାଉରକେଲା,୨୦।୧(ଦିନେଶ ମିଶ୍ର)

ରାଉରକେଲା ବସ୍‌ଷ୍ଟାଣ୍ଡରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଶତାଧିକ ବସ୍ ଯାତାୟାତ କରୁଛି। ତେବେ ଏହି ବସ୍‌ଗୁଡିକ ନିୟମକୁ ବେଖାତିର କରି ବସ୍ ଛାତ ଉପରେ କ୍ଷମତାଠାରୁ ଅଧିକ ମାଲ୍ ପରିବହନ କରୁଥିବା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ବସ୍‌ଗୁଡିକ ଯାତ୍ରୀ ସୁରକ୍ଷାକୁ ସମ୍ପୂର୍ଣ୍ଣ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏ ଦିଗରେ ସ୍ଥାନୀୟ ଆଞ୍ଚଳିକ ପରିବହନ ଓ ପୋଲିସ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

ସୂଚନା ଅନୁସାରେ, ରାଉରକେଲାରୁ ଝାଡ଼ଖଣ୍ଡ, ଛତିଶଗଡ, ସମ୍ବଲପୁର, ଝାରସୁଗୁଡା ସମେତ ବିଭିନ୍ନ ଅଞ୍ଚଳକୁ ଦିନ ଓ ରାତିରେ ବହୁ ବସ୍ ଯାତାୟାତ କରୁଛି। ଏହି ବସ୍‌ର ଛାତ ଉପରେ କୁଲର, ଟାୟାର, ଘରୋଇ ଆସବାବପତ୍ର ସାଙ୍ଗକୁ ବ୍ୟବସାୟିକ ଓଜନ ସାମଗ୍ରୀ ଲୋଡ୍ ହୋଇ ଯାଉଛି। ଝାଡ଼ଖଣ୍ଡ ଓ ଛତିଶଗଡ ଅଞ୍ଚଳରୁ ରାଉରକେଲା ଅଭିମୁଖେ ଆସୁଥିବା ବସ୍ ଛାତ ଉପରେ ପରିବା ଆସୁଥିବା ବେଳେ ଭାରି ଓଜନର ଟାୟାର ଓ ଗାଡି ପାର୍ଟସ ଆସୁଛି। ଅଧିକାଂଶ ସମୟରେ ବସ୍ ଛାତ ଉପରେ କ୍ଷମତାଠାରୁ ଢ଼େର ଅଧିକ ମାଲ ପାହାଡ ସଦୃଶ ବୋଝେଇ କରି ବିପଦସଙ୍କୁଳ ଅବସ୍ଥାରେ ପରିବହନ କରାଯାଉଛି। ଫଳରେ ବିଭିନ୍ନ ସମୟରେ ବସ୍ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛି। ସହର ଭିତରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁର୍ଘଟଣା ମଧ୍ୟ ଘଟୁଛି। ଗତ ୬ ମାସ ତଳେ ଏକ ବସ୍ ଛାତ ଉପରେ ଅଧିକ ମାଲ ଲୋଡ୍ କରି ଯାଉଥିବାବେଳେ ଏନ୍‌ଏଚ୍-୧୪୫ରେ ଓଲଟି ପଡିବାରୁ ୮ ଜଣ ଯାତ୍ରୀ ଗୁରୁତର ହୋଇଥିଲେ।

ଜଣେ ବସ୍ ଯାତ୍ରୀ ଟୁନୁ କରଙ୍କ କହିବା ଅନୁଯାୟୀ, ବସ୍ ଛାତ ଉପରେ ଓଭରଲୋଡିଂ କରିବା ଅନୁଚିତ। କାରଣ ବସ୍‌ଗୁଡିକ କୌଣସି ମାଲଗାଡି ନୁହଁ। କିନ୍ତୁ କଣ୍ଡକ୍ଟରମାନେ ଦୁଇ ପଇସା ଅର୍ଥ ଲାଳସାରେ ଏଭଳି ଏକାଧିକ ସ୍ଥାନରୁ ଭାରି ସାମଗ୍ରୀ ଉଠାଉଥିବା ଯୋଗୁ ଯାତ୍ରୀମାନଙ୍କ ଜୀବନ ପ୍ରତି ବିପଦ ରହୁଛି। ଏଥିପ୍ରତି ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀ ଦୃଷ୍ଟିଦେବା ଦରକାର ବୋଲି ସେ କହିଛନ୍ତି। ସେହିପରି ବସ୍ ମାଲିକ ରତ୍ନାକର ବଳ ଏ ସମ୍ପର୍କରେ କୁହନ୍ତି, ଅଧିକାଂଶ ସମୟରେ ବସ୍‌ରେ ୫୦ ସିଟ୍‌ରୁ ପ୍ରାୟ ୨୦ ଓ ୨୫ଟି ସିଟ୍ ପୂରଣ ହେଉଛି। ବାକି ସବୁ ଖାଲି ପଡୁଛି। ଗାଡି ତେଲ ପଇସା ବି ଉଠୁନାହିଁ। ଅନ୍ୟପକ୍ଷେ ବର୍ତ୍ତମାନ କୌଣସି ପୂଜା ସିଜିନ୍ କି ବାହାଘରିଆ ସିଜିନ ନାହିଁ। ଫଳରେ ବସ୍ ଚାଳକମାନଙ୍କ ବେପାର ସମ୍ପୂର୍ଣ୍ଣ ମାନ୍ଦା ରହିଛି। ତେଣୁ ବସ୍‌ଗୁଡିକ କେତେବେଳେ କେମିତି ଓଭରଲୋଡିଂ କରିବାକୁ ବାଧ ହେଉଛନ୍ତି। ଏବେ ବସ୍ ଛାତରେ ଲଗେଜ୍ ରଖିବାକୁ ସରକାର ରୋକ୍ ଲଗାଇଛନ୍ତି। ତେବେ ଆମ ବସ୍ ଏଭଳି ଓଭରଲୋଡିଂ ପ୍ରାୟତଃ କରୁନାହିଁ ବୋଲି ବଳ କହିଥିଲେ।

ଏ ନେଇ ରାଉରକେଲା ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ବି. ସାମନ୍ତସିଂହାରଙ୍କୁ ପଚାରିବାରୁ ସେ କହିଥିଲେ, ବିଭିନ୍ନ ବସ୍‌ରେ ଭାରି ସାମଗ୍ରୀ ଲୋଡ୍ ହେଉଥିବା ନେଇ ଆମ ପାଖରେ ପୂର୍ବରୁ ଅଭିଯୋଗ ରହିଛି। ଏଥିପାଇଁ ଆମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛୁ। ଏଥିରେ ଜଣେ ଏମ୍‌ଭିଆଇଙ୍କ ସମେତ ୬ ପୋଲିସ କର୍ମଚାରୀ ପ୍ରତିଦିନ ବିଭିନ୍ନ ରୁଟ୍‌ରେ ଯାଉଥିବା ବସ୍ ଉପରେ ନଜର ରଖିଛନ୍ତି। ଆମ ପାଖରେ କର୍ମଚାରୀ ଅଭାବ ଯୋଗୁ ବିଭିନ୍ନ ସମୟରେ ରାତ୍ରୀକାଳିନ ବସ୍‌ଗୁଡିକ ଯାଞ୍ଚ କରାଯାଇପାରୁନାହିଁ। ତଥାପି ଆମେ ଏହାକୁ ରୋଟେଶନ ବେସିସ୍‌ରେ କାର୍ଯ୍ୟକାରୀ କରିବୁ ଓ ଖିଲାପୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ସାମନ୍ତସିଂହାର କହିଥିଲେ।



ରାଉରକେଲା ନ୍ୟୁ ବସ୍‌ଷ୍ଟାଣ୍ଡ।

# ସୁସ୍ଥ ହୋଇ ଘରକୁ ଫେରିଲେ ପାଇଲଟ



ଆହତ ପାଇଲଟ୍ ସୁସ୍ଥ ହୋଇ ଫେରୁଛନ୍ତି।

## ରାଉରକେଲା ବିମାନ ଦୁର୍ଘଟଣା

ରାଉରକେଲା,୨୦।୧(ସଙ୍ଗୀ ତା ଜେନା)

ଗତ ୧୦ ତାରିଖରେ ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଆସୁଥିବା ସେସନା ଗ୍ରାଣ୍ଡ କାରାଭାନ୍ ଏକ୍ସ ବିମାନ ରାଉରକେଲା ଜଳଦା ଫାଣ୍ଡି ଅନ୍ତର୍ଗତ କଂସର ବନଟୋଲା ଅଞ୍ଚଳରେ ଖସିପଡିଥିଲା। ଏଥିରେ ୨ ପାଇଲଟ୍‌ଙ୍କ ସମେତ ମୋଟ ୬ ଜଣ ଆହତ ହୋଇଥିଲେ। ଗତ ୨ ଦିନ ତଳେ ଜଣେ ଆହତଙ୍କ ଜେପି ହସ୍ପିଟାଲରେ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ଏହାର ମୁଖ୍ୟ ପାଇଲଟ୍ ନବୀନ କାଡାଙ୍ଗା ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଛନ୍ତି। ଏହି ଅବସରରେ ହସ୍ପିଟାଲ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କୁ ଚିକିତ୍ସା କରୁଥିବା ନ୍ୟୁରୋସର୍ଜନ ଡାକ୍ତର ସୁଶାନ୍ତ ପାତ୍ରଙ୍କ ସୂଚନା ଅନୁସାରେ, ବିମାନ ଦୁର୍ଘଟଣାରେ ଆହତ ପାଇଲଟ ଏବେ ସୁସ୍ଥ ହୋଇଛନ୍ତି। ଏହା ନିଶ୍ଚିତ ଭାବେ ଗର୍ବର ବିଷୟ। ଦୁର୍ଘଟଣାର ଶିକାର ହୋଇ ଆହତ ପାଇଲଟ ହସ୍ପିଟାଲକୁ ଆସିବା ସମୟରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଥିଲା। ମସ୍ତିଷ୍କରୁ ରକ୍ତସ୍ରାବ ହେଉଥିଲା। କାଳବିଳମ୍ବ ନ କରି ତାଙ୍କର ଅପରେଶନ କରାଯିବା ପରେ କ୍ରମଶଃ ସେ ସୁସ୍ଥ ହୋଇଥିଲେ। ଅନ୍ୟ ଜଣେ ପାଇଲଟ୍ ମଧ୍ୟ ଯଥାଶୀଘ୍ର ସୁସ୍ଥ ହୋଇ ଘରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଡାକ୍ତର ପାତ୍ର କହିଥିଲେ। ସେହିପରି ପାଇଲଟ କାଡାଙ୍ଗା ରାଜ୍ୟ ସରକାର, ପ୍ରଶାସନ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି। ଦୁର୍ଘଟଣା ସମୟରେ ସ୍ଥାନୀୟ ଲୋକଙ୍କ ଭରପୁର ସହଯୋଗ ମିଳିଥିଲା ବୋଲି କାଡାଙ୍ଗା କହିଛନ୍ତି।

# ରାଉରକେଲାରେ ବିଭିଜି ରାମ୍‌ଜି କର୍ମଶାଳା

ରାଉରକେଲା, ୨୦।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୮ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ସୋମବାର ଭାଜପା ଜିଲା ସଭାପତି ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ଭିବିଜୀ ରାମ୍‌ଜୀ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଭାରୀ ବଟକିଶୋର ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ୨୦୦୫ରେ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା ଆରମ୍ଭ କରାଯାଇଥିଲା। ୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା ନାମରେ ନାମିତ କରାଯାଇଥିଲା। ମାତ୍ର ଏହାର ମୌଳିକ ଢାଞ୍ଚାରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା। ଫଳରେ ୧୦୦ ଦିନର ନିଶ୍ଚିନ୍ତ କର୍ମନିଯୁକ୍ତି ଦେବା ନିୟମ ଥିଲେ ମଧ୍ୟ କେବଳ ୫୦ ଦିନର କାମ ମିଳୁଥିଲା। ମଜୁରୀ ପ୍ରଦାନରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳିଥିଲା। ଓଡିଶା ମଧ୍ୟ ଏଥରୁ ବାଦ୍ ପଡି ନ ଥିଲା। ୨୦୧୨ରେ ସମ୍ବଲପୁରରେ କେତେଜଣ ମୃତ ବ୍ୟକ୍ତି, ରୋଗୀ ଏବଂ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ନାମରେ ମଜୁରୀ ଟଙ୍କା ଉଠାଯାଇଥିଲା। ଟେକ୍ନୋଲୋଜି ବ୍ୟବହାର କରି ଏସବୁ ଦୁର୍ନୀତି ରୋକିବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାର ଭିବିଜି ରାମ୍‌ଜି ଆଇନ କାର୍ଯ୍ୟକାରୀ କରିଛନ୍ତି । ଏଥିରେ କର୍ମନିଯୁକ୍ତିର ଅବଧିକୁ ୧୦୦ରୁ ୧୨୫ ଦିନ କରାଯାଇଛି ବୋଲି ମିଶ୍ର କହିଥିଲେ। କର୍ମଶାଳାରେ ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ ଓ ରଞ୍ଜିତ ନାଏକ, ଜିଲା ଉପସଭାପତି ଅମରେନ୍ଦ୍ର ନାଥ ଶର୍ମା, ପଦ୍ମିନୀ ଦାଶ ଓ ମନୋଜ କୁମାର ସେନାପତି, ଜିଲା ସମ୍ପାଦକ ସନ୍ତୋଷ କୁମାର ବିରାଟ, ପ୍ରଣତାପ ଦାସ, ଶଙ୍କର ଲୋହାର, ଜୟନ୍ତୀ ମାହାନ୍ତ, ଜିଲା କୋଷାଧ୍ୟକ୍ଷ ସତ୍ୟପଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିକୁ ଗ୍ରୋ କେୟାର ଇଣ୍ଡିଆ ପରିବେଶ ପରିଚାଳନା ପୁରସ୍କାର

ରାଉରକେଲା,୨୦।୧(ବିପ୍ଳବ ରଞ୍ଜନ ଦାଶ)

ମହାରତ୍ନ କମ୍ପାନୀ ସେଲ୍‌ର ଅନ୍ୟତମ ପ୍ରମୁଖ ୟୁନିଟ୍ ଆର୍‌ଏସ୍‌ପିକୁ ୨୦୨୪-୨୫ ଆର୍ଥିକ ବର୍ଷରେ ପରିବେଶ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ 'ଗ୍ରୋ କେୟାର ଇଣ୍ଡିଆ ପରିବେଶ ପରିଚାଳନା ପୁରସ୍କାର-୨୦୨୫' ମିଳିଛି। ଜାନୁଆରୀ ୧୭ ତାରିଖରେ ନୂଆଦିଲ୍ଲୀସ୍ଥିତ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡ଼ିଏମଏ)ର ଯୁଗ୍ମ ସଚିବ ଓ ନିର୍ଦ୍ଦେଶକ ସୁଶ୍ରୀ ମୃଣାଳିନୀ ଶ୍ରୀବାସ୍ତବ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ବୋର୍ଡର ସଦସ୍ୟ ରାଜେଶ ଗୋୟଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ଆର୍‌ଏସପି ଅନ୍ତର୍ଗତ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ପି. ସି. ଦାଶ ଆର୍‌ଏସ୍‌ପି ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ଏହି ପୁରସ୍କାର ପରିବେଶ ସୁରକ୍ଷା କ୍ଷେତ୍ରରେ ବ୍ୟାପକ ଭାବେ କାର୍ଯ୍ୟ କରୁଥିବା ଜଣାଶୁଣା ବେସରକାରୀ ସଙ୍ଗଠନ ଗ୍ରୋ କେୟାର ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠା କରାଯାଇଛି । ପରିବେଶ ପରିଚାଳନା ଏବଂ ପରିବେଶ ସୁରକ୍ଷା ପ୍ରତି ଅନୁକରଣୀୟ ଅବଦାନ ପାଇଁ ଗ୍ରୋ କେୟାର ଇଣ୍ଡିଆ ପ୍ରତିବର୍ଷ ସଙ୍ଗଠନ, କମ୍ପାନୀ ଏବଂ ବ୍ୟକ୍ତି ବିଶେଷଙ୍କୁ ପରିବେଶ ପରିଚାଳନା ପୁରସ୍କାର ପ୍ରଦାନ କରିଥାଏ। ଇସ୍ପାତ ନିର୍ମାଣ କାର୍ଯ୍ୟରେ ନିରନ୍ତର ଏବଂ ବ୍ୟାପକ ପରିବେଶ ଅନୁକୂଳ ପଦକ୍ଷେପ ପାଇଁ ଆର୍‌ଏସ୍‌ପିକୁ ଏହି ପୁରସ୍କାର ପାଇଁ ଚୟନ କରାଯାଇଥିଲା। ଏଥିରେ ବାୟୁ ପ୍ରଦୂଷକ ନିର୍ଗମନର ପ୍ରଭାବଶାଳୀ ନିୟନ୍ତ୍ରଣ, ନିର୍ଗତ ନିର୍ଗମନର କଠୋର ପରିଚାଳନା, ବର୍ଜ୍ୟବସ୍ତୁ ବ୍ୟବହାରର ସର୍ବାଧିକୀକରଣ, ବ୍ୟାପକ ସବୁଜୀକରଣ ବିକାଶ, ଜଳ ସଂରକ୍ଷଣ ପଦକ୍ଷେପ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଉନ୍ନତି ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରଭାବଶାଳୀ ସିଏସ୍‌ଆର ପଦକ୍ଷେପ ଅନ୍ତର୍ଭୁକ୍ତ ଅଟେ। ଏହି ମାନ୍ୟତା ସ୍ଥାୟୀ ବିକାଶ, ପରିବେଶଗତ ପରିଚାଳନା ଏବଂ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି ପ୍ରତି ଆର୍‌ଏସ୍‌ପିର ନିରନ୍ତର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରୁଛି।



ଆର୍‌ଏସ୍‌ପିକୁ ପୁରସ୍କାର ପ୍ରଦାନ କରାଯାଉଛି।

# ମାଛ ଧରିବାକୁ ଯାଇ ଯୁବକ ନିଖୋଜ, ମିଳିଲା ମୃତଦେହ

ରାଉରକେଲା,୨୦।୧(ସଙ୍ଗୀତା ଜେନା)

ବିଶ୍ରା ଥାନା ଅନ୍ତର୍ଗତ ତେତରକେଲା କୋଏଲ ନଦୀରେ ମାଛ ଧରିବାକୁ ଯାଇ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ଉଦ୍ଧାର କରାଯାଇଛି। ମୃତକ ହେଲେ ତେତରକେଲା ଗ୍ରାମର ଜିତେନ୍ଦ୍ର ପ୍ରଧାନ(୪୫)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୬) ରୁଜୁ କରିଛି। ଅପରାହ୍ନ ୧ଟାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ସାନଭାଇ ବିଜୟ ପ୍ରଧାନଙ୍କ ଏତଲା ଅନୁଯାୟୀ, ସୋମବାର ସକାଳ ୯ଟାରେ ଜିତେନ୍ଦ୍ର ମାଛ ଧରିବାକୁ ନଦୀକୁ ଯାଇ ନିଖୋଜ ହୋଇଯାଇଥିଲେ। ତାଙ୍କୁ ବହୁ ଖୋଜାଖୋଜି ପରେ ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳେ ମୃତଦେହ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରାଯାଇଥିଲା।

# ବିଷ୍ଣୁ ସଭାପତି, ବିମାନ ସାଧାରଣ ସମ୍ପାଦକ



ସାଙ୍ଗଠନିକ ସମ୍ମିଳନୀରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

## ରାଉରକେଲା ହକର୍ସ ଆସୋସିଏଶନର ୧୦ମ ସାଙ୍ଗଠନିକ ସମ୍ମିଳନୀ

ରାଉରକେଲା,୨୦।୧(ସଙ୍ଗୀତା ଜେନା)

ରାଉରକେଲା ହକର୍ସ ଆସୋସିଏଶନର ୧୦ମ ସାଙ୍ଗଠନିକ ସମ୍ମିଳନୀ ସେକ୍ଟର-୧୬ ଶ୍ରମିକ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୟୁନିୟନ ସଭାପତି ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ହକର୍ସମାନଙ୍କ ବିଭିନ୍ନ ସମସ୍ୟା ଯଥା ୪୦ ପ୍ରତିଶତ କମିଶନ, ସାମାଜିକ ସୁରକ୍ଷା, ପିଏଫ୍, ଇଏସ୍‌ଆଇ ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇଦେବା ପାଇଁ ୟୁନିୟନ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ପାଇଁ ପ୍ରସ୍ତୁତି ହେବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ସାଧାରଣ ସମ୍ପାଦକ ବିମାନ ମାଇତି ରାଜନୈତିକ ଓ ସାଙ୍ଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଶେଷରେ ସର୍ବସମ୍ମତିକ୍ରମେ ଆଗାମୀ ୩ ବର୍ଷ ପାଇଁ ୧୫ ଜଣିଆ କର୍ମକର୍ତ୍ତା କମିଟି ଓ ୨୦ ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚନ କରାଯାଇଥିଲା। ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ସର୍ବସମ୍ମତିକ୍ରମେ ପୁନଃ ସଭାପତି ନିର୍ବାଚିତ ହୋଇଥିଲେ। ସେହିପରି ବିମାନ ମାଇତି ସାଧାରଣ ସମ୍ପାଦକ, ଆର୍ତ୍ତତ୍ରାଣ ବେହେରା କୋଷାଧ୍ୟକ୍ଷ, ବସନ୍ତ ନାୟକ ଉପଦେଷ୍ଟା, ରାଜକିଶୋର ପ୍ରଧାନ ଆଇନ୍ ଉପଦେଷ୍ଟା, ମିହିର ପାତ୍ର, ମନୋଜ ପଟ୍ଟନାୟକ ଉପ ସଭାପତି, କିଶୋର କୁମାର ରାଉତ ଓ ଶୁଭେନ୍ଦୁ ପାତ୍ର ଯୁଗ୍ମ ସମ୍ପାଦକ, ଅଶୋକ କୁମାର ସାହୁ, ଅଶୋକ କୁମାର ବିଶ୍ୱାଳ ସାଙ୍ଗଠନିକ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। କର୍ମକର୍ତ୍ତା କମିଟିରେ ସମୀର ରାଜହଂସ, କେଶବ ଜେନା, ନବୀନ ମାଝୀ, ଅନିରୁଦ୍ଧ ଜେନା, ଅଶୋକ କୁମାର ଦାସ, ବାଦଲ ଘୋଷ ରହିଥିବାବେଳେ କାର୍ଯ୍ୟକାରୀ କମିଟିରେ ଯୁଗଳ ଘୋଷ, ରଶ୍ମିକାନ୍ତ ସାହୁ, ତପନ କୁମାର କର, ପୂର୍ଣ୍ଣଚନ୍ଦ୍ର ବେହେରା, ସୁନିଲ ଦାସ, ନୀଳମଣି ନନ୍ଦ, ଏ. କେ. ବିଶ୍ୱାଳ, ନିରଞ୍ଜନ ସାମଲ, ସୁରେନ୍ଦ୍ର ପଟ୍ଟନାୟକ, ଜିତେନ୍ଦ୍ର ସୋନା, ଦିନେଶ ମଲିକ, ଗୋପୀ ସୋନା, ବ୍ରଜ ନାୟକ, ଶ୍ୟାମ ମାରେଖ, ବେସେରା ଘୋଷ, ସନ୍ତୋଷ ମହାନନ୍ଦ ରହିଛନ୍ତି।

# ଜାତୀୟ ଉଠାଦୋକାନୀ ଦିବସ ପାଳିତ

ରାଉରକେଲା,୨୦।୧(ଦିନେଶ ମିଶ୍ର)

ବାସନ୍ତୀ କଲୋନୀରେ ଜାତୀୟ ଉଠା ଦୋକାନୀ ଦିବସ ସମାଜସେବୀ ରଣଧୀର ଲେଙ୍କା ଅଧ୍ୟକ୍ଷତାରେ ମଙ୍ଗଳବାର ପାଳିତ ହୋଇଯାଇଛି। ବାସନ୍ତୀ କଲୋନୀ ପଥ ବିକ୍ରେତା ଓ କ୍ଷୁଦ୍ର ବ୍ୟବସାୟୀ ସୁରକ୍ଷା ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଉଠାଦୋକାନୀ ଉପସ୍ଥିତ ଥିଲେ। ଦୀର୍ଘ ଦିନ ଧରି ଏହି ଉଠା ଦୋକାନୀମାନେ ବାସନ୍ତୀ କଲୋନୀ ସ୍ଥିତ ମୁଖ୍ୟ ରାସ୍ତାକଡରେ ବ୍ୟବସାୟ କରୁଥିବାବେଳେ ସେମାନଙ୍କୁ କୌଣସି ଥଇଥାନ କରା ନ ଯାଇ ଉଚ୍ଛେଦ କରାଯାଉଛି। ତେଣୁ ଉଠାଦୋକାନୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବି କରିଥିଲେ। ଏହି ଅବସରରେ ରାସ୍ତାକଡ଼ ଉଠାଦୋକାନୀ ହାତରେ ଝାଡୁ ଧରି ବାସନ୍ତୀ କଲୋନୀର ପ୍ରମୁଖ ରାସ୍ତାକୁ ସଫେଇ କରିବା ସହ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଉଠାଦୋକାନୀ ଫକୀର ମୋହନ ନାୟକ, ଶ୍ରବଣ ସାହୁ, ଅଶୋକ ସାହୁ, ସନ୍ଧ୍ୟାରାଣୀ ତ୍ରିପାଠୀ, ବୈଲୋଚନ ସାହୁ, ମାନା ଦେଓ, ଗୋବିନ୍ଦ କୁମ୍ଭାର, ରାମ କଲ୍ଲୀ, ଇକ୍‌ବାଲ ସିଂ, କୌଳାସ ମଲ୍ଲିକ, ରାଜେଶ ଯାଦବ, ସୁରେଶ ଚୌଧୁରୀ, ସୁନୀଲ ପ୍ରଜାପତି, ଅଖିଳେଶ ପାଣି, ଗଣେଶ ସାହୁ, ଅଭିମନ୍ୟୁ ସାହୁ, ଲଲନ ପଣ୍ଡିତ, ପ୍ରଶାନ୍ତ ସାହୁ, ସତ୍ୟରଞ୍ଜନ ସାମଲ, ପୁଷ୍ପାଞ୍ଜଳି ପାତ୍ରୀ, ବିମଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସମାଜସେବୀ ଅତିଶ ମିଶ୍ରଙ୍କ ସମେତ ନ୍ୟାଶନାଲ ହକର୍ସ ଫେଡେରେଶନ ସଦସ୍ୟମାନେ ସହଯୋଗ କରିଥିଲେ।



ଉଠା ଦୋକାନୀମାନେ ରାସ୍ତାକଡ଼ ସଫେଇ କରୁଛନ୍ତି।

# ଟ୍ରେନ୍‌ରେ କଟିଲା ଭେଣ୍ଡରଙ୍କ ଗୋଡ଼

ରାଉରକେଲା,୨୦।୧(ସଙ୍ଗୀତା ଜେନା): ରାଉରକେଲା ରେଲୱେ ଷ୍ଟେଶନ ପ୍ଲାଟଫର୍ମ ନଂ.୧ରେ ମଙ୍ଗଳବାର ସନ୍ଧ୍ୟା ୭ଟା ୪୫ରେ ଜଣେ ଭେଣ୍ଡର ଟ୍ରେନ ଚଢୁଥିବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ଟ୍ରେନ ଚକରେ ତାଙ୍କ ଗୋଡ କଟାଯାଇଥିବା ସୂଚନା ମିଳିଛି। ତାଙ୍କୁ ତୁରନ୍ତ ଆର୍‌ଜିଏଚ୍ ନିଆଯାଇଥିବା ସୂଚନା ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଦେଇଛନ୍ତି।

# ଅକ୍ଷୟଶିଳାରେ ପ୍ଲାଷ୍ଟିକମୁକ୍ତ ପିକ୍‌ନିକ୍

ରାଉରକେଲା,୨୦।୧(ସଙ୍ଗୀତା ଜେନା)

ଶୀତଋତୁରେ ଇସ୍ପାତ ସହର ତଥା ଆଖପାଖର ଲୋକ ପିକ୍‌ନିକ୍ ସ୍ଥଳୀକୁ ବଣଭୋଜି ପାଇଁ ଯାଇଥାନ୍ତି। ବଣଭୋଜି ଶେଷ ହେବ ପରେ ସେମାନେ ବହୁମାତ୍ରରେ ପ୍ଲାଷ୍ଟିକ ପ୍ଲେଟ୍, ଗ୍ଲାସ ଓ ଅନ୍ୟ ବର୍ଜ୍ୟସାମଗ୍ରୀ ଛାଡି ଆସିଥାନ୍ତି। ଫଳରେ ଉକ୍ତ ବର୍ଜ୍ୟବସ୍ତୁ ଜଳସ୍ରୋତ ଓ ମୃତ୍ତିକାରେ ମିଶି ପ୍ରଦୂଷଣ କରିଥାଏ। ଅପରପକ୍ଷେ, ପ୍ରାକୃତିକ ଶୋଭାରାଜିସମ୍ପନ୍ନ ପିକ୍‌ନିକ୍ ସ୍ଥଳୀଗୁଡ଼ିକ ସୌନ୍ଦର୍ଯ୍ୟ ହରାଇଥାନ୍ତି। ଉକ୍ତ ପିକ୍‌ନିକ୍ ସ୍ଥଳୀଗୁଡ଼ିକର ପୂର୍ବ ସୌନ୍ଦର୍ଯ୍ୟ ଫେରାଇ ଆଣିବାକୁ ରାଉରକେଲା ବନ ବିଭାଗ ପକ୍ଷରୁ ପିକ୍‌ନିକ୍‌ସ୍ଥଳୀଗୁଡ଼ିକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ଓଡ଼ିଶା ଝାଡଖଣ୍ଡ ସୀମାନ୍ତ ବିଶ୍ରାରେ ଥିବା ଅକ୍ଷୟଶିଳା ଜଳପ୍ରପାତ ଓ ଆଖପାଖ ଅଞ୍ଚଳରେ ପ୍ଲାଷ୍ଟିକ୍ ଆବର୍ଜନା ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଅକ୍ଷୟଶିଳା କଲେଇପୋଷ ଗ୍ରାମରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଫରେଷ୍ଟର ସ୍ମିତିନନ୍ଦା ମହାରଣା ଓ ବନକର୍ମୀ ଦୀପକ ନନ୍ଦ ଉପସ୍ଥିତ ଥିଲେ। ପରେ ଅକ୍ଷୟଶିଳା ପିକ୍‌ନିକ୍ ସ୍ଥଳୀରେ ପ୍ଲାଷ୍ଟିକ ସଫେଇ ସହ ବଣଭୋଜି କରିବାକୁ ଆସିଥିବା ଲୋକଙ୍କୁ ପ୍ଲାଷ୍ଟିକ୍ ପରିବର୍ତ୍ତେ କାଗଜ ପ୍ଲେଟ ବ୍ୟବହାର ପାଇଁ ଆହ୍ୱାନ ଦିଆଯାଇଥିଲା। ସେହିପରି ଅପରାହ୍ନ ୧ଟାରେ ବରସୁଆଁ ହାଇସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଞ୍ଜର ସୁଦେଷ୍ଣା ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରକୃତି ଓ ପରିବେଶ ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ପରେ ବନ ବିଭାଗ ଓ ପରିବେଶ ସମ୍ବନ୍ଧୀୟ ଆୟୋଜିତ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାଉଲ୍‌ସ ଓରାମ, ନବୀନ ପତ୍ରୀ କିଷାନ, ବାସନ୍ତୀ ଓରାମ, ଆର୍ଯ୍ୟ ଅନୁଭବ, ମଞ୍ଜୁ ସୁନ୍ୟାନୀ, ରତିକାନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।





ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

# ମାଳତୀ ଓରାମ ଗ୍ରୁପ୍‌କୁ ପ୍ରଥମ ପୁରସ୍କାର

ରାଉରକେଲା,୨୦।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପକ୍ଷରୁ ସୋମବାର ସିଭିକ୍ ସେଣ୍ଟରରେ ଆୟୋଜିତ ସିନର୍ଜି ଲୋକ ସଂସ୍କୃତି ମହୋତ୍ସବର ଫାଇନାଲ ରାଉଣ୍ଡରେ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କଚାରୁ ଗ୍ରାମର ମାଳତୀ ଓରାମ ଗ୍ରୁପ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲ୍ଲାଇ, ଖଣି (ଓଜିଓଏମ, ସିଏମଏଲଓ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ସହର ସେବା ଓ ସିଏସ୍‌ଆର ବିଭାଗର ସିଜିଏମ୍ ଟି. ଜି. କାନେକର, ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଜିଏମ୍ ବିଭାବସୁ ମଲ୍ଲିକଙ୍କ ସମେତ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ, ସରପଞ୍ଚ, ଇଭେଣ୍ଟର ବିଚାରକ, ଏସ୍‌ଏଚ୍‌ଜି ଏବଂ ରାଉରକେଲାର ଚାରୋଟି ପାର୍ଶ୍ୱାଞ୍ଚଳ ବ୍ଲକର ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ।

ଉଲ୍ଲେଖନୀୟ, ଲାଠିକଟା, ନୂଆଗାଁ, ବିଶ୍ରା ଏବଂ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରୁ ୧୨୦ଟି ଦଳ ପୂର୍ବରୁ ବ୍ଲକସ୍ତରରେ ଅନୁଷ୍ଠିତ ଜୋନାଲ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବ୍ଲକରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ବିଜେତା ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ





ପ୍ରଥମ ପୁରସ୍କାର ପାଇଥିବା ଲୋକନୃତ୍ୟ ଦଳ।

## ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ

ଆଲୋକ ବର୍ମା ସମସ୍ତ ଅଂଶଗ୍ରହଣକାରୀ ଦଳ ଏବଂ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭାକୁ ଉପସ୍ଥାପନ କରିବା ହିଁ ଏକ ମହାନ ସଫଳତା ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୃତ୍ୟ ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପ୍ରତ୍ୟେକ ଅଂଶଗ୍ରହଣକାରୀ ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଟି. ଜି. କାନେକର ସମାବେଶକୁ ସ୍ୱାଗତ କରିଥିଲେ। ସୁଶ୍ରୀ ମୁନମୁନ ମିତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ସିଏସ୍‌ଆର ବିଭାଗର ଏଜିଏମ୍ ଟି. ବି. ଟପ୍ପୋ ଓ ସିଏସ୍‌ଆର ବିଭାଗର ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି. ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**୬୯୦ ବୋତଲ କଫ ସିରପ୍ ଜବତ, ମହିଳା ଗିରଫ**

ସମ୍ବଲପୁର,(ପ୍ରମୋଦ ବହିଦାର): ରେଙ୍ଗାଲି ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଠେଲ୍‌କେଲୋଇ ଥାନା ଅନ୍ତର୍ଗତ ଖୁଣ୍ଡା ଗ୍ରାମର ଜଣେ ମହିଳାଙ୍କ ଘରେ ବେଆଇନ୍ କଫ୍‌ସିରପ୍ କାରବାର ଚାଲିଥିବା ସମ୍ପର୍କରେ ଖବର ପାଇଁ ଚଢ଼ାଉ କରିଥିଲା। ତାଙ୍କ ନିକଟରୁ ଶହେ ମିଲିଲିଟର ବିଶିଷ୍ଟ ୬୯୦ ବୋତଲ ସିଲ୍ଲ କଫ୍‌ସିରପ ଜବତ କରାଯାଇଛି। ଏହି ଘଟଣାରେ ରୀନା ସାହୁଙ୍କୁ ଗିରଫ କରି କୋର୍ଟଚାଲଣ କରାଯାଇଛି।

# ପୁତନା ବଧ, ଷଣ୍ଢାସୁରଙ୍କୁ ଗୋପପୁର ପ୍ରେରଣ



ଧନୁଯାତ୍ରାର ତୃତୀୟ ସନ୍ଧ୍ୟାର ରାଜ ଅତିଥିମାନେ।

**ସମ୍ବଲପୁରୀ ଧନୁଯାତ୍ରା ତୃତୀୟ ଦିବସ**

ସମ୍ବଲପୁର,୨୦।୧(ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମୁକ୍ତ ମଞ୍ଚ ମଥୁରାପୁର ସଭାରେ ମଙ୍ଗଳବାର ତୃତୀୟ ଦିବସରେ ସମ୍ବଲପୁରୀ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ରାଜ ଅତିଥିଭାବେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ସମ୍ବଲପୁର ସାମ୍ବାଦିକ ସଂଘ ସଭାପତି ସୁବାସ ପାଣିଗ୍ରାହୀ ଯୋଗଦେଇଥିଲେ। ଅତିଥିମାନେ ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ପ୍ରଦର୍ଶିତ ହେବା ଦ୍ୱାରା ଆମ ଭାଷା ଆଗକୁ ବଢିବ ଓ ସରକାର ଆଗକୁ ଅଷ୍ଟମ ପରିଚ୍ଛେଦରେ ସମ୍ବଲପୁରୀ ଭାଷାକୁ ସ୍ଥାନିତ କରିବେ ବୋଲି କହିଥିଲେ। ସମ୍ବଲପୁରୀ ଧନୁଯାତ୍ରାର ଲୋକପ୍ରିୟତା ଯୋଗୁ ଅନ୍ୟ ଧନୁଯାତ୍ରା ଗୁଡିକ ମଧ ସମ୍ବଲପୁରୀ ଭାଷାରେ ମଞ୍ଚସ୍ଥ ହେବ ବୋଲି ଅତିଥିମାନେ କହିଥିଲେ। ଧନୁଯାତ୍ରା କମିଟି ବରିଷ୍ଠ ସଭ୍ୟ ଲଳିତ ବେବାର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉପସଭାପତି ରାମଦାସ ପଣ୍ଡା, ସମ୍ପାଦକ ଗୁଣରଞ୍ଜନ ସାଲିମା ଓ ଯୁଗ୍ମ ସମ୍ପାଦକ ଦୁଷ୍ମନ୍ତ ପଣ୍ଡା ମଞ୍ଚାସୀନ ଥିଲେ। ରାଜ ଦରବାରରେ ମା' ସମଲେଇ ଓ ଶିବ ଲିଙ୍ଗ ପାଖରେ ପବିତ୍ର ଧନୁକୁ ପୂଜାର୍ଚ୍ଚନା କରାଯାଇଥିଲା। ସମ୍ବଲପୁରୀ ଧନୁଯାତ୍ରାର ତୃତୀୟ ଦିନରେ ଗୋପପୁରରେ ଶିଶୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ପୁତନା ବଧ ଖବର ପାଇଥିଲେ କଂସ ମହାରାଜ। ଏହାପରେ ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ ସେ ଷଣ୍ଢାସୁରଙ୍କୁ ଗୋପପୁର ପ୍ରେରଣ କରିଛନ୍ତି। ଲୀଳା ନାଟକରେ ଏହି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା । ମଥୁରାନଗରୀ ରାଜ ଦରବାରରେ କଣ୍ଠଶିଳ୍ପୀ ରବୀନ୍ଦ୍ର ପଣ୍ଡା, ଅର୍ପିତା ମିଶ୍ର, ଅଜୟ ନାଥ, ଶ୍ୱେତା ପଣ୍ଡା ପ୍ରମୁଖ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ସାହୁ ପରିଚାଳନା କରିଥିଲେ। ସଂଯୋଜନା ଦାୟିତ୍ୱ ନିର୍ବାହ କରିଥିଲେ ସଂସ୍କୃତି ସମ୍ପାଦକ କୃଷ୍ଣଚନ୍ଦ୍ର ବାଗ ଓ ମିଥୁନ ସାହାଣୀ। ଏହାପରେ ପଞ୍ଚବାଦ୍ୟ, ସୁଜାତା କ୍ରିଏସନ, ରାଜଶ୍ରୀ ଡ୍ୟାନ୍ସ ଗ୍ରୁପ କଲଚରାଲ ଏକାଡେମୀର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସୂର୍ଯ୍ୟ ପାଣିଗ୍ରାହୀ ମଞ୍ଚ ପରିଚାଳନା ଏବଂ ଗୁରୁ ପ୍ରମୋଦ ମିଶ୍ର ସଙ୍ଗୀତ ପରିଚାଳନା କରିଥିଲେ।



ମଞ୍ଚରେ ସମ୍ବଲପୁରୀ ନୃତ୍ୟ ପରିବେଷଣ।

# ନନ୍ଦୋତ୍ସବରେ ମୁଖରିତ ଚାଉଁରପୁର ଗ୍ରାମ



ମଙ୍ଗଳବାର ଚାଉଁରପୁର ଗ୍ରାମରେ ନନ୍ଦୋତ୍ସବ କାର୍ଯ୍ୟକ୍ରମରେ କଳାକାର ଓ ଦର୍ଶକ।

ସମ୍ବଲପୁର,୨୦।୧(ବି.ଶଙ୍କର)

- **ପୁତନା ବଧ ଦେଖିଲେ ଗ୍ରାମବାସୀ**
- **ଭକ୍ତି ସଙ୍ଗୀତ, ନୃତ୍ୟ, ବାଦ୍ୟରେ ଝୁମିଲା ଅଞ୍ଚଳ**

ସମ୍ବଲପୁରୀ ଧନୁଯାତ୍ରାର ତୃତୀୟ ଦିବସରେ ମଙ୍ଗଳବାର ଗୋପପୁର (ଚାଉଁରପୁର)ରେ ନନ୍ଦୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ, ନୃତ୍ୟ, ବାଦ୍ୟରେ ଉତ୍ସବ ମୁଖର ହୋଇଥିଲା ଅଞ୍ଚଳ। ଶ୍ରୀକୃଷ୍ଣ ଭକ୍ତି ସଙ୍ଗୀତ ଓ ସଂକିର୍ତ୍ତନ୍ୟରେ ଉତ୍ସବ ସ୍ଥଳ ଝୁମି ଉଠିଥିଲା। ନନ୍ଦ ରାଜା ଓ ଯଶୋଦାଙ୍କ ଭବନ ପ୍ରଭୁ ଶ୍ରୀକୃଷ୍ଣ ଆଗମନରେ ମୁଖରିତ ହୋଇଥିଲା। ରୀତିନୀତି ଓ ପରମ୍ପରାନୁସାରେ ନନ୍ଦୋତ୍ସବ ହୋଇଥିଲା। ସେହିପରି ମଥୁରା ନାଗରୀରୁ ମହାରାଜ କଂସଙ୍କ ଦ୍ୱାରା ପ୍ରେରିତ ହୋଇଥିବା ପୁତନାକୁ ଗୋପପୁରେ ଶ୍ରୀକୃଷ୍ଣ ବଧ କରିଥିଲେ। ଏହି ପୁତୁନା ବଧ ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା। ନନ୍ଦୋତ୍ସବ ଆରମ୍ଭରେ ଗୋପପୁର ସମ୍ବଲପୁରୀ ଧନୁଯାତ୍ରା କମିଟି ସଭାପତି ଅଦିତ୍ୟ ନାୟକଙ୍କ ସଭାପତିତ୍ୱ ଓ ସମ୍ପାଦକ ଗଣେଶ ମହନ୍ତମଙ୍କ ପରିଚାଳନାରେ ସଭା ହୋଇଥିଲା। ପୂର୍ବତନ ବିଧାୟକ ନାଉରୀ ନାୟକ, ସମ୍ବଲପୁର ଜିଲା ଭାଜପା ସଭାପତି ରାମଚନ୍ଦ୍ର ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇ କଳାକାରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଧନୁଯାତ୍ରା ମାଧ୍ୟମରେ ସମ୍ବଲପୁରୀ ଭାଷା, ସଂସ୍କୃତି ଆହୁରି ଋଦ୍ଧିମନ୍ତ ହେବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ବଲପୁରୀ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ କୁମାର ବାବୁ, ସମ୍ପାଦକ ଗୁଣରଞ୍ଜନ ସାଲିମା, କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ସହ ସମ୍ପାଦକ ଦୁଷ୍ମନ୍ତ ପଣ୍ଡା ଓ ଲିଳିମା ମଲ୍ଲିକ, କୋଷାଧକ୍ଷ ନିଶିକାନ୍ତ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ଯୋଗେଶ ନନ୍ଦ ଓ ଲଳିତ ବେବର୍ତ୍ତା, ବରିଷ୍ଠ କଳାକାର ସୂର୍ଯ୍ୟ ପାଣିଗ୍ରାହୀ, ଚୈତନ୍ୟ ନାୟକ, ସନ୍ତୋଷ ରାୟଗୁରୁ, ସୌରୀ ପାଣିଗ୍ରାହୀ, କିଶୋର ଧରେଇ, ସ୍ୱାଧିନ ପଣ୍ଡା, ରାହୁଲ ଗୁପ୍ତା, ହିମାଂଶୁ ସାହୁ, ସୁରେଖା ସାହୁ, ଶ୍ୱେତା ପଣ୍ଡା, ପ୍ରିୟଙ୍କା ପ୍ରଧାନ, ରଞ୍ଜନା ପୃଷ୍ଟି ପ୍ରମୁଖ ରାଜ ଅତିଥିଭାବେ ଯୋଗଦେଇଥିଲେ। ସମ୍ବଲପୁରୀ ଧନୁଯାତ୍ରାର ନାଟ୍ୟକାର ଓ ନିର୍ଦ୍ଦେଶକ ଯାତ୍ରା ନିର୍ଦ୍ଦେଶକ ବବୁଲୁ ବାଗ ଓ ଅନ୍ୟତମ ନିର୍ଦ୍ଦେଶକ ପ୍ରଶାନ୍ତ ମହାରଣାଙ୍କ ପରିଚାଳନାରେ ନାଟ୍ୟାଭିନୟ ହୋଇଥିଲା । ସରୋଜ ମହାପାତ୍ର, ନରେଶ ସିଂ, ଉମାକାନ୍ତ ମହନ୍ତମ, ସୁଶାନ୍ତ ସେଟ ଓ ପିନ୍ତୁ ରାଉତ ଗୋପପୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସମ୍ବଲପୁରସ୍ଥିତ ଗଙ୍ଗାଧର ମୁକ୍ତ ମଣ୍ଡପରେ ମହାରାଜ କଂସଙ୍କ ଦରବାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ଅଷ୍ଟମଲ୍ଲଙ୍କ ସହକଂସଙ୍କ ବିଚାର ବିମର୍ଷ, ଗୁପ୍ତଚରଙ୍କ ଗୋପପୁର ଘଟଣା ପ୍ରକାଶ, ଗୋପପୁରକୁ ଷଣ୍ଡା ସୁରଙ୍କୁ ପ୍ରେରଣ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ଜିଲା ସମ୍ବାଦିକ ସଂଘ ସଭାପତି ସୁବାଷ ଚନ୍ଦ୍ର ପାଣିଗ୍ରାହୀ ରାଜ ଅତିଥି ଭାବେ ଯୋଗଦେଇଥିଲେ ।

**ସଂକ୍ଷେପରେ**

## ଗାଡ଼ି ଧକ୍କାରେ ଯୁବକ ମୃତ

ସମ୍ବଲପୁର,୨୦।୧(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଜାତୀୟ ରଜପଥ(୫୫)ରେ ଡୁମେ଼ସିଂହା ରେଳ ଓଭରବ୍ରିଜ୍ ଉପରେ ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନକ୍ସାପାଲିର ବନମାଳି ସିଂ(୩୨)। ମଙ୍ଗଳବାର ବନମାଳୀ ବାଇକ୍(ନଂ.ଓଆର-୧୫-ଏନ୍-୭୪୮୮)ରେ ଘରକୁ ଫେରୁଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସଦର ଥାନା ପୋଲିସ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲା। ସେଠାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ହୀରାକୁଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ସମ୍ବଲପୁର,୨୦।୧(ଭବାନୀ ଶଙ୍କର ଭୋଇ)

ହୀରାକୁଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ହିଣ୍ଡାଲକୋ ହୀରାକୁଦର ମାନବ ସମ୍ବଳ ବିଭାଗ ମୁଖ୍ୟ ବିଶ୍ୱାସ ସିନ୍ଧେ, ସମ୍ମାନୀତ ଅତିଥଭାବେ ହିଣ୍ଡାଲ୍‌କୋ ସାମାଜିକ ଦାୟିତ୍ୱ ବିଭାଗ ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ଏବଂ ଉପଦେଷ୍ଟା ସୁକାନ୍ତ ମହାପାତ୍ର ଯୋଗଦେଇଥିଲେ। ହିଣ୍ଡାଲକୋ ଆନୁକୂଲ୍ୟରେ ନବନିର୍ମିତ ମଞ୍ଚ ସହିତ ନବୀକରଣ ହୋଇଥିବା ଦୁଇଟି ଶ୍ରେଣୀଗୃହକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଦେଖା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ବବନ ସିଂ ଓ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ମହନ୍ତ ବିଦ୍ୟାଳୟ ତଥ୍ୟ ଉପସ୍ଥାପନ କରିଥିଲେ। ହୀରାକୁଦ ମଣ୍ଡଳ କୋଅର୍ଡିନେଟର ଡାନିଏଲ ବାରିକ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ହିଣ୍ଡାଲକୋ ସିଏସଆର୍ ବିଭାଗ ଜୟଶ୍ରୀ ରାଓ ଓ ସରୋଜ ଆଚାର୍ଯ୍ୟ ସହଯୋଗ କରିଥିଲେ। ଅନ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଟେଲ, ପୂର୍ବତନ ସିଆର୍‌ସିସି ନମିତା ଧଳ, ସହକାରୀ ଶିକ୍ଷକ ସୁଶାନ୍ତ ମେହେର ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ନର୍ମଦା ଗୌଡଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବାର୍ଷିକ କ୍ରୀଡାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତକରାଯାଇଥିଲା। ପଞ୍ଚସଖା ଶିକ୍ଷାସେତୁ ସଭାପତି ବୀରେନ୍ଦ୍ର ନାରାୟଣ ଜେନା ମଞ୍ଚ ପରିଚାଳନା କରିଥିଲେ ।

# କେନ୍ଦୁପତ୍ର ତୋଳାଳି, ଶ୍ରମିକଙ୍କ ସାମାଜିକ ନିରାପତ୍ତା ଜରୁରୀ

ସମ୍ବଲପୁର,୨୦।୧(ବି.ଶଙ୍କର)

**ଆଗାମୀ ବଜେଟରେ ୨୦୦ କୋଟି ଟଙ୍କା ପ୍ରାବଧାନ ରଖିବାକୁ ସଂଘର ଦାବି**

କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ସାମାଜିକ ନିରାପତ୍ତା ତଥା ସାମାଜିକ କଲ୍ୟାଣ ଅତ୍ୟନ୍ତ ଜରୁରୀ। ତେଣୁ ଆଗାମୀ ୨୦୨୬-୨୭ ମସିହାର ରାଜ୍ୟ ବଜେଟରେ ୨୦୦ କୋଟି ଟଙ୍କା ପ୍ରାବଧାନ କରିବାକୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଦାବି କରିଛି। ମଙ୍ଗଳବାର ସନ୍ଧ୍ୟାରେ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଏହି ପ୍ରେସ ବିବୃତିରେ କହିଛନ୍ତି , ସଂଘର ଦାବିକ୍ରମେ ୨୦୨୩-୨୪ ମସିହାରେ ପୂର୍ବତନ ରାଜ୍ୟ ସରକାର ବାର୍ଷିକ ବଜେଟରେ କେନ୍ଦୁପତ୍ର ସଂସ୍ଥାର ଲକ୍ଷାଧିକ ତୋଳାଳି, ସହସ୍ରାଧିକ ଅନ୍ୟାନ୍ୟ ଶ୍ରମିକଙ୍କ ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି ନାମରେ ୫୦ କୋଟି ଟଙ୍କା ପ୍ରାବଧାନ କରିଥିଲେ। ଏହାପରେ ବର୍ତ୍ତମାନର ସରକାର ମଧ ୨୦୨୪-୨୫ମସିହାରେ ୧୦୦କୋଟି ଟଙ୍କା ବଜେଟରେ ରଖିଥିଲେ । କିନ୍ତୁ ଆର୍ଥିକ ବର୍ଷ ଶେଷରେ ଉକ୍ତ ୧୦୦ କୋଟି ଟଙ୍କାରୁ ଅର୍ଥ ବିଭାଗ ୫୦ କୋଟି ଟଙ୍କା କାଟି ଦେଇ ଅବଶିଷ୍ଟ ୫୦ କୋଟି ଟଙ୍କା କେନ୍ଦୁପତ୍ର ସଂସ୍ଥାକୁ ଦେଇଛନ୍ତି। ଯଦ୍ୱାରା ତୋଳାଳି ଓ ଅନ୍ୟାନ୍ୟ ସଂପୃକ୍ତ ଶ୍ରମିକମାନେ ଆଶାନୁରୂପ ସାମାଜିକ ନିରାପତ୍ତା ତଥା ସହାୟତା ପାଇ ପାରିଲେନାହିଁ । ପୁନରାୟ ୨୦୨୫-୨୬ ମସିହାର ବାର୍ଷିକ ବଜେଟରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି ପାଇଁ ଅର୍ଥ ପରିମାଣ ବୃଦ୍ଧି କରିବାକୁ ୨୦୦କୋଟି ଟଙ୍କା ପ୍ରାବଧାନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ସରକାର ଗତ ବଜେଟରେ ୧୨୦ କୋଟି ଟଙ୍କା ବିଧାନ ସଭାରେ ପ୍ରସ୍ତାବ ଉପସ୍ଥାପିତ କରିବା ପରେ ମଞ୍ଜୁର ହୋଇଥିଲା । କିନ୍ତୁ ବାସ୍ତବରେ ଏହି ୧୨୦ କୋଟି ଟଙ୍କାରୁ ପ୍ରାୟ ୯୨ କୋଟି ଦିଆଗଲା । ଏହା ଫଳରେ ସାମାଜିକ ନିରାପତ୍ତା ତଥା କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ସଙ୍କୁଚିତ ହୋଇଯାଇଛି। ପୁଣି ୯୨କୋଟି ଟଙ୍କାରୁ ସରକାରୀ କର୍ମଚାରୀମାନଙ୍କ କ୍ୱାର୍ଟର୍ସ ନିର୍ମାଣରେ ଅଧିକ ଖର୍ଚ୍ଚ ହେଉଛି । ଅପରପକ୍ଷେ ଜଳବାୟୁ ପରିବର୍ତ୍ତନ, କେନ୍ଦୁପତ୍ର ଏରିଆ ହ୍ରାସ, ଆଶାନୁରୂପ ଗୋଛା କଟେଇର ଅଭାବ ଓ ଖଣି ଖାଦାନ, କୃଷି କାର୍ଯ୍ୟ ପାଇଁ କେନ୍ଦୁପତ୍ର ସଂଗ୍ରହ ପରିମାଣ ଓ ଗୁଣାତ୍ମକମାନ ହ୍ରାସ ପାଉଛି । ଅନ୍ୟ ଦିଗରେ ଖର୍ଚ୍ଚ ମଧ ବୃଦ୍ଧି ପାଇବାରେ ଲାଗିଛି । ଏପରି ଅବସ୍ଥାରେ ଏହି କାର୍ଯ୍ୟରତ ଆଦିବାସୀ ପଛୁଆ ବର୍ଗର ଲକ୍ଷାଧିକ ମହିଳା ତୋଳାଳି ଏବଂ ଶ୍ରମିକ କର୍ମଚାରୀମାନଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ପାଇଁ ସରକାର ବଜେଟରେ ଆର୍ଥିକ ପ୍ରାବଧାନ ବୃଦ୍ଧି କରି ବଜେଟର ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରିବା ଉଚିତ । ବର୍ତ୍ତମାନର ଭାଜପା ସରକାର ଗତ ନିର୍ବାଚନରେ ଇସ୍ତାହାରରେ ପତ୍ର ଦର ବୃଦ୍ଧି ଓ ବୋନସ ବୃଦ୍ଧି ପାଇଁ ଘୋଷଣା କରିଛନ୍ତି । ଏଥିପାଇଁ ରାଜ୍ୟ ସରକାର ଆଗାମୀ ବଜେଟରେ ୨୦୦ କୋଟି ଟଙ୍କା ଆର୍ଥିକ ପ୍ରାବଧାନ ରଖିବାକୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସରକାରଙ୍କ ଅର୍ଥ ବିଭାଗକୁ ପ୍ରସ୍ତାବ ଦେଇଛନ୍ତି। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଅର୍ଥ ଓ ଜଙ୍ଗଲ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ କେନ୍ଦୁପତ୍ର ସଂସ୍ଥାଙ୍କୁ ଜଣାଇଛନ୍ତି ବୋଲି ସଭାପତି ମହାନ୍ତି ସୂଚିତ କରିଛନ୍ତି।

## ହୋମିଓପାଥି କଲେଜରେ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୨୦।୧(ପ୍ରମୋଦ ବହିଦାର)

ସମ୍ବଲପୁର ମାଝିପାଲିସ୍ଥିତ ସରକାରୀ ହୋମିଓପାଥିଭେଷଜ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ତଲାବ୍ ଗ୍ରାମ ପଞ୍ଚାୟତରେ ଗତ ୭ ଦିନ ଧରି ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ବୀରେନ୍ଦ୍ର ବେହେରା, ସମ୍ମାନିତ ଅତିଥିଭାବେ ଜିଲା ଏନ୍‌ଏସ୍‌ଏସ୍ ନୋଡାଲ ଅଫିସର ଶାନ୍ତନୁ ପ୍ରଧାନ ଓ ତାଲାବ ସରପଞ୍ଚ ବିନୋଦ ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡା. ମହେନ୍ଦ୍ର ଧରୁଆ, ମହାବିଦ୍ୟାଳୟର ଛାତ୍ର ସଂଘ ସଭାପତି ପଳାଶ ରଞ୍ଜନ ପାଲ ଓ ଏନ୍‌ଏସ୍‌ଏସ୍ ଲିଡର ରାଜ କୁମାର ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଶିବିରରେ ଭାଗ ନେଇଥିବା ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଶିବିରରେ ଆଖପାଖ ବିଭିନ୍ନ ଗ୍ରାମର ଅଧିବାସୀଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ, ରକ୍ତ ପରୀକ୍ଷା ଆଦି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା।

# ଗୋବିନ୍ଦତୋଲାରେ ମହାରାଜ କଂସଙ୍କୁ ସ୍ୱାଗତ



ଗୋବିନ୍ଦତୋଲା ଦୁର୍ଗାପୂଜା କମିଟି ପକ୍ଷରୁ ମହାରାଜ କଂସଙ୍କୁ ସ୍ୱାଗତ କରାଯାଇଛି।

ସମ୍ବଲପୁର,୨୦।୧(ଭବାନୀ ଶଙ୍କର ଭୋଇ)

**ଅଞ୍ଚଳ ସମସ୍ୟାର ସମାଧାନ ପାଇଁ ନିବେଦନ କଲେ ଲୋକେ**

ସମ୍ବଲପୁରୀ ଧନୁଯାତ୍ରାର ତୃତୀୟ ଦିବସ ମଙ୍ଗଳବାର ମହାରାଜ କଂସ ମନ୍ତ୍ରୀ ପରିଷଦ ସହ ନଗର ପରିକ୍ରମା କରିଥିଲେ। ରଥାରୂଢ଼ ହୋଇ ମହାରାଜ ଧନୁପାଲି ମହାବୀର ପଡା, ହନୁମାନ ମନ୍ଦିରରୁ ପଟୁଆରରେ ବାହାରି ଧନୁପାଲି ଛକ ଦେଇ ଗୋବିନ୍ଦତୋଲାରେ ପହଞ୍ଚିଥିଲେ। ଗୋବିନ୍ଦତୋଲା ଦୁର୍ଗା ପୂଜା କମିଟି ପକ୍ଷରୁ ମହାରାଜ କଂସ ଓ ତାଙ୍କ ମନ୍ତ୍ରୀ ପରିଷଦଙ୍କୁ ସ୍ୱାଗତ କରାଯାଇଥିଲା। ବରିଷ୍ଠ ସଭ୍ୟ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଭାପତି ପ୍ରଦୀପ ପାଢ଼ୀ ଓ ସମ୍ପାଦକ ଅଜୟ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଗୋବିନ୍ଦତୋଲାବାସୀ ଅଞ୍ଚଳର ରାସ୍ତା, ବିଜୁଳି ଓ ଶୌଚାଳୟ ପରି ସମସ୍ୟାର ସମାଧାନ ପାଇଁ ମହାରାଜ କଂସଙ୍କୁ ନିବେଦନ କରିଥିଲେ। ମହାରାଜ ଏହି ସମସ୍ୟା ସହ ଜଡିତ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାର ତତ୍କାଳ ସମାଧାନ କରିବାକୁ ମହାମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସଭ୍ୟ ଡ଼. ବସନ୍ତ ଦାସ ଗୋବିନ୍ଦତୋଲା ଦୁର୍ଗାପୂଜାର ସ୍ମରଣିକାକୁ କଂସ ମହାରାଜଙ୍କୁ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦୀପକ ପଣ୍ଡା, ସଞ୍ଜୟ ସାହୁ, ଗୌରୀ ଦାସ ପଣ୍ଡା, ଦିଲୀପ ଠାକୁର, ତର୍ପଣ ପ୍ରଧାନ, ରଞ୍ଜିତ ରଥ, ରମାକାନ୍ତ ବେରିହା ପ୍ରମୁଖ ଉପସ୍ଥିତ ଥିଲେ।

# ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଲୋଚନାଚକ୍ର

ନାକଟିଦେଉଳ,୨୦।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରେଢ଼ାଖୋଲର ଐତିହ୍ୟ, ସଂସ୍କୃତି, ଲୋକକଳା ଏବଂ ସନ୍ଥକବି ଭୀମ ଭୋଇଙ୍କ ଉପରେ ଆଧାରିତ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ଅଧକ୍ଷ ରମେଶ କୁମାର ଅଗ୍ରୱାଲା ସଭାପତିତ୍ୱ କରିଥିଲେ। ଏହି ଆଲୋଚନାଚକ୍ରରେ ଯାମୁଯୋରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ହରିହର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଧଳ, ଯାମୁଯୋରୀ ସରପଞ୍ଚ ରିନା ବିଶି, ଅବସରପ୍ରାପ୍ତ ଶିକ୍ଷକ ଲମ୍ବୋଦର ପ୍ରଧାନ, ଯଜ୍ଞେଶ୍ୱର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ଅତିଥିମାନେ ରେଢ଼ାଖୋଲ ଉପଖଣ୍ଡର ଐତିହ୍ୟ ଓ ସଂସ୍କୃତି କେତେ ମହାନ ଏବଂ ଏହାର ଲୋକକଳା ଏବଂ ଲୋକଗୀତ ଓଡ଼ିଆ ଭାଷା ଓ ସାହିତ୍ୟ କେତେ ବୁଦ୍ଧିମନ୍ତ କରିପାରିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଭୀମଭୋଇଙ୍କ ଜୀବନୀ ଏବଂ ତାଙ୍କ ସାହିତ୍ୟକୃତି ଉପରେ ଆଲୋକପାତ କରାଯାଇଥିଲା। ଅଧ୍ୟାପକ ପତିତ ମହାନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅଧ୍ୟାପକ ଶରତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କ ସହ ଛାତ୍ରୀଛାତ୍ରୀ, ଅଧ୍ୟାପିକାଅଧ୍ୟାପକଏବଂ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଆଲୋଚକ ଓ ଛାତ୍ରୀଛାତ୍ରମାନେ।

# ପାଠପଢ଼ି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ ଛାତ୍ରୀଛାତ୍ର

ନାକଟିଦେଉଳ,୨୦।୧(ବୈକୁଣ୍ଠନାଥ ସାହୁ)

ଉତ୍ତମ ଶିକ୍ଷା ଗ୍ରହଣ କରିବା ସହିତ ଭଲ ପାଠ ପଢି ସମାଜ ଆଗରେ ଛାତ୍ରୀଛାତ୍ରମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ। ମଙ୍ଗଳବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାଲେଭଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଣ୍ଢଳ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ଏହି ମତ ରଖିଛନ୍ତି। ପ୍ରଧାନଶିକ୍ଷକ ବିକ୍ରମ କୁମାର ବେହେରା ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ନାକଟିଦେଉଳ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ମୁଖ୍ୟବକ୍ତାଭାବେ ଗୌଡ଼ପଡା ସେବାଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବ ମୋହନ ପ୍ରଧାନ, ସମ୍ମାନୀତ ଅତିଥିଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବକାନ୍ତ ପରିଡା, ସାଲେଭଟା ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ଲଛମା ଗଡ଼ତ୍ୟା, ନାକଟିଦେଉଳ ଗ୍ରାମ ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର କୁମାର ସାହ, ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ଗୁରୁଚରଣ ମୁଣ୍ଡା ଯୋଗଦେଇଥିଲେ। ପାଠପଢା ସହ କ୍ରୀଡା, ସାଂସ୍କୃତିକ ଆଦି କ୍ଷେତ୍ରରେ ବିଦ୍ୟାର୍ଥୀମାନେ ରୁଚି ଅନୁସାରେ ଆଗକୁ ଅଗ୍ରସର ହୋଇ ମା'ବାପା ଏବଂ ବିଦ୍ୟାଳୟର ନାମକୁ ଗୌରାବାନ୍ୱିତ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରରେ ସୋମବାର ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ସମାରୋହରେ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏଥି ସହିତ କ୍ରୀଡା ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ୮ମ ଶ୍ରେଣୀ ଛାତ୍ରୀ ଶକୁନ୍ତଳା ବେହେରା, କନିଷ୍ଠ ବିଭାଗରେ ୪ର୍ଥ ଶ୍ରେଣୀ ଛାତ୍ରୀ ଆନିତା ଟୁଟି ଚାମ୍ପିୟନ ହୋଇଥିଲେ। ବିଦ୍ୟାଳୟରେ ଶତପ୍ରତିଶତ ଉପସ୍ଥାନ ପାଇଁ ୮ମ ଶ୍ରେଣୀ ଛାତ୍ରୀ ପାୟଲ ପ୍ରଧାନ, ଶାନ୍ତି ଶୃଙ୍ଖଳା ପାଇଁ ୮ମ ଶ୍ରେଣୀ ଛାତ୍ରୀ ସରୋଜିନୀ କିସାନ, ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ରୀ ବରିଷ୍ଠ ବର୍ଗରେ ୮ମ ଶ୍ରେଣୀ ଛାତ୍ରୀ ଅପରାଜିତା ଗୁଡିଆ, କନିଷ୍ଠ ବର୍ଗରେ ୪ର୍ଥ ଶ୍ରେଣୀ ଛାତ୍ରୀ ଆଦ୍ୟାଶା କୁଅଁରଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସମାରୋହକୁ ଅତିଥି ଶିକ୍ଷୟିତ୍ରୀ ମନୀଷା ବିଶ୍ୱାଳ ସଂଯୋଜନା କରିଥିବା ବେଳେ ଅତିଥି ଶିକ୍ଷକ ରାଜେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କଣ୍ଢଳ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ।

**କଣ୍ଢଳ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ**

# ବେନ୍ଦେର ଜଙ୍ଗଲରୁ ଗଲେ ହାତୀପଲ

## ଜନସାଧାରଣଙ୍କ ମନରେ ଆଶ୍ୱସ୍ତି

ଲାଠୋର,୨୦।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲ୍ଲା ଲାଠୋର ଏବଂ କଣ୍ଟାବାଞ୍ଜି ରେଞ୍ଜ ଅଞ୍ଚଳକୁ ୧ ମାସରୁ ଊର୍ଦ୍ଧ୍ୱ ସମୟ ହେବ ୨୯ ଟିକିଆ ହାତୀପଲ ଆସି ଉପଦ୍ରବ କରୁଥିଲେ। ଲୋକଙ୍କ ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଇ ନଷ୍ଟ କରୁଥିଲେ। ଏଥିଯୋଗୁ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଥିଲେ। ବଲାଙ୍ଗୀର ଡିଏଫ୍ଓ ଅଜିତ କୁମାର ବିଶିଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ସିଦ୍ଧାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଉଭୟ ରେଞ୍ଜର ୧୦ରୁ ଊର୍ଦ୍ଧ୍ୱ ଫରେଷ୍ଟର ଏବଂ ବନ କର୍ମଚାରୀ ହାତୀ ଘଉଡାଇବା କାର୍ଯ୍ୟରେ ଲାଗିଥିଲେ। ଏଥିରେ ଲାଠୋର ରେଞ୍ଜର ଫରେଷ୍ଟର ସାଗରିକା ସେଠ ଓ ତପସିନୀ କୁମାର ଏବଂ କଣ୍ଟାବାଞ୍ଜି ରେଞ୍ଜର ଫରେଷ୍ଟର ନାପ ହରପାଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ସବୁବେଳେ ତତ୍ପରତା ପ୍ରକାଶ କରି କର୍ମଚାରୀଙ୍କୁ ନେଇ ଲୋକଙ୍କୁ ସୁରକ୍ଷା ଦେବା ତଥା ହାତୀପଲକୁ ଆୟତ୍ତ କରିବା କାମ କରିଥିଲେ। ଫଳସ୍ୱରୂପ ୧୦ ଦିନ ପୂର୍ବେ ଗୋଟିଏ ଦନ୍ତା ନୂଆପଡ଼ା ଜିଲ୍ଲା କୋମନା ରେଞ୍ଜ ଅତିକ୍ରମ କରି ସୁନାବେଡ଼ା ଜଙ୍ଗଲକୁ ପଳେଇ ଥିଲା। ପରେ ସୋମବାର ରାତିରେ ୨୭ ଟିକିଆ ହାତୀପଲକୁ ବନ କର୍ମଚାରୀ ସତର୍କତାର ସହ ହଳଦୀଗଡ଼ା, ଭାଲୁକୁନା ଏବଂ ଖାଲି ଗ୍ରାମ ନିକଟ ଜଙ୍ଗଲ ଦେଇ କୋମନା ରେଞ୍ଜ ପଟପାଣି ଜଙ୍ଗଲକୁ ପ୍ରବେଶ କରାଇବାରେ ସଫଳ ହୋଇଛନ୍ତି। ଏନେଇ ଫରେଷ୍ଟର ସାଗରିକା କହିଛନ୍ତି, ବର୍ତ୍ତମାନ ଲାଠୋର ରେଞ୍ଜ ବେନ୍ଦେର ଜଙ୍ଗଲରେ ଗୋଟିଏ ହାତୀ ରହିଛି । ସେହି ହାତୀକୁ କେମିତି ଘଉଡାଯିବ ସେଥିପାଇଁ ଯୋଜନା କରୁଛୁ। ଏଥିରେ ଲୋକମାନେ ଭୟଭୀତ ହୁଅନ୍ତୁ ନାହିଁ।

# 'କଳା ପ୍ରଦର୍ଶନ ପାଇଁ କଳାକାରଙ୍କୁ ମଞ୍ଚ ମିଳୁଛି'

ବଲାଙ୍ଗୀର,୨୦।୧(ବୀରେନ୍ଦ୍ର କୁମାର ଝାଙ୍କର)



ଉତ୍ସବରେ ବିଶିଷ୍ଟ କଳାକାର ବିଘ୍ନରାଜ ଘିବେଲାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବଲାଙ୍ଗୀର ଲୋକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ଜିଲ୍ଲା ସଂସ୍କୃତି ପରିଷଦ ଏବଂ ଲୋକ ଉତ୍ସବ ସମିତି ପକ୍ଷରୁ ଆୟୋଜିତ ୨୧ତମ ବଲାଙ୍ଗୀର ଲୋକ ଉତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ, ପାଟଣାଗଡ଼ ଉପଜିଲାପାଳ ସୁନୀଲ ମେହେର, ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ଏବଂ ଅତିଥି କଳାକାର ଭାବେ ରାଜୀବ ସଗରିଆ ମଞ୍ଚାସୀନ ଥିଲେ। ଏହିସହ ମଞ୍ଚ କମିଟି ସହଅଧ୍ୟକ୍ଷା ଶ୍ରାବଣୀ ମେହେର ଓ ସହଅଧ୍ୟକ୍ଷ କିଶୋର ଜାଲ୍ ଉପସ୍ଥିତ ଥିଲେ। ପ୍ରଚାର କମିଟି ସହଅଧ୍ୟକ୍ଷ ଶରତ ଚନ୍ଦ୍ର ମିଶ୍ର ସଭା ସଂଯୋଜନା କରିଥିଲେ। ଅତିଥିମାନେ ବଲାଙ୍ଗୀର ଜିଲାର ଲୋକ କଳା ଓ ଲୋକ ସଂସ୍କୃତିର ଝଲକ ଏହି ଲୋକ ଉତ୍ସବ ମଞ୍ଚରେ ଦେଖିବାକୁ ମିଳୁଛି। କଳାକାରଙ୍କୁ କଳା ପ୍ରଦର୍ଶନ ପାଇଁ ମଞ୍ଚର ଆବଶ୍ୟକତା ଥାଏ। ଲୋକ ଉତ୍ସବ ମଞ୍ଚ କଳାକାରଙ୍କୁ କଳା ପ୍ରଦର୍ଶନ ପାଇଁ ଉପଯୁକ୍ତ ସୁଯୋଗ ଦେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିଶିଷ୍ଟ କଳାକାର ବିଘ୍ନରାଜ ଘିବେଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଚାର କମିଟି ସହଅଧ୍ୟକ୍ଷ ଋତୁରାଜ ସିଂ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ସୁର ମନ୍ଦିର, ଲଳିତ ଡ୍ୟାନ୍ସ ଗ୍ରୁପ୍, ପଞ୍ଜାବର ଭାଙ୍ଗଡା ନୃତ୍ୟ, ଆସାମର ବିହୁ, ପୁରୀର ଗୋଟିପୁଅ, କଳାହାଣ୍ଡିର ଘୁମରା ଏବଂ ସୋନପୁରର ବଜନିଆ ନୃତ୍ୟ ପରିବେଷିତ ହୋଇଥିଲା। ଦିନବେଳା ପୁରୁଣା ମଞ୍ଚରେ ଜିଲାସ୍ତରୀୟ ଲୋକଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରୁ ମନୋନୀତ କଳାକାରମାନେ ଏହି ମଞ୍ଚରେ ଲୋକଗୀତ ପରିବେଷଣ କରିଥିଲେ।

# ଉନ୍ନୟନ କାର୍ଯ୍ୟକୁ ଗୁରୁତ୍ୱ

## ଦଶମ ପଞ୍ଚାୟତ ସମିତି ବୈଠକ

ଖପ୍ରାଖୋଲ,୨୦।୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହଠାରେ ଦଶମ ପଞ୍ଚାୟତ ସମିତି ବୈଠକ ବ୍ଲକ୍ ଅଧ୍ୟକ୍ଷା ନିରୁପମା ପଟେଲଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ ଗତ ବୈଠକର ବିବରଣୀ ପାଠ କରିବା ସହିତ ପ୍ରସ୍ତାବ ପାରିତ ଘୋଷଣା କରିଥିଲେ। ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ, କୃଷି ସମ୍ପର୍କିତ ଉନ୍ନୟନ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଏମ୍ପିଙ୍କ ବ୍ଲକ୍ ପ୍ରତିନିଧି ସନ୍ତୋଷ କୁମାର ଭୋଇ, ଜିଲାପରିଷଦ ସଦସ୍ୟା ସଂଯୁକ୍ତା ମେହେର, ସହକାରୀ ନିର୍ବାହୀଯନ୍ତ୍ରୀ ରାଜକିଶୋର ନାଏକ, ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ବ୍ଲକ୍ ସହ ଶିକ୍ଷା ଅଧିକାରୀ ଗୁରୁଦେବ ଷଡ଼ଙ୍ଗୀ, ଦେବକାନ୍ତ ପାଣିଗ୍ରାହୀ, ସୁଶୀଲ କୁମାର ଗୁରୁ, ଉମାକାନ୍ତ ମେହେର, ଦେବରାଜ ପ୍ରଧାନ, ବୈଦ୍ୟନାଥ ମିଶ୍ର, ସୀମାଞ୍ଚଳ ପୁରୋହିତଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଅନେକ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଲୋଇସିଂହା କଲେଜରେ ଆଲୋଚନାଚକ୍ର

ଲୋଇସିଂହା,୨୦।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ଓଡ଼ିଆ ବିଭାଗ ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ 'ଆତ୍ମବୋଧରୁ ବିଶ୍ୱବୋଧ' ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡ. ଭବାନୀ ଶଙ୍କର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଅନୁପ କୁମାର ଖମାରୀ, ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ହିମାଂଶୁ ମହାକୁଡ଼, କ୍ଷମାନିଧି ସାହୁ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା କବି ବଲିଷ୍ଠ ପ୍ରଧାନଙ୍କ କବିତା ସଙ୍କଳନ ପ୍ରୀତି ଚନ୍ଦ୍ରିକା ଉନ୍ମୋଚିତ ହୋଇଥିଲା। ସଂଯୁକ୍ତା ପରିଚ୍ଛାଙ୍କ ସଂଯୋଜନାରେ ଶୀତରେ ଶୀର୍ଷକ କବିତା ଉପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଛାତ୍ରୀ ମାନିନୀ, ବାସନ୍ତୀ, ଅଙ୍କିତା ଏବଂ ଜ୍ୟୋତି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଜଗମୋହନ ଦର୍ଜି ସଭା ପରିଚାଳନା ଏବଂ ଡ. ଜଳଧର ମାଝୀ ଧନ୍ୟବାଦ ଦେଇଥିଲେ।

# 'ଉଠାଦୋକାନୀଙ୍କୁ ଉପଯୁକ୍ତ ଥଇଥାନ କରାଯାଉ'

## ବଲାଙ୍ଗୀରରେ ଜାତୀୟ ଉଠାଦୋକାନୀ ଦିବସ ପାଳନ

ବଲାଙ୍ଗୀର,୨୦।୧(ବୀରେନ୍ଦ୍ର କୁମାର ଝାଙ୍କର)




ସଭାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଉଠାଦୋକାନୀ ସଂଘ ପକ୍ଷରୁ ସ୍ଥାନୀୟ ସୁଦଦ୍ରା କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଜାତୀୟ ଉଠାଦୋକାନୀ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଶମ୍ଭୁ ନାଗଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ମିଶ୍ର, କାଉନ୍ସିଲର କିଶୋର କୁମାର, ଅରବିନ୍ଦ ପରୁଆ, ପ୍ରଦୀପ ମିଶ୍ର, ଇସ୍ମତ ଆରା ଖାନ୍, ପିଙ୍କି କବାଟ ଯୋଗଦେଇ ଉଠାଦୋକାନୀଙ୍କୁ ଉପଯୁକ୍ତ ଥଇଥାନ କରାଯିବା ଜରୁରୀ ବୋଲି କହିଥିଲେ। ପୌରାଧ୍ୟକ୍ଷା ସାହୁ କହିଥିଲେ, କମ୍ ଦିନ ମଧ୍ୟରେ ଭେଣ୍ଡିଂଜୋନ୍ ମାଧ୍ୟମରେ ଉଠାଦୋକାନୀଙ୍କୁ ଥଇଥାନ କରାଯିବ। ସଂଘର ବିଶ୍ୱଜିତ୍ ସାହୁ, ବରୁଣ ବାଗ, ଟିଲେଶ୍ୱର ରଣା, ସୁଦାମ ସିଂ, ଭକ୍ତରାମ କର୍ମୀ, ଶତ୍ରୁଘନ ବାଗ୍, ଗୋପାଳ ସାହୁ, ପ୍ରଫୁଲ୍ଲ ଭ୍ୟାସ, ବିଘ୍ନ ନାଏକ, କର୍ଣ୍ଣରାଜ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସଭା ପୂର୍ବରୁ ଉଠାଦୋକାନୀ ସଂଘ ପକ୍ଷରୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା।

# ହିନ୍ଦୁ ସମ୍ମିଳନୀ ପାଇଁ କମିଟି ଗଠନ

କଣ୍ଟାବାଞ୍ଜି,୨୦।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ଶ୍ରୀହରି ଭବନରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃୟାରୀରେ ହିନ୍ଦୁ ସମ୍ମିଳନୀ ଆୟୋଜନ ପାଇଁ ଉକ୍ତ ବୈଠକରେ ଉପସ୍ଥିତ ଶତାଧିକ ନଗରବାସୀଙ୍କ ଉପସ୍ଥିତିରେ ନୂତନ କମିଟି ଗଠନ କରାଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ପ୍ରଦୀପ କୁମାର ଖଣ୍ଡେଲୱାଲ, କାର୍ଯ୍ୟକାରୀ ସଭାପତି ଅଶୋକ ଛାପଡିଆ, ଉପସଭାପତି ବେଦବ୍ୟାସ ନାଗ୍, ଦେବାର ବାରିକ, ସମ୍ପାଦକ ଚିନ୍ମୟ କୁମାର ଯୋଷୀ, କୋଷାଧ୍ୟକ୍ଷ ନବଲ ମିଶ୍ର ଏବଂ ପ୍ରଚାର ପ୍ରସାର ପାଇଁ ଖବରଦାତା ଗୁରୁଦୟାଲ ହଂସଙ୍କୁ ମନୋନିତ କରାଯାଇଛି। ଏଥିସହ ପ୍ରତ୍ୟେକ ୱାର୍ଡରୁ ସଭ୍ୟାସଭ୍ୟ ମନୋନିତ କରିବା ପାଇଁ କମିଟିକୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

# 'ବନ୍ଦେ ମାତରମ୍' ଭାରତୀୟ ନାଗରିକତ୍ୱର ପରିଚୟ

## ସାମୂହିକ 'ବନ୍ଦେ ମାତରମ୍' ଗାନ କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି/ଲୋଇସିଂହା/ଦେଓଗାଁ/ମୁରିବାହାଲ,୨୦।୧(ଗୁରୁଦୟାଲ ହଂସ/ ସୁଶାନ୍ତ ବାରିକ/କୃଷ୍ଣପ୍ରସାଦ ପାଣିଗ୍ରାହୀ/ଶ୍ରୀବତ୍ସ ବେହେରା)



କଣ୍ଟାବାଞ୍ଜି ମହିଳା ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ମହିଳା ଡିଗ୍ରୀ କଲେଜ ଓ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍ ଗାନ କରାଯାଇଛି। କଣ୍ଟାବାଞ୍ଜି ଏନ୍ଏସି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଏବଂ କଲେଜର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏନ୍ଏସି ଉପାଧ୍ୟକ୍ଷା ମନୋରମା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷ ବରିୟାମ ସିଂ ସାଲୁଜା, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ବେଦବ୍ୟାସ ନାଗ, ତହସିଲଦାର ବିଶ୍ୱନାଥ ଖାଲକୋ, ଏନ୍ଏସି ନିର୍ବାହୀ ଅଧିକାରୀ ଛବି ପୋଢ, ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରମେଶ ପୂଜାହାରୀ, ସିଆର୍ସିସି ଦିନେଶ ମହାନନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଅଳି ମାଝୀ, ତୁଷାରକାନ୍ତ ବଡ଼ଜେନା ଓ ସାଥୀଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ 'ବନ୍ଦେ ମାତରମ୍' ଗାନ କରାଯାଇଥିଲା। ଏଥିସହ ଶିକ୍ଷାନୁଷ୍ଠାନ ଦ୍ୱୟର ଅଧ୍ୟାପିକା, ଅଧ୍ୟାପକ, ଏନ୍ଏସି କର୍ମଚାରୀ, ସ୍ୱଚ୍ଛସାଥୀ, ମହିଳା ଗୋଷ୍ଠୀର ସଭ୍ୟାଙ୍କ ସମେତ ଛାତ୍ରୀମାନେ ଏକ ସ୍ୱରରେ ଗାନ କରିଥିଲେ। ଏହି ରାଷ୍ଟ୍ରୀୟ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେଶ ଏବଂ ଜାତିକୁ ଏକଜୁଟ କରିବା ସହିତ ଉକ୍ତ ସଙ୍ଗୀତର ମହତ୍ତ୍ୱ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ଏହି ପ୍ରୟାସ 'ବନ୍ଦେ ମାତରମ୍' ସଙ୍ଗୀତ ହିଁ ଭାରତୀୟ ନାଗରିକତ୍ୱର ପରିଚୟ ବୋଲି ସେମାନେ କହିଥିଲେ। ଅଧ୍ୟାପକ ଜିତେନ୍ଦ୍ର ସୁନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ତୁରେକେଲା ବ୍ଲକସ୍ତରୀୟ 'ବନ୍ଦେ ମାତରମ୍' ଗାନ କାର୍ଯ୍ୟକ୍ରମ ବ୍ଲକ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ବ୍ଲକ୍ ଅଞ୍ଚଳର ସମସ୍ତ ସ୍କୁଲ ଏବଂ କଲେଜର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ଼, ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପୁଟେଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ମାଝୀ, ଫକୀର ଚରଣ ବିଶି, ବିଧାୟକଙ୍କ ପ୍ରତିନିଧି ମୁକେଶ ବାଗ୍, ସମିତି ସଭ୍ୟ ପ୍ରମୋଦ ମହାପାତ୍ର, ବ୍ଲକ୍ ସହକାରୀ ଯନ୍ତ୍ରୀ ନବ ମଲ୍ଲିକ, ଜିପିଇଓ ଗଜାନନ ନାଏକ ମଞ୍ଚାସୀନ ଥିଲେ। ଏହାକୁ ଶିକ୍ଷକ ବିରଞ୍ଚି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ପରିସରରେ ବ୍ଲକ୍ ପ୍ରଶାନ ପକ୍ଷରୁ ସାମୁହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅକ୍ଷୟପାଣି ଉଦ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ସମ୍ମାନିତ ଅତିଥି ଭାବେ ତହସିଲଦାର ଟିଙ୍କୁନୁ ପୁଟା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିଶୋର ମାନସିଂ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ମାଝୀ, ଅଧ୍ୟାପିକା ଇନ୍ଦିରା ପ୍ରିୟଦର୍ଶିନୀ ତ୍ରିପାଠୀ ଯୋଗଦେଇ ବନ୍ଦେ ମାତରମ୍ ଗାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର, ଅତିଥି, ଅଧିକାରୀ ବନ୍ଦେ ମାତରମ୍ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ, ରଚନା, ଚିତ୍ରାଙ୍କନ, ସଙ୍ଗୀତ, ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଦେଓଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ 'ବନ୍ଦେ ମାତରମ୍' ଗାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରୀୟରଞ୍ଜନ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି ସୁଶୀଳ କୁମାର ଚାନ୍ଦ, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ବନ୍ଧପଡ଼ା ସମିତିସଭ୍ୟ କାନ୍ତେଶ୍ୱର ପଧାନ, ଜରାସିଂହା ସମିତିସଭ୍ୟ ଅମିତ କୁମାର ତ୍ରିପାଠୀ, ଡୁମେରପିଟା ସମିତିସଭ୍ୟ ସଂକିର୍ତ୍ତନ ବାଗ୍ ଯୋଗଦେଇଥିଲେ। ଏହି ଅବସରରେ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରାଯାଇଥିଲା । ପୂର୍ବରୁ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରାମପଞ୍ଚାୟତ ଅଧିକାରୀ ମଙ୍ଗରାଜ ସେନାପତି ଧନ୍ୟବାଦ ଦେଇଥିଲେ।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ 'ବନ୍ଦେ ମାତରମ୍' ସଙ୍ଗୀତ ଗାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବାସନ୍ତୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥି, ଭାଜପା ଜିଲା ସଭାପତି ତଥା ଏମ୍ପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, ବିଇଓ ଶାନ୍ତନୁ କୁମାର ପଡ଼ିହାରୀ, ବିଧାୟକଙ୍କ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ଅର୍ଥ ଅଧିକାରୀ ଘେନୁରାମ ତାଣ୍ଡି, ଜିପିଡିଓ ପ୍ରସନ୍ନ କୁମାର ନାଗ୍, ଲଖନା ସମିତି ସଭ୍ୟ ଭୀମସେନ ବାଗ୍, ବରିଷ୍ଠ ଖବରଦାତା ଦୁର୍ଗାନନ୍ଦ ମହାକୁର ଓ ବିଏସଏସଓ ରିଙ୍କୁ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ୍' ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଡ. ଗୋପାଳକୃଷ୍ଣ ଦୀପ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଯୋଜନା ସହାୟକ ରାଜ ସିଂ ବାବୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# 'ନଚନିଆ ପଶ୍ଚିମ ଓଡ଼ିଶାର ପ୍ରଥମ ନୃତ୍ୟଶିଳ୍ପୀ'

ବଲାଙ୍ଗୀର,୨୦।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ୍ ବାଳିକା ହାଇସ୍କୁଲ ପରିସରରେ ଲୋକ ଉତ୍ସବ ସମ୍ମାନ ସମିତି ପକ୍ଷରୁ 'ବଲାଙ୍ଗୀରର ସାଂସ୍କୃତିକ ବିଭବ ଲୋକନୃତ୍ୟ ନଚନିଆ' ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚକ ଭାବେ ଗବେଷକ ଗଦାଧର ବାରିକ, ରାଜୀବ ସଗରିଆ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରଫରମିଂ ଆର୍ଟ ବିଭାଗର ମୋହିତ କୁମାର ସ୍ୱାଇଁ ଓ ପଦ୍ମିନୀ ଦୋରା ଯୋଗଦେଇଥିଲେ। ସମ୍ମାନ ସମିତି ଅଧ୍ୟକ୍ଷ ପରାସର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସହଅଧ୍ୟକ୍ଷ ରସରାଜ ଅଚ୍ୟୁତ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂସ୍କୃତି ଗବେଷକ ଡ. ଘାସିରାମ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଟାଉନ୍ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରକୁ ଡା. ଲଳିତ କୁମାର ସାହୁ ସଂଯୋଜନା କରିଥିଲେ। ଆଲୋଚକ ଗଦାଧର ବାରିକ କହିଥିଲେ, ଷୋହଳ ସୁଆଙ୍ଗ ଦଣ୍ଡନୃତ୍ୟର ବାଇଧନ ଚରିତ୍ରରୁ କାଳକ୍ରମେ ନଚନିଆ ଲୋକନୃତ୍ୟର ଆରମ୍ଭ ହୋଇଛି। ନଚନିଆକୁ ପଶ୍ଚିମ ଓଡ଼ିଶାର ପ୍ରଥମ ନୃତ୍ୟଶିଳ୍ପୀ କହିପାରିବା। ସଭାରେ ମହୀମୁଣ୍ଡା ନିକଟ ବିଲେଇକାନୀ ଗ୍ରାମର ନଚନିଆ ନୃତ୍ୟଶିଳ୍ପୀ ସହଦେବ ପୁଟେଲ ଓ ଢୁଲିଆ ଲଳିତ ମହାନନ୍ଦ ନଚନିଆ ନୃତ୍ୟ ପରିବେଷଣ କରିଥିଲେ। ସହଅଧ୍ୟକ୍ଷ ସନାତନ ଠାକୁର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଦସ୍ୟ ଜୟକୁମାର ଆଚାର୍ଯ୍ୟ, କବିରାଜ ଭୋଇ, ନିଗମାନନ୍ଦ ନାଥ, ଜଗଦାନନ୍ଦ ଛୁରିଆ, ଅବଦୁଲ ଜମାଲ ଖାନ୍, ଜୟରାମ ମିଶ୍ର, ସନ୍ଦୀପ କୁଅଁର, ସଙ୍ଗୀତା ଦାଶ ଉପସ୍ଥିତ ଥିଲେ।


## ସୁବର୍ଣ୍ଣ ସୁଯୋଗ
## ବିଶେଷ ରିହାତି

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ

## ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ

ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

୧୦% ବିଶେଷ ରିହାତି

ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ ଆଜିହିଁ ପଦାର୍ପଣ କରନ୍ତୁ
ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
OIPR- ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।



## BABA BHAIRABANANDA AUTONOMOUS MAHAVIDYALAYA

Chandikhole, Jajpur, Odisha-755044
Email: bbmprincipal@gmail.com MOB: 9437264845
Letter No. 092/26 Date : 19.01.2026

**TENDER CALL NOTICE**
FOR UPGRADATION OF IT INFRASTRUCTURE

**No.CAD-3067** : Sealed tenders are invited in two bid system (technical and financial) from firms/ suppliers/ authorized dealers having valid GST registration and PAN for supply of Desktop Computer, UPS, Multifunction printer, Led TV, Webcam and internet facility for upgrading the IT infrastructure of Baba Bhairabananda (Auto.) Mahavidyalaya, Chandikhole, Jajpur, Odisha as per the Govt. of Odisha, Higher Education Dept. letter no. 12655/Dt. 05.03.2025. For details, please visit the college website https://bbmchandikhole.org and district website https://jajpur.odisha.gov.in

**Sd./- Principal-Cum-Secretary**
OIPR- B.B. (Auto) Mahavidyalaya, Chandikhole, Jajpur



## Government of Odisha, Department of Water Resources
## OFFICE OF THE SUPERINTENDING ENGINEER RENGALI DAM DIVISION, RENGALI DAM SITE

ANGUL - 759105, e-mail : rengalidam@gmail.com
No.A- 'e'-Procurement Notice No.SE-RDD-05/2025-26

| | | |
|---|---|---|
| 1 | Name of Work | : Tar-felting, Concrete & PH Work |
| 2 | No. of works | : 05 (Five) Nos of works |
| 3 | Estimated Cost | : Varies from **4.29** Lakh to **21.45** Lakh (Excluding GST) |
| 4 | Cost of tender paper | : **Varies from Rs.2000.00, Rs.4000.00 & Rs.6000.00 (Non-refundable)** |
| 5 | EMD/Bid Security | : **1% of Amount put to Tender (Refundable)** |
| 6 | Class of contractor | : 'D', 'C' or 'B' Class Contractor |
| 7 | Period of Completion of work | : Varies from 45 days to 60 Days |
| 8 | Date and time of availability of bid Document in the website | : From 11.00 A.M. of **Dt.21.01.2026** to 5.00 P.M. of **Dt.31.01.2026** in the website (www.tendersodisha.gov.in) |
| 9 | Date, time and place of opening of online tender | : **Dt.02.02.2026** at 11.00 A.M. in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : **Dt.04.02.2026** (Tentative) at 11.00 A.M. onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : Superintending Engineer, Rengali Dam Division, At. Rengali Dam Site, P.O. - Rengali Dam Site, Dist. : Angul, Odisha, PIN-759105, Email Id - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Superintending Engineer**
OIPR- **Rengali Dam Division, Rengali Dam Site**



## OFFICE OF THE MUNICIPAL COUNCIL, BHAWANIPATNA DIST-KALAHANDI, PIN-766001

'e' Procurement NOTICE. No. 169
Bid Identification No. BPM/04/2025-26
Tender ID-2026_ORULB_124793_1

**No.C-2141** : The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**
1. Name of works: **Providing Outsourcing Services For Sanitation Maintenance Work For Areas Of 1 to 10 wards Under Bhawanipatna Municipality**
2. Estimated Costs: **254.20 Lakhs**
3. Date and time of availability of the bid documents in the portal: **From 02.00 P.M. of 19.01.2026 to 05.30 PM of 29.01.2026**
4. Last Date/Time for receipt of bids in the portal: **05.30 PM of 29.01.2026**
5. Bids will be opened on: **11.00 AM of Dt. 30.01.2026**
6. Name and address of the officer inviting bid: **Executive Officer, Bhawanipatna Municipality**

**Sd./- Executive Officer**
OIPR- **Bhawanipatna Municipality**



## DIRECTORATE OF MINES & GEOLOGY STEEL AND MINES DEPARTMENT, GOVT. OF ODISHA, BHUBANESWAR

Heads of Department Building, Unit-V, Pin-751001
Tel No.: 0674-2391537, Fax No.: 0674-2391684
E-mail ID: dir.mines@orissaminerals.gov.in/geology.ig@orissaminerals.gov.in
Reference No. : 651 Date: 15.01.2026

**TENDER CALL NOTICE**

**No.G-50** : The Directorate of Mines & Geology, Odisha invites open Tender on behalf of the Governor of Odisha, in two bid system (Technical Bid and Price Bid) from reputed Firms/ Agencies, fulfilling the eligibility criteria to take up the **"Topographical Survey Works using Electronic Total Stations / DGPS in Different Mineral Exploration Blocks of Odisha" for the Field Season 2025-26 & 2026-27**.The detail Tender / Tender Document shall be available in the Departmental Website **http://www.odishaminerals.gov.in** and there will be no manual sale of Tender document. Interested Firms/ Agencies are requested to download the Tender Document from the website and sealed tender should be submitted to the Directorate of Mines & Geology, Odisha, Heads of Department Building, Unit-V, Bhubaneswar-751001 **latest by 5:30 PM on 09.02.2026 by Regd. Post/Speed Post/Courier Service Only**.

**Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above web site, for further updates.**

The Director of Mines & Geology, Odisha, reserves the right to accept / reject any/all Bids/offers or cancel the entire tender process at any stage without assigning any reason thereof.

**Sd./- Director of Mines & Geology, Odisha**
OIPR-

# ମୃତ୍ତିକା, ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ



ୱାଟରଶେଡ ମହୋତ୍ସବ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

**କମସରାରେ ବ୍ଲକସ୍ତରୀୟ ୱାଟରଶେଡ ମହୋତ୍ସବ**

ସୋନପୁର/ତରଭା,୨୦।୧ (ମୃତ୍ୟୁଞ୍ଜୟ ଶତପଥୀ/ ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକସ୍ତରୀୟ ୱାଟରଶେଡ୍ ମହୋତ୍ସବ କମସରା ସ୍ଥିତ ମହୁଲପାଲି ପଡିଆଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୱାଟରଶେଡ୍ ଉନ୍ନୟନ ଅଂଶ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ୨.୦ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୃତ୍ତିକା ସଂରକ୍ଷଣ ଓ ସମୁଦ୍ରକୁ ବହି ଯାଉଥିବା ବର୍ଷା ଜଳର ସଂରକ୍ଷଣ ଉପରେ ଅଧିକ ଗୁରୁତ୍ୱାରୋପ କରିଥିଲେ। ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଦେବରାଜ ଦାସ ସଚେତନତା ସଭାରେ ଅଧକ୍ଷତା କରି ବିଭାଗ ପକ୍ଷରୁ ବ୍ଲକରେ ୯ଟିରୋ ଅଣ୍ଟ ଜଳ ବିଭାଜିକା ଅଞ୍ଚଳରେ ମୃତ୍ତିକା ଓ ଜଳ ସଂରକ୍ଷଣ ଏବଂ ଅଧିବାସୀଙ୍କ ଜୀବନ ଜୀବିକାର ଉନ୍ନତି ପାଇଁ ନିଆ ଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ତରଭା ବ୍ଲକ ଅଧକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ୱାଟରଶେଡ ପ୍ରକଳ୍ପ ଦ୍ୱାରା ଗ୍ରାମାଞ୍ଚଳରେ ଚାଷୀଙ୍କ ଉନ୍ନତି ହୋଇ ପାରୁଥିବା ଓ ମରୁଡି ଅଞ୍ଚଳରେ ଭୂଜଳ ଜଳସ୍ତର ଅଭିବୃଦ୍ଧିରେ ସହାୟକ ହୋଇପାରୁଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଏମ୍ପିଙ୍କ ପ୍ରତିନିଧି ବିମଳ ଚନ୍ଦ୍ର ମିଶ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଜଳ ବିଭାଜିକା ପକ୍ଷରୁ ଗ୍ରାମାଞ୍ଚଳରେ ଜଳ ଅମଳ ପ୍ରକଳ୍ପ, ନାଳାରେ ପଥର ବନ୍ଧ ନିର୍ମାଣ, ଚେକ୍ ଡ୍ୟାମ୍ ନିର୍ମାଣ ଓ ପୋଖରୀ ଖନନ ଦ୍ୱାରା ଲୋକେ ବେଶ ଉପକୃତ ହେଉଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ବିଧାୟକଙ୍କ ପ୍ରତିନିଧି ଦନାର୍ଦ୍ଦନ ଖମାରୀ, କମସରା ସରପଞ୍ଚ କୁନ୍ତଳା ରଣା, ଚାଷୀ ନେତା ରାଜକିଶୋର ମେଷଲି, ସାମାଜିକକର୍ମୀ ଶିଶିର ପଣ୍ଡା ଓ ସହକାରୀ ଯନ୍ତ୍ରୀ ଶତ୍ରୁଘ୍ନ ଭୋଇ ପ୍ରମୁଖ ଯୋଗଦାନ କରି ୱାଟରଶେଡର ମୂଳ ଲକ୍ଷ୍ୟ ଗାଁ ମାଟି ଗାଁରେ ଓ ଗାଁ ଜଳ ଗାଁରେ ରଖିବା ବୋଲି କହିଥିଲେ। ବିଭାଗ ପକ୍ଷରୁ ମହିଳା ଓ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇଙ୍କୁ ସ୍ୱାବଲମ୍ବୀ କରିପାରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ହିତାଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଓଏଚ ଜାମକାଣର ଛାତ୍ରୀ ପ୍ରତୀକ୍ଷା ରାଣୀ ଦାଶ ଜଳ ବିଭାଜିକାର ଲକ୍ଷ୍ୟ ଓ ଉପକାର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ସୁଷମା ବଇଲ, ସ୍ନେହଲତା ନୃତ୍ୟ ପରିବେଷଣ କରିବା ବେଳେ ବୃହସ୍ପତି ଭୋଇ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଭୂତଳ ଜଳ ଓ ମୃତ୍ତିକା ସଂରକ୍ଷଣ ସମ୍ପର୍କିତ ଏକ ନାଟକ ପରିବେଷଣ କରା ଯାଇଥିଲା। ପ୍ରାରମ୍ଭରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭୂମିପୂଜନ, ମିଶନ ୱାଟରଶେଡ ପୁନରୁତ୍ଥାନର ଶୁଭାରମ୍ଭ ଓ ଶ୍ରମଦାନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପବିତ୍ର ମୋହନ ନେଗୀ ଧନ୍ୟବାଦ ପ୍ରଦାନ କରିଥିଲେ। ଦ୍ଵିଲୀପ କୁମାର ସା, ସୌମ୍ୟରଞ୍ଜନ ସିଂ, ସରିତା ସାହୁ, ବିଜୟିତା ଦାସ, ଅଲବର୍ଟ ସୁରିନ, ସଞ୍ଜିବ ପଣ୍ଡା, ବିନାୟକ ମିଶ୍ର, ପ୍ରଭାତ କୁମାର ସାହୁ, ରାଜୁ ବିଭାର ଓ ଦେବବନ୍ଧୁ କୁଅଁର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଡୁଙ୍ଗୁରିପାଲି,୨୦।୧ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟସ୍ଥିତ ସଂଗ୍ରାମୀ ମଣ୍ଡପରେ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ଅହଲ୍ୟା ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଡ଼ିଓ ଦିଲୀପ କୁମାର ବାଡା ସଭାପତିତ୍ୱ କରି ବନ୍ଦେ ମାତରମର ଐତିହାସିକ ଗୁରୁତ୍ୱ, ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅବଦାନ ଓ ସ୍ୱାଧୀନତା ସଂଗ୍ରାମରେ ଭୂମିକା ବିଷୟରେ କହିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏବିଡ଼ିଓ ମହେଶ୍ୱର ପଧାନ, ବିଇଓ ଗଣେଶ କିଷାନ ଯୋଗଦେଇଥିଲେ। ଡୁଙ୍ଗୁରିପାଲି ମହାବିଦ୍ୟାଳୟ ମାଷ୍ଟର ଟ୍ରେନର ଅଧ୍ୟାପକ ଡ଼ ଲକ୍ଷଣ ଭୁଏ, ରାମପୁର ନୋଡାଲ ହାଇସ୍କୁଲ ଶିକ୍ଷକ ସୁଧୀର ଗଡତିଆ ଓ ଦିଗଶିରା ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଅମ୍ଳାନ ପାଣ୍ଡିଆ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ବ୍ଲକ ଅଧିକାରୀ, ଜନସାଧାରଣ ସକ୍ରିୟ ଯୋଗଦେଇ ସମୂହ ଭାବେ ବନ୍ଦେ ମାତରମ ଗାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୀତ, ନାଚ, ରଚନା, ଚିତ୍ରାଙ୍କନ, ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ବିଏସ୍‌ଏସ୍‌ଓ କ୍ଷୀରୋଦ ଭୂଷଣ ରାୟ, ବ୍ଲକ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବିଭୁଦତ୍ତ ନାୟକ ସଂଯୋଜନା କରିଥିଲେ।

# ସଡ଼କ ସୁରକ୍ଷା, ପ୍ରାଥମିକ ଚିକିତ୍ସା ତାଲିମ



ସଡକ ସୁରକ୍ଷା ସଚେତନତା ପଦଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ରମାନେ।

ବିନିକା,୨୦।୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବାଳକ ଉଚ୍ଚ ବିଦ୍ୟାଳୟ ଜୁନିଅର ରେଡକ୍ରସ ଅନ୍ତର୍ଗତ ଟ୍ରାଫିକ କ୍ଲବ ତରଫରୁ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମାହାକୁରଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜୁନିୟର ରେଡକ୍ରସ ଅଫିସର ଡ. ରବିଚନ୍ଦ୍ର ପଶାୟତଙ୍କ ମାର୍ଗଦର୍ଶନରେ ସଡ଼କ ସୁରକ୍ଷା ପାଇଁ ବିଦ୍ୟାଳୟ ଛାତ୍ରମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଗାଡ଼ି ଚାଳକମାନେ ହେଲମେଟ ପିନ୍ଧିବା ଓ ସଡ଼କ ସୁରକ୍ଷା ନୀତି ମାନିବାକୁ ଆହ୍ୱାନ ଦିଆଯାଇଥିଲା। ସିଂଘିଯୁବା ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ରେଡକ୍ରସ କର୍ମୀ ପ୍ରମୋଦ କୁମାର ପଣ୍ଡା, ଜିଲା କ୍ରୀଡା ଶିକ୍ଷା ଅଧିକାରୀ ବାଲାଜୀ ବଶ୍ୱନାଥ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ମେହେର, ଡୁଙ୍ଗୁରିପାଲି ବିସିସି ନିମାଇଁ ଚରଣ ମଲ୍ଲିକ ଯୋଗଦେଇ ଟ୍ରାଫିକ ନିୟମ ଓ ସଡ଼କ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ଡ.ରବିଚନ୍ଦ୍ର ପଶାୟତ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସାର ବିଭିନ୍ନ କୌଶଳ ଶିଖାଇଥିଲେ। ଏଥିସହିତ ସଡ଼କ ଦୁର୍ଘଟଣା ସମୟରେ କିଭଳି ଜୀବନକୁ ସୁରକ୍ଷିତ କରାଯାଇପାରିବ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମକୁ ରାଜେଶ ପଧାନ, ତହସିଲ ଭୋଇ, ନିତ୍ୟାନନ୍ଦ ପଧାନ, ପ୍ରତିକ୍ଷା କଣ୍ଟା, ସୁଚିସ୍ମିତା ପଧାନ, ଅଶୋକ ବିଶି ସହଯୋଗ କରିଥିଲେ। ଶିକ୍ଷାବିତ୍ ରାଜେଶ ପଧାନ ମଞ୍ଚ ପରିଚାଳନା କରିଥିବାବେଳେ ବିସିସି ପବିତ୍ର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ୨ ଅଧିକାରୀଙ୍କ କଥାରେ ତାଳମେଳ ନାହିଁ

**ମଣ୍ଡିରୁ ଧାନ ଚୋରି ଅଭିଯୋଗ ପ୍ରସଙ୍ଗ**

ଅମରପାଲି,୨୦।୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ମଣ୍ଡିରେ ଚାଷୀ ବିକ୍ରି ପାଇଁ ରଖିଥିବା ଧାନରୁ ଗତ ୧୬ ତାରିଖ ରାତିରେ ୧୮ ପ୍ୟାକେଟ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ମାତ୍ର ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଭିନ୍ନ ପ୍ରତିକ୍ରିୟା ସନ୍ଦେହ ଘେରକୁ ଆସୁଛି। ପ୍ୟାକ୍ସ ସମ୍ପାଦକ ସୁଶୀଲ ସାହୁ ମଣ୍ଡିରୁ ଧାନ ଚୋରି ହୋଇ ନ ଥିବା କହୁଥିବା ବେଳେ ଆରଏମ୍‌ସି ସମ୍ପାଦକ ମନୋଜ ଜେନା ଚୋରି ହୋଇଥିବା ଘଟଣାକୁ ସ୍ୱୀକାର କରିଛନ୍ତି। କନଝିରିଆପାଲି ପଞ୍ଚାୟତ ଅମାତପାଲି ଗ୍ରାମର ମହିଳା ଚାଷୀ ଯଶୋବନ୍ତୀ ବାଘ ଗତ ଶୁକ୍ରବାର କୋଟସମଲାଇ ପ୍ୟାକ୍ସ(ରାନିପାଲି)ରେ ୧୦୬ ପ୍ୟାକେଟରେ ପ୍ରାୟ ୮୧ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଆଣିଥିଲେ। ମାତ୍ର ଶନିବାର ସକାଳୁ ସେଥିରୁ ୧୮ ପ୍ୟାକେଟ ଧାନ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ କୋଟସମଲାଇ ସେବା ସମବାୟ ସମିତି ସମ୍ପାଦକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ସମବାୟ ସମିତି ସମ୍ପାଦକ ସୁଶୀଲ ସାହୁଙ୍କୁ ପଚାରିବାରୁ ମଣ୍ଡିରୁ ଧାନ ଚୋରି ହୋଇ ନ ଥିବା କହିଥିଲେ। ତେବେ ଏନେଇ ଗତ ୧୮ ତାରିଖ ଧରିତ୍ରୀରେ କୋଟସମଲାଇ ମଣ୍ଡିରୁ ୧୮ ପ୍ୟାକେଟ ଧାନ ଚୋରି ଶୀର୍ଷକ ଖବର ପ୍ରକାଶନ ପାଇଲା ପରେ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା। ଖୋଜାଖୋଜି ପରେ ଚୋରି ହୋଇଥିବା ଧାନ ପ୍ୟାକେଟ ମିଳିଥିଲା। କେହି ମଣ୍ଡିରୁ ଧାନ ଚୋରି କରି ନେଇଥିବା ବେଳେ ତାହା ମିଳିଛି ବୋଲି ଆରଏମ୍‌ସି ସମ୍ପାଦକ ମନୋଜ ଜେନା କହିଛନ୍ତି। ତେବେ ଦୁଇ ଅଧିକାରୀଙ୍କ ଭିନ୍ନ ମତକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ମଣ୍ଡିରେ ସିସି କ୍ୟାମେରା ଲାଗିଥିବା ବେଳେ କିଏ ଓ କିଭଳି ଧାନ ଚୋରି କଲା ଏବଂ କାହିଁକି ବିଭାଗ ତରଫରୁ ଥାନାରେ ଅଭିଯୋଗ କରାଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି।

# ତରଭା କ୍ରିକେଟ କପ୍: ଫୁଲବାଣୀ ଚାମ୍ପିୟନ

ତରଭା,୨୦।୧ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲଶ ତରଭା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ୧୨ ତାରିଖରୁ ତରଭା ଖେଳ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବଲାଙ୍ଗୀର ଓ ଫୁଲବାଣୀ ଫାଇନାଲ ମ୍ୟାଚରେ ମୁହାଁମୁହିଁ ହୋଇଥିଲେ। ୩୦ଓଭର ବିଶିଷ୍ଟ ପାଇନାଲ ମ୍ୟାଚରେ ପ୍ରଥମେ ବଲାଙ୍ଗୀର ଦଳ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୨୧ ରନ କରିଥିଲା। ଜବାବରେ ଫୁଲବାଣୀ ୧୫ ଓଭରରେ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ସରୋଜ କମ୍ପ, ସମ୍ମାନିତ ଅତିଥିଭାବେ ଦୁର୍ଯ୍ୟୋଧନ ରାଉତ, ମଧୁ ପାଣ୍ଡେ, ପୂର୍ବତନ ଖେଳାଳୀ ଆକବର ଅଲ୍ଲୀ, ବିନୋଦ ପାଣିଗ୍ରାହୀ, ଗଡିଦାର କୁଅଁର ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ ଥିଲେ। ସଭାପତି ଅର୍ଜ୍ଜୁନ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ହିରଣ୍ମୟ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ। ଟୁର୍ନାମେଣ୍ଟର ସଫଳ ସମାପନରେ ନବାବ ଖାନ, ତବ୍ରେଜ ଖାନ, ମନିସ ସାହୁ, ସୁରେନ୍ଦ୍ର ଦଳବେହେରା, ମାନ ସାହୁ, କାହ୍ନା ନାଏକ, ନୌଶାଦ ମହମ୍ମଦ, ଶଙ୍କର ଆଚାରୀ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# କୁଷ୍ଠ ନିରାକରଣ ପାଇଁ ଶପଥ ପାଠ


କୋଅର୍ଡିନେଶନ କମିଟି ବୈଠକରେ ଶପଥ ପାଠ କରାଯାଉଛି।

ବୀରମହାରାଜପୁର,୨୦।୧ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅଧିନ ସ୍ପର୍ଶ ଲେପ୍ରସି ଆୱାରନେସ କ୍ୟାମ୍ପେନ ପାଇଁ ବ୍ଲକ କୋଅଓର୍ଡିନେଶନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପ ଜିଲାପାଳ ସୁରେନ୍ଦ୍ର ମେହେର ଅଧକ୍ଷତା କରି କୁଷ୍ଠରୋଗ ଉପରେ ଏକ ସଚେତନତା ଭିଡିଓ ବାର୍ତ୍ତା ପ୍ରଦାନ କରିଥିଲେ। ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ଅଧକ୍ଷ ଡାକ୍ତର ସୁବାସ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ବୈଠକରେ ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରତିନିଧିମାନେ ଯୋଗଦାନ କରିବା ସହିତ ଡାକ୍ତରଖାନା ଅଧୀନ ତିନି ସେକ୍ଟରର ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ ପରିଦର୍ଶକମାନେ ଉପସ୍ଥିତ ରହିଥିଲେ। ଡାକ୍ତର ପଣ୍ଡା କୁଷ୍ଠ ରୋଗ ବିଷୟରେ ଆଲୋକପାତ କରିଥିବା ବେଳେ ବ୍ଲକ ଲେପ୍ରସି ସ୍ୱାସ୍ଥ୍ୟକର୍ମୀ ଜଗଦୀଶ ମେହେର ଆଗାମୀ ୩୦ତାରିଖରୁ ଫେବୃୟାରୀ ୧୩ ପର୍ଯ୍ୟନ୍ତ ହେବାକୁ ଥିବା କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ କୁଷ୍ଠ ରୋଗକୁ ନେଇ ଏକ ଶପଥ ପାଠ କରାଯାଇଥିଲା। ସ୍ୱାସ୍ଥ୍ୟ ପରିଦର୍ଶକ ଆଲୋକ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି ସଭା

ବୀରମହାରାଜପୁର,୨୦।୧ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରୀ ସଦନ ଠାରେ ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି ସଭା ମଙ୍ଗଳବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇ ଯାଇଛି। ମହୋତ୍ସବ କମିଟିର ସଭାପତି ସ୍ଥାନୀୟ ଉପଜିଲାପାଳ ସୁରେନ୍ଦ୍ର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୀରମହାରାଜପୁର ବିଧାୟକ ଇଞ୍ଜିନିୟର୍ ରଘୁନାଥ ଜଗଦଲା, ସାମ୍ବାଦିକ ସଂଘର ସଭାପତି ସ୍ୱୟମ୍ଭୂନାଥ ଖଣ୍ଡଗିରି, ଜିଲା ଭାଜପା ସଭାପତି ବେଣୁଧର ଦାଶ,ଏମପି ନୋମିନୀ ନଳିନୀ ପଣ୍ଡା, ପଞ୍ଚାୟତ ସମିତି ଉପାଧକ୍ଷ ନାରାୟଣ ଲୁହା, ଭୂଷଣ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ରହି ଚଳିତବର୍ଷ ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀକୁ ସରସ ସୁନ୍ଦର କରିବା ସହିତ ବିଭିନ୍ନ ବିଷୟ ଉପରେ ମଞ୍ଚାସୀନ ଅତିଥିମାନେ ମତ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଖଣ୍ଡଗିରି ସ୍ୱାଗତ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାରେ ବିଭିନ୍ନ ପ୍ରକାର ୧୬ଟି କମିଟି ପାଇଁ ସଦସ୍ୟ ଚୟନ କରାଯାଇଥିଲା। ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିବା ବେଳେ ଦ୍ୱିତୀକୃଷ୍ଣ ପଣ୍ଡା ସଭା ବିବରଣୀ ଲିପିବଦ୍ଧ କରିଥିଲେ ଓ କିଶୋର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଉପଖଣ୍ଡର ୧୦୦ରୁ ଅଧିକ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମାର୍ଚ୍ଚ ତୃତୀୟ ସପ୍ତାହରେ ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ ଅନୁଷ୍ଠିତ ହେବ ବୋଲି ସୁଚନା ଦିଆଯାଇଛି।

# ଏନ୍‌ଏସିସ୍ତରୀୟ ୧୫୦ତମ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ


ବନ୍ଦେ ମାତରମ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବିନିକା,୨୦।୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଟାଉନ ହଲ ପ୍ରାଙ୍ଗଣରେ ଏନ୍‌ଏସିସ୍ତରୀୟ ୧୫୦ତମ ବନ୍ଦେ ମାତରମ କାର୍ଯ୍ୟକ୍ରମ ମଙ୍ଗଳବାର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପାଧ୍ୟକ୍ଷା ତପସ୍ୱିନୀ ମେହେର, ମୁଖ୍ୟବକ୍ତା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକ, ସମ୍ମାନୀତ ଅତିଥିଭାବେ ଡିଏମଏମ ସୁଧାଂଶୁ ଶେଖର ଦାସ, ସିଓ ସୁମିତା ବାରିକ, କାଉନସିଲର ପ୍ରଦୀପ ବାଘ, ବିଜୟ ବରାଇ ଯୋଗଦେଇ ବନ୍ଦେମାତରମ ମାହାତ୍ମ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସହରାଞ୍ଚଳ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଦେଶାତ୍ମବୋଧକ ସଙ୍ଗୀତ, ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ଭୂମିକା ଓ ମୋ ସ୍ୱପ୍ନର ଭାରତ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରୁ ୧୮ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲ। ସିଆରସିସି ହିମାଂଶୁ ଶେଖର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ସିଓ ସୁମିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

**BABA BHAIRABANANDA AUTONOMOUS MAHAVIDYALAYA**
Chandikhole, Jajpur, Odisha-755044
Email: bbmprincipal@gmail.com MOB: 9437264845
Letter No. 092/26 Date : 19.01.2026
**TENDER CALL NOTICE**
FOR UPGRADATION OF IT INFRASTRUCTURE
**No.CAD-3067** : Sealed tenders are invited in two bid system (technical and financial) from firms/ suppliers/ authorized dealers having valid GST registration and PAN for supply of Desktop Computer, UPS, Multifunction printer, Led TV, Webcam and internet facility for upgrading the IT infrastructure of Baba Bhairabananda (Auto.) Mahavidyalaya, Chandikhole, Jajpur, Odisha as per the Govt. of Odisha, Higher Education Dept. letter no. 12655/Dt. 05.03.2025. For details, please visit the college website https://bbmchandikhole.org and district website https://jajpur.odisha.gov.in
Sd./- Principal-Cum-Secretary
OIPR- B.B. (Auto) Mahavidyalaya, Chandikhole, Jajpur

**Government of Odisha, Department of Water Resources**
**OFFICE OF THE SUPERINTENDING ENGINEER RENGALI DAM DIVISION, RENGALI DAM SITE**
ANGUL - 759105, e-mail : rengalidam@gmail.com
No.A- 'e'-Procurement Notice No.SE-RDD-05/2025-26

| | | |
|---|---|---|
| 1 | Name of Work | : Tar-felting, Concrete & PH Work |
| 2 | No. of works | : 05 (Five) Nos of works |
| 3 | Estimated Cost | : Varies from **4.29** Lakh to **21.45** Lakh (Excluding GST) |
| 4 | Cost of tender paper | : **Varies from Rs.2000.00, Rs.4000.00 & Rs.6000.00 (Non-refundable)** |
| 5 | EMD/Bid Security | : **1% of Amount put to Tender (Refundable)** |
| 6 | Class of contractor | : 'D', 'C' or 'B' Class Contractor |
| 7 | Period of Completion of work | : Varies from 45 days to 60 Days |
| 8 | Date and time of availability of bid Document in the website | : From 11.00 A.M. of **Dt.21.01.2026** to 5.00 P.M. of **Dt.31.01.2026** in the website (www.tendersodisha.gov.in) |
| 9 | Date, time and place of opening of online tender | : **Dt.02.02.2026** at 11.00 A.M. in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : **Dt.04.02.2026** (Tentative) at 11.00 A.M. onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : Superintending Engineer, Rengali Dam Division, At. Rengali Dam Site, P.O. - Rengali Dam Site, Dist. : Angul, Odisha, PIN-759105, Email Id - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Superintending Engineer
OIPR- Rengali Dam Division, Rengali Dam Site

**OFFICE OF THE MUNICIPAL COUNCIL, BHAWANIPATNA DIST-KALAHANDI, PIN-766001**
'e' Procurement NOTICE. No. 169
Bid Identification No. BPM/04/2025-26
Tender ID-2026_ORULB_124793_1
**No.C-2141** : The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in
1. Name of works: **Providing Outsourcing Services For Sanitation Maintenance Work For Areas Of 1 to 10 wards Under Bhawanipatna Municipality**
2. Estimated Costs: **254.20 Lakhs**
3. Date and time of availability of the bid documents in the portal: **From 02.00 P.M. of 19.01.2026 to 05.30 PM of 29.01.2026**
4. Last Date/Time for receipt of bids in the portal: **05.30 PM of 29.01.2026**
5. Bids will be opened on: **11.00 AM of Dt. 30.01.2026**
6. Name and address of the officer inviting bid: **Executive Officer, Bhawanipatna Municipality**
Sd./- Executive Officer
OIPR- Bhawanipatna Municipality

**DIRECTORATE OF MINES & GEOLOGY STEEL AND MINES DEPARTMENT, GOVT. OF ODISHA, BHUBANESWAR**
Heads of Department Building, Unit-V, Pin-751001
Tel No.: 0674-2391537, Fax No.: 0674-2391684
E-mail ID: dir.mines@orissaminerals.gov.in/geology.ig@orissaminerals.gov.in
Reference No. : 651 Date: 15.01.2026
**TENDER CALL NOTICE**
**No.G-50** : The Directorate of Mines & Geology, Odisha invites open Tender on behalf of the Governor of Odisha, in two bid system (Technical Bid and Price Bid) from reputed Firms/ Agencies, fulfilling the eligibility criteria to take up the **"Topographical Survey Works using Electronic Total Stations / DGPS in Different Mineral Exploration Blocks of Odisha" for the Field Season 2025-26 & 2026-27**. The detail Tender / Tender Document shall be available in the Departmental Website http://www.odishaminerals.gov.in and there will be no manual sale of Tender document. Interested Firms/ Agencies are requested to download the Tender Document from the website and sealed tender should be submitted to the Directorate of Mines & Geology, Odisha, Heads of Department Building, Unit-V, Bhubaneswar-751001 **latest by 5:30 PM on 09.02.2026 by Regd. Post/Speed Post/Courier Service Only**.
**Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above web site, for further updates.**
The Director of Mines & Geology, Odisha, reserves the right to accept / reject any/all Bids/offers or cancel the entire tender process at any stage without assigning any reason thereof.
Sd./- Director of Mines & Geology, Odisha
OIPR-

**ସୁବର୍ଣ୍ଣ ସୁଯୋଗ ବିଶେଷ ରିହାତି**
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ
**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**
ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ
ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର
୧୦% ବିଶେଷ ରିହାତି
ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ ଆଜିହିଁ ପଦାର୍ପଣ କରନ୍ତୁ
ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
OIPR- ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ।

## ସଂକ୍ଷେପରେ

### ଟ୍ରାକ୍ଟର ଚାପାରେ ଶିଶୁ ମୃତ

ସୁନ୍ଦରଗଡ଼, ୨୦।୧(ଜୟ ନାରାୟଣ ମେଣ୍ଟୁଲି): ସୁନ୍ଦରଗଡ଼ ଟାଉନ ସହର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ମଙ୍ଗଳବାର ଟ୍ରାକ୍ଟର ଚାପାରେ ଜଣେ ଶିଶୁର ମୃତ୍ୟୁ ହୋଇଛି। ଶିଶୁ ନିଜ ବାପାଙ୍କ ସହିତ ସ୍କୁଟରରେ ଯାଉଥିବାବେଳେ ଅନ୍ୟ ଏକ ବାଇକ ସହିତ ଧକ୍କା ହୋଇଥିଲା। ଭାରସାମ୍ୟ ହରାଇ ଶିଶୁ ସ୍କୁଟରରୁ ତଳକୁ ପଡ଼ିବାବେଳକୁ ପଛ ପଟୁ ଆସୁଥିବା ସୁନ୍ଦରଗଡ଼ ପୌରପାଳିକା ସଫେଇ ଟ୍ରାକ୍ଟର ଶିଶୁ ଉପରେ ଚଢ଼ି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭୋଜପୁର ଅଞ୍ଚଳର ଏକ ଟ୍ରାକ୍ଟରକୁ ପୌର ପାଳିକାର ସଫେଇ କାର୍ଯ୍ୟରେ ନିୟୋଜିତ କରିଥିଲେ। ଟ୍ରାକ୍ଟରର ବୀମା ନ ଥିବା ଜଣାପଡ଼ିଛି। ପୋଲିସ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଛି। ମୃତ ଶିଶୁର ଚକ୍ଷୁ ପରିବାର ଲୋକେ ଜିଲା ସଦର ହସପିଟାଲ ଚକ୍ଷୁ ଭଣ୍ଡାରକୁ ଦାନ କରିଛନ୍ତି।

### ବେଆଇନ ଗୋଚାଲାଣ ଅଭିଯୋଗ

**୨୬ ବଳଦ ଗ୍ରାମବାସୀଙ୍କ ଦ୍ୱାରା ଅଟକ**

ସୁନ୍ଦରଗଡ଼, ୨୦।୧(ଜୟନାରାୟଣ ମେଣ୍ଟୁଲି): ସୁନ୍ଦରଗଡ଼ ଜିଲା ତଲସରା ଥାନା ଅନ୍ତର୍ଗତ ବାଲିଶଙ୍କରା ଘୋଘର ଗ୍ରାମରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବାବେଳେ ମଙ୍ଗଳବାର ଗ୍ରାମବାସୀ ୨୬ଟି ବଳଦକୁ ଅଟକ ରଖିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ୪ ଦିନ ପୂର୍ବେ ତଲସରା ପୋଲିସ ପାଟ୍ରୋଲିଂ ସମୟରେ ଘୋଘର ଗ୍ରାମଠାରେ ବେଆଇନ ଗୋ-ଚାଲାଣକାରୀମାନେ ଗୋରୁ ଛାଡ଼ି ଦୌଡ଼ି ପଳାଇଥିଲେ। ପରେ ସେମାନେ ବାଲିଶଙ୍କରା ଓ ଘୋଘର ଗ୍ରାମରେ ଘରକୁ ଘର ଯାଇ ଗ୍ରାମବାସୀଙ୍କୁ ପରୋଚନା କରି ହଜି ଯାଇଥିବା ଗୋରୁ ସଂଗ୍ରହ କରିବା ସହ କେତେକଙ୍କୁ ନେଇଯାଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ପ୍ରାୟ ୧୬ ରୁ ୨୦ ଜଣ ଗୋଚାଲାଣକାରୀଙ୍କୁ ଗ୍ରାମ ମଧ୍ୟରେ ବୁଲୁଥିବା ଦେଖି ଭୟଭୀତ ହୋଇଥିଲେ। ନିରୀହ ଲୋକମାନେ ଭୟରେ ଘଟଣା ସମ୍ପର୍କରେ ବାଲିଶଙ୍କରାର ଜନପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ପରେ ସତର୍କ ଗ୍ରାମବାସୀମାନେ ୨୬ଟି ବଳଦକୁ ଗୋଟିଏ ସ୍ଥାନରେ ଏକତ୍ର କରି ଅଟକ ରଖିଥିଲେ। ଏହା ପରେ ଗ୍ରାମବାସୀ ଓ ପୋଲିସ ପ୍ରଶାସନ ମିଶି ଏକ ବୈଠକ ନିଷ୍ପତି ହେବା ପରେ ଆବଶ୍ୟକ ତଦନ୍ତ ପରେ ନିୟମାନୁସାରେ ବଳଦଗୁଡ଼ିକୁ ଜିମା ଦିଆଯିବ ବୋଲି କୁହାଯାଇଥିଲା।

### ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

ସୁନ୍ଦରଗଡ଼,୨୦।୧(ଜୟ ନାରାୟଣ ମେଣ୍ଟୁଲି): ରାସ୍ତା ସମ୍ପ୍ରସାରଣ ପରେ ମେଡିକାଲ ଛକ (ବର୍ତ୍ତମାନ ଅଟଳ ଛକ)ନିକଟରେ ଥିବା ପୁରୁଣା ହନୁମାନ ମନ୍ଦିର ଭଙ୍ଗାଯିବା ପୂର୍ବରୁ ଷ୍ଟେଟ ବ୍ୟାଙ୍କ ପାଖରେ ମହାବୀର ସେବା ଟ୍ରଷ୍ଟ ପକ୍ଷରୁ ନୂତନ ଭାବେ ନିର୍ମିତ ହୋଇଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ସୂଚୀ ଅନୁଯାୟୀ ମଙ୍ଗଳବାର ରତ୍ନମୁଦ ପୂଜା, କଳସ ଅଧିବାସ, ଅଙ୍କୁରାରୋପଣ କାର୍ଯ୍ୟକ୍ରମ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ବୁଧବାର ମଣ୍ଡଳ ପୂଜା, ଦେବତା ସ୍ନାନ, ହୋମ ଯଜ୍ଞ, ଆଳତୀ ପୁଷ୍ପାଞ୍ଜଳି ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅମୃତ ଭଜନ ସନ୍ଧ୍ୟା, ସେହିପରି ଗୁରୁବାର କଳସ ସ୍ଥାପନ –ଧ୍ୱଜାରୋହଣ, ପୂଜା ଆରମ୍ଭ, ମନ୍ଦିରରେ ଦେବତା ପ୍ରବେଶ, ସନ୍ଧ୍ୟାରେ ରାମ ପରିବାର ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସୁର– –ଝଙ୍କାର ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ।

# କୁତ୍ରା, ରାଜଗାଙ୍ଗପୁରରେ ହାତୀ ଆତଙ୍କ

**ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର**

କୁତ୍ରା/ରାଜଗାଙ୍ଗପୁର, ୨୦।୧ (ଦେବାଶିଷ ସାହୁ/ଅଶୋକ ପାଣି)



ରାଜଗାଙ୍ଗପୁର ଅଞ୍ଚଳରେ ହାତୀ ବୁଲୁଛି।

ସୁନ୍ଦରଗଡ଼ ଜିଲା କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଆତଙ୍କ ପ୍ରକାଶ ପାଇଛି। କୁତ୍ରା ବ୍ଲକ ଅନ୍ତର୍ଗତ ଖାରବେଡ଼ା ସ୍ଥିତ ଡାଲମିଆ ମହାବିଦ୍ୟାଳୟ ପାଖରେ ଥିବା ଜଙ୍ଗଲ ଅଞ୍ଚଳରେ ମଙ୍ଗଳବାର ଦୁଇଟି ହାତୀ ଆତଙ୍କ ସୃଷ୍ଟି କରିଛନ୍ତି। ଏହି ହାତୀ ଆକ୍ରମଣରେ ଖାରବେଡ଼ା ଗ୍ରାମର ଏମ୍‌ଡି ମେହେବୁବ ଅଲ୍ଲି (୬୦) ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ଏମ୍‌ଡି ମେହେବୁବ ଅଲ୍ଲି କୁତ୍ରାରୁ ବସ ଯୋଗେ ନିଜ ଗ୍ରାମ ଖାରବେଡ଼ାକୁ ଯାଇ ବସଷ୍ଟାଣ୍ଡରେ କିଛି ସମୟ ବିଶ୍ରାମ ନେଲା ପରେ ପରିସ୍ରା ଲାଗିବାରୁ ନିକଟସ୍ଥ ଜଙ୍ଗଲ ଆଡ଼କୁ ଯାଇଥିଲେ। ହଠାତ ଗୋଟିଏ ହାତୀ ତାଙ୍କ ସହିତ ମୁହାଁମୁହିଁ ହୋଇଥିଲା। ହାତୀଟି ତାଙ୍କୁ ଆକ୍ରମଣ କରି ଗୁରୁତର ଭାବେ ଆହତ କରିଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପ୍ରଥମେ ରାଜଗାଙ୍ଗପୁର ଚିକିତ୍ସାଳୟକୁ ଓ ପରେ ଗୁରୁତର ଅବସ୍ଥା ଥିବାରୁ ଉଚ୍ଚତର ଚିକିତ୍ସା ପାଇଁ ରାଉରକେଲାକୁ ପଠାଯାଇଥିବା ଜଣାପଡ଼ିଛି। ଘଟଣା ପରେ ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଗ୍ରାମବାସୀ ବନ ବିଭାଗ ପକ୍ଷରୁ ହାତୀମାନଙ୍କ ଚଳାଚଳ ଉପରେ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସେହିପରି ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁନୁମୁରୁ ପଞ୍ଚାୟତରେ ଏକ ଦନ୍ତାହାତୀର ଆତଙ୍କ ମଙ୍ଗଳବାର ଦେଖିବାକୁ ମିଳିଛି। ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଦନ୍ତାହାତୀ କୁନୁମୁରୁ ପଞ୍ଚାୟତର ଗୁଡିଆଲି ଗ୍ରାମରେ ଦେଖାଦେଇ ସେଠାରୁ ଯାଇ ବାବୁଡିହି ଗ୍ରାମର ଜାମଡିହି ଠାରେ ଅଟକି ରହିଛି। ରାଜଗାଙ୍ଗପୁର ରେଞ୍ଜର ଗୁରୁଚରଣ ମଣ୍ଡଳ ଓ ବନବିଭାଗ ଦଳ ହାତୀଟିର ଗତିପଥ ଉପରେ ନଜର ରଖିଛନ୍ତି। ହାତୀ ଉପଦ୍ରବ ଯୋଗୁ ଘରଦ୍ୱାର ଭାଙ୍ଗିବା ସହ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ହାତୀ ଆତଙ୍କରୁ ଲୋକଙ୍କୁ ସୁରକ୍ଷା ଦେବାର ଆବଶ୍ୟକ ହୋଇପଡ଼ିଛି।

# ଭେଷଜ ପଟେଲ ମହାବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ




ବିଦ୍ୟାର୍ଥୀମାନେ ରାଲି ମାଧ୍ୟମରେ ନଗର ପରିକ୍ରମା କରୁଛନ୍ତି।

ହେମଗିର, ୨୦।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଡୁଡୁକାସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟଠାରେ ଅଧ୍ୟକ୍ଷା ମିନତି ମିଶ୍ରଙ୍କ ତତ୍ତ୍ୱାବଧାନରେ ସୋମବାର ନିଶାମୁକ୍ତ ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମହାବିଦ୍ୟାଳୟଠାରୁ ଏକ ରାଲି ବାହାରି ନଗର ପରିକ୍ରମା କରିବା ସହ ପଥପ୍ରାନ୍ତ ନାଟକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ନାଟକର ଉଦ୍ଦେଶ୍ୟ ଥିଲା ନିଶାମୁକ୍ତ ସମାଜ ଗଠନ କରିବା। ଏହି ଅବସରରେ ଜାତୀୟ ସେବା ଯୋଜନାର କର୍ମକର୍ତ୍ତା ଅଧ୍ୟାପିକା ନମିତା ମାଝି, ଡ. ସୁକାନ୍ତ ଆର୍ଯ୍ୟଙ୍କ ସମେତ ମହାବିଦ୍ୟାଳୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୟରାମ ହାଇସ୍କୁଲରେ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ

ସୁନ୍ଦରଗଡ଼, ୨୦।୧(ଜୟନାରାୟଣ ମେଣ୍ଟୁଲି)

ବିଜ୍ଞାନର ମହତ୍ୱକୁ ଗ୍ରାମ ଓ ସହରର ଦ୍ୱାର ଦେଶରେ ପହଞ୍ଚାଇବା ଲକ୍ଷ୍ୟରେ ଭୁବନେଶ୍ୱର ସ୍ଥିତ ସାଇନ୍ସ ସେଣ୍ଟର ପକ୍ଷରୁ ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ସରକାରୀ ଜୟରାମ ହାଇସ୍କୁଲରେ ମଙ୍ଗଳବାର ଆୟୋଜିତ ହୋଇଥିଲା ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବା ମୋବାଇଲ ସାଇନ୍ସ ଏକ୍ସିବିସନ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ନ୍ୟାଶନାଲ କାଉନ୍‌ସିଲ ଅଫ ସାଇନ୍ସ ମ୍ୟୁଜିୟମ୍ସର ଏକକ ରିଜିଓନାଲ ସାଇନ୍ସ ସେଣ୍ଟର, ଭୁବନେଶ୍ୱର ଓଡ଼ିଶା ସରକାରଙ୍କ ଡାଇରେକ୍ଟୋରେଟ ଅଫ୍ ଟିଇ ଏବଂ ଏସ୍‌ସିଇଆର୍‌ଟି ସହଯୋଗରେ ଏହି ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀକୁ ଆୟୋଜନ କରିଛି। ମୋବାଇଲ ବସ୍ ମାଧ୍ୟମରେ ଛାତ୍ରୀଛାତ୍ର ଓ ସାଧାରଣ ଲୋକମାନେ ବିଜ୍ଞାନର ବିଭିନ୍ନ ଧାରଣା, ପ୍ରୟୋଗ ଓ ନବୀନ ଆବିଷ୍କାର ସମ୍ପର୍କରେ ସରଳ ଓ ଆକର୍ଷଣୀୟ ଭାବେ ଜାଣିପାରୁଛନ୍ତି। ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି,ତରୁଣ ପିଢ଼ିକୁ ନବଚିନ୍ତନରେ ପ୍ରେରିତ କରିବା ଏହି ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀର ମୂଳ ଉଦ୍ଦେଶ୍ୟ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି।

# ବ୍ଲକସ୍ତରୀୟ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ




ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥି ଓ ଅଧିକାରୀ।

ଲହୁଣୀପଡ଼ା, ୨୦।୧ (ଦାଶରଥ ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବାଳିପାଳି ପଞ୍ଚାୟତ ଅନ୍ତର୍ଗତ ଖଣ୍ଡାଧାର ଜଳପ୍ରପାତ ନେଚର କ୍ୟାମ୍ପଠାରେ ମଙ୍ଗଳବାର ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ବ୍ଲକସ୍ତରୀୟ ବନ୍ଦେ ମାତରମ ଗାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲହୁଣୀପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର,ଏବିଡ଼ିଓ ବିନୋଦ ଲାକ୍ରା, ଜିପିଡ଼ିଓ ମନୀଷା ଟପ୍ପୋ, ଡବ୍ଲ୍ୟୁଇଓ ଭଗବତ ଟୁଡୁ, ଏସଓ ମନୋଜ କୁମାର ପଟେଲ, ଭାଜପା ରାଉରକେଲା ସାଙ୍ଗଠନିକ ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଲ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ହଳଧର ମାହାନ୍ତ, କୁରଡ଼ା ସମିତି ସଭ୍ୟ ନୃପମଣି କିଷାନ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଯୋଗ ଦେଇଥିବାବେଳେ ଏପିଓ ବିଷ୍ଣୁ ମୋହନ ନାୟକ ମଞ୍ଚ ପରିଚାଳନା କରିଥିଲେ। ବନ୍ଦେ ମାତରମ ଗୀତ ଏକ ଗୀତ ନୁହେଁ, ଏହା ଏକ ଭାବନା ଯାହାକି ଭାରତୀୟଙ୍କ ମଧ୍ୟରେ ଏକତା, ଦେଶାତ୍ମବୋଧକ, ରାଷ୍ଟ୍ରୀୟ ଭକ୍ତିର ନିଦର୍ଶନ ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାମୁହିକ ଭାବେ ବନ୍ଦେ ମାତରଂ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ କିରାଣୀ ଦେବରାଜ ମାହାନ୍ତ, ରଜତ କୁମାର ସାହୁ, ଶ୍ରୀକାନ୍ତ ସାହୁ,ଏଏଫଓ ମୃତ୍ୟୁଞ୍ଜୟ ଘଡେଇ, ଅଭିଜିତ ମଲ୍ଲ, ଦୀପକ ବାରିକ, ମନୋହର ମୁଣ୍ଡାଙ୍କ ସମେତ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ଜଣାପଡିଛି।

## ମନ୍ଦିରା ଡ୍ୟାମ୍‌ରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

କୁଆଁରମୁଣ୍ଡା,୨୦।୧(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅନ୍ତର୍ଗତ ଖାରବେଡ଼ା ନିକଟସ୍ଥ ମନ୍ଦିରା ଡ୍ୟାମରୁ ମଙ୍ଗଳବାର ପୋଲିସ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ଏ ନେଇ ରାଏବୋଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୦୨/୨୦୨୬) ରୁଜୁ ହୋଇଛି। ପୋଲିସ ମୃତଦେହକୁ ରାଉରକେଲା ମର୍ଗହାଉସରେ ରଖିଛି। ଏହା ସହ ମୃତକଙ୍କ ପରିଚୟ ପାଇବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ମୁତାବକ, ମୃତକ ଜଣଙ୍କ ପୁରୁଷ ହୋଇଥିଲା ବେଳେ ତାଙ୍କର ବୟସ ପ୍ରାୟ ୫୫ ବର୍ଷ ହୋଇପାରେ। ମୃତଦେହ ପ୍ରାୟ ୩ ରୁ ୪ ଦିନ ହେଲା ଶଙ୍ଖ ନଦୀରେ ଭାସି ଆସି ମନ୍ଦିରା ଡ୍ୟାମରେ ପହଞ୍ଚିବା ପରେ ସେଠାରେ ମାଛ ଧରୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

## ବନ୍ଧୁକ ଦେଖାଇ ଟଙ୍କା ଲୁଟ ଅଭିଯୋଗରେ ୨ଯୁବକ ଗିରଫ

ସୁନ୍ଦରଗଡ଼, ୨୦।୧(ଜୟନାରାୟଣ ମେଣ୍ଟୁଲି): ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ମହୁପାଲି ଛକରେ ମଙ୍ଗଳବାର ଅପରାହ୍ନରେ ୨ଜଣ ଯୁବକ ରାସ୍ତାରେ ଯାଉଥିବା ଟ୍ରକ ଅଟକାଇ ଚାଳକଙ୍କଠାରୁ ବନ୍ଧୁକ ଦେଖାଇ ଟଙ୍କା ଲୁଟୁଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଗିରଫ ୨ଅଭିଯୁକ୍ତ ହେଉଛନ୍ତି ବିକାଶ ପାଣ୍ଡବ(୨୦) ଓ ଦେବଦତ୍ତ ବିରତିଆ (୨୧)। ପୋଲିସ ସେମାନଙ୍କ ନିକଟରୁ ଏକ ଏୟାର ଗନ ଜବତ କରିଛି। ଏନେଇ ଅଭିଯୁକ୍ତଙ୍କ ବିରୋଧରେ ସଦର ଥାନାରେ ଏକ ମାମଲା (ନଂ.୩୪/୨୦୨୬) ରୁଜୁ ହୋଇଛି।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ

ବଡ଼ଗାଁ, ୨୦।୧(ଅଶୋକ ଷଡଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପ୍ରଶାସନ ପକ୍ଷରୁ ପିଏମ୍‌ଶ୍ରୀ ବଡ଼ଗାଁ ସରକାରୀ ହାଇସ୍କୁଲ ପରିସରରେ ସୋମବାର ବନ୍ଦେ ମାତରମ ରାଷ୍ଟ୍ରଗୀତର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବଡ଼ଗାଁ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ ପରିଚାଳନା କରିଥିଲେ। ସଭାରେ ସ୍କାଉଟ୍ସ ଗାଇଡ୍ସ ଶିକ୍ଷକ ଜନସନ ଖାଖା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବରେ ତହସିଲଦାର ଝରଣା ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ସାଂସଦ ପ୍ରତିନିଧି ଶିଶିର ରାଉତରାୟ, ବିଧାୟକ ପ୍ରତିନିଧି ବାବୁଲି କର୍ସେଲ, ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରା, ଭୋଇପାଲି ସରପଞ୍ଚ ମହେଶର ବରିହା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରଗୀତ ବନ୍ଦେ ମାତରମର ମହତ୍ତ୍ୱ ଓ ଐତିହାସିକ ପୃଷ୍ଠଭୂମି ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ହାଇସ୍କୁଲର ଛାତ୍ରୀଛାତ୍ର ଓ ସ୍ଥାନୀୟ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

# ସୁନ୍ଦରଗଡ଼ରେ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ




ପିଏମ୍‌ଶ୍ରୀ ଉତ୍ସବରେ ମଞ୍ଚାସୀନ ଅତିଥି।

ସୁନ୍ଦରଗଡ଼, ୨୦।୧(ଜୟ ନାରାୟଣ ମେଣ୍ଟୁଲି)

ପିଏମ୍‌ଶ୍ରୀ ଯୋଜନା ଅନ୍ତର୍ଗତ ୨ଦିନିଆ ପିଏମ୍‌ଶ୍ରୀ ଉତ୍ସବ ୧୯ ଏବଂ ୨୦ତାରିଖରେ ସୁନ୍ଦରଗଡ ଜିଲାର ୨୩ଟି ପିଏମ୍‌ଶ୍ରୀ ସ୍କୁଲର ସହଭାଗିତାରେ ଆୟୋଜିତ ହୋଇଛି। ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂତନ ଚିନ୍ତାଧାରା, ଉଦ୍ୟମଶୀଳତା ଓ ସୃଜନାଶୀଳତାକୁ ପ୍ରୋତ୍ସାହନ ଦେବା। ଉତ୍ସବ ଅବସରରେ ମୋଟ ୨୩ଟି ସ୍କୁଲ ଦ୍ୱାରା ୩ଟି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆକାଂକ୍ଷୀ ମେଳା ଇନ୍ସପାଏରିଂ ଓଡ଼ିଶା ୨୦୩୬ ଅନ୍ତର୍ଗତ ୨୩ ଟି ଷ୍ଟଲ, ଆକାଂକ୍ଷୀ ଛାତ୍ର ପରିଷଦ ଦି ଟେଲେଣ୍ଟ ଗ୍ୟାଲେରୀ ମାଧ୍ୟମରେ ୨୩ଟି ଷ୍ଟଲ ଓ ଦୋକାନ ଯାତ୍ରା ପିଏମ୍‌ଶ୍ରୀ ବିଜନେସ ମିଟ ଅନ୍ତର୍ଗତ ୨୩ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏହି ଷ୍ଟଲଗୁଡିକରେ ଛାତ୍ରୀଛାତ୍ର ନିଜ ନବୀନ ଧାରଣା, କଳାକୃତି, ବିଜ୍ଞାନ ମଡେଲ ଓ ବ୍ୟବସାୟ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତି ପ୍ରଧାନ, ପୌରାଧ୍ୟକ୍ଷା ତନୟା ମିଶ୍ର, ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରେରଣାଦାୟକ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ପିଏମ୍‌ଶ୍ରୀ ଯୋଜନାର ଗୁରୁତ୍ୱ ଓ ଶିକ୍ଷାରେ ଗୁଣାତ୍ମକ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପିଏମ୍‌ଶ୍ରୀ ଉତ୍ସବ ମାଧ୍ୟମରେ ସୁନ୍ଦରଗଡ ଜିଲାର ଛାତ୍ରୀଛାତ୍ର ନିଜ ପ୍ରତିଭା ଓ ସମ୍ଭାବନାକୁ ମଞ୍ଚ ଉପରେ ପ୍ରଦର୍ଶନ କରିବାର ସୁଯୋଗ ପାଇଥିବାରୁ ସାଧାରଣ ମହଲରେ ଏହାକୁ ବିଶେଷ ସ୍ୱାଗତ କରାଯାଇଛି।

# ପୁଅ ମୃତ୍ୟୁ ପରେ ଆଖିବୁଜିଲେ ଶତାୟୁ ମା’

**ଗୋଟିଏ ସ୍ଥାନରେ ଜଳିଲା ମା’ ପୁଅଙ୍କ ଶବ**



ଲୋଚନୀ ବେହେରା,



ଏକାଦଶିଆ ବେହେରା।

ବଡ଼ଗାଁ, ୨୦।୧(ଅଶୋକ ଷଡଙ୍ଗୀ)

ପୁଅ ମୃତ୍ୟୁର ୮ଘଣ୍ଟା ପରେ ଆଖିବୁଜିଲେ ଶତାୟୁ ମା’। ଗୋଟିଏ ସ୍ଥାନରେ ଜଳିଲା ମା’ ପୁଅଙ୍କ ଶବ। ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଦାଣ୍ଡଜମିରା ଗାଁରେ ମଙ୍ଗଳବାର ଦେଖିବାକୁ ମିଳିଛି ଏଭଳି ଦୁଃଖଦ ଘଟଣା। ମୃତକ ଦ୍ୱୟ ହେଲେ ଗାଁର ଏକାଦଶିଆ ବେହେରା (୭୮) ଏବଂ ତାଙ୍କ ମା’ ଲୋଚନୀ (୧୦୩)। ଏକାଦଶିଆ ଗଣିତ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। କିଛି ଦିନ ହେଲା ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ଡାକ୍ତର ଦେଖାଇ ଚିକିତ୍ସା ଚାଲୁଥିବାବେଳେ ମଝିରେ ମଝିରେ ତାଙ୍କର ସ୍ୱାସ୍ଥ୍ୟ ବିଗୁଡୁଥିଲା। ସେ ସୋମବାର ସନ୍ଧ୍ୟା ୭ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଘରେ ତାଙ୍କର ଶତାୟୁ ମା’ ଜୀବିତ ଥିଲେ। ଏକାଦଶିଆଙ୍କ ମୃତ୍ୟୁ ପରେ ଘରେ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବଙ୍କ ଭିଡ଼ ହୋଇଯାଇଥିଲା। ଘରେ ଭିଡ଼ ଦେଖି ଘଟଣା ବିଷୟରେ ଜାଣି ଲୋଚନୀ ନିର୍ବାକ ଓ ନିସ୍ତେଜ ହୋଇଯାଇଥିଲେ। ଆଖିରେ ଲୁହ ଭରି ଯାଇଥିଲା। ଶେଷରେ ପୁଅ ମୃତ୍ୟୁର ୮ଘଣ୍ଟା ପରେ ରାତିରେ ବୃଦ୍ଧା ମା’ ଆଖିବୁଜିଥିଲେ। ଶେଷକୃତ୍ୟ ପାଇଁ ଘରେ ଥିବା ପରିଜନ ଓ ବନ୍ଧୁବାନ୍ଧବ ବୃଦ୍ଧାଙ୍କ ମୃତ୍ୟୁ ପରେ ସକାଳେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।


**ସୁବର୍ଣ୍ଣ ସୁଯୋଗ**
**ବିଶେଷ ରିହାତି**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ

**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**

ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

**୧୦%**
**ବିଶେଷ ରିହାତି**

ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ ଆଜିହିଁ ପଦାର୍ପଣ କରନ୍ତୁ
ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ।
OIPR-



**BABA BHAIRABANANDA AUTONOMOUS MAHAVIDYALAYA**
Chandikhole, Jajpur, Odisha-755044
Email: bbmprincipal@gmail.com MOB: 9437264845
Letter No. 092/26 Date : 19.01.2026

**TENDER CALL NOTICE**
FOR UPGRADATION OF IT INFRASTRUCTURE

**No.CAD-3067** : Sealed tenders are invited in two bid system (technical and financial) from firms/ suppliers/ authorized dealers having valid GST registration and PAN for supply of Desktop Computer, UPS, Multifunction printer, Led TV, Webcam and internet facility for upgrading the IT infrastructure of Baba Bhairabananda (Auto.) Mahavidyalaya, Chandikhole, Jajpur, Odisha as per the Govt. of Odisha, Higher Education Dept. letter no. 12655/Dt. 05.03.2025. For details, please visit the college website https://bbmchandikhole.org and district website https://jajpur.odisha.gov.in

**Sd./- Principal-Cum-Secretary**
OIPR- B.B. (Auto) Mahavidyalaya, Chandikhole, Jajpur



**Government of Odisha, Department of Water Resources**
**OFFICE OF THE SUPERINTENDING ENGINEER**
**RENGALI DAM DIVISION, RENGALI DAM SITE**
ANGUL - 759105, e-mail : rengalidam@gmail.com
No.A- **'e'-Procurement Notice No.SE-RDD-05/2025-26**

| | | |
|---|---|---|
| 1 | Name of Work | : Tar-felting, Concrete & PH Work |
| 2 | No. of works | : 05 (Five) Nos of works |
| 3 | Estimated Cost | : Varies from **4.29** Lakh to **21.45** Lakh (Excluding GST) |
| 4 | Cost of tender paper | : **Varies from Rs.2000.00, Rs.4000.00 & Rs.6000.00 (Non-refundable)** |
| 5 | EMD/Bid Security | : **1% of Amount put to Tender (Refundable)** |
| 6 | Class of contractor | : 'D', 'C' or 'B' Class Contractor |
| 7 | Period of Completion of work | : Varies from 45 days to 60 Days |
| 8 | Date and time of availability of bid Document in the website | : From 11.00 A.M. of **Dt.21.01.2026** to 5.00 P.M. of **Dt.31.01.2026** in the website (www.tendersodisha.gov.in) |
| 9 | Date, time and place of opening of online tender | : **Dt.02.02.2026** at 11.00 A.M. in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : **Dt.04.02.2026** (Tentative) at 11.00 A.M. onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : Superintending Engineer, Rengali Dam Division, At. Rengali Dam Site, P.O. - Rengali Dam Site, Dist. : Angul, Odisha, PIN-759105, Email Id - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Superintending Engineer**
OIPR- **Rengali Dam Division, Rengali Dam Site**



**OFFICE OF THE MUNICIPAL COUNCIL, BHAWANIPATNA**
**DIST-KALAHANDI, PIN-766001**
**'e' Procurement NOTICE. No. 169**
**Bid Identification No. BPM/04/2025-26**
**Tender ID-2026_ORULB_124793_1**

**No.C-2141** : The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Name of works: **Providing Outsourcing Services For Sanitation Maintenance Work For Areas Of 1 to 10 wards Under Bhawanipatna Municipality**
2. Estimated Costs: **254.20 Lakhs**
3. Date and time of availability of the bid documents in the portal: **From 02.00 P.M. of 19.01.2026 to 05.30 PM of 29.01.2026**
4. Last Date/Time for receipt of bids in the portal: **05.30 PM of 29.01.2026**
5. Bids will be opened on: **11.00 AM of Dt. 30.01.2026**
6. Name and address of the officer inviting bid: **Executive Officer, Bhawanipatna Municipality**

**Sd./- Executive Officer**
OIPR- **Bhawanipatna Municipality**



**DIRECTORATE OF MINES & GEOLOGY STEEL AND MINES DEPARTMENT, GOVT. OF ODISHA, BHUBANESWAR**
Heads of Department Building, Unit-V, Pin-751001
Tel No.: 0674-2391537, Fax No.: 0674-2391684
**E-mail ID: dir.mines@orissaminerals.gov.in/geology.ig@orissaminerals.gov.in**
**Reference No. : 651** **Date: 15.01.2026**

**TENDER CALL NOTICE**

**No.G-50** : The Directorate of Mines & Geology, Odisha invites open Tender on behalf of the Governor of Odisha, in two bid system (Technical Bid and Price Bid) from reputed Firms/ Agencies, fulfilling the eligibility criteria to take up the **"Topographical Survey Works using Electronic Total Stations / DGPS in Different Mineral Exploration Blocks of Odisha" for the Field Season 2025-26 & 2026-27**.The detail Tender / Tender Document shall be available in the Departmental Website **http://www.odishaminerals.gov.in** and there will be no manual sale of Tender document. Interested Firms/ Agencies are requested to download the Tender Document from the website and sealed tender should be submitted to the Directorate of Mines & Geology, Odisha, Heads of Department Building, Unit-V, Bhubaneswar-751001 **latest by 5:30 PM on 09.02.2026 by Regd. Post/Speed Post/Courier Service Only**.

**Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above web site, for further updates.**

The Director of Mines & Geology, Odisha, reserves the right to accept / reject any/all Bids/offers or cancel the entire tender process at any stage without assigning any reason thereof.

**Sd./- Director of Mines & Geology, Odisha**
OIPR-

## ସଂକ୍ଷେପରେ

### କ୍ରିକେଟ୍ ପ୍ରତିଯୋଗିତା: କଲଣ୍ଡା ଚାମ୍ପିୟନ

ଦେବଗଡ଼,୨୦ା୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ୍ ଅଧୀନ କଦମ୍ବହି କଲୋନୀ ଗ୍ରାମରେ ଚାଲିଥିବା ତ୍ରିଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କଣ୍ଡେଇକେଲି କ୍ରିକେଟ୍ କ୍ଲବ୍‌କୁ ପରାସ୍ତ କରି କଲଣ୍ଡା କ୍ରିକେଟ୍ କ୍ଲବ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌କୁ ମନୋଜ ପେଣ୍ଡେଇ, ପଦ୍ମନ ସାହୁ ଓ ଶ୍ରୀକାନ୍ତ ସାହୁ ପରିଚାଳନା କରିଥିବାବେଳେ ଭାଷ୍ୟକାର ଭାବେ ବିରେଣ ପେଣ୍ଡେଇ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ୍ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଚାମ୍ପିୟନ ଏବଂ ରନର ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଅରୁଣ ମାଟିଆରୀ, ସୁଜିତ୍ ଶବର, ପୁଲିନ ପେଣ୍ଡେଇ, ମନୋଜ ପେଣ୍ଡେଇ ଓ ରାଜୁ ପେଣ୍ଡେଇ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ଲୋକନୃତ୍ୟରେ ଦର୍ଶକ ବିଭୋର

ଦେବଗଡ଼,୨୦ା୧(ଶଶାଙ୍କ ଶେଖର ଝାଙ୍କର)


ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**'ଉତ୍ସବ ପ୍ରଧାନପାଟ-୨୦୨୬' ତୃତୀୟ ସନ୍ଧ୍ୟା**

ଦେବଗଡ଼ ଜିଲ୍ଲା ପ୍ରଶାସନ, ସଂସ୍କୃତି ବିଭାଗ ଓ ଓଡ଼ମାସ୍କର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ଉତ୍ସବ ପ୍ରଧାନପାଟ' ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ ପହଞ୍ଚିଥିଲା। ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବଢବଗିଚା ପଡିଆଠାରେ ନିର୍ମିତ ମୁକ୍ତାକାଶ ରଙ୍ଗମଞ୍ଚରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ବରେଣ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ୍ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ବାରକୋଟ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଯୋଗଦେଇଥିଲେ। ଜିଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି ଧନ୍ୟବାଦ ଦେଇଥିଲେ। ଉପସ୍ଥାପିକା ମୋନାଲିଶା ସାହୁ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଉପଜିଲାପାଳ ପରକ୍ଷୀତ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଦେବଗଡର ନୃତ୍ୟଦଳ ଦ୍ୱାରା ଲୋକନୃତ୍ୟ, ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟ, ହରିୟାଣାର ଲୋକନୃତ୍ୟ, ଆସାମର ବିହୁ ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ ଲୋକପ୍ରିୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସାଥୀଙ୍କ ଦ୍ୱାରା ପରିବେଷିତ ମନଛୁଆଁ ସଙ୍ଗୀତର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ।

# ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା



ଶୋଭାଯାତ୍ରାରେ ଲୋକଙ୍କୁ ସଚେତନ କରାଯାଉଛି।

ଦେବଗଡ଼,୨୦ା୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମଙ୍ଗଳବାର ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଅନିଲ କୁମାର ମିଶ୍ର, ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ଯୋଗଦେଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଦେବଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବା ପରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ସଚେତନତା ସଭା ଆୟୋଜନ କରାଯାଇଥିଲା। ଟ୍ରାଫିକ୍ ନିୟମ ମାନିବା ପାଇଁ ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କୁ ଏସ୍‌ପି ଶପଥ ପାଠ କରାଇଥିଲେ। ଏହି ଶୋଭାଯାତ୍ରାରେ ଶତାଧିକ ଛାତ୍ରୀଛାତ୍ର ଏବଂ ଜନସାଧାରଣ ସାମିଲ ଲୋକଙ୍କୁ ସଚେତନ କରିଥିଲେ। ଉପଜିଲାପାଳ ପରକ୍ଷୀତ ସାହୁ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ବିଦ୍ୟୁତ୍ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜୁ ସାହା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ଆଞ୍ଚଳିକ ପରିବହନ ବିଭାଗର ସମସ୍ତ ଅଧିକାରୀ, ଓ କର୍ମଚାରୀ, ଛାତ୍ରୀଛାତ୍ର ଓ ଜନସାଧାରଣ ସାମିଲ ହୋଇଥିଲେ।

# ବନ୍ଧୁକ କାରବାର ଅଭିଯୋଗରେ ୩ ଗିରଫ

ଝାରସୁଗୁଡ଼ା,୨୦ା୧(ଆଶିଷ ରଞ୍ଜନ ଦାଶ)

**୩ ବନ୍ଧୁକ, ୭ ଗୁଳି ଜବତ**

ବେଆଇନ ଭାବେ ବନ୍ଧୁକ ରଖିବା ଅଭିଯୋଗରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୋଲିସ ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରଜରାଜନଗରର ସୌରଭ ଯାଦବ, ଆଦିତ୍ୟ ଶର୍ମା ଓ ତୁଷାର ପଟ୍ଟନାୟକ। ଅଭିଯୁକ୍ତମାନଙ୍କଠାରୁ ୩ ଗୋଟି ଦେଶୀ ବନ୍ଧୁକ ଏବଂ ୭ଟି ଜୀବନ୍ତ ଗୁଳି ଜବତ କରାଯାଇଥିବା ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଅପରାହ୍ନରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବିହାରରୁ ବନ୍ଧୁକ ଆଣି ବିଭିନ୍ନ ଆପରାଧିକ କାର୍ଯ୍ୟରେ ଏହାକୁ ବ୍ୟବହାର କରିବା ଯୋଜନା କରୁଥିଲେ। ଖବର ପାଇ ପୋଲିସ ଚଢ଼ାଉ କରିବା ସହିତ ବନ୍ଧୁକ ଓ ଗୁଳି ସହ ଅଭିଯୁକ୍ତମାନଙ୍କୁ ଧରିଥିଲା। ଜବତ ବନ୍ଧୁକ ମଧ୍ୟରେ ଦୁଇଟି ଦେଶୀ ମାଉଜର, ଗୋଟିଏ ସିଙ୍ଗଲ ସଟ୍ ଗନ୍, ୬ଟି ୭.୬୫ ଏମ୍‌ଏମ୍ ଗୁଳି ଏବଂ ଗୋଟିଏ ସିଂଗଲ ସଟ୍ ଗୁଳି ରହିଥିବା ନେଇ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରନ୍ତୁ ଚାଷୀ

ଦେବଗଡ଼,୨୦ା୧(ଶଶାଙ୍କ ଶେଖର ଝାଙ୍କର)

ଉତ୍ସବ ପ୍ରଧାନପାଟ ଉପଲକ୍ଷେ ଜାତୀୟ ଉଦ୍ୟାନ କୃଷି ମିଶନ ଆନୁକୂଲ୍ୟରେ ସ୍ଥାନୀୟ ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଉଦ୍ୟାନ କୃଷି ସମ୍ବନ୍ଧୀୟ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ମାନସୀ ଭୋଳ, ମୃତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦେବ, ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର ଯୋଗଦେଇଥିଲେ। ଉଦ୍ୟାନ କୃଷି ଓ ସମନ୍ୱିତ କୃଷି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଅଧିକ ଲାଭବାନ ହେବା ନିମନ୍ତେ ଉପସ୍ଥିତ ଚାଷୀମାନଙ୍କୁ ଅତିଥି ପରାମର୍ଶ ଦେଇଥିଲେ। 'ଉତ୍ସବ ପ୍ରଧାନପାଟ-୨୦୨୬' ପଲ୍ଲିଶ୍ରୀ ମେଳା ଓ ସ୍ୱଦେଶୀ ମେଳାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଖୋଲାଯାଇଥିବା ଫଳପୁଷ୍ପ ପ୍ରଦର୍ଶନୀର ଶ୍ରେଷ୍ଠ ପ୍ରଦର୍ଶକ(ଚାଷୀ)ମାନଙ୍କୁ ଅତିଥି ପୁରସ୍କୃତ କରାଯାଇଥିଲା। ରିଆମାଳ ବ୍ଲକ୍‌ର ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ସୌଭାଗ୍ୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ରେଞ୍ଜର, ଆର୍‌ଆଇଙ୍କୁ ଘେରିଲେ ଗ୍ରାମବାସୀ

**ବେଆଇନ ଜଙ୍ଗଲ ଜମି ବ୍ୟବହାର ଘଟଣା**

ଝାରସୁଗୁଡ଼ା,୨୦ା୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଶ୍ରୀପୁରା ଗ୍ରାମପଞ୍ଚାୟତଠାରେ ଥିବା ଏପିସିଲନ କାର୍ବନ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମି ଦଖଲ କରି ବ୍ୟବହାର କରୁଥିବା ଘଟଣାରେ ଶ୍ରୀପୁରା ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଗ୍ରାମବାସୀ ଏବଂ ସ୍ଥାନୀୟ ପ୍ରତିନିଧିଙ୍କ ବିନା ଅନୁପସ୍ଥିତିରେ ଝାରସୁଗୁଡ଼ା ରେଞ୍ଜର ଏବଂ ବଡ଼ମାଳ ଆର୍‌ଆଇ ଜଙ୍ଗଲ ଜମିର ତଦନ୍ତ କରୁଥିବା ବେଳେ ଗ୍ରାମବାସୀ ଉଭୟ ଅଧିକାରୀଙ୍କୁ ଘେରିଥିଲେ। ଶ୍ରୀପୁରା ଗ୍ରାମବାସୀଙ୍କ ସୂଚନା ଅନୁସାରେ, ସୋମବାର ଗ୍ରାମର ଶତାଧିକ ଜନସାଧାରଣ ଜିଲାପାଳ କାର୍ଯ୍ୟାଳୟ ପରିସରରେ ଏପିସିଲନ କମ୍ପାନୀ ବିରୋଧରେ ଜିଲା ପ୍ରଶାସନ ତଦନ୍ତ ପ୍ରକ୍ରିୟା ଡେରି କରୁଥିବାରୁ ଡିଏଫ୍‌ଓ ଏବଂ ତହସିଲଦାରଙ୍କ ବିରୋଧରେ ଜିଲାପାଳ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉକ୍ତ ଜଙ୍ଗଲ ଜମିରେ ଗ୍ରାମବାସୀ ଗ୍ରାମସଭା କରିସାରିଥିବା ସହିତ ଚାରା ରୋପଣ କରି ଜନମଙ୍ଗଳ କାର୍ଯ୍ୟରେ ଉକ୍ତ ଜଙ୍ଗଲ ଜମିକୁ ବ୍ୟବହାର କରିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଠିକ୍ ଏହି ସମୟ ପୂର୍ବାହ୍ନ ୧୧ଟାରେ ଝାରସୁଗୁଡା ରେଞ୍ଜର ବିଜୟ ପ୍ରଧାନ ଏବଂ ଆର୍‌ଆଇ ଶ୍ରୀକାନ୍ତ ପ୍ରଧାନ ଗ୍ରାମବାସୀ ଏବଂ ସ୍ଥାନୀୟ ପ୍ରତିନିଧିଙ୍କ ଅନୁପସ୍ଥିତିରେ କମ୍ପାନୀ ବ୍ୟବହାର କରୁଥିବା ଜଙ୍ଗଲ ଜମି ବିଷୟରେ ତଦନ୍ତ କରୁଥିବା ଗ୍ରାମବାସୀ ଖବର ପାଇଥିଲେ। ପରେ ଘଟଣାସ୍ଥଳରେ ପହଞ୍ଚି ରେଞ୍ଜର ପ୍ରଧାନ ଓ ଆର୍‌ଆଇ ପ୍ରଧାନଙ୍କୁ ଗ୍ରାମବାସୀ ତଥା କୌଣସି ସ୍ଥାନୀୟ ପ୍ରତିନିଧି ନ ଥାଇ କାହିଁକି ତଦନ୍ତ କରୁଛ ବୋଲି ପ୍ରଶ୍ନ କରିଥିଲେ। କିନ୍ତୁ ରେଞ୍ଜର ଓ ଆର୍‌ଆଇ ଉପସ୍ଥିତ ଗ୍ରାମବାସୀଙ୍କୁ କହିଥିଲେ ଯେ, ଯାହା ବି ତଦନ୍ତ କରାଯିବ ତାହା ସତ୍ୟ ଘଟଣା ଉପରେ କରାଯିବ ଏବଂ ଗ୍ରାମବାସୀ ଓ ସ୍ଥାନୀୟ ପ୍ରତିନିଧିଙ୍କ ଉପସ୍ଥିତିରେ କରାଯିବ ବୋଲି ସାନ୍ତ୍ୱନା ଦେଇଥିଲେ। ଏ ନେଇ ରେଞ୍ଜର ପ୍ରଧାନ ଓ ଆରଆଇ ପ୍ରଧାନଙ୍କୁ ପଚାରିବାରୁ ଦୁଇଜଣ କହିଛନ୍ତି, ଉକ୍ତ କମ୍ପାନୀ ବ୍ୟବହାର କରୁଥିବା ଜଙ୍ଗଲ ଜମି ସମ୍ପୂର୍ଣ୍ଣ ରୂପେ ବେଆଇନ। ଏହାର ଯୁଗ୍ମ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କ ନିକଟରେ ରିପୋର୍ଟ ପ୍ରଦାନ କରିବୁ ବୋଲି ପ୍ରକାଶ କରିଛନ୍ତି।

# ପୌର ପରିଷଦରେ ଦୁର୍ନୀତି ଅଭିଯୋଗ

ଝାରସୁଗୁଡ଼ା, ୨୦ା୧(ଆଶିଷ ରଞ୍ଜନ ଦାଶ)

**ଖଣ୍ଡନ କଲେ ନିର୍ବାହୀ ଅଧିକାରୀ**

ଝାରସୁଗଡ଼ା ପୌରପରିଷଦରେ ଗତ ସୋମବାର କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୱାର୍ଡ ନମ୍ବର ୧୬ର କାଉନସିଲର ନବନୀତ କୌର କିଛି କାମରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଝାରସୁଗୁଡା ପୌର ପରିଷଦରେ ଦୁର୍ନୀତି କରି ଆର୍ଥିକ ହେରଫେରର ଆଶଙ୍କା ଥିବା ସେ ବୈଠକରେ ଉପସ୍ଥାପନ କରିଛନ୍ତି। ବିଶେଷକରି ଝାଡ଼େଶ୍ୱର ମନ୍ଦିର ନିକଟରେ ଥିବା ଇକୋ ପାର୍କ ଏବଂ ଅନ୍ୟାନ୍ୟ ପର୍ଯ୍ୟଟନ ସୁବିଧାର ବିକାଶ ପାଇଁ ହେଉଥିବା କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ବାରି ହେଉଥିବା କହିଛନ୍ତି କାଉନସିଲର ନବନୀତ କୋର। ଦୁଇଟି ପର୍ଯ୍ୟାୟରେ ଏଠାରେ ବିଭିନ୍ନ କାର୍ଯ୍ୟ ପାଇଁ ମୋଟ ଆକଳନ ୧ କୋଟି ୫୭ ଲକ୍ଷ ୯୦ ହଜାର ୭ ଶହ ଟଙ୍କା ଏବଂ ୧କୋଟି ୪୧ ହଜାର ୪୯ ହଜାର ୩୮୫ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଯେଉଁଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ତାର ସ୍ପଷ୍ଟୀକରଣ ଦିଆଯାଇନଥିବା କାଉନସିଲର ନବନୀତ କୌର ଅଭିଯୋଗ କରିଛନ୍ତି। ଏହାସହ ଏହି ଖର୍ଚ୍ଚ ହେଉଥିବା ଟଙ୍କାର ସମ୍ପୂର୍ଣ୍ଣ ତଥ୍ୟ ସହ ରିପୋର୍ଟ ସାର୍ବଜନୀନ କରାଯାଉ ବୋଲି ସେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ଝାରସୁଗୁଡ଼ା ପୌର ପରିଷଦ ଇଓ ମାନସ ରଞ୍ଜନ ମଲ୍ଲିକଙ୍କୁ ମଙ୍ଗଳବାର ତାଙ୍କ କାର୍ଯ୍ୟାଳୟଠାରେ ପଚାରିବାରୁ ସେ କହିଛନ୍ତି ଯେ କାଉନସିଲର ଅଭିଯୋଗ କରିଥିବା କାମ ଏକ ଡିପିଆର ମାଧ୍ୟମରେ ପରିଚାଳିତ ହେଉଥିବା ବେଳେ ସମ୍ପୂର୍ଣ୍ଣ ଭାବରେ ସରକାରୀ ନୀତି ନିୟମ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉଛି ଏହା ସହିତ ବାବା ଝାଡେଶ୍ୱର ପୀଠର ଉନ୍ନତି କାମ ଝାଡ଼େଶ୍ୱର ଉନ୍ନୟନ ପରିଷଦର କର୍ମକର୍ତ୍ତାଙ୍କ ସହିତ ଯୋଗାଯୋଗ କରି କରାଯାଉଛି। କାଉନସିଲର କୌର ଝାରସୁଗୁଡ଼ା ପୌରପରିଷଦର ଏକ ଅଙ୍ଗ ହୋଇଥିବାରୁ ସେ ନିଜେ ପୌର ପରିଷଦ ଆସି ସମସ୍ତ କାଗଜ ପତ୍ର ତଦାରଖ କରିବା ସହିତ ଏ ନେଇ ମୋ ସହିତ ଏବଂ ପୌରାଧ୍ୟକ୍ଷାଙ୍କ ସହିତ ଯୋଗାଯୋଗ ରଖି ଅଭିଯୋଗ କରିପାରେଥାନ୍ତେ କିନ୍ତୁ ସେ ବିନା ତଥ୍ୟ ପ୍ରମାଣ ଏବଂ ମୌଖିକ ଅଭିଯୋଗ କରିବା ଭିତ୍ତିହୀନ ବୋଲି ମତ ପ୍ରକାଶ କରିଛନ୍ତି।

# ଉଦୟଲକ୍ଷ୍ମୀ ସ୍ମାରକୀ କ୍ରିକେଟ, ମହାବୀର ଦଳ ଚାମ୍ପିୟନ

କୋଲାବିରା,୨୦ା୧(ସଞ୍ଜୟ ପୂଜାରୀ)



ଅତିଥିଙ୍କ ଗହଣରେ ବିଜୟୀ ଦଳ।

କୋଲାବିରା ମିନି ଷ୍ଟାଡିୟମରେ ଚାଲିଥିବା ଉଦୟଲକ୍ଷ୍ମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ତଥା ଅନ୍ତିମ ଦିବସରେ ତରେଇକେଲା ଦଳକୁ ପରାସ୍ତ କରି ମହାବୀର ଦଳ ଚାମ୍ପିୟନ ହୋଇଛି। ମଙ୍ଗଳବାର ପ୍ରଥମ ସେମିଫାଇନାଲ ତରେଇକେଲା ଓ ବାଗଡ଼ିହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଗଡ଼ିହି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା। ଜବାବରେ ତରେଇକେଲା ୮.୫ ଓଭରରେ ୪ ଉଇକେଟ ହରାଇ ୧୧୧ ରନ୍‌କରି ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌ରେ ତରେଇକେଲା ଦଳର ପପୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ଲଇଡ଼ା ଓ ମହାବୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଇଡ଼ା ଦଳ ପ୍ରଥମେ ବ୍ୟାଟିଂକରି ୮.୧ ଓଭରରେ ୬୧ ରନ୍ ସଂଗ୍ରହ କରି ଅଲ୍‌ଆଉଟ ହୋଇଯାଇଥିଲା। ଜବାବରେ ମହାବୀର ଦଳ ୭ ଓଭରରେ ୪ ଉଇକେଟ ହରାଇ ନିର୍ଦ୍ଧାରିତ ୬୨ ରନ୍‌କରି ୫ ଉଇକେଟରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଏହି ମ୍ୟାଚରେ ମହାବୀର ଦଳର ଗଗନ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ତରେଇକେଲା ଓ ମହାବୀର ଦଳ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଏଥିରେ ମହାବୀର ଦଳ ଟସ୍ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ତରେଇକେଲା ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ମହାବୀର ଦଳ ୬ ଓଭରରେ ୩ ଉଇକେଟ ହରାଇ ନିର୍ଦ୍ଧାରିତ ୯୦ ରନ୍ ସଂଗ୍ରହକରି ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ୍‌ରେ ମହାବୀର ଦଳର ରାହୁଲ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ତରେଇକେଲା ଦଳର ପ୍ରଦୀପଙ୍କୁ ସର୍ବଶ୍ରେଷ୍ଠ ବୋଲର, ମହାବୀର ଦଳର ଗଗନଙ୍କୁ ସର୍ବଶ୍ରେଷ୍ଠ ଫିଲ୍ଡର, ମହାବୀର ଦଳର ରାହୁଲଙ୍କୁ ସର୍ବଶ୍ରେଷ୍ଠ କିପର, ତରେଇକେଲା ଦଳର ପପୁଙ୍କୁ ସର୍ବଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ପ୍ଲେୟର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ନଗଦ ୩୦ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ସ୍ୱର୍ଗତ ଉଦୟନାଥ ପୁରୋହିତ ଓ ଲକ୍ଷ୍ମୀ ପୁରୋହିତଙ୍କ ପୁତ୍ରବଧୂ ନିବେଦିତା, ସୁଚିସ୍ମିତା, ନାତୁଣୀ ଶ୍ରେୟାଂଶୀ, ଝିଅ ମମତା, ଜାମାତା ସଞ୍ଜୟ, ପୁଅ ସୁଶାନ୍ତ, ଖେଳ ଶିକ୍ଷକ ରାଜେଶ ପଟେଲ, ପୁରାତନ ଖେଳାଳି ରାଜେଶ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆୟୋଜକ ଅଧ୍ୟାପକ ମାନସ ପୁରୋହିତ ରନରଅପ ତରେଇକେଲା ଦଳକୁ ଟ୍ରଫି ଓ ନଗଦ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ପରିଚାଳନା କରିବାରେ କୋଲାବିରା ମା' ସମଲେଶ୍ୱରୀ କ୍ଲବର ସୁନୀଲ, ଗୁଡ୍ଡୁ, ଧନଞ୍ଜୟ, ରଜତ, ଦିଲୀପ, ଗଣେଶ, ପ୍ରେମ, ଲୋକନାଥ, ଜିତେନ୍ଦ୍ର, ଅନିଲ, ଭକ୍ତ ପ୍ରମୁଖ ସାହାଯ୍ୟ କରିଥିଲେ।

# ପକ୍ଷ ରଖିଲେ ଜିଲା କ୍ରୀଡ଼ା ସଂଘର ୩ କର୍ମକର୍ତ୍ତା



ଝାରସୁଗୁଡ଼ା,୨୦ା୧(ଆଶିଷ ରଞ୍ଜନ ଦାଶ)

**ନିର୍ବାଚନ ବୈଧତା ପ୍ରସଙ୍ଗ**

ଜିଲା କ୍ରୀଡ଼ା ସଂଘର ତିନିଜଣ କର୍ମକର୍ତ୍ତାଙ୍କ ନିର୍ବାଚନ ବୈଧତା ଉପରେ ପ୍ରଶ୍ନ ଉଠାଇ ଅତିରିକ୍ତ ଜିଲାପାଳ (ରାଜସ୍ୱ )କିଶୋର ସ୍ୱାଇଁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ୭ ଦିନ ମଧ୍ୟରେ ଉତ୍ତର ରଖିବା ପାଇଁ ନିର୍ଦ୍ଦେଶ କରିଥିଲେ। ଏହାର ଜବାବ ଦାଖଲ କରିବା ନିମନ୍ତେ ୩ ଜଣ କର୍ମକର୍ତ୍ତା ଅତିରିକ୍ତ ଜିଲାପାଳଙ୍କୁ ଭେଟିଥିଲେ। ଅତିରିକ୍ତ ଜିଲାପାଳ ଜିଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧୁରୀ, ସଦସ୍ୟ ସନ୍ଦୀପ ଅବସ୍ଥି, ପ୍ରଶାନ୍ତ ଜେନାଙ୍କୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସଭ୍ୟ ହୋଇ କିପରି କ୍ରୀଡ଼ା ସଂଘର ସଦସ୍ୟ ହୋଇପାରିବେ, ତାହାନେଇ ନୋଟିସ କରିଥିଲେ। କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧୁରୀ, ସଦସ୍ୟ ସନ୍ଦୀପ ଅବସ୍ଥି, ପ୍ରଶାନ୍ତ ଜେନା ସେମାନେ ସମ୍ବିଧାନର କୌଣସି ନିୟମ ଉଲ୍ଲଂଘନ କରି ନ ଥିବା ବେଳେ ସେମାନଙ୍କ ସଭ୍ୟପଦ ତଥା କର୍ମକର୍ତ୍ତା ଭାବେ ନିର୍ବାଚନ ବୈଧ ବୋଲି ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଅତିରିକ୍ତ ଜିଲାପାଳ ନିଜ କ୍ଷମତା ବାହାରକୁ ଯାଇ ଏହି କାରଣ ଦର୍ଶାଅ ନୋଟିସ ଜାରି କରିଥିବାରୁ ତାହାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି। ନଚେତ ନ୍ୟାୟାଳୟର ଆଶ୍ରମ ନେବାକୁ ବାଧହେବୁ ବୋଲି ଦର୍ଶାଇଛନ୍ତି।

**ସୁବର୍ଣ୍ଣ ସୁଯୋଗ**
**ବିଶେଷ ରିହାତି**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ

**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**

ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

**୧୦% ବିଶେଷ ରିହାତି**

ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ ଆଜିହିଁ ପଦାର୍ପଣ କରନ୍ତୁ
ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
OIPR- ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।

**BABA BHAIRABANANDA AUTONOMOUS MAHAVIDYALAYA**
Chandikhole, Jajpur, Odisha-755044
Email: bbmprincipal@gmail.com MOB: 9437264845
Letter No. 092/26 Date : 19.01.2026

**TENDER CALL NOTICE**
FOR UPGRADATION OF IT INFRASTRUCTURE

**No.CAD-3067** : Sealed tenders are invited in two bid system (technical and financial) from firms/ suppliers/ authorized dealers having valid GST registration and PAN for supply of Desktop Computer, UPS, Multifunction printer, Led TV, Webcam and internet facility for upgrading the IT infrastructure of Baba Bhairabananda (Auto.) Mahavidyalaya, Chandikhole, Jajpur, Odisha as per the Govt. of Odisha, Higher Education Dept. letter no. 12655/Dt. 05.03.2025. For details, please visit the college website https://bbmchandikhole.org and district website https://jajpur.odisha.gov.in

Sd./- Principal-Cum-Secretary
OIPR- B.B. (Auto) Mahavidyalaya, Chandikhole, Jajpur

**Government of Odisha, Department of Water Resources**
**OFFICE OF THE SUPERINTENDING ENGINEER**
**RENGALI DAM DIVISION, RENGALI DAM SITE**
ANGUL - 759105, e-mail : rengalidam@gmail.com
No.A- **'e'-Procurement Notice No.SE-RDD-05/2025-26**

| | | |
|---|---|---|
| 1 | Name of Work | : Tar-felting, Concrete & PH Work |
| 2 | No. of works | : 05 (Five) Nos of works |
| 3 | Estimated Cost | : Varies from **4.29** Lakh to **21.45** Lakh (Excluding GST) |
| 4 | Cost of tender paper | : **Varies from Rs.2000.00, Rs.4000.00 & Rs.6000.00 (Non-refundable)** |
| 5 | EMD/Bid Security | : **1% of Amount put to Tender (Refundable)** |
| 6 | Class of contractor | : 'D', 'C' or 'B' Class Contractor |
| 7 | Period of Completion of work | : Varies from 45 days to 60 Days |
| 8 | Date and time of availability of bid Document in the website | : From 11.00 A.M. of **Dt.21.01.2026** to 5.00 P.M. of **Dt.31.01.2026** in the website (www.tendersodisha.gov.in) |
| 9 | Date, time and place of opening of online tender | : **Dt.02.02.2026** at 11.00 A.M. in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : **Dt.04.02.2026** (Tentative) at 11.00 A.M. onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : Superintending Engineer, Rengali Dam Division, At. Rengali Dam Site, P.O. - Rengali Dam Site, Dist. : Angul, Odisha, PIN-759105, Email Id - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Superintending Engineer
OIPR- Rengali Dam Division, Rengali Dam Site

**OFFICE OF THE MUNICIPAL COUNCIL, BHAWANIPATNA**
**DIST-KALAHANDI, PIN-766001**
'e' Procurement NOTICE. No. 169
Bid Identification No. BPM/04/2025-26
Tender ID-2026_ORULB_124793_1

**No.C-2141** : The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in
1. Name of works: **Providing Outsourcing Services For Sanitation Maintenance Work For Areas Of 1 to 10 wards Under Bhawanipatna Municipality**
2. Estimated Costs: **254.20 Lakhs**
3. Date and time of availability of the bid documents in the portal: **From 02.00 P.M. of 19.01.2026 to 05.30 PM of 29.01.2026**
4. Last Date/Time for receipt of bids in the portal: **05.30 PM of 29.01.2026**
5. Bids will be opened on: **11.00 AM of Dt. 30.01.2026**
6. Name and address of the officer inviting bid: **Executive Officer, Bhawanipatna Municipality**

Sd./- Executive Officer
OIPR- Bhawanipatna Municipality

**DIRECTORATE OF MINES & GEOLOGY STEEL AND MINES DEPARTMENT, GOVT. OF ODISHA, BHUBANESWAR**
Heads of Department Building, Unit-V, Pin-751001
Tel No.: 0674-2391537, Fax No.: 0674-2391684
E-mail ID: dir.mines@orissaminerals.gov.in/geology.ig@orissaminerals.gov.in
Reference No. : 651 Date: 15.01.2026

**TENDER CALL NOTICE**

**No.G-50** : The Directorate of Mines & Geology, Odisha invites open Tender on behalf of the Governor of Odisha, in two bid system (Technical Bid and Price Bid) from reputed Firms/ Agencies, fulfilling the eligibility criteria to take up the **"Topographical Survey Works using Electronic Total Stations / DGPS in Different Mineral Exploration Blocks of Odisha" for the Field Season 2025-26 & 2026-27**. The detail Tender / Tender Document shall be available in the Departmental Website **http://www.odishaminerals.gov.in** and there will be no manual sale of Tender document. Interested Firms/ Agencies are requested to download the Tender Document from the website and sealed tender should be submitted to the Directorate of Mines & Geology, Odisha, Heads of Department Building, Unit-V, Bhubaneswar-751001 **latest by 5:30 PM on 09.02.2026 by Regd. Post/Speed Post/Courier Service Only**.

**Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above web site, for further updates.**

The Director of Mines & Geology, Odisha, reserves the right to accept / reject any/all Bids/offers or cancel the entire tender process at any stage without assigning any reason thereof.

Sd./- Director of Mines & Geology, Odisha
OIPR-

**ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ**

ବଢିଆପଡା,(ଶ୍ରୀକାନ୍ତ ସାହୁ): ବୌଦ୍ଧ ଜିଲା ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଲୋକକଳା ଗ୍ରାମ ନାରାୟଣନଗରରେ ଶ୍ରୀଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କ ଯୁଗ୍ମ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ଜଗତି ମହାନଦୀ ଘାଟରୁ ଏକ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଶୋଭାଯାତ୍ରାରେ ମହିଳାମାନେ ୫୦୮ କଳସ ଧରି ମନ୍ଦିରରେ ପହଞ୍ଚିଥିଲେ। ପୂଜକ ଭାବେ ଅଜିତ ପାଣିଗ୍ରାହୀ, ଜିପୁନ ହୋତା, କୃଷ୍ଣଚନ୍ଦ୍ର ଶତପଥୀ, ଜିତ କୁମାର ଦାସ, ସନ୍ତୋଷ କୁମାର ହୋତା, ବିଷ୍ଣୁପ୍ରସାଦ ପାଣିଗ୍ରାହୀ, ପ୍ରଭଞ୍ଜନ ରଥ ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ଏହିକାର୍ଯ୍ୟକ୍ରମ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସଂକ୍ଷେପରେ

### ପୋଖରୀରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଲୋଇସିଂହା,୨୦।୧(ସୁଶାନ୍ତ ବାରିକ)**

୨ ଦିନ ତଳେ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ଏକ ପୋଖରୀରୁ ଜବତ କରାଯାଇଛି। ସେ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ସାଲେଭଟା ଗ୍ରାମର କିଷାନ ମହାପାତ୍ର(୩୬)। ପୋଲିସ ସୂଚନା ଅନୁଯାୟୀ, କିଷାନ ସାଲେଭଟାରେ ଏକ ଦୋକାନ କରି ପରିବାର ଚଳାଉଥିଲେ। ରବିବାର ପୂର୍ବାହ୍ନରେ ଖାଇପିଇ ଘରୁ ବାହାରିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ମଙ୍ଗଳବାର ସାଲେଭଟା ଫାଣ୍ଡିରେ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗର କିଛି ଘଣ୍ଟା ପରେ ଫାଣ୍ଡି ନିକଟସ୍ଥ ସାପ୍ତାହିକ ବଜାର ପଛପଟ ପୋଖରୀରୁ କିଷାନଙ୍କ ଗଳିତ ମୃତଦେହ ମିଳିଥିଲା। ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ପଠାଇଛି।

### ରେଳଧାରଣାରୁ ମୃତଦେହ ଜବତ

**ଟିଟିଲାଗଡ଼,୨୦।୧(ସନ୍ତୋଷ ପଟ୍ଟନାୟକ)**

ଟିଟିଲାଗଡ଼ ରେଲୱେ ଷ୍ଟେଶନ ୩ ନମ୍ବର ପ୍ଲାଟ୍‌ଫର୍ମ ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହକୁ ମଙ୍ଗଳବାର ଜିଆର୍‌ପି ଜବତ କରିଛି। ମୃତକ ହେଲେ ଛତିଶଗଡ଼ ରାଜ୍ୟ ବଲୋଦାବଜାର ଜିଲା ବେଶପୁରମ ଚାହାଁତ ଅଞ୍ଚଳର ଲୋକନାଥ କେୱାଟର। ତାଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକଙ୍କ ନିକଟରୁ ମିଳିଥିବା ଆଧାରକାର୍ଡରୁ ତାଙ୍କ ପରିଚୟ ମିଳିଥିଲା। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୋଲିସ କହିଛି। ଟିଟିଲାଗଡ଼ରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଅଗ୍ନିକାଣ୍ଡରେ ଘର ଜଳିଗଲା

**ଖପ୍ରାଖୋଲ,୨୦।୧(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ପଞ୍ଚାୟତ ଅଧୀନ ବେନେକେରା ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଜଗନ୍ନାଥ କୁମ୍ଭାରଙ୍କ ଘର ଜଳିଯାଇଛି। ଫଳରେ ଘରେ ଥିବା ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଜଗନ୍ନାଥଙ୍କ ପରିବାର ସଦସ୍ୟ ଇଟାକାମ ପାଇଁ ବାହାର ରାଜ୍ୟକୁ ଯାଇଥିବାବେଳେ ସେ ଘରେ ଏକୁଟିଆ ରହୁଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ସେ ନିଜ ଚାଷଜମିକୁ ଯାଇଥିବାବେଳେ ଘରେ ନିଆଁ ଲାଗିଥିବା ସମ୍ପର୍କରେ ପଡୋଶୀ ସୂଚନା ଦେଇଥିଲେ। ଏଥିସହ ପଡୋଶୀ ପାଣି ଢାଳି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁ ପୋଡ଼ି ନଷ୍ଟ ହୋଇଯାଇଥିଲା। ଜଗନ୍ନାଥଙ୍କ ପରିବାର ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### କଳାହାଣ୍ଡି ପାଇଁ ଗୌରବ ଆଣିଲେ ସଂଗୀତଜ୍ଞ ସୁଧୀର ପଣ୍ଡା

**ଭବାନୀପାଟଣା,୨୦।୧(ଉତ୍ତମ କୁମାର ଦାଶ)**



କଳାହାଣ୍ଡି ମାଟିର ବିଶିଷ୍ଟ ସଂଗୀତଜ୍ଞ ତଥା କଳାହାଣ୍ଡି ଲେଖକ କଳା ପରିଷଦ ସଂଗୀତ ମହାବିଦ୍ୟାଳୟର ସଂଗୀତ ଗୁରୁ ସୁଧୀର ଚନ୍ଦ୍ର ପଣ୍ଡା ମୁମ୍ବାଇ ଆକାଶବାଣୀରେ ଗ୍ରେଡ୍-୧ ମ୍ୟୁଜିକ କମ୍ପୋଜର ଭାବେ ମନୋନୀତ ହୋଇଛନ୍ତି। ଜିଲା ପାଇଁ ଏହା ଗର୍ବ ଓ ଗୌରବର ବିଷୟ ହୋଇଛି। ତାଙ୍କ ସ୍ୱର ସଂଯୋଜନାରେ କଳାହାଣ୍ଡି ଲେଖକ କଳା ପରିଷଦ ବରିଷ୍ଠ ବୃନ୍ଦଗାନରେ ଲଗାତାର ଦୁଇ ବର୍ଷ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏତଦ୍‌ଭିନ୍ନ ପ୍ରାକ ସ୍ୱାଧୀନତା ଦେଶଭକ୍ତି ଗୀତର ଏକ ଲହରୀ ସ୍ୱାଧୀନତାର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସାରା ଭାରତରେ ପ୍ରୀତି ଭାଜନ ହୋଇଥିଲା। ସଂଗୀତକୁ ପ୍ରାଣକେନ୍ଦ୍ର ରୂପେ ହୃଦୟ ମଧ୍ୟରେ ସାଇତି ରଖିଥିବା ଏ ମାଟି ର ସନ୍ତତି ପଣ୍ଡାଙ୍କୁ ସୋମବାର ଲେଖକ କଳା ପରିଷଦର ସମସ୍ତ ସଦସ୍ୟ ଅଭିବାଦନ ଜଣାଇବା ସହ ସମ୍ବର୍ଦ୍ଧିତ କରି ତାଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଲୀଳାକ୍ଷେତ୍ର ପାତାଳି

**ଅମରପାଲି,୨୦।୧ (ପୀତାମ୍ବର ସାହୁ)**

**ପାତାଳି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**



ଅତିଥିମାନଙ୍କ ଗହଣରେ ପୁରସ୍କୃତ ନୃତ୍ୟ ଶିଳ୍ପୀମାନେ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଲୀଳାକ୍ଷେତ୍ର ଶ୍ରୀପାତାଳି କ୍ଷେତ୍ର କୋଟସମଲାଇଠାରେ ଚାଲିଥିବା ୨୧ତମ ପାତାଳି ମହୋତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଟ୍ରଷ୍ଟ ସମ୍ପାଦକ ଉତ୍ତର ପାତ୍ରଙ୍କ ସଭାପତିତ୍ୱରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଲିନା ପ୍ରଧାନ ମୁଖ୍ୟ ଅତିଥି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଉଲୁଣ୍ଡା ଅତିରିକ୍ତ ତହସିଲଦାର ନିରଞ୍ଜନ ଧଳ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ଅନ୍ୟାନ୍ୟ ଲୀଳାକ୍ଷେତ୍ର ପାତଳି ଶ୍ରୀକ୍ଷେତ୍ର ବୋଲି ମତବ୍ୟକ୍ତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସଭା ପରିଚାଳନା କରିଥିବା ବେଳେ ନଳିନୀକାନ୍ତ ବାଘ ଧନ୍ୟବାଦ ଅର୍ପଣ ଦେଇଥିଲେ। ଟ୍ରଷ୍ଟ ସଦସ୍ୟ ଜାନକୀରାମ ଦେହେରୀ, ଜଗଦିଶ କର୍ଣ୍ଣ, ମହୋତ୍ସବ ଉପଦେଷ୍ଟା ସଦସ୍ୟ ମନୋରଞ୍ଜନ ପାଢ଼ୀ ଏଥିରେ ସହଯୋଗ କରିଥିଲେ। ସଭା ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମା'ସୁରେଶରୀ ଦଣ୍ଡ କଳା ପରିଷଦ ତରଫରୁ ଦଣ୍ଡ ରତ୍ନ ବିପିନ ଜାଲ ଓ ସାଥୀଙ୍କ ଦ୍ୱାରା ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ଅନ୍ୟପକ୍ଷରେ ଛଳିଆ ଶିଖରର ଚାଲିଥିବା ଭାଗବତ ସପ୍ତାହ ପାରାୟଣର ଦ୍ୱିତୀୟ ଦିବସରେ ଚତୁର୍ଥ ଓ ପଞ୍ଚମ ଖଣ୍ଡ ଗାନ କରାଯାଇଥିଲା। ସପ୍ତାହ ମଣ୍ଡପରେ କର୍ତ୍ତାଭାବେ ଚିତ୍ତରଞ୍ଜନ ପାଢ଼ୀ ଓ ଗୌରୀ ପାଢ଼ୀ କାର୍ଯ୍ୟ ତୁଲାଉଛନ୍ତି। ଛପନ ପ୍ରହର ନାମଯଜ୍ଞ, ଘୃତଯଜ୍ଞ ଆଦି କାର୍ଯ୍ୟକ୍ରମ ହେଉଛି।

# କୂଅରୁ ୩ ହାତୀ ଉଦ୍ଧାର



କୂଅରେ ଫସି ରହିଥିବା ୩ ହାତୀ।

**ଦେବଗଡ଼,୨୦।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ ରେଙ୍ଗାଲବେଡ଼ା ଫରେଷ୍ଟ ସେକ୍ସନ ଟିଙ୍କବୀର ବିଟ୍‌ହାଉସ୍ ଅନ୍ତର୍ଗତ ବରନାଳି ଗ୍ରାମର ଏକ କୂଅରୁ ମଙ୍ଗଳବାର ୩ଟି ହାତୀ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ୧୮ ଟିକିଆ ହାତୀପଲ ବରନାଳି ଗ୍ରାମ ଦେଇ ଯାଉଥିଲେ। ସେମାନଙ୍କ ମଧ୍ୟରୁ ୩ଟି ହାତୀ ବରନାଳି ଗ୍ରାମର ଏକ କୂଅରେ ପଡି ଗର୍ଜନ କରିଥିଲେ। ଗ୍ରାମବାସୀ ଏ ସମ୍ପର୍କରେ ବନ ବିଭାଗକୁ ସୂଚନା ଦେଇଥିଲେ। ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ଉକ୍ତ କୂଅରୁ ମାଟି ଖୋଳିବା ବ୍ୟବସ୍ଥା କରିବା ପରେ ହାତୀ ତିନୋଟି ସୁରକ୍ଷିତ ଭାବେ ବାହାରକୁ ଆସି ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲେ।

# ଢୋଲ, ନିଶାନ, ତାସାରେ ଦୁଲୁକିଲା ମଞ୍ଚ



ଗଡଜାତ ମହୋତ୍ସବରେ ସମ୍ବଲପୁରୀ ନୃତ୍ୟ।

**ହରଭଙ୍ଗା,୨୦।୧(ନରେନ୍ଦ୍ର କୁମାର ସାହୁ)**

**ନବମ ଗଡ଼ଜାତ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିରନରସିଂହପୁର ସ୍ଥିତ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ଗଡଜାତ ଲୋକ ମହୋତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ଗଡଜାତ ଲୋକ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ମୁଖ୍ୟ ଅତିଥି ଏବଂ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲିଙ୍ଗରାଜ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ନୀଳିମା ମହାନ୍ତି ଓ କର୍ଣ୍ଣ ମହାନନ୍ଦଙ୍କ ସମ୍ବଲପୁରୀ ଗୀତ ଦର୍ଶକଙ୍କୁ ବିଭୋର କରିଥିଲା। ଏହାସହ ସ୍ଥାନୀୟ କଳାକାରଙ୍କ ନାଚ, ଗୀତ, ଢୋଲ, ନିଶାନ, ତାସାରେ ମଞ୍ଚ ଦୁଲୁକିଥିଲା।

### ଷୋହଳପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**ତୁଣ୍ଡଲା,୨୦।୧(ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତର ତାଲଭଅଁରା କଲୋନୀ ପଡ଼ାରେ ବିଶ୍ୱଶାନ୍ତି ଷୋହଳ ପ୍ରହର ନାମଯଜ୍ଞ ପାଇଁ ମଙ୍ଗଳବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ମହିଳାପୁରୁଷ ବେଲଖଣ୍ଡିର ସର୍ବ ପୁରାତନ ଶୈବ ପୀଠ ସଙ୍ଗମ ସ୍ଥଳରେ ଥିବା ତେଲ ନଦୀରେ ପୂଜାର୍ଚ୍ଚନା କରି ପୂର୍ଣ୍ଣ କଳସ ଧରି ପ୍ରହରି ମଣ୍ଡପରେ ପହଞ୍ଚିଥିଲେ। ନାମଯଜ୍ଞରେ କର୍ତ୍ତା ଭାବେ ଘନଶ୍ୟାମ ଭୋଇ ଓ ଧର୍ମପତ୍ନୀ ଜୟନ୍ତୀ ଭୋଇ ରହିଥିବା ବେଳେ ପୁରୋହିତ ଭାବେ ରବିନାରାୟଣ ନନ୍ଦ ରହିଛନ୍ତି । ଜଗଦୀଶ ଭୋଇ, ଶିବରାମ ଭୋଇ, ମାନ୍ଧାତା ଭୋଇ, ତାରାଚନ ମାଝୀ, କୃଷ୍ଣ ଭୋଇ, ଦୁର୍ଲଭ ଭୋଇ ଷଡ ଋଷି ଭାବେ ରହିଛନ୍ତି। କମିଟିର ସଦସ୍ୟ ମନୋଜ ଭୋଇ, ରାଜକିଶୋର ଭୋଇ, ବିଷଧର ଭୋଇ, ମୁନା ଭୋଇ, ଜଗତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ଜଙ୍ଗଲରୁ ହାତୀର ଗଳିତ ମୃତଦେହ ଜବତ

**ଦେବଗଡ଼,୨୦।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ରେଞ୍ଜ୍ ଅନ୍ତର୍ଗତ ଜଗଡାଳା ଗ୍ରାମ ନିକଟ କଂସର ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ଏକ ହାତୀର ଗଳିତ ମୃତଦେହ ଜବତ କରାଯାଇଛି। ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ବୟସ ଦେଢ଼ରୁ ୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ହାତୀର ଗଳିତ ମୃତଦେହ ଜଙ୍ଗଲରେ ପଡ଼ିଥିଲା। ଗ୍ରାମବାସୀ ଏ ସମ୍ପର୍କରେ ବନ ବିଭାଗକୁ ଜଣାଇଥିଲେ। ଦେବଗଡ଼ ରେଞ୍ଜର ସମସ୍ତ ବନ କର୍ମଚାରୀ ଏବଂ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଘର କାନ୍ଥ ପଡି ଶ୍ରମିକ ମୃତ

**ବୌଦ୍ଧ,୨୦।୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବଦଲାରେ କାମ କରୁଥିବା ବେଳେ ଘର କାନ୍ଥ ପଡି ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାରିଙ୍ଗ ଗ୍ରାମର ଶ୍ରମିକ ପ୍ରେମ କୁମାର ଦୀପ (୩୨)। ସେ ଅନ୍ୟ ଶ୍ରମିକଙ୍କ ସହ ବଦଲାର ବିପିନ ସାହୁଙ୍କ ଛାତ ଘରକୁ ଭାଙ୍ଗୁଥିବା ବେଳେ କୌଣସି କାରଣରୁ ଛାତର ବିମ୍ ପ୍ରେମ କୁମାରଙ୍କ ଉପରେ ଖସିପଡିଥିଲା। ସ୍ଥାନୀୟ ଲୋକେ ଓ ପରିବାର ବର୍ଗ ତାଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ଆଡେଣୀଗଡକୁ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୀରମହାରାଜପୁର,୨୦।୧(ଯୁଗଳ କିଶୋର ମିଶ୍ର)**



ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ରଥ, ମୁଖ୍ୟବକ୍ତା ଭାବେ ବୀରମହାରାଜପୁର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ବିଜୟ କୁମାର ପୁରୋହିତ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସିନେ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ସନ୍ତୋଷିନୀ ନାୟକ ଯୋଗଦେଇ ଛାତ୍ରମାନଙ୍କୁ ସାଂସ୍କୃତିକ ବାର୍ତ୍ତା ଦେଇଥିଲେ। ସିନେ ଅଭିନେତା ସାହୁଙ୍କ ଛାତ୍ରମାନଙ୍କ ସହିତ ସମ୍ବଲପୁରୀ ଗୀତର ତାଳେ ତାଳେ କରିଥିବା ନୃତ୍ୟ ସମସ୍ତଙ୍କୁ ଅଭିଭୂତ କରିଥିଲା । ଶିକ୍ଷକ ବୈକୁଣ୍ଠ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ, ଶିକ୍ଷକ ମାନସ ରଞ୍ଜନ ଭୋଇ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଚଳିତବର୍ଷର ଶ୍ରେଷ୍ଠ କ୍ଲବ ଭାବେ ଜିଜ୍ଞାସା କ୍ଲବ ଓ ଶ୍ରେଷ୍ଠ ହାଉସ ଭାବେ ବ୍ରାହ୍ମଣୀ ହାଉସକୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମଧୁମିତା ପଧାନ ଓ ଶିକ୍ଷକ ପ୍ରଦ୍ୟୁମ୍ନ ହୋତା ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ସଦାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ ପ୍ରମୁଖ ଜ୍ୟୋତିର୍ମୟୀ ବେହେରାଙ୍କ ସଂଯୋଜନାରେ ଛାତ୍ରମାନଙ୍କର ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଆକର୍ଷିତ କରିରଖିଥିଲା। ଏହି ଅବସରରେ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁର ସଭାପତି ଭୂଷଣ କୁମାର ପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଧର୍ମ କୁମାର ଶତପଥୀ, ଯୋଗ ପ୍ରଶିକ୍ଷକ ଡ.ଦ୍ୱିତୀକୃଷ୍ଣ ପଣ୍ଡା,ଗୁରୁ ହୃଷୀକେଶ ଦାଶ,ଗିରିଧାରୀ ହୋତା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଦେବଦତ୍ତ ଜଗଦଲା, ଦୀନବନ୍ଧୁ ଛିଟୁଆଁ, ପଞ୍ଚାନନ ମେହେର,ସତ୍ୟନାରାୟଣ ସାହୁ ଏବଂ କର୍ମଚାରୀ ମନୋହର ଜଗଦଲା, ସୁରେନ୍ଦ୍ର ମହାରଣା ପ୍ରମୁଖ ସହଯୋଗ କରିଥିଲେ।

### ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ଡୁଙ୍ଗୁରିପାଲି,୨୦।୧ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସ୍ଥିତ ରାମପୁର ରୋଡ୍ ନିକଟ ପାର୍ଶ୍ୱରେ ଥିବା ଜିଲା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ପରିସରରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ଟ୍ରକ ମାଲିକ ସଂଘ ଆନୁକୂଲ୍ୟରେରେ ମଙ୍ଗଳବାର ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଟ୍ରକ ମାଲିକ ସଂଘର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଥିଲେ। ମୋଟ ୫୫ ଜଣ ଅଂଶଗ୍ରହଣ କରି ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଦ୍ୟାଧର ସାହୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଉପସଭାପତି ଆର୍ତ୍ତ ସାହୁ, ଜନ୍ମେଜୟ ମିଶ୍ର, ପ୍ରଭୁଦତ୍ତ ନାୟକ, ଯଦୁମଣି କୁଦେଇ, ସରୋଜ ପଧାନ ପ୍ରମୁଖ ସହଯୋଗ କରିଥିଲେ।

### ମଞ୍ଜୁଳା ମିଶ୍ର ଜଣେ ଅନନ୍ୟା ସମାଜସେବୀ ଥିଲେ



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ଓ ସୁବର୍ଣ୍ଣାର କର୍ମକର୍ତ୍ତା।

**ସୋନପୁର,୨୦।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ସ୍ଥିତ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ସମ୍ପାଦିକା ମଞ୍ଜୁଳା ମିଶ୍ର(୬୩)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ଏଥିପାଇଁ ସୁବର୍ଣ୍ଣା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ରାଜେନ୍ଦ୍ର କୁମାର ମିଶ୍ର, ଡ. ସନ୍ତୋଷ କୁମାର ପାଢ଼ୀ, ଡ. ଜ୍ୟୋତିରଞ୍ଜନ ବହିଦାର, କବି ଆର୍ତ୍ତତ୍ରାଣ ବାବୁ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଗୋବିନ୍ଦ ମହାରଣା, ଶ୍ରୀବତ୍ସ ମଲ୍ଲିକ, ଦୁର୍ଯ୍ୟୋଧନ ସାହୁ, ଗୋରେଖନାଥ ସାହୁ ଓ ସୁବର୍ଣ୍ଣାର ସଭ୍ୟାମାନେ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କର ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତା ମଞ୍ଜୁଳା ଜଣେ ଅନନ୍ୟା ସମାଜସେବୀ ଓ ଧର୍ମ ପାରାୟଣ ମହିଳା ଥିଲେ। ସୁବର୍ଣ୍ଣା ଜରିଆରେ ଶତାଧିକ ପରିବାରରେ ମିଳାମିଶା ଜରିଆରେ ସେ ହସ ଫୁଟାଇ ପାରିଥିଲେ। ତାଙ୍କର ଅକାଳ ବିୟୋଗ ସମାଜସେବା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି କଲା ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଥିଲେ। ସୁବର୍ଣ୍ଣାର ଉପଦେଷ୍ଟା ଡ. ଶାନ୍ତି ମଞ୍ଜରୀ ମିଶ୍ର ଓ ଅଧ୍ୟକ୍ଷା ମୀନା ମହାରଣା ମଞ୍ଚାସିନ ଥିଲେ। ସୁନନ୍ଦା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ପ୍ରଗତି ଉପରେ ଆଲୋଚନା

**ପଲସାଗୋରା,୨୦।୧(ଅଶ୍ୱିନୀ କୁମାର ନନ୍ଦ)**

ଗରିବ ସାଥୀ ଫାଉଣ୍ଡେଶନ ପକ୍ଷରୁ ବୌଦ୍ଧ ଜିଲା ବହିରା ଗ୍ରାମର ବନ୍ୟା ଆଶ୍ରୟସ୍ଥଳୀରେ ଗତ ରବିବାର ସ୍ୱେଚ୍ଛାସେବୀ ଏବଂ କୋର୍ଡିନେଟରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଉଣ୍ଡେଶନର ଜୋନାଲ କୋର୍ଡିନେଟର ଗୌରଚନ୍ଦ୍ର ନାଏକ ଯୋଗଦେଇ ଅନୁଷ୍ଠାନର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ପ୍ରଗତି କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ସେହିପରି ବିଭିନ୍ନ ଯୋଜନା ମାଧ୍ୟମରେ ଗରିବ ଲୋକଙ୍କୁ କିଭଳି ସହାୟତା ମିଳିପାରିବ ସେ ନେଇ ଜିଲା କୋର୍ଡିନେଟର ଆନନ୍ଦ ତାଣ୍ଡିଆ ଉପସ୍ଥିତ ଥିବା ଜନସାଧାରଣଙ୍କୁ ବୁଝାଇଥିଲେ। ବୈଠକରେ ମିଥୁନ ଦୀପ, ସତ୍ୟନାରାୟଣ ମହାନନ୍ଦିଆ, ଧୀରେନ କୁମ୍ଭାର, ଅରୁଣ ବାଦି, ପ୍ରଫୁଲ୍ଲ ପ୍ରଧାନ ଏବଂ ୱାର୍ଡ କୋର୍ଡିନେଟରମାନେ ଉପସ୍ଥିତ ଥିଲେ। ଶେଷରେ ବ୍ଲକ୍ କୋର୍ଡିନେଟର ମଙ୍ଗଲୁ ବାଦୀ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ମଞ୍ଚାସୀନ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା।

# ଓଏଏସ୍, ଓଆର୍‌ଏସ୍ ସଂଘର କଳାବ୍ୟାଜ୍ ପରିଧାନ

**ନୂଆପଡ଼ା,୨୦।୧(ମକାରୁ ବେମାଲ)**



କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରୁଛନ୍ତି ସଂଘ କର୍ମକର୍ତ୍ତା।

**ନୂଆପଡ଼ା ବିଡିଓଙ୍କୁ ଆକ୍ରମଣ ଘଟଣା**

ନୂଆପଡ଼ା ସଦର ବ୍ଲକ ବିଡିଓ ରୋହିତ ଭୋଇଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ମଙ୍ଗଳବାର ନୂଆପଡା ଜିଲା ଓଏଏସ୍ ଓ ଓଆର୍‌ଏସ୍ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସକାଳେ ନୂଆପଡା ଓଏଏସ୍ ସଂଘ ସଭାପତି ତଥା ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ବସି ଆଲୋଚନା କରାଯାଇଥିଲା। ପରେ ସର୍ବସମ୍ମତି କ୍ରମେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ସମସ୍ତେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ ଜିଲାର ସମସ୍ତ ଓଏଏସ୍ ଓ ଓଆର୍‌ଏସ୍ ଅଧିକାରୀ କଳା ବ୍ୟାଜ୍ ପରିଧାନ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଆରୋପିଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବାକୁ ସଂଘ ଦାବି କରିଛି। ଆଗକୁ ସାଧାରଣତନ୍ତ୍ର ଦିବସ ଥିବାରୁ ସଂଘ ସେ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି କାମ କରିବ ଓ ଆସନ୍ତ ୨୭ ତାରିଖରୁ କଲମ ଛାଡ଼ ଆନ୍ଦୋଳନକୁ ଓହ୍ଲାଇବ। ଏହି ମର୍ମରେ ନୂଆପଡା ଜିଲାପାଳ ଓ ରାଜ୍ୟ ଓଏଏସ୍ ସଂଘକୁ ପତ୍ର ମାଧ୍ୟମରେ ଅବଗତ କାରାଯାଇଛି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର କୁଜୁର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଉପଜିଲାପାଳ ସୁର୍ମି ସୋରେନ, କୋମନା ବିଡିଓ ସର୍ବେଶ୍ୱର ଜାଲ, ନୂଆପଡା ବିଡିଓ ରୋହିତ ଭୋଇ,ଜିଲା ସଂସ୍କୃତି ଅଧିକାରୀ ରମେଶ କୁମାର ମାହାର, ଡେପୁଟି କଲେକ୍ଟର ହେମନ୍ତ ପୁଟା, କୁରୁକ୍ଷେତ୍ର ନାଏକ, ସୁଚିସ୍ମିତା ମହାରଥି ପ୍ରମୁଖ ଉପସ୍ଥିତ ଥିଲେ।

# ଆଇସିସି ଚାପରେ ମୁଣ୍ଡ ନୁଆଁଇବ ନାହିଁ ବାଂଲାଦେଶ

ଢାକା,୨୦।୧(ପି.ଟି.)

ଆସନ୍ତା ୭ ତାରିଖରୁ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ଭାଗ ନେବା ପାଇଁ ବାଂଲାଦେଶ ଦଳ କୌଣସି ପରିସ୍ଥିତିରେ ଭାରତ ଯିବନାହିଁ। ୨୧ ତାରିଖ ସୁଦ୍ଧା ଭାରତରେ ଖେଳିବ କି ନାହିଁ ତାହା ସ୍ପଷ୍ଟ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ପକ୍ଷରୁ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି)କୁ ଅଲ୍ଟିମେଟମ ଦିଆଯିବା ପରେ ବାଂଲାଦେଶ

## ଟି୨୦ ବିଶ୍ୱକପ୍ ବିବାଦ

ସରକାରଙ୍କ ସ୍ପୋର୍ଟ୍ସ ଆଡଭାଇଜର ଆସିଫ ନାଜ୍ରୁଲ ମଙ୍ଗଳବାର ଏଭଳି ପ୍ରତିକ୍ରିୟା ରଖିଛନ୍ତି। ଭାରତ ଟ୍ରାଭେଲ ନ କରିବା ଲାଗି ବିସିବି ଯଦି ନିଜ ଜିଦ୍‌ରେ ଅଟଳ ରୁହେ, ତେବେ ୨୦ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ର୍‍ୟାଙ୍କିଙ୍ଗ୍ ଆଧାରରେ ବାଂଲାଦେଶ ବଦଳରେ ସ୍କଟ୍‌ଲାଣ୍ଡ ଖେଳିବ।

'ଆମ ସ୍ଥାନରେ ସ୍କଟ୍‌ଲାଣ୍ଡକୁ ସାମିଲ କରାଯିବା ସମ୍ପର୍କରେ ମୁଁ ଅବଗତ ନୁହେଁ। ଯଦି ଆଇସିସି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଚାପରେ ମୁଣ୍ଡ ନୁଆଁଇ ଆମ ଉପରେ ଅଯୁକ୍ତିଯୁକ୍ତ ସର୍ତ୍ତ ମାଧ୍ୟମରେ ଚାପ ପକାଏ, ତେବେ ଆମେ ସେହି ସର୍ତ୍ତ ମାନିବୁ ନାହିଁ। ଅତୀତରେ ଉଦାହରଣ ରହିଛି ଯେ, ଭାରତ ଟ୍ରାଭେଲ କରିବାକୁ ପାକିସ୍ତାନ ମନା କରିଥିଲା ଓ ଆଇସିସି ଭେନ୍ୟୁ ବଦଳାଇଥିଲା। ଆମେ ସେମାନଙ୍କୁ ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ଯଥାର୍ଥ କାରଣ ଦେଇଥିଲୁ। ଆମ ଉପରେ ଭାରତରେ ଖେଳିବାକୁ ଚାପ ପକାଯାଇ ପାରିବ ନାହିଁ' ବୋଲି ନଜ୍ରୁଲ କହିଛନ୍ତି। ବାଂଲାଦେଶ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍‌ରୁ ହଟାଯିବାକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା। ଏହାର ଜବାବରେ ସୁରକ୍ଷାଗତ କାରଣ ଦର୍ଶାଇ ବିସିବି ବାଂଲାଦେଶ ଦଳକୁ ଭାରତ ପଠାଇବ ନାହିଁ ବୋଲି କହିଥିଲା। ବିସିବି ତା'ର ସମସ୍ତ ୪ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବାକୁ ଚାହୁଁଥିବା ଇଚ୍ଛା ପ୍ରକଟ କରିଥିଲା। ବାଂଲାଦେଶ ଗ୍ରୁପ୍-ସି'ରେ ଇଟାଲୀ, ନେପାଳ ଓ ଇଂଲଣ୍ଡ ସ୍ଥାନ ପାଇଥିବା ବେଳେ ଢାକାଠାରେ ବସିଥିବା ଗତ ବୈଠକରେ ବିସିବି ଆଇସିସି ଅଧିକାରୀଙ୍କ ନିକଟରେ ଗ୍ରୁପ୍-ବି'ରେ ଆୟର୍ଲାଣ୍ଡ ସହ ଅଦଳବଦଳ କରିବାକୁ ପ୍ରସ୍ତାବ ଦେଇଥିଲା। ଯାହାଫଳରେ ବାଂଲାଦେଶ ତା'ର ସମସ୍ତ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିପାରିବ।



ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ ଅବସରରେ ଅଷ୍ଟ୍ରେଲିଆର ଟୟଲା ପ୍ରିଷ୍ଟନ।

# ୨ୟ ରାଉଣ୍ଡରେ ସିନର, କିଜ୍

## ଅଷ୍ଟ୍ରେଲିଆନ ଓପନ

ମେଲବୋର୍ନ,୨୦।୧

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ରେ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଭାଗର ଚାମ୍ପିୟନ ଜାନିକ ସିନର ଓ ମାଡିସନ କିଜ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ରାଉଣ୍ଡରେ ପରାଜୟ ସହ ଫ୍ରାନ୍ସର ୩୯ ବର୍ଷୀୟା ଗାଏଲ ମନଫିଲ୍ସ ପେସାଦାର ଟେନିସ୍‌ରୁ ଅବସର ନେଇଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ୱାର୍ଲ୍ଡ ନଂ-୨ ସିନରଙ୍କୁ ୱାକ୍‌ଓଭର ମିଳିଥିଲା। ସେ ମ୍ୟାଚ୍‌ରେ ୬-୨, ୬-୧ ସେଟ୍‌ରେ ଆଗୁଆ ଥିବା ବେଳେ ଇଞ୍ଜୁରି କାରଣରୁ ତାଙ୍କ ପ୍ରତିପକ୍ଷ ଖେଳାଳି ହୁଗୋ ଗାଷ୍ଟନ ମ୍ୟାଚ୍‌ରୁ ଓହରି ଯାଇଥିଲେ। ନବମ ସିଡ୍ ଟେଲର ଫ୍ରିଜ୍ ୭-୬(୭-୫), ୫-୭, ୬-୧, ୬-୩ ସେଟ୍‌ରେ ଫ୍ରାନ୍ସର ଭାଲେଣ୍ଟିନ ରୋୟରଙ୍କୁ, ଅଷ୍ଟମ ସିଡ୍ ବେନ ଶେଲ୍‌ଟନ ୬-୩, ୭-୬(୭/୨), ୭-୬(୭/୫) ସେଟ୍‌ରେ ୟୁଗୋ ହମ୍ବର୍ଟଙ୍କୁ, ୧୫ତମ ସିଡ୍ କାରେନ ଖାଚାନୋଭ ୪-୬, ୬-୪, ୬-୩, ୫-୭, ୬-୩ ସେଟ୍‌ରେ ଆଲେକ୍ସ ମିଚେଲସେନଙ୍କୁ ଓ ୧୬ତମ ସିଡ୍ ଜାକୁବ ମେନସିକ ୭-୫, ୪-୬, ୨-୬, ୭-୬(୭/୧), ୬-୩ ସେଟ୍‌ରେ ପାବ୍ଲୋ କାରେନୋ ବୁସ୍ତାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନରଙ୍କ ଭଳି ପଞ୍ଚମ ସିଡ୍ ଲରେଞ୍ଜୋ ମୁସେଟି ୱାକ୍‌ଓଭର ପାଇଥିବା ବେଳେ ମନଫିଲ୍ସ ତାଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ୭-୬(୭/୩), ୫-୭, ୪-୬, ୫-୭ ସେଟ୍‌ରେ କ୍ୱାଲିଫାୟର ଡେନ୍ ସ୍ୱିନିଙ୍କଠାରୁ ପରାସ୍ତ ହୋଇଛନ୍ତି।

ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିୟନ କିଜ୍ ୭-୬(୮/୬), ୬-୧ ସେଟ୍‌ରେ ଓଲେକଜାଣ୍ଡ୍ରା ଓଲିନିକୋଭାଙ୍କୁ, ପଞ୍ଚମ ସିଡ୍ ଏଲିନା ରିବାକିନା ୬-୪, ୬-୩ ସେଟ୍‌ରେ କାଜା ଜୁଭାନଙ୍କୁ ଓ ଦଶମ ସିଡ୍ ବେଲିଣ୍ଡା ବେନକିକ୍ ୬-୦, ୭-୫ ସେଟ୍‌ରେ କେଟି ବୌଲ୍ଟରଙ୍କୁ ପରାସ୍ତ କରିଦେଇଛନ୍ତି। ଅଷ୍ଟ୍ରେଲିଆର ଟୟଲା ପ୍ରିଷ୍ଟନ ୬-୩, ୨-୬, ୬-୩ ସେଟ୍‌ରେ ଚାଇନାର ଝାଙ୍ଗ ଶୁଇଙ୍କୁ ହରାଇଛନ୍ତି। ପ୍ରିଷ୍ଟନଙ୍କର ଏହାଥିଲା ପ୍ରଥମ ଗ୍ରାଣ୍ଡସ୍ଲାମ ମ୍ୟାଚ ବିଜୟ।


## OFFICE OF THE COLLECTOR & DISTRICT MAGISTRATE, SUNDARGARH
### (Culture Section)

E-mail id: dcosng@gmail.com/ Office Phone No.06622-274130

Letter No. 35 Dated: 19.01.26

**INVITATION OF THE TENDER**

**No.RR-43 : Selection of Event Management Agency for Sundargarh Zilla Mahotsav "Jatara-2026" in Sundargarh, Odisha** District Culture Officer, Sundargarh under the Odia Language, Literature & Culture Department, Government of Odisha (The Client) invites sealed proposals (under two bid systems) from the eligible bidders through tender process for **"Selection of Event Management Agency for Sundargarh Zilla Mahotsav "Jatara-2026" in Sundargarh, Odisha"**. Bidders fulfilling the prescribed eligibility criteria of the tender can access and download the complete the tender Document and other details from sundargarh.odisha.gov.in

OIPR- Sd./- District Culture Officer, Sundargarh

## OFFICE OF THE NOTIFIED AREA COUNCIL, KHARIAR

AT/PO-KHARIAR, Dist-NUAPADA, PIN-766107
e-mail:khariarn.hud@ori.nic.in, khariarnac@gmail.com

Letter No.207/NAC KHR Dated 17.01.2026

**1st Corrigendum**

**No.C-2127:** Due to some typographical error the following changes have been made to Tender Call Notice No.134, Dt.13.01.2026.
1. Work Sl.No. 29 of DTCN the Cost of Tender Paper i.e. column No.05 may read as Rs.2000/- instead of Rs.4000/-.
All other terms & condition of above Tender Call Notice are remain unaltered.

OIPR- Sd./- Executive Officer NAC, Khariar

## OFFICE OF THE CHIEF CONSTRUCTION ENGINEER DHENKANAL (R&B) CIRCLE, DHENKANAL

**Corrigendum to bid identification No.C.C.E.DKL(R&B)15/2025-26**

**No.B-997:** The bid invited vide Bid Identificaiton No. C.C.E.DKL(R&B) 15/2025-26 vide letter No.83, dt.08.01.2026 has been modified as follows.
1. The Bid document for the above notice will be available in the website: www.tendersodisha.gov.in from Dt.28.01.2026 to 5.00 P.M. of Dt.11.02.2026 for online bidding and shall be opened at 11.00 AM on Dt.12.02.2026.
All other terms and conditions of the above tender call notice will remain unchanged.

OIPR- Sd./- C.C.E., Dhenkanal (R&B) Circle, Dhenkanal

## OFFICE OF THE PANCHAYAT SAMITI, GAISILET

AT/PO/PS : Gaisilet, Dist. : Bargarh (Odisha), PIN : 768037
E_Mail ID : ori-gaisilet@od.gov.in
No.209/Dt.17.01.2026

**"e"-procurement Notice**

**Bid Identification No. BDO/Gaisilet/03/2025-26**

**No.i-483** : Bid docuemnts consistig of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

1. Nature of work : Civil works
2. No. of works : 2
3. Estimated cost : As per NIT
4. Period of completion : As per NIT
5. Date and time of availability of the Documents in the Portal : From 21.01.2026, 11.00 A.M. to 04.02.2026, 5.00 P.M.
6. Last date/time for receipt of Bids in the portal : Dt.04.02.2026 up to 5.00 P.M.
7. Bids received online shall be opened on : Dt.05.02.2026 at 11 A.M.
8. Name and address of the Officer inviting Bid : Block Development Officer, Gaisilet

Further the details can be seen from the procurement Portal www.tendersodisha.gov.in

OIPR- Sd./- Block Development Officer Gaisilet

Modal Bidding Document
Government of Odisha
Health and Family Welfare Department,Odisha

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL

**QUOTATION/TENDER CALL NOTICE**

Advt. No. 557/2026 Dated : 17.01.2026

**No.E-683** : Sealed quotation /tenders are invited from interested reputed Travel Agency/Tour Operator/Private individuals for providing 2(No's) of AC Petrol/ Diesel driven vehicles having sitting capacity not more than 5(five) including driver. Which shall conform to the Terms and Condition (Annexure-I & A) for official use in DHH and SDH of monthly rent basis. The application form of quotation/tender containing general Bid information & Terms and condition for Hiring Vehicles etc.will be available with website (https://kandhamal.odisha.gov.in, the Quotation completed in all respect should reach the undersigned on or before **10.02.2026** by the **5.00 P.M.** through speed post/courier and shall be opened on **12.02.2026 at 11.00 A.M.** in presence of bidder or authorized representatives. The undersigned reserves the right to reject any or all the tender(s) without assigning any reason thereof.

OIPR- sd./- S.K. Padhi, Chief District Medical & PHO, Kandhamal

## ODISHA HYDRO POWER CORPORATION LTD.

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA)
PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-WK-121 (Vol-II)/428 Date : 17.01.2026

**TENDER CALL NOTICE NO. HHEP-08/2026**

**No.CAD-3060** : Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/Authorized Dealers / Authorized Distributors / Channel partner only for supply of the following materials as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of LED Tube Lights and LED Street light fittings to HHEP, Burla as per Tender Specification | Rs. 7080/- (Rs. 6000 + GST @ 18%) | 11020/- |

- Sale of tender paper : **21.01.2026 (10.00AM) to 02.02.2026 upto 05.30PM**
- Receipt of tender paper : **03.02.2026 upto 03.30PM**
- Date & time of opening of tender : **03.02.2026 at 04.00PM**
- Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpcltd.com

OIPR- Sd./- C & P Head, HHEP, Burla

No.D-

## ODISHA PUBLIC SERVICE COMMISSION, CUTTACK

**1st Corrigendum to Advertisement No.03 of 2025-26 for Recruitment to the Post of Assistant Professor (Broad Speciality) of Government MCHs in the rank of Group-A, under Health & Family welfare Department**

1. The portion of the Advertisement relating to recruitment of **Radio Therapy (MKCG) (01-Post)** and **Radiation Oncology (01-Post)** is hereby cancelled. All the applications with respect to these **02 Disciplines** are also cancelled.
2. **Revised Vacancy Position :**
The revised vacancy position for **22 Disciplines** providing reservation to PwDs is as follows :

| Sl. No. | Name of the Discipline | Bench-mark disabilities that can be included | Total Vacancies | Posts to be reserved for PwD categories |
|---|---|---|---|---|
| (1) | (2) | (3) | (4) | (5) |
| 1. | Anaesthesiology | OL, LC, AAV WITH FULL FUCTIONAL HANDS | 25 | 1 |
| 2. | Anatomy | HH, OL, LC, AAV WITH FULL FUCTIONAL HANDS | 20 | 1 |
| 3. | Bio-chemistry | HH, OL, LC, AAV WITH FULL FUCTIONAL HANDS | 14 | 1 |
| 4. | E.N.T. | OL, LC, AAV WITH FULL FUCTIONAL HANDS | 4 | NIL |
| 5. | F.M. & T | HH, OL, LC, AAV WITH FULL FUCTIONAL HANDS | 5 | NIL |
| 6. | General Medicine | OL, LC, AAV WITH FULL FUCTIONAL HANDS | 21 | 1 |
| 7. | Microbiology | HH, OL, LC, AAV WITH FULL FUCTIONAL HANDS | 11 | NIL |
| 8. | O & G | OL, LC, AAV WITH FULL FUCTIONAL HANDS | 9 | NIL |
| 9. | Ophthalmology | OL, LC, AAV WITH FULL FUCTIONAL HANDS | 12 | NIL |
| 10. | Orthopaedic Surgery | HH | 12 | NIL |
| 11. | Paediatrics | OL, LC, AAV WITH FULL FUCTIONAL HANDS | 16 | 1 |
| 12. | Pathology | HH, OL, LC, AAV WITH FULL FUCTIONAL HANDS | 29 | 2 |
| 13. | Pharmacology | HH, OL, LC, AAV WITH FULL FUCTIONAL HANDS | 13 | 1 |
| 14. | Physiology | HH, OL, LC, AAV WITH FULL FUCTIONAL HANDS | 9 | NIL |
| 15. | Psychiatry | HH, OL, LC, AAV WITH FULL FUCTIONAL HANDS | 8 | NIL |
| 16. | Radio-diagnosis | HH, OL, LC, AAV WITH FULL FUCTIONAL HANDS | 10 | NIL |
| 17. | Community Medicine | HH, OL, LC, AAV WITH FULL FUCTIONAL HANDS | 33 | 2 |
| 18. | Dermatology | HH, OL, LC, AAV WITH FULL FUCTIONAL HANDS | 7 | NIL |
| 19. | General Surgery | OL, LC, AAV WITH FULL FUCTIONAL HANDS | 32 | 2 |
| 20. | T.B. & C.D. | OL, LC, AAV WITH FULL FUCTIONAL HANDS | 6 | NIL |
| 21. | Emergency Medicine | | 11 | NIL |
| 22. | Phy. Medicine & Rehabilitation | | 5 | NIL |
| | | Total | 312 | 12 |

3. The reservation of 12 vacancies in different Disciplines as above are reserved for the candidates having **Permanent Disability of 40% and above**.
4. The vacancies relating to UR, SEBC, SC, ST and Women categories remain unchanged as per Para-02 of the original advertisement.
5. The candidates belonging to Persons with Disabilities shall be adjusted against the categories to which they belong.
6. **Online Applications are invited ONLY from the PwD candidates who were eligible in terms of Age and Educational Qualification as per Para-3 & 4 of the original advertisement as on the last date of submission of Online Application of the said advertisement i.e. 26.06.2025. No application of any other candidates will be entertained and will be outrightly rejected.**
7. The PwD Candidates who have already applied earlier need not apply again.
8. **WRITTEN EXAMINATION:** The Written Examination for all the Disciplines will be held on **22.02.2026 (Sunday)**. The detailed scheduled and examination centres will be notified in due course.
9. All other terms and conditions of Advertisement No. 03 of 2025-26 shall remain unchanged.
10. The link for submission of Online Application shall be available on the website from **27.01.2026 to 03.02.2026 till 05:00 P.M. [ 03.02.2026, 05:00 P.M. is the deadline for submission of Registered Online Application]**.
11. Candidates are advised to visit official website of OPSC for further updates in this regard.

OIPR- Sd./- Secretary

## DISTRICT PROJECT OFFICE SAMAGRA SIKSHA, MAYURBHANJ

**TENDER CALL NOTICE**

No: 167 Dated: 13.1.2026

**FOR PRINTING OF QUESTION-CUM- ANSWER SHEET, ORAL QUESTION, SCORING KEYS FOR SUMMATIVE ASSESSMENT-II FOR CLASSES -I TO IV AND VI, VII & ANNUAL EXAMINATION FOR CLASSES – V & VIII 2025-26.**

**No.n-237** : Sealed Quotations under two bid systems are invited from registered Offset Printers/firms for Printing, Packing and Supply of Summative Assessment -II (SA-II) for Classes I to IV and VI, VII & Annual Examination for Classes - V & VIII 2026 for Mayurbhanj District. The tender papers/bid documents containing detailed specification with terms and conditions in 2 part bidding ie., application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.nic.in. Cost Tender processing fees Rs.4000.00 (Rupees Four Thousand) Only (Non-Refundable). The last date & time for submission of sealed tender is 30.01.2026 at 2 pm and the tech bid will be opened on 31.01.2026.

OIPR- Sd./- Collector-cum-Chairman SS, Mayurbhanj

## PANCHAYAT SAMITI, BARKOTE : DIST-DEOGARH

No. 259 /Dev. Date 17.01.2026

**TENDER CALL NOTICE**

**No.i-481** : The Block Development Officer, Barkote on behalf of Govt. of Odisha invites sealed tenders for 05 (Five) Nos of work under Panchayat Samiti, Barkote in percentage rate basis (P1). The contractors registered with Government of Odisha/Central Govt. or Contractors equivalent to grade "B", "C" & "D" class of P.W.D. (R&B)/ Water Resource/Rural Works/M.I./C.P.W.D. are eligible to submit the tender paper for following works eventually to be drawn up in P.W.D. F2 form of agreement in conformity with the detailed Tender call Notice.

The other details can be downloaded from district website, i.e. **https://deogarh.odisha.gov.in/**

OIPR- Sd./- Block Development Officer Barkote

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

Order No. 288 Date. 16.01.2026

**Quotation Call Notice No. CCEEC-01/2025-26**

**No.B-996** : The Chief Construction Engineer, Eastern Circle (R&B), Balasore on behalf of the Governor of Odisha invites quotation in single cover (online mode) from the eligible reputed firms/ agencies/ Proprietor for the District level Subhadra Shakti Mela along with Meghasani Music Festival 2026 to be held at Chhau Ground, Baripada from 02.02.2026 to 08.02.2026 ( for 7 days). The interested organizations can download in the e- procurement website i.e.: https://tendersodisha.gov.in and submit their bid documents through online mode only. The details of bid documents will be available in the above website from 11.00 A.M. of 20.01.2026 to 4.00 P.M of 27.01.2026. The bidders must possess compatible Digital Signature Certificate of Class II or III. Quotations received online shall be opened at **4.30 PM of 27.01.2026** in the Office of the Chief Construction Engineer, Eastern Circle (R&B), Balasore. Further details can be seen from the e-procurement portal www.tendersodisha.gov.in.
Any addendum / corrigendum / cancelation of tender can also be seen in the said website only.
The authority reserves the right to cancel the tender/quotation at any time without assigning any reason.

OIPR- Sd./- Chief Construction Engineer, Eastern Circle (R&B), Balasore

## GOVERNMENT OF ODISHA No.A-1287
## OFFICE OF THE SUPERINTENDING ENGINEER NIMAPARA IRRIGATION DIVISION, NIMAPARA

**Notice Invitation of Tenders**

**e-Procurement Notice No.-08/2025-26 on dated 16.01.2026**

E-mail Id : eenidnimapara@gmail.com

1. Type of Work : Canal, Bridge & River Embankment & Building Works.
2. Total No. of Work : 21 (Twenty One) Nos.
3. Bid Security (EMD) in Rupees : Refer to DTCN
4. Cost of Bids in Rupees : Rs.4,000/- to Rs.6,000/-
5. Class of Contractors : "B", "C" & "D" Class
6. Period of Completion : Refer to DTCN

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-204/2025-26 to NID-224/2025-26 | Rs.8.53 to Rs.49.66 | From 22.01.2026 11.00 A.M. to 05.02.2026 5.30 P.M. |

Date of opening of the Bid : **06.02.2026 at 11.00 A.M.**
Further details can be seen from the Govt. Website www.tendersodisha.gov.in

OIPR- Sd./- Superintending Engineer Nimapara Irrigation Division, Nimapara

GOVERNMENT OF ODISHA, DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR

Phone No.(0663)- 2412791 (Off.) E-mail: eemisbp@yahoo.co.in
No.149/ Date 09.01.2026
No.A-

**e-PROCUREMENT NOTICE**
**BID REF NO. SE, MID, SBP/16/2025-26**

Name of Work : Civil Construction Works
No. of Works : 11 (Eleven) Nos.
Estimated Cost : Various from approximately Rs.34.59 lakh to Rs.49.99 Lakh 11 No. of works (Rs.458.91 Lakh)
Tender Paper Cost : Referred to DTCN
Period of Completion : Referred to DTCN
Availability of bid through online : From dt.19.01.2026 at 11.00 AM to dt.31.01.2026 upto 05.30 PM in website (http://tendersodisha.gov.in)
Period of receipt of bid through online : From dt.19.01.2026 at 11.00 AM to dt.31.01.2026 upto 05.30 PM through online
Date of opening of bid documents : On dt.02.02.2026 at 10.00 AM onwards.
Digital Signature Certificate of Bidder : The Bidder must possess compatible digital signature certificate (DSC) of Class-II or Class-III
**The detail tender call notice can also be seen in the DOWR website- http://tendersodisha.gov.in**
Name & Address of the OIT : Superintending Engineer, M.I.Division, Sambalpur At-Motijharan, PO-B.S.S. Nagar, Dist-Sambalpur PIN-768001, Ph-0663-2412791 E-mail ID- eemisbp@yahoo.co.in
Further details can be seen from the e-Procurement market place. : http://tendersodisha.gov.in.

OIPR- Sd./- Superintending Engineer M.I. Division, Sambalpur

No.CAD-3061

## INSTITUTE OF MATHEMATICS AND APPLICATIONS

Science & Technology Department, Govt. of Odisha
Andharua, Bhubaneswar -751029
Ref: No. IMA/79/82/2026 Date: 19/01/2026

**P. G. MERITORIOUS SCHOLARSHIP IN SCIENCE, MATHEMATICS AND BIOTECHNOLOGY**

In order to promote and encourage meritorious students to pursue Post Graduate studies in Physical Science, Chemical Science, Biological Science, Mathematical Science, Earth & Geological Science, Computer Science and Biotechnology/Bio-informatics, Govt. of Odisha have introduced a scholarship programme under the aegis of the State Council, Science & Technology Department, Odisha.

**Eligibility:**
(i) Applicant for the scholarship should be a permanent resident or domicile of Odisha.
(ii) Applicant who has **passed the regular full time Bachelor's Degree Examination** with **first class honours** or its equivalent from an University/College/Institute recognized by Government, in any of the branches mentioned above is eligible to apply for the scholarship. **The candidate should be in the 1st year of the concerned P.G. regular course for the session 2025-26.**
(iii) The applicant must be pursuing two years full time/regular mode of Post-Graduation studies in any of the branches mentioned above in any Government University/College/Institution recognized by Government of Odisha/Government of India.
(iv) The scholarship will be the single scholarship which he/she can avail during the Post-Graduate course. Scholarship is not admissible for a candidate who is in receipt of any other financial assistance from any other source given by Govt.
(v) Applicants admitted to self-financing Post Graduate courses in any of the Government recognized colleges/institutions/universities in the State will be allowed to avail the P. G. Scholarship subject to the condition that, **parent's income from all sources not exceeding Rs. 6.00 lakh per annum.**

**How to apply:** Candidates are required to go through the guidelines thoroughly available in the website https://iomaorissa.ac.in/ or portal of S&T Deptt., Govt. of Odisha and apply in the prescribed application form (**Appendix-I of the guidelines**). Formats other than prescribed shall not be considered for the purpose. The filled in applications along with required documents need to reach the Director, Institute of Mathematics and Applications, Bhubaneswar-751029 by registered post or speed post (not by courier) **at the latest by Tuesday, February 10, 2026.** The candidates who have already applied as per earlier advertisement vide advertisement ref. no. IMA/79/1114/2025, dtd. 03/09/2025 & extension notification no. IMA/79/1351/2025, dtd. 04/11/2025 need not to apply again. However, the candidates whose applications were rejected vide notification no. IMA/79/1561/2025, dtd. 26/12/2025 may apply again.
**Date of Written Test:** The written test will held on **Sunday, February 22, 2026 from 10 AM - 12 Noon.**

OIPR- Sd/ REGISTRAR

Government of Odisha "E" Procurement Notice
## OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II

E-mail ID : eepwd765017@gmail.com, Phone - (06856)233066
Short Bid Identification No: RC (RANDB) RGD No-II 19/2025-26 (Online tender)
NO.B-994
No. 180 Dated : 16.01.2026

1. Total No. of the works :- 17 No's of works **(Single cover System)**
2. Approximate estimated Cost: Rs 2.38 to 36.53 Lakhs
3. Period of completion : 01 (One) Calendar month
4. Date & Time of availability of bid document in the portal:-**11.00 Hrs. of dated 22.01.2026 to 17.00 Hrs. of dated 29.01.2026 for online bidding.**
5. Last date/Time for receipt of bids in the portal: - Up to 17.00 Hrs. of **dated 29.01.2026**
6. Name and address of the officer inviting BID: - **Superintending Engineer, Rayagada (R&B) Division No-II**
7. **Date of opening of Technical Bid at 11.00 Hours on dated 30.01.2026**
8. Further details can be seen from the e-Procurement portal: www.tendersodisha.gov.in.
9. Further Addendum/Corrigendum if any will be hosted in the above website only.

OIPR- Sd./- Superintending Engineer Rayagada (R&B) Division No-II

GOVERNMENT OF ODISHA, DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER BARGARH IRRIGATION DIVISION, BARGARH

email Id:- eecanalbgh11@gmail.com
**e-Procurement Notice No.BID-07/2025-26, Dt.15.01.2026**
**No.A- Bid Identification No.CDT-07 (01)/ 2025-26 (Online)**

| | | | |
|---|---|---|---|
| 1. | Name of the Work | : | Shifting of LT and 11 KV line and Substation for Construction of River Embankment cum Ring Road on the Left Bank of River Jeera from Sai Mandir to Ruhunia, Bargarh |
| 2. | Total No. of Work | : | 1 No. |
| 3. | Estimated Cost | : | Rs.11.31 Lakh (approx.) |
| 4. | Class of Contractor | : | D & C with HT License |
| 5. | Period of Completion | : | 30 (Thirty) Days |
| 6. | EMD Required | : | Rs.11,400 |
| 7. | Online for bidding | : | Dt.20.01.2026 at 10.00 AM to 29.01.2026 at 05.00 PM |
| 8. | Last Date & Time of seeking of tender clarification | : | Dt.27.01.2026 upto 01.00 P.M. |
| 9. | Date & Time of opening of tender | : | Dt.30.01.2026 at 11.00 A.M. |
| 10. | Name & Address of the Officer Inviting Bid | : | Superintending Engineer, Bargarh Irrigation Division, Bargarh-768028 Email id:eecanalbgh11@gmail.com |

1.Any addendum/corrigendum/cancellation/erratum of tender can also be seen in the said website. 2. Further details can be seen from Government Website http://tendersodisha.gov.in.

OIPR- Sd./- Superintending Engineer Bargarh Irrigation Division, Bargarh

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯାତ୍ରୀ ଭିଡ଼ ଦୂର କରିବ ଅତିରିକ୍ତ କୋଚ୍

ଭୁବନେଶ୍ୱର,୨୦।୧
(ଅନୁରାଧା ମହାରଣା)

ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ପରିଚାଳନା କରିବା ଏବଂ ଅଧିକ ଯାତ୍ରା ଆରାମ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ସମେତ କିଛି ଏକ୍ସପ୍ରେସ୍ ଟ୍ରେନ୍‌ରେ ଅସ୍ଥାୟୀ ଭାବରେ କୋଚ୍ ବୃଦ୍ଧି କରିଛି। ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୩ରେ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ। ୨୨୮୨୪ ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୪ରେ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ। ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୪ରୁ ୩୧ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର ଶ୍ରେଣୀ କୋଚ୍ ସଂଯୋଗ କରାଯିବ, ଯାହା ଅଧିକ ଚାହିଦା ସମୟରେ ଅତିରିକ୍ତ ଆରାମ ପ୍ରଦାନ କରିବ। ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୫ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ସଂଯୋଗ କରାଯିବ। ୧୨୨୭୮ ପୁରୀ-ହାଓଡା ଶତାବ୍ଦୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୨ରୁ ୨୭ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ। ୧୨୨୭୭ ହାଓଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୨ରୁ ୨୭ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର୍ କୋଚ ସଂଯୋଗ କରାଯିବ।

# ହାଇଦ୍ରାବାଦ, କୋଲକାତା ରୋଡ୍ ଶୋ’ରେ ୧,୬୭,୦୦୦ କୋଟି ନିବେଶ

## ୧,୪୬,୦୦୦ ନିଯୁକ୍ତି ସୃଷ୍ଟି ଆଶା

ଭୁବନେଶ୍ୱର,୨୦।୧
(ଅନୁରାଧା ମହାରଣା)

ଓଡ଼ିଶାର ଅର୍ଥନୀତି ଏବେ ପାରମ୍ପରିକ ସମ୍ବଳ ଆଧାରିତ ଅର୍ଥନୀତିରୁ ଭବିଷ୍ୟତମୁଖୀ ଶିଳ୍ପ ଶକ୍ତି ଭାବେ ପରିଣତ ହେବାର ପଥରେ ଦୃଢ଼ ଗତିରେ ଆଗେଇ ଚାଲିଛି। ରାଜ୍ୟ ସରକାର ନୂତନ ଯୁଗର ପ୍ରଯୁକ୍ତିଗତ ଓ ଉଚ୍ଚ ବୃଦ୍ଧିଶୀଳ କ୍ଷେତ୍ରଗୁଡ଼ିକୁ କେନ୍ଦ୍ରକରି ନିବେଶ ଆକର୍ଷଣ ରଣନୀତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କୋଲକାତା ରୋଡ ଶୋ’ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପାରମ୍ପରିକ ଭାବେ ଇସ୍ପାତ, ଖଣି ଓ ଭାରୀ ଶିଳ୍ପରେ ପ୍ରସିଦ୍ଧ ଓଡ଼ିଶା ଏବେ ଆଇଟି ଓ ଆଇଟିଇଏସ, ଏରୋସ୍ପେସ ଓ ଡିଫେନ୍ସ, ଆପାରେଲ ଆକ୍ସେସରିଜ ଓ ଟେକ୍ନିକାଲ ଟେକ୍ସଟାଇଲ, ମେଟାଲ ଆନ୍ସିଲାରୀ, ଡାଉନଷ୍ଟ୍ରିମ ଓ ଇଞ୍ଜିନିୟରିଂ ଗୁଡ୍ସ, ପ୍ଲାଷ୍ଟିକ, କେମିକାଲ, ପ୍ୟାକେଜିଂ ଓ ରିସାଇକ୍ଲିଂ, ଫାର୍ମାସ୍ୟୁଟିକାଲ, ମେଡିକାଲ ଡିଭାଇସ ଓ ବାୟୋଟେକ୍ନୋଲୋଜି ଭଳି ଆଧୁନିକ କ୍ଷେତ୍ରଗୁଡ଼ିକୁ ପ୍ରସାର କରୁଛି। ଏହି ରଣନୈତିକ ପରିବର୍ତ୍ତନ ହାଇଦ୍ରାବାଦ (ଡିସେମ୍ବର ୨୦୨୫) ଓ କୋଲକାତା (ଜାନୁଆରୀ-୨୦୨୬)ରେ ଅନୁଷ୍ଠିତ ଓଡ଼ିଶା ନିବେଶକ ସମ୍ମିଳନୀରେ ସ୍ପଷ୍ଟ ହୋଇଛି। ଦୁଇ ସହରରେ ମୋଟ ୬ଟି ସେକ୍ଟର୍-ବିଶେଷ ରାଉଣ୍ଡଟେବୁଲ ଆଲୋଚନା ହୋଇଥିଲା। ହାଇଦ୍ରାବାଦରେ




ଫାର୍ମାସ୍ୟୁଟିକାଲ ଓ ଏରୋସ୍ପେସ ଓ ଡିଫେନ୍ସ ଉପରେ ଦୁଇଟି ରାଉଣ୍ଡଟେବୁଲ ହୋଇଥିଲା। କୋଲକାତାରେ ଆପାରେଲ ଆକ୍ସେସରିଜ ଓ ଟେକ୍ନିକାଲ ଟେକ୍ସଟାଇଲ, ମେଟାଲ ଆନ୍ସିଲାରୀ, ଡାଉନଷ୍ଟ୍ରିମ ଓ ଇଞ୍ଜିନିୟରିଂ ଗୁଡ୍ସ; ପ୍ଲାଷ୍ଟିକ, କେମିକାଲ, ପ୍ୟାକେଜିଂ ଓ ରିସାଇକ୍ଲିଂ; ଏବଂ ଫାର୍ମାସ୍ୟୁଟିକାଲ, ମେଡିକାଲ ଡିଭାଇସ ଓ ବାୟୋଟେକ୍ନୋଲୋଜି ଉପରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ୧୨୩ଟି କମ୍ପାନୀର ନେତୃତ୍ୱକାରୀ ଅଂଶଗ୍ରହଣ କରିଥିଲେ। ଫଳରେ ରାଜ୍ୟ ୧,୬୭,୦୦୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ପାଇଛି, ଯାହା ଦ୍ୱାରା ୧,୪୬,୦୦୦ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ପାରାଦୀପ, ଧାମରା, ଗୋପାଳପୁର ଓ ଇଞ୍ଚୁଡ଼ି-ସୁବର୍ଣ୍ଣରେଖା ବନ୍ଦର ସହ ବିମାନବନ୍ଦର ଓ ରାସ୍ତା ସଂଯୋଗ ରହିଛି। ପ୍ଲଗ ଆଣ୍ଡ ପ୍ଲେ ଇଣ୍ଡଷ୍ଟ୍ରିଆଲ ପାର୍କ, ଏମଏସଏମଇ ପାର୍କ ଓ ଏସଇଜେ ନିବେଶକଙ୍କୁ ସୁବିଧା ଦେଉଛି। ଦକ୍ଷ ମାନବ ସମ୍ବଳ ପାଇଁ ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରରେ ୩ଟି ନୂତନ ବିଶ୍ୱସ୍ତରୀୟ ସ୍କିଲ ସେଣ୍ଟର ସ୍ଥାପନ ହେବ।

# ଟାଟା ମୋଟର୍ସର ୧୭ ନୂଆ ଟ୍ରକ୍

ଭୁବନେଶ୍ୱର,୨୦।୧

ଭାରତର ପରିବହନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଦେଶର ବୃହତମ ବାଣିଜ୍ୟିକ ଯାନ ନିର୍ମାତା ଟାଟା ମୋଟର୍ସ ଏହାର ୭-୫୫ ଟନ୍ ବିଶିଷ୍ଟ ପରବର୍ତ୍ତୀ ପିଢ଼ିର ୧୭ଟି ନୂତନ ଟ୍ରକ୍‌ର ଶୁଭାରମ୍ଭ କରିଛି। ଏଥିରେ ଅତ୍ୟାଧୁନିକ ଟାଟା ଟ୍ରକ୍ସ. ଇଭି ସମ୍ଭାର ଏବଂ ପ୍ରିମା, ସିଗ୍ନା ଓ ଅଲଟ୍ରା ମଞ୍ଚର ଅପ୍‌ଗ୍ରେଡେଡ୍ ମଡେଲ ସାମିଲ ହୋଇଛି। ଏହି ଟ୍ରକ୍‌ଗୁଡ଼ିକ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ (ଇସିଇ ଆର୍୨୯ ୦୩) ଅନୁଯାୟୀ ପ୍ରସ୍ତୁତ ହୋଇଛି। ଏହି ଅବସରରେ ଟାଟା ମୋଟର୍ସର ଏମ୍‌ଡି ଓ ସିଇଓ ଗିରିଶ ୱାଘ କହିଛନ୍ତି, ‘ଭାରତର ଟ୍ରକିଙ୍ଗ୍ କ୍ଷେତ୍ର ଏବେ ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି। ଜାତୀୟ ସ୍ତରର ଅଭିବୃଦ୍ଧିକାରୀ ନୀତି ନିର୍ଦ୍ଧାରଣ, ଆଧୁନିକ ଭିତ୍ତିଭୂମି ଏବଂ ସୁରକ୍ଷା ଓ ଅଧିକ ଦକ୍ଷ ବହନକାରିତାକୁ ନେଇ ଆଗକୁ ବଢୁଛି।

# ଭୁବନେଶ୍ୱର ନରାକାସ୍‌ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ

ଭୁବନେଶ୍ୱର,୨୦।୧

ଭୁବନେଶ୍ୱରସ୍ଥିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ)ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ ସୋମବାର ଏସ୍‌ବିଆଇ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଏ.ଡି. ରତ୍ନ ତେଜା ଅଧ୍ୟକ୍ଷତାକରି କହିଥିଲେ, ପୂର୍ବାଞ୍ଚଳରେ ଅବସ୍ଥିତ ମୋଟ ୬୭ଟି ନରାକାସ୍ ମଧ୍ୟରୁ ଏହି ସମ୍ମାନ ପାଇବା ରାଜଭାଷା ହିନ୍ଦୀର ପ୍ରଭାବୀ କାର୍ଯ୍ୟକାରିତା ଦିଗରେ ଆମକୁ ଅଧିକ ଶକ୍ତି ପ୍ରଦାନ କରିବ। ଏସ୍‌ବିଆଇର ମଣ୍ଡଳ ବିକାଶ ଅଧିକାର ସାମଦେନ ଦୋରଜୀ ଲାମା ସ୍ୱାଗତ ଭାଷଣ ଦେଇଥିଲେ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ଉପନିର୍ଦ୍ଦେଶକ




(କାର୍ଯ୍ୟାନ୍ୱୟନ) ଡ. ଚିତ୍ରସେନ ଗୁପ୍ତ ଏହି କମିଟି ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ଜାତୀୟ ସ୍ତରରେ ରାଜଭାଷା କୀର୍ତ୍ତି ପୁରସ୍କାର ଗ୍ରହଣ କରୁଥିବା କହି ଆନନ୍ଦ ପ୍ରକାଶ କରିଥିଲେ। ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି ଜାତୀୟ ସ୍ତରରେ ଏହି କମିଟି ପ୍ରଥମ ସ୍ଥାନରେ ରହିବାକୁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦାର କହିଛନ୍ତି, ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ହିନ୍ଦୀ ଏବଂ ଆଞ୍ଚଳିକ ଭାଷା ବ୍ୟବହାର କରୁଛି। ଏସ୍‌ବିଆଇର ସଦସ୍ୟ ସଚିବ ତଥା ବି.ବି. ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆର୍‌ବିଆଇର ସହକାରୀ ମହାପ୍ରବନ୍ଧକ (ରାଜଭାଷା) ବିବେକ କୁମାର ଯାଦବ ଧନ୍ୟବାଦ ଦେଇଥିଲେ।

# ଏପ୍ରିଲରେ ବିଶ୍ୱସ୍ତରୀୟ ‘ଭାରତ ଷ୍ଟିଲ୍ ସମ୍ମିଳନୀ’

ଭୁବନେଶ୍ୱର,୨୦।୧

ଭାରତ ବିଶ୍ୱସ୍ତରରେ ଷ୍ଟିଲ୍ ଉତ୍ପାଦନର ଭବିଷ୍ୟତ ଗଠନ କରିବାର ମଞ୍ଚ ପ୍ରସ୍ତୁତ କରୁଛି। ଏହି ଦିଗରେ ‘ଭାରତ ଷ୍ଟିଲ୍ ୨୦୨୬’ ନାମକ ୨ଦିନିଆ ବିଶ୍ୱସ୍ତରୀୟ ସମ୍ମିଳନୀ ଏପ୍ରିଲ ୧୬ ଓ ୧୭ରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହେବ। ଇସ୍ପାତ ମନ୍ତ୍ରଣାଳୟ ଆୟୋଜିତ ଏହି ସମ୍ମିଳନୀରେ ନୀତିନିର୍ମାତା, ପ୍ରଯୁକ୍ତି ବିଶେଷଜ୍ଞ ଓ ଶିଳ୍ପପତି ଏକାଠି ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଷ୍ଟିଲ ହେଉଛି ଆଧୁନିକ ଅର୍ଥନୀତିର ମେରୁଦଣ୍ଡ। ଉଚ୍ଚ ଅଟ୍ଟାଳିକା, ଜାହାଜ, ରାସ୍ତା, ହାଇସ୍ପିଡ୍ ରେଳ, ସ୍ମାର୍ଟ ସିଟି ଓ ଇଣ୍ଡଷ୍ଟ୍ରିଆଲ କରିଡର ସବୁଠାରେ ଷ୍ଟିଲ ହେଉଛି ଶକ୍ତିର ମୂଳାଧାର। ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟରେ ଷ୍ଟିଲ୍ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ।

भारत स्टील Bharat Steel™

ଭାରତ ବିଶ୍ୱର ୨ୟ ବୃହତ୍ତମ ଷ୍ଟିଲ ଉତ୍ପାଦକ ଦେଶ। ସମ୍ମିଳନୀରେ ସ୍ଥିର ସପ୍ଲାଇ ଚେନ୍, ଡିଜିଟାଲାଇଜେଶନ, ଏଆଇ, ରୋବୋଟିକ୍ସ, ଗ୍ରୀନ୍ ହାଇଡ୍ରୋଜେନ, ସିସିୟୁଏସ୍ ଓ ସ୍କ୍ରାପ୍ ବ୍ୟବହାର ବିଷୟରେ ଆଲୋଚନା ହେବ। ଭାରତର ଲକ୍ଷ୍ୟ ୨୦୩୦ ସୁଦ୍ଧା ୩୦୦ ମିଲିୟନ ଟନ୍ ଓ ୨୦୪୭ ସୁଦ୍ଧା ୫୦୦ ମିଲିୟନ ଟନ୍ ଷ୍ଟିଲ ଉତ୍ପାଦନ। ଏଥିପାଇଁ ପିଏଲ୍‌ଆଇ ଯୋଜନା, ଗ୍ରିନ ଷ୍ଟିଲ ରୋଡ୍‌ମ୍ୟାପ ଓ ଆର୍ ଆଣ୍ଡ ଡି ଉପରେ ଗୁରୁତ୍ୱ ଦିଆଯାଉଛି। ସମ୍ମିଳନୀରେ ୭୦୦ରୁ ଅଧିକ ବିଦେଶୀ ପ୍ରତିନିଧି, ସରକାରୀ ଅଧିକାରୀ, ପ୍ରାଇଭେଟ କମ୍ପାନୀ ଓ ନିବେଶକ ଯୋଗଦେବେ।

# ଆଡ୍‌ଭେଣ୍ଟୋ କମ୍ୟୁନିକେଶନ୍ସକୁ ରିଜିଓନାଲ ପିଆର୍ ଆୱାର୍ଡ

ଭୁବନେଶ୍ୱର,୨୦।୧

ଆଡ୍‌ଭେଣ୍ଟୋ କମ୍ୟୁନିକେଶନ୍ସ ଶୀର୍ଷ ୨୦ଟି ପିଆର ଏଜେନ୍ସି ମଧ୍ୟରେ ଏକ ସ୍ଥାନ ପାଇବା ସହିତ ବେଷ୍ଟ ରିଜିଓନାଲ ପିଆର୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ଜାନୁଆରୀ ୧୭ରେ ଅନୁଷ୍ଠିତ ସେରିମନି ଓଡ଼ିଶାର୨ ପିଆର ପ୍ରଫେସନାଲ ବିଜୟିତା ତ୍ରିପାଠୀ ଓ ପବିତା ମିଶ୍ର ଅଣ୍ଡର ୪୦ ଆୱାର୍ଡସ ବର୍ଗରେ ସମ୍ମାନିତ ହୋଇଛନ୍ତି। ବିଜୟିତା ତ୍ରିପାଠୀଙ୍କୁ ବେଷ୍ଟ କ୍ରିଏଟିଭ ଏଣ୍ଟରଟେନ୍‌ମେଣ୍ଟ କ୍ୟାମ୍ପେନ ଓ ପବିତା ମିଶ୍ରଙ୍କୁ ଲିଡିଂ ପିଆର କ୍ୟାମ୍ପେନ ଫର୍ ଷ୍ଟାର୍ଟଅପ୍‌ସରେ ସମ୍ମାନିତ କରାଯାଇଛି। ଆଇଆର୍‌ପିଆର୍‌ଏ ୨୦୨୫ ପାଇଁ ସମ୍ମାନିତ ଜୁରି ପ୍ୟାନେଲରେ କମ୍ୟୁନିକେଶନ୍ସ, ମିଡିଆ ଓ କର୍ପୋରେଟ ପବ୍ଲିକ ରିଲେଶନ୍ସର ପ୍ରତିଷ୍ଠିତ ବିଶେଷଜ୍ଞ ଅର୍ଚ୍ଚନା ମୁଥପ୍ପା, କବିତା ଲଖାନି, ଜ୍ୟୋତ୍ସ୍ନା ଦାସ ନନ୍ଦ, ତନ୍ମନା ରଥ, ସ୍ମିତା ଶ୍ରୀବାସ୍ତବ ପ୍ରମୁଖ ସାମିଲଥିଲେ।


# Classified Everyday
0674-2580101, 9692975378




## GROOM WANTED

Beautiful Karan Girl 1999, 5’4”, Bsc (Ag) MBA Serving Manager reputed Company “SUNASANSAR”. 9937512659. D-18

Govt. Lecturer 43 ବୟସ୍କା ଖଣ୍ଡାୟତ Widow ନିଜ 12Yrs. ଝିଅଙ୍କ ସଙ୍ଗେ ରହୁଥିବା କନ୍ୟାଙ୍କ ପାଇଁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3133

ବଡ଼ ଭଉଣୀଙ୍କ ସଙ୍ଗେ ରହୁଥିବା 50 ବୟସ୍କା Ayurvedic Doctor ଅବିବାହିତା ରାଜପୁତ ଖାନ୍‌ଦାନ ଝିଅଙ୍କୁ ବରପାତ୍ର। ଯୋଗାଯୋଗ- 9776705242. D-3132




## REAL ESTATE SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Semi- Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614. D-3115




All types of physiotherapy and massage contact 9556924059 / 7656969134. D-3166

## EDUCATION

Students from low-income families pursuing +2 Commerce, BBA/ B.Com can benefit from complementary tuition classes at Satyanagar, Bhubaneswar. Contact-7303935646 to enhance your academic performance and career prospects. D-3163

## AFFIDAVIT

By virtue of an affidavit sworn before Executive Magistrate, Banki, dated 08.01.2026, I, Rajendra Pangari, Address: At- Kurumpada, P.O./P.S.- Baideswar, Dist.- Cuttack, declare that I have changed my name from Raja Pangari to Rajendra Pangari. Henceforth, I shall be known as Rajendra Pangari for all purposes.
Rajendra Pangari
D-3162

By virtue of an affidavit sworn before the Executive Magistrate, Rampur, dated 19.01.2026, I, Gyanendra Sahu, S/o.- Late Gouranga Sahu, Village- Dunguripali, P.O./P.S.- Dunguripali, Dist.- Subarnapur declare that I have changed my name from Gyanendra Kumar Sahu to Gyanendra Sahu. Henceforth, I shall be known as Gyanendra Sahu for all purposes.
Gyanendra Sahu
D-3161

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୧୨୦୪/୨୦୧୫

ମହେନ୍ଦ୍ର କୁମାର ବାରିକ ..........ବାଦୀ
ବନାମ
ରାଜେନ୍ଦ୍ର ନାରାୟଣ ରାଉତ ଏବଂ ଅନ୍ୟମାନେ ..........ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫, ରୁଲ୍- ୨୦ ମୁତାବକ

୧. ରାଜେନ୍ଦ୍ର ନାରାୟଣ ରାଉତ, ପିତା- କୁଳମଣି ରାଉତ, ସା- ପ୍ଲଟ୍ ନଂ.- ୪୧୬, ପୋଷ୍ଟ/ଥାନା- ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୯. ରସା ବେୱା, ସ୍ୱାମୀ- ସ୍ୱର୍ଗତ ମାଧବ ବେହେରା, ୧୪. ଧୋବା ବେହେରା, ପିତା- ସ୍ୱର୍ଗତ ଗୌରାଙ୍ଗ ବେହେରା, ଉଭୟଙ୍କର ବାସସ୍ଥାନ ସା/ପୋଷ୍ଟ- ସୁନ୍ଦରପୁର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୭. ନିର୍ମଳ କୁମାର ସ୍ୱାଇଁ, ପିତା- ନିତ୍ୟାନନ୍ଦ ସ୍ୱାଇଁ, ସା- ଆଇ.ଆର୍.ସି. ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୧୮. ଉମାଶଙ୍କର ଜୟସାଲ, ପିତା- କପିଳ ଦେଓ ଜୟସାଲ, ୧୯. କୁମୁଦ ରଞ୍ଜନ ମହାନ୍ତି, ପିତା- ବୈକୁଣ୍ଠ ନାଥ ମହାନ୍ତି, ୨୦. ଆଲୋକ କୁମାର ଦାସ, ପିତା- ବଂଶୀଧର ଦାସ, ୧୮ ରୁ ୨୦ ପର୍ଯ୍ୟନ୍ତ ସମସ୍ତଙ୍କ ସା- ଏନ୍- ୫/୩୮୫, ଆଇ.ଆର୍.ସି. ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨୨. ସଞ୍ଜୟ ଦାସ, ପିତା- ରାଜେନ୍ଦ୍ର ପ୍ରସାଦ ଦାସ, ସା- ସାମିଆନ, ପୋଷ୍ଟ- କାଳକାଲା, ଥାନା- ବଡ଼ଚଣା, ଜିଲ୍ଲା- ଯାଜପୁର।

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ. ୧, ୯,୧୪,୧୭,୧୮,୨୦ ଏବଂ ୨୨ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ସେମାନଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୨।୦୧।୨୦୨୬ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲିଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲି ସମ୍ପତ୍ତିର ବିବରଣୀ

ମୌଜା- ସୁନ୍ଦରପୁର, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.୧୫୬, ସାବକ ପ୍ଲଟ୍ ନଂ. ୭୮୭, ଏରିଆ- ଏ.୦.୦୪୩ ଡି., ହାଲ୍ ଖାତା ନଂ. ୬୬୩, ହାଲ୍ ପ୍ଲଟ୍ ନଂ. ୨୫୦୨, ଏରିଆ- ପାର୍ଟ।

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର, ଅଦାଲତ ନଂ. ୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୩୧୬୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବଳରାମ ମଲ୍ଲିକ**
ଆବିର୍ଭାବ: ୨୫।୧୦।୧୯୩୮
ତିରୋଧାନ: ୧୧।୦୧।୨୦୨୬
ବାପା, ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମେ ଭୁଲିପାରୁନାହୁଁ। ତୁମ କଥା ସର୍ବଦା ମନେ ପଡୁଛି। ଶ୍ରୀଜଗନ୍ନାଥଙ୍କ କୃପାରୁ ଯେଉଁଠି ଥାଅ ଭଲରେ ଥାଅ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାର: ପୁଅ- ଶ୍ରୀଧର, ବିଦ୍ୟାଧର, ସମୀର, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ।
ଧ-୩୧୬୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ସୁମିତ୍ରା ନନ୍ଦୀ**
ବାଲକାଟୀ, ନନ୍ଦୀ ସାହି, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୨୧।୦୪।୧୯୬୬
ତିରୋଧାନ: ୩୧।୦୧।୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ପ୍ରଭୁ ତୁମକୁ ଶରଣ ଦେଇ ବ୍ରହ୍ମଲୋକରେ ସ୍ଥାନ ଦିଅନ୍ତୁ।
ଶୋକସନ୍ତପ୍ତ:- ସ୍ୱାମୀ, ଦେଢଶୁର, ଦିଅର, ଯା, ପୁତ୍ର, ପୁତ୍ରବଧୂ, ପୁତୁରା, ପୁତୁରାବୋହୂ, ଝିଅ, ଜ୍ୱାଇଁ, ଝିଆରୀ, ଝିଆରୀଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୩୧୫୭

### ସ୍ମୃତି ତର୍ପଣ



**ସ୍ୱର୍ଗତ ଉମାପ୍ରସାଦ କର**
ଅବକାଶ ଲେନ୍, ପୁରୀ- ୨
୨୧ ଜାନୁଆରୀ ୨୦୨୬
ଆଜି ଆପଣଙ୍କର ପବିତ୍ର ୧୯ତମ ଶ୍ରାଦ୍ଧବାର୍ଷିକୀରେ ଆମମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୧୫୯

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବିଳାସିନୀ ପ୍ରଧାନ**
ସ୍ୱାମୀ ସ୍ୱର୍ଗତ ଭୀମ ପ୍ରଧାନ
ଗ୍ରାମ: ଲୋଧାଚୁଆ, ରଣପୁର, ଜିଲ୍ଲା- ନୟାଗଡ଼
ଆବିର୍ଭାବ: ୧୧।୧୦।୧୯୩୭
ତିରୋଧାନ: ୧୨।୦୧।୨୦୨୬
ବୋଉ! ହଠାତ୍ ଅସମୟରେ କାହିଁକି ଚାଲିଗଲୁ, କେତେ କାମ ଥିଲା ବୋଲି କହୁଥିଲୁ, ତୁମର ଶୂନ୍ୟସ୍ଥାନ କେବେବି ପୂରଣ ହେବନି। ତୁମର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମ ଜୀବନର ପାଥେୟ ହେଉ। ଉପରେ ଥାଇ ଟିକିଏ ଆମକୁ ଆଶୀର୍ବାଦ କରୁଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ- ବଡ଼ପୁଅ- ଗୋବିନ୍ଦ, ବୋହୂ- ରାଜଲକ୍ଷ୍ମୀ, ସାନପୁଅ- ସୁବାସ, ବୋହୂ- ସୁପ୍ରିୟା, ଝିଅ- ଭାରତୀ, ଜ୍ୱାଇଁ- ଜ୍ୟୋତିଶଙ୍କର, ସମସ୍ତ ନାତି, ନାତୁଣୀ, ଅଣନାତି, ଅଣନାତୁଣୀ, ନାତୁଣୀଜ୍ୱାଇଁ ଓ ନାତୁଣୀବୋହୂ ସହିତ ପରିବାରବର୍ଗ।
ଧ-୩୧୫୬

### ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ**
ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
ତିରୋଧାନ: ୦୫।୦୨।୨୦୧୧
ଆପଣଙ୍କ ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ଭଉଣୀ, ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ।
ଧ-୩୧୫୮

### ଏକାଦଶାହ କ୍ରିୟା ଅବସରରେ



**ସ୍ୱର୍ଗତ ଡ. ରବୀନ୍ଦ୍ର ନାଥ ପଣ୍ଡା**
ସ୍ଥାନ- ବିଶାଣିଖରିଦା, ବାସନ୍ତୀ ଦୁର୍ଗା ମଣ୍ଡପ ପାଖ, ଚରମ୍ପା, ଭଦ୍ରକ
ଗ୍ରାମ: ଶୁଣୁଆ, ଅର୍ଣ୍ଣପାଳ, ଭଦ୍ରକ
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ହତଭାଗ୍ୟ: ଭାଇ- ସୁବାଷ, ପୁଅ- ସୁଶାନ୍ତ ଓ ଡ. ଶଶିକାନ୍ତ
ଧ-୩୧୬୫



## ପିଆଜ ଚାଷ

**ପି**ଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ପୂର୍ବରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

## ଭାକୁର ମାଛରେ ଆଖିରୋଗ ଦେଖାଦେଲେ...

**ଭା**କୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ମାଛଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବାର ସମ୍ଭାବନା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।





## କଦଳୀଚାଷରେ ରୋଗପୋକ ଦମନ

**କ**ଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମିଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ। କଦଳୀଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ଏକ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ।

# ଶୀତଦିନେ ଦୁଗ୍ଧ ଉତ୍ପାଦନ ହ୍ରାସର କାରଣ ଓ ନିରାକରଣ



ଡା.ନିରାକାର ଜେନା

**ସା**ଧାରଣତଃ ଶୀତଦିନେ ଗାଈ ଓ ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦନ ହ୍ରାସ ସମସ୍ତ ଗୋପାଳକ ଭାଇ ଓ ଭଉଣୀମାନଙ୍କର ଏକ ମୁଖ୍ୟ ସମସ୍ୟା। ଶୀତଦିନେ ବାୟୁମଣ୍ଡଳୀୟ ତାପମାତ୍ରା କମ୍ ହେବା କାରଣରୁ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନେ ନିଜ ଶରୀରର ତାପମାତ୍ରାକୁ ସନ୍ତୁଳିତ କରିବା ପାଇଁ ଅଧିକ ଶକ୍ତି ଖର୍ଚ୍ଚ କରିଥାନ୍ତି। ଏହି କାରଣରୁ ଖାଦ୍ୟ ହଜମ ପ୍ରକ୍ରିୟା କମ୍ ହୋଇଥାଏ। ତେଣୁ ଖାଉଥିବା ଖାଦ୍ୟର ଠିକ୍ ଉପଯୋଗ ଶରୀରରେ ହୋଇ ନ ଥାଏ, ଫଳରେ ଦୁଗ୍ଧ ଉତ୍ପାଦନ କମିଯାଇଥାଏ। ତେଣୁ ଶୀତଦିନରେ ଯଦି ଠିକ୍ ଉପାୟ ଅବଲମ୍ବନ କରାଯାଇପାରିବ ତା'ହେଲେ ଗାଈ ଓ ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦନ ଠିକ୍ ରଖାଯାଇପାରିବ।

**ଦୁଗ୍ଧ ଉତ୍ପାଦନର ମୁଖ୍ୟ କାରଣ**

-ଶୀତଦିନେ ଗାଈ ଓ ମଇଁଷିମାନେ ନିଜ ଶରୀରକୁ ଗରମ ରଖିବା ପାଇଁ ବହୁତ ଶକ୍ତି ଖର୍ଚ୍ଚ କରିଥାନ୍ତି । ତେଣୁ ଶରୀରକୁ ଗରମ ରଖିବା ପାଇଁ ଖର୍ଚ୍ଚ ହେଉଥିବା ଶକ୍ତି ହିଁ ଦୁଗ୍ଧ ଉତ୍ପାଦନରେ ବାଧା ସୃଷ୍ଟି କରିଥାଏ। ଏହି କାରଣରୁ ଦୁଗ୍ଧ ଉତ୍ପାଦନ ଧୀରେ ଧୀରେ କମିଯାଇଥାଏ।

➤ଶୀତଦିନେ ଥଣ୍ଡା ଲାଗିବା ଯୋଗୁ ଦୁଧିଆଳୀ ଗାଈ ଓ ମଇଁଷିମାନେ ପାଣି ପିଇବାକୁ ମନ କରିଥାନ୍ତି କିମ୍ବା କମ୍ ପାଣି ପିଇଥାନ୍ତି । କିନ୍ତୁ ଦୁଗ୍ଧର ମୁଖ୍ୟ ଉପାଦାନ ହିଁ ପାଣି, ଯାହା ହେଉଛି ପାଖପାଖି ୮୦ ରୁ ୯୦ ପ୍ରତିଶତ। ତେଣୁ ଶୀତଦିନେ କମ୍ ପାଣି ପିଇବା ଯୋଗୁ ଦୁଗ୍ଧର ଜଳୀୟ ଅଂଶ କମିଯାଇଥାଏ, ଯାହାଦ୍ୱାରା ଏହାର ପ୍ରଭାବ ସିଧାସଳଖ ଦୁଗ୍ଧ ଉତ୍ପାଦନରେ ହିଁ ପଡ଼ିଥାଏ।

➤ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କର ଥଣ୍ଡା ପ୍ରକୋପରେ ହଜମ ବା ପାଚନ ପ୍ରକ୍ରିୟା କମିଯାଇଥାଏ। ଫଳରେ ସେମାନେ ଖାଉଥିବା ଦାନା କିମ୍ବା ଚାରା ପୂରା ହଜମ ହୋଇ ନ ଥାଏ। ଫଳରେ ସେଗୁଡିକ ଶରୀରରେ ସମ୍ପୂର୍ଣ୍ଣ ଉପଯୋଗ ନ ହୋଇପାରିବା ଫଳରେ ଦୁଗ୍ଧ ଉତ୍ପାଦନ କମ୍ ହୋଇଥାଏ।

➤ଅତ୍ୟଧିକ ଥଣ୍ଡା କାରଣରୁ ଦୁଗ୍ଧ ଉତ୍ପାଦନକାରୀ ପ୍ରାଣୀମାନଙ୍କ ଉପରେ ଷ୍ଟ୍ରେସ୍ ବା ଚାପ ପଡ଼ିଥାଏ। ଏହି କାରଣରୁ ସେମାନଙ୍କର ଦୁଗ୍ଧ ଉତ୍ପାଦନ ବ୍ୟାହତ ହୋଇଥାଏ।

➤ଶୀତ ଦିନେ ରାତି ଲମ୍ବା ଦିନ ଛୋଟ ହୋଇଥାଏ। ଫଳରେ ଦୁଧିଆଳୀ ଗାଈ ଓ ମଇଁଷିମାନେ ନିଜ ଶରୀର ପାଇଁ ଅଧିକ ପୋଷଣ ଉପଯୋଗ କରିଥାଏ। ଏହି କାରଣରୁ ସେମାନଙ୍କ ଶରୀରରେ ଭିଟାମିନ ଓ ଖଣିଜ ଲବଣ ବା ମିନେରାଲ କମିଯାଇଥାଏ। ତେଣୁ ଦୁଗ୍ଧ ଉତ୍ପାଦନ କମିଥାଏ।

"ଶୀତଦିନେ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନଙ୍କୁ ଅଧିକ ଶକ୍ତି ପ୍ରଦାନକାରୀ ଖାଦ୍ୟ ଖାଇବାକୁ ଦିଅନ୍ତୁ । ଫଳରେ ସେମାନଙ୍କ ଶରୀର ଗରମ ରହିବା ସହ ଦୁଗ୍ଧ ସଞ୍ଚାରଣ ପ୍ରକ୍ରିୟା ଠିକ୍ ରହିଥାଏ। ଶୀତଦିନେ ୧ କିଲୋ ଦାନା ସହ ଚୋକଡ଼ ୨୦୦ ରୁ ୩୦୦ ଗ୍ରାମ୍, ଗୁଡ଼ ୧୦୦ ରୁ ୧୫୦ ଗ୍ରାମ, ମିନେରାଲମିକ୍ସ ୨୦ ରୁ ୫୦ ଗ୍ରାମ ଏବଂ ଲୁଣ ଏକ ମୁଠା ଦୁଧିଆଳୀ ପ୍ରାଣୀମାନଙ୍କୁ ଖାଇବାକୁ ଦେବା ଉଚିତ। ଚୋକଡ଼ ହଜମ ଠିକ୍ କରିଥାଏ। ଗୁଡ଼ ଶରୀରକୁ ଶକ୍ତି ଯୋଗାଇଥାଏ, ଫଳରେ ଏହା ଭୋକ ସୃଷ୍ଟି କରିଥାଏ।"



➤ଅନେକ ସମୟରେ ଗୋପାଳକ ଭାଇ ଓ ଭଉଣୀମାନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କ ପାଇଁ ଶୀତଦିନେ ଚାରା ଓ ଦାନା ବଦଳାଇ ନ ଥାନ୍ତି କି ଶୀତଦିନରେ ସେମାନେ ଆବଶ୍ୟକ କରୁଥିବା ଖାଦ୍ୟ ଏବଂ ଚାରା ଦେଇ ନ ଥାନ୍ତି । ପୂର୍ବରୁ ଯାହା ଦିଆଯାଉଥିଲା ତାହା ଜାରି ରଖନ୍ତି, ଫଳରେ ଦୁଧିଆଳୀ ଗାଈ ଓ ମଇଁଷି କମ୍ ଦୁଗ୍ଧ ଉତ୍ପାଦନ କରିଥାନ୍ତି।

**ଦୁଗ୍ଧ ଉତ୍ପାଦନ ନ କମିବାର ସରଳ ଉପାୟ**

**ପିଇବା ପାଣିର ଠିକ୍ ମାତ୍ରା ଓ ତାପମାତ୍ରା**

ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କର ପ୍ରଥମ ଆବଶ୍ୟକତା ହେଉଛି ପର୍ଯ୍ୟାପ୍ତ ପରମାଣର ଉଷୁମପାଣି। ଥଣ୍ଡାପାଣି ପ୍ରାଣୀର ଶରୀରକୁ ଅତ୍ୟଧିକ ଥଣ୍ଡା କରିଦିଏ, ଫଳରେ ହଜମ ପ୍ରକ୍ରିୟା କମିଯାଇଥାଏ। ତେଣୁ ଦୁଗ୍ଧ ଉତ୍ପାଦନ କମିଥାଏ। ଗାଈମାନଙ୍କୁ ସକାଳେ ଏବଂ ସନ୍ଧ୍ୟାରେ ୪୦ ରୁ ୬୦ ଲିଟର ଉଷୁମ ପାଣି ପିଇବାକୁ ଦେବା ଉଚିତ। ଉଷୁମପାଣି ଶରୀରକୁ ଉଷୁମ ରଖିବା ସହ ଖାଦ୍ୟ ହଜମ ପ୍ରକ୍ରିୟାକୁ ଠିକ୍ ରଖିଥାଏ। ଫଳରେ ଦୁଗ୍ଧ ଉତ୍ପାଦନ ବଢ଼ିଥାଏ।

**ସକାଳ ଖାଦ୍ୟ ମହତ୍ତ୍ୱପୂର୍ଣ୍ଣ**

ଶୀତଦିନେ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନଙ୍କୁ ଅଧିକ ଶକ୍ତି ପ୍ରଦାନକାରୀ ଖାଦ୍ୟ ଖାଇବାକୁ ଦିଅନ୍ତୁ । ଫଳରେ ସେମାନଙ୍କ ଶରୀର ଗରମ ରହିବା ସହ ଦୁଗ୍ଧ ସଞ୍ଚାରଣ ପ୍ରକ୍ରିୟା ଠିକ୍ ରହିଥାଏ। ଶୀତଦିନେ ୧ କିଗ୍ରା ଦାନା ସହ ଚୋକଡ଼ ୨୦୦ ରୁ ୩୦୦ ଗ୍ରାମ୍, ଗୁଡ଼ ୧୦୦ ରୁ ୧୫୦ ଗ୍ରାମ୍, ମିନେରାଲମିକ୍ସ ୨୦ ରୁ ୫୦ ଗ୍ରାମ ଏବଂ ଲୁଣ ୧ ମୁଠା ଦୁଧିଆଳୀ ପ୍ରାଣୀମାନଙ୍କୁ ଖାଇବାକୁ ଦେବା ଉଚିତ। ଚୋକଡ଼ ହଜମ ଠିକ୍ କରିଥାଏ। ଗୁଡ଼ ଶରୀରକୁ ଶକ୍ତି ଯୋଗାଇଥାଏ, ଫଳରେ ଏହା ଭୋକ ସୃଷ୍ଟି କରିଥାଏ। ମିନେରାଲମିକ୍ସ କ୍ୟାଲ୍‌ସିୟମ ଓ ଫସ୍‌ଫରସ୍‌ର ଅଭାବ ପୂରଣ କରିଥାଏ, ଫଳରେ ଦୁଗ୍ଧର ମାତ୍ରା ଏବଂ ଗୁଣବତ୍ତା ଠିକ୍ ରଖିଥାଏ। ତେଣୁ ଏହି ମିଶ୍ରିତ ଦାନା ସକାଳେ ୧୦ ପର୍ଯ୍ୟନ୍ତ ଦେଲେ ଦୁଗ୍ଧ ଉତ୍ପାଦନର ପାର୍ଥକ୍ୟ ଠିକ୍ ଭାବରେ ଅନୁଭୂତ ହେବ।

**ଚାରା ପରିଚାଳନା :** ଶୀତଦିନେ ଚାରା ପରିଚାଳନା ଅତ୍ୟନ୍ତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ। ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କୁ ବର୍ସିମ ,ନେପିଏର, ବଜାର, ଜୁଆର ଆଦି ଘାସ ଖାଇବାକୁ ଦେବା ଉଚିତ। ଏହା ସେମାନଙ୍କୁ ଠିକ୍ ପୋଷଣ ଦେବା ସହ ଦୁଗ୍ଧ ଉତ୍ପାଦନ ଠିକ୍ ରଖିଥାଏ। ପ୍ରତିଦିନ ଗାଈମାନଙ୍କୁ ୨୦-୩୦ କି.ଗ୍ରା. କଞ୍ଚା ଘାସ ଏବଂ ମଇଁଷିମାନଙ୍କୁ ୩୦-୪୦ କି.ଗ୍ରା. କଞ୍ଚାଘାସ ଖାଇବାକୁ ଦେବା ଉଚିତ। ଏହାବ୍ୟତୀତ ସେମାନଙ୍କୁ ଆବଶ୍ୟକତା ଅନୁସାରେ ଶୁଖିଲା ଚାରା ଯଥା ଭୁଷି ,ଶୁଖିଲା ମକା ମଧ୍ୟ ଖାଇବାକୁ ଦେବା ଉଚିତ। (କ୍ରମଶଃ...)

-ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ,
ତିହିଡ଼ି, ଭଦ୍ରକ
ମୋ : ୯୪୩୯୮୯୦୦୨୬

## ଡାଲୁଅ ଧାନ ତଳି ପ୍ରସ୍ତୁତି ସମୟରେ...



**ଡା**ଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲ. ଜମିରେ ତଳି ପଡ଼େ) ପାଇଁ ତଳି କିଆରୀକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ୍ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଡା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ :ସହଳ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରୀରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ । ଅନ୍ୟପକ୍ଷରେ ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ୍ ।

## ପନିପରିବା ଚାଷ



**କୋ**ବିଜାତୀୟ ଫସଲରେ ଜଉପୋକ, ଠିକିରିପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ।


## ଆଖୁ ୪୫ଦିନର ହୋଇଯାଇଥିଲେ...

**ଆ**ଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗ କରି ହୁଡ଼ା ଟେକିଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍



ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

# ରାଶିର ଉନ୍ନତ କିସମ



**ରା**ଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କିଗ୍ରା ବିହନ ଆବଶ୍ୟକ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍‌ଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ (୮କି.ଗ୍ରା.), ପଟାସ (୮କି.ଗ୍ରା.) ଓ ସଲ୍‌ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

## ପ୍ରାଣୀ ସମ୍ପଦ

**ବ**ନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତ ଦାଉରୁ ରକ୍ଷାକରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର୍ ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।



ଗୋରୁଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୧/୨୦୨୬ Bhubaneswar, Wednesday, January 21/ 2026

# ହାଇଦ୍ରାବାଦକୁ ଜିତାଇଲେ ଓଡ଼ିଶା ଖେଳାଳି


ଓଡ଼ିଶାର ଶୀଳାନନ୍ଦ ଲାକ୍ରା (ଡାହାଣ) ବଲ୍‌ନେଇ ଆଗେଇ ଯାଉଛନ୍ତି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)**
କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ ହାଇଦ୍ରାବାଦ ତୋଫାନ୍ସ ୩-୨ ଗୋଲରେ ଏଚ୍ଆଇଏଲ୍ ଜିସି (ଗଭର୍ଣ୍ଣିଂ କାଉନ୍ସିଲ)କୁ ପରାସ୍ତ କରିଛି। ଓଡ଼ିଶା ଖେଳାଳିଙ୍କ ଉଲ୍ଲେଖନୀୟ ଅବଦାନ ଯୋଗୁ ହାଇଦ୍ରାବାଦ ଏହି ରୋମାଞ୍ଚକ ବିଜୟ ହାସଲ କରିଛି। ହାଇଦ୍ରାବାଦ ପକ୍ଷରୁ ଜାଚାରି ୱାଲେସ ୬, ଓଡ଼ିଆ ଖେଳାଳି ଅମନଦୀପ ଲାକ୍ରା ୮ମ ଓ ଶୀଳାନନ୍ଦ ଲାକ୍ରା ୨୭ତମ ମିନିଟରେ ଗୋଲ ଦେଇଥିବାବେଳେ ଜିସି ପକ୍ଷରୁ କେନ୍ ରସେଲ ୮ମ ଓ ୩୧ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ତୃତୀୟ ଓ ଚତୁର୍ଥ କ୍ୱାର୍ଟର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ରସେଲ ମାତ୍ର ଗୋଟିଏ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ଓଡ଼ିଶାର ଅମନଦୀପ ଓ ଶୀଳାନନ୍ଦ ଘରୋଇ ପରିବେଶରୁ ବେଶ୍ ଫାଇଦା ଉଠାଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଉପସ୍ଥିତ ଥିଲେ।

ହେଡ୍‌ଟୁ ହେଡ୍ ଦେଖିଲେ ଉଭୟ ଦଳ ୫ଟି ଲେଖାଏ ପେନାଲ୍ଟି କର୍ନର ପାଇଥିଲେ। ଏଥିରୁ ହାଇଦ୍ରାବାଦ ୩ ଓ ଜିସି ଦଳ ୨ଟିକୁ ଗୋଲରେ କନ୍‌ଭର୍ଟ କରିବାରେ ସକ୍ଷମ ହୋଇଥିଲା। ଉଭୟ ଦଳ ବିପକ୍ଷ ସର୍କଲକୁ ୭୩ଥର ଲେଖାଏ ଏଣ୍ଟ୍ରି କରିଥିଲେ। ତେବେ ବଲ୍ ଶୁଟ୍ କ୍ଷେତ୍ରରେ ଜିସି (୧) ତୁଳନାରେ ହାଇଦ୍ରାବାଦ ଦଳ (୫)

**ହକି ଇଣ୍ଡିଆ ଲିଗ୍**

ଅଧିକ ଆକ୍ରମଣାତ୍ମକ ରହିଥିଲା। ଏଥି ସହ ଉଭୟ ଦଳ ଲିଗ୍ ପର୍ଯ୍ୟାୟରେ ୭ଟିଯାକ ମ୍ୟାଚ ଖେଳି ସାରିଥିବାବେଳେ ୩ ବିଜୟ, ୨ ପରାଜୟ ଓ ୨ ଲେଖାଏ ଶୁଟ୍ ଆଉଟ ପରାଜୟ ସହ ୧୧ ପଏଣ୍ଟ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ହାଇଦ୍ରାବାଦ ତୋଫାନ୍ସ ତୃତୀୟ ଓ ଏଚ୍ଆଇଏଲ୍ ଜିସି ୪ର୍ଥ ସ୍ଥାନରେ ରହିଛି। ଫଳରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସର ନକ୍ଆଉଟ ଆଶା ଶେଷ ହୋଇଛି। ଏହି ଦଳ ୯ ପଏଣ୍ଟ ପାଇ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛି।


ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ।

# ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟି୨୦ ଆଜି

**ନାଗପୁର,୨୦।୧(ପି.ଟି.):** ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ବୁଧବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଆଗାମୀ ଟି୨୦ ବିଶ୍ୱକପ୍‌କୁ ୩ ସପ୍ତାହରୁ କମ୍ ସମୟ ଥିବାରୁ ଏହି ସିରିଜ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଉଭୟ ଦଳ ଏହି ସିରିଜ୍ ମାଧ୍ୟମରେ ଟି୨୦ ବିଶ୍ୱକପ୍ ଲାଗି ଶେଷ ପ୍ରସ୍ତୁତି କରିବେ। ଗତଥର ୨୦୨୪ ଟି୨୦ ବିଶ୍ୱକପ୍ ଜିତିବା ପରଠାରୁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳର ରେକର୍ଡ ଖୁବ୍ ଭଲ ରହିଛି। ଦଳ ୭୨ ପ୍ରତିଶତରୁ ଊର୍ଦ୍ଧ୍ୱ ମ୍ୟାଚ୍ ଜିତିଛି। ଭାରତୀୟ ଟି୨୦ ଦଳ ଗତ ଦୁଇବର୍ଷ ମଧ୍ୟରେ କିଛି ହାତଗଣତି ମ୍ୟାଚ୍ ଛାଡ଼ି ଦେଲେ ପ୍ରାୟତଃ ମ୍ୟାଚ୍ ଜିତିଛି। ଟି୨୦ ଫର୍ମାଟ୍‌ରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତୀୟ ଦଳ ଭିନ୍ନ ଖେଳ ପ୍ରଦର୍ଶନ କରିଛି। ତାଙ୍କ ନେତୃତ୍ୱରେ ଦଳ ୨୫ରୁ ୧୮ ମ୍ୟାଚ୍ ଜିତିଛି। ଏଥିରେ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଓ ପ୍ରତିପକ୍ଷ ଦଳର ଇନିଂସ୍‌ର ମିଡଲ ଓଭରରେ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂ ପ୍ରଦର୍ଶନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଗତ ଏକବର୍ଷ ମଧ୍ୟରେ ଭାରତରେ ଟେଷ୍ଟ ସିରିଜ୍ କ୍ଲିନ୍ ସୁଇପ୍ ଓ ଦ୍ୱିପାକ୍ଷିକ ଦିନିକିଆ ସିରିଜ୍ ବିଜୟ ସମେତ ଅନେକ କିଛି ପ୍ରଥମଥର ପାଇଁ ହାସଲ କରିଛି। ୨୦୨୪ ଟି୨୦ ବିଶ୍ୱକପ୍ ପରଠାରୁ ନ୍ୟୁଜିଲାଣ୍ଡ ୨୧ରୁ ୧୩ ଟି୨୦ ମ୍ୟାଚ୍ ଜିତିଛି। ଡେଭନ କନ୍‌ୱେ, ଡାରିଲ ମିଚେଲ, ଗ୍ଲେନ ଫିଲିପ୍ସଙ୍କ ଭଳି ବ୍ୟାଟର ଫର୍ମରେ ଥିବା ବେଳେ ଅଧିନାୟକ ମିଚେଲ ସାଣ୍ଟନର ଓ ବିଶ୍ୱର ନଂ.୧ ଟି୨୦ ପେସର ଜାକବ ଡଫିଙ୍କ ଉପସ୍ଥିତି ନ୍ୟୁଜିଲାଣ୍ଡ ଦଳକୁ ଅଧିକ ଶକ୍ତିଶାଳୀ କରିଛି।

ଦୀର୍ଘଦିନ ହେଲା ଫର୍ମ ସହ ସଂଘର୍ଷ କରୁଥିବା ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଲାଗି ଫର୍ମରେ ସୁଧାର ଆଣିବା ପାଇଁ ଏହି ସିରିଜ୍ ଶେଷ ସୁଯୋଗ ହେବ।


ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ ଅବସରରେ ଅଷ୍ଟ୍ରେଲିଆର ଟୟଲା ପ୍ରିଷ୍ଟନ।

# ଅଷ୍ଟ୍ରେଲିଆନ ଓପନ: ୨ୟ ରାଉଣ୍ଡରେ ସିନର, କିଜ୍

**ମେଲବୋର୍ନ,୨୦।୧**
ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନରେ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଭାଗର ଡିଫେଣ୍ଡିଂ ଚାମ୍ପିୟନ ଜାନିକ ସିନର ଓ ମାଡିସନ କିଜ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ରାଉଣ୍ଡରେ ପରାଜୟ ସହ ଫ୍ରାନ୍ସର ୩୯ ବର୍ଷୀୟା ଗାଏଲ ମନଫିଲ୍ସ ପେସାଦାର ଟେନିସରୁ ଅବସର ନେଇଛନ୍ତି।

ମଙ୍ଗଳବାର ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ୱାର୍ଲ୍ଡ ନଂ-୨ ସିନରଙ୍କୁ ୱାକଓଭର ମିଳିଥିଲା। ସେ ମ୍ୟାଚ୍‌ରେ ୬-୨, ୬-୧ ସେଟ୍‌ରେ ଆଗୁଆ ଥିବା ବେଳେ ଇଞ୍ଜୁରି କାରଣରୁ ତାଙ୍କ ପ୍ରତିପକ୍ଷ ଖେଳାଳି ହୁଗୋ ଗାଷ୍ଟନ ମ୍ୟାଚ୍ ମଧ୍ୟରୁ ଓହରି ଯାଇଥିଲେ। ନବମ ସିଡ୍ ଟେଲର ଫ୍ରିଜ୍ ୭-୬(୭-୫), ୫-୭, ୬-୧, ୬-୩ ସେଟ୍‌ରେ ଫ୍ରାନ୍ସର ଭାଲେଣ୍ଟିନ ରୋୟରଙ୍କ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମନଫିଲ୍ସ ତାଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ୭-୬(୭/୩), ୫-୭, ୪-୬, ୫-୭ ସେଟ୍‌ରେ କ୍ୱାଲିଫାୟର ଡେନ ସ୍ୱିନୀଙ୍କଠାରୁ ପରାସ୍ତ ହୋଇଛନ୍ତି।

ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିୟନ କିଜ୍ ୭-୬(୮/୬), ୬-୧ ସେଟ୍‌ରେ ଓଲେକଜାଣ୍ଡ୍ରା ଓଲିନିକୋଭାଙ୍କୁ, ପଞ୍ଚମ ସିଡ୍ ଏଲିନା ରିବାକିନା ୬-୪, ୬-୩ ସେଟ୍‌ରେ କାଜା ଜୁଭାନଙ୍କ ଓ ଦଶମ ସିଡ୍ ବେଲିଣ୍ଡା ବେନକିକ୍ ୬-୦, ୭-୫ ସେଟ୍‌ରେ କେଟି ବୌଲ୍ଟରଙ୍କୁ ପରାସ୍ତ କରିଛନ୍ତି। ଅଷ୍ଟ୍ରେଲିଆର ଟୟଲା ପ୍ରିଷ୍ଟନ ୬-୩, ୨-୬, ୬-୩ ସେଟ୍‌ରେ ଚାଇନାର ଝାଙ୍ଗ ଶୁଇଙ୍କୁ ହରାଇଛନ୍ତି। ପ୍ରିଷ୍ଟନଙ୍କର ଏହାଥିଲା ପ୍ରଥମ ଗ୍ରାଣ୍ଡସ୍ଲାମ ମ୍ୟାଚ ବିଜୟ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ